


ଭାଷା ମହାକୁମ୍ଭ

▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-217 ♦BHUBANESWAR ♦THURSDAY ♦1 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୭ ♦ଭୁବନେଶ୍ୱର ♦ଗୁରୁବାର ♦୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦



DSPL-600

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ

## ଶୁଭାରମ୍ଭ

ଫେବୃଆରୀ ୩ ତାରିଖ, ପୂର୍ବାହ୍ନ ୧୧ଟା ୩୦
ଜନତା ମଇଦାନ, ଭୁବନେଶ୍ୱର

## ବିଶାଳ ଭାଷା ମହାକୁମ୍ଭର ଆକର୍ଷଣ

- ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ପର୍ବ
- ୫ ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ
- ୧୬ଟି ବିଶେଷ ଆଲୋଚନଚକ୍ର
- ଯୋଗଦେବେ ଅନ୍ତର୍ଜାତୀୟ ଭାଷାବିତ୍
- ଶତାଧିକ ଲେଖକ-ସାହିତ୍ୟିକଙ୍କ ସମାଗମ
- ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧନା
- କଳାକୃତି ଓ ଫଟୋଚିତ୍ର ପ୍ରଦର୍ଶନୀ

ଭାଷା ଅତୀତର ଅସ୍ତିତ୍ୱ

## ଭାଷା ହିଁ ଭବିଷ୍ୟତ

OIPR-15001/13/0315/2324

www.worldodiaconference.org
wolc_2024 wolc2024 wolc2024

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

# ଅନ୍ତରୀଣ କେନ୍ଦ୍ର ବଜେଟ ଆଜି

■ **ନୂଆଦିଲ୍ଲୀ, ୩୧।୧(ଏଜେନ୍ସି):** ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆର୍ଥିକବର୍ଷ ୨୦୨୪-୨୫ ପାଇଁ ସଂସଦରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଆଗକୁ ସାଧାରଣ ନିର୍ବାଚନ ରହୁଥିବାରୁ ଏକ ପୂର୍ଣ୍ଣାଙ୍ଗ ବଜେଟ ସ୍ଥାନରେ ଚଳିତଥର ଅନ୍ତରୀଣ ବଜେଟ ଆଗତ କରାଯାଉଛି। ଅର୍ଥମନ୍ତ୍ରୀ ସଂସଦରେ ପୂର୍ବାହ୍ନ ୧୧ଟାରେ ବଜେଟ ଆଗତ କରିବେ। ଅର୍ଥମନ୍ତ୍ରୀ ଭାବେ ନିର୍ମଳାଙ୍କର କ୍ରମାଗତ ଭାବେ ଏହା ହେବ ଷଷ୍ଠଥର ପାଇଁ ବଜେଟ ଉପସ୍ଥାପନ। ସାଧାରଣ ନିର୍ବାଚନ ପୂର୍ବରୁ ହେଉଥିବା ଏହି ବଜେଟରୁ ଜନସାଧାରଣଙ୍କଠାରୁ ଆରମ୍ଭ କରି କରଦାତା, ଉଦ୍ୟୋଗୀ, ଉଭୟ ସରକାରୀ ଓ ବେସରକାରୀ କର୍ମଚାରୀ ସମସ୍ତେ ସରକାରଙ୍କଠାରୁ ଅନେକ କିଛି ଆଶା ରଖୁଛନ୍ତି। ଚାକିରିଆମାନେ ଏଥିରୁ ବଡ ଧରଣର ଟିକସ ରିଆତି ଆଶା ରଖୁଥିବାବେଳେ ବ୍ୟବସାୟୀମାନେ କାରବାରରେ ନିୟମର ସରଳୀକରଣ ଭଳି ଆଶ୍ୱସ୍ତି ମିଳିବା ଆଶାରେ ରହିଛନ୍ତି। ମୁଦ୍ରାସ୍ଫୀତି ବୃଦ୍ଧି ମଧ୍ୟରେ ବଜେଟରେ ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ରିଆତି ବୃଦ୍ଧି ହେବାର ଆଶା କରାଯାଉଛି। ଆହୁରିମଧ୍ୟ ଏଥର ବଜେଟରେ ମହିଳା, କୃଷକ ଏବଂ ଗ୍ରାମାଞ୍ଚଳ ଉପରେ ସରକାର ଗୁରୁତ୍ୱ ଦେଇପାରନ୍ତି ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

■ ମହିଳା, କୃଷକ, ଗ୍ରାମୀଣ ବିକାଶକୁ ଗୁରୁତ୍ୱ
■ ବଡ଼ ଧରଣର ରିଆତି ଆଶାରେ ଆୟକରଦାତା


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-217 ♦BHUBANESWAR ♦THURSDAY ♦1 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୭ ♦ଭୁବନେଶ୍ୱର ♦ଗୁରୁବାର ♦୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦







# ଓଡ଼ିଆ ଅସ୍ମିତାର ମହାପର୍ବ ଆଜିରୁ



■ **ଭୁବନେଶ୍ୱର, ୩୧।୧(ସମିସ):** ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀକୁ ନେଇ ସାରା ରାଜ୍ୟ ଉତ୍ସବ ମୁଖରିତ। ଏହି ସମ୍ମିଳନୀ ଆୟୋଜନ ରାଜ୍ୟର ସମସ୍ତ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରିଛି ଅଭୂତପୂର୍ବ ଉତ୍ସାହ। ଏହି ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ, ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଆହୁରି କିପରି ଲୋକପ୍ରିୟ କରାଯିବ ତାହା ଏହି ସମ୍ମିଳନୀରେ ବିଷଦ ଭାବେ ଆଲୋଚନା କରାଯିବ। ବୁଧବାର ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ସମ୍ପର୍କରେ ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଓ ସଚିବ ତଥା କମିଶନର ସୁଜାତା ରାଉତ କାର୍ତ୍ତିକେୟନ।

କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ପ୍ରଥମ ଥର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଉଛି। ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି ଓ ପ୍ରଯୁକ୍ତି ବିଦ୍ୟା ଯୁଗରେ ଯୁବପିଢ଼ି ସର୍ବଦା ନୂତନତ୍ୱକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଆମ ଭାଷାକୁ ପ୍ରୟୋଗାତ୍ମକ ଭାବେ ଅଧିକରୁ ଅଧିକ ଉପଯୋଗ କରିବା ପାଇଁ ଏହି ସମ୍ମିଳନୀରେ ମାନସ ମନ୍ଥନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନସଚିବ ତଥା କମିସନର ସୁଜାତା ରାଉତ୍ କାର୍ତ୍ତିକେୟନ କହିଛନ୍ତି ଯେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଓଡିଆ ଭାଷା, ସାହିତ୍ୟ ଏବଂ ସାଂସ୍କୃତିକ ଐତିହ୍ୟ ସହିତ ଜଡିତ ବିଭିନ୍ନ ବିଷୟ ଉପରେ ୧୭ଟି ବୌଦ୍ଧିକ ଅଧିବେଶନ ରହିବ। ଏଥିରେ ଜଗନ୍ନାଥ ଚେତନା ଉପରେ ମଧ୍ୟ ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହେବ ଏବଂ ଓଡ଼ିଆ ଭାଷା ଆଇଟି ଓ ଡିଜିଟାଲ୍ ମାଧ୍ୟମରେ କିପରି ଆଗକୁ ବଢ଼ିବ ତାହା ଉପରେ ଆଲୋଚନା ହେବ। ଓଡ଼ିଆ ଭାଷାରେ ମହିଳା ସଶକ୍ତିକରଣ ଉପରେ ମଧ୍ୟ ଆଲୋଚନା କରାଯିବ। କେବଳ ଭାଷା ବିଶେଷଜ୍ଞ ନୁହନ୍ତି; ଏହି ସମ୍ମିଳନୀରେ କିପରି ସାଧାରଣ ଲୋକଙ୍କର ସମ୍ପୃକ୍ତି ରହିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସହ ଦେଶ ବିଦେଶରେ ରହୁଥିବା ଓଡ଼ିଆମାନେ ଏହି କାର୍ଯ୍ୟକ୍ରମ ଦେଖିବାର ବ୍ୟବସ୍ଥା କରାଯିବ। ଦ୍ୱିତୀୟତଃ ଜନତା ମଇଦାନରେ ଏକ ମ୍ୟୁଜିୟମ କରାଯିବ। ଏଠାରେ ଓଡ଼ିଆ ଭାଷା ପ୍ରାଚୀନ କାଳରୁ କିପରି ଜୟଯାତ୍ରା ଜାରି ରଖିଛି, ତାହା ଏଠାରେ ପ୍ରଦର୍ଶିତ ହେବ। ୩ ଦିନ ପାଇଁ ରାଜ୍ୟ ସରକାର ଏହାକୁ ମ୍ୟୁଜିୟମ ଘୋଷଣା କରିବେ। ପ୍ରାଚୀନ ପୋଥିଲିପି ସହ, ଓଡ଼ିଆ ସମାଚାର ପତ୍ର, ଓଡ଼ିଆ ଚଳଚ୍ଚିତ୍ର ଓ ପ୍ରିଣ୍ଟିଂ ପ୍ରେସ ଭଳି ବିଷୟବସ୍ତୁର ଆରମ୍ଭ ବେଳର ସ୍ଥିତି ସମ୍ପର୍କରେ ଏହି ମ୍ୟୁଜିୟମରେ ପ୍ରଦର୍ଶନୀ କରାଯିବ। ଓଡ଼ିଆ ଭାଷା କିପରି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବ ଓ ପିଲାଙ୍କ ପାଠ୍ୟକ୍ରମରେ ଏହାର ଗୁରୁତ୍ୱ ବଢ଼ିବ ତାହାକୁ ଏଠାରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି।

■ ସାରା ବିଶ୍ୱ ଗାଇବ 'ବନ୍ଦେ ଉତ୍କଳ ଜନନୀ'
■ ରାଜଧାନୀରୁ ପଞ୍ଚାୟତ ଯାଏ ଚାଲିବ କାର୍ଯ୍ୟକ୍ରମ
■ ବିଭିନ୍ନ ବିଷୟରେ ୧୭ ଟି ବୌଦ୍ଧିକ ଅଧିବେଶନ
■ ପଢ଼ିବା ରୁଚି ବଢ଼ାଇବ 'ଆସ ପଢ଼ିବା' କାର୍ଯ୍ୟକ୍ରମ
■ ପ୍ରତି ୫ ବର୍ଷରେ ଅନୁଷ୍ଠିତ ହେବ ଭାଷା ସମ୍ମିଳନୀ
■ ସମ୍ବର୍ଦ୍ଧିତ ହେବେ ସାହିତ୍ୟିକ ମିଶନ ଶକ୍ତି ମା'

ଫେବୃଆରୀ ୪ ତାରିଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଏକ ବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଏଥିପାଇଁ ସ୍କୁଲ ପିଲା ଏବଂ ଯୁବକମାନଙ୍କ ମଧ୍ୟରେ ପଠନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମୋବାଇଲ୍ ଲାଇବ୍ରେରୀ, ବସ୍ ଏବଂ ମୋବାଇଲ୍ ବୁକ୍‌ଆର୍ଟ ମାଧ୍ୟମରେ 'ଆସ ପଢ଼ିବା' ର ଏକ ଧାରଣା ପ୍ରଦର୍ଶିତ ହେବ। ବିଶିଷ୍ଟ ବ୍ୟକ୍ତିବିଶେଷଙ୍କର ଓଡ଼ିଆ ଦସ୍ତଖତ ପ୍ରଦର୍ଶିତ ହେବା ସହ ପ୍ରଦର୍ଶନୀକୁ ପିଲାମାନଙ୍କ ପାଇଁ ଅଧିକ ଚଳଚଞ୍ଚଳ କରିବାକୁ ଡାକ ପ୍ରକୋଷ୍ଠ ଏବଂ ସୂଚନା ଫଳକ ପ୍ରଦର୍ଶିତ ହେବ। ଏହି ସମ୍ମିଳନୀ କେବଳ ଭୁବନେଶ୍ୱରରେ ସୀମିତ ରହିବନି। ପ୍ରତ୍ୟେକ ଜିଲ୍ଲା, ବ୍ଲକ ଓ ପଞ୍ଚାୟତସ୍ତରରେ ମଧ୍ୟ ପହଞ୍ଚିବ। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଯେଉଁ କବି, ଭାଷାବିତ୍ ଓ ଲେଖକ, ଲେଖକ ସଂଘ, ସାହିତ୍ୟିକ ସଂଘଗୁଡ଼ିକୁ ସମ୍ମାନିତ କରାଯିବ। ଏଥିପାଇଁ ସ୍ଥାନୀୟ ପ୍ରଶାସନକୁ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ଫେବୃଆରୀ ୩ ତାରିଖ ସାଢ଼େ ୧୧ ଟାରେ ସାରା ରାଜ୍ୟ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନେ ବନ୍ଦେ ଉତ୍କଳ ଜନନୀ ଗୀତ ଗାଇବା ପାଇଁ ଶ୍ରୀମତୀ କାର୍ତ୍ତିକେୟନ ନିବେଦନ କରିଛନ୍ତି।

ଅନୁରୂପ ଭାବରେ ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା' ମାନଙ୍କୁ ମଧ୍ୟ ଜଡ଼ିତ କରାଯିବ। ମିଶନ ଶକ୍ତିରେ ଯେଉଁ ମହିଳାମାନେ କବିତା କିମ୍ବା ସାହିତ୍ୟ ରଚନା କରୁଛନ୍ତି, ତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ମହାସଂଘଗୁଡ଼ିକୁ କୁହାଯାଇଛି। ତେବେ ଏହି ଆଲୋଚନାରୁ ଯେଉଁ ନିଷ୍କର୍ଷ ବାହାରିବ ତାହା ଉପରେ ପର୍ଯ୍ୟାୟ କ୍ରମେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଘୋଷଣାମାନ କରିବେ ଓ ଆସନ୍ତା ଦିନରେ ଭାଷାକୁ ନେଇ କଣ କରିହେବ ତାହା ନିର୍ଦ୍ଧାରଣ ହେବ। ଏହା ସହିତ ପ୍ରତି ୫ ବର୍ଷରେ ଏହି ସମ୍ମିଳନୀ ଆୟୋଜନ ହେବ ବୋଲି ଶ୍ରୀମତୀ କାର୍ତ୍ତିକେୟନ ସୂଚନା ଦେଇଛନ୍ତି।

## ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଥମ 'ଭାଷା ସମ୍ମାନ'

### ମାନପତ୍ର ସହ ମିଳିବ ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି

■ **ଭୁବନେଶ୍ୱର, ୩୧।୧(ସମିସ):** ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ମିଳିବ ପ୍ରଥମ 'ଓଡ଼ିଆ ଭାଷା ସମ୍ମାନ'। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେବା ସହ ଓଡ଼ିଆ ଭାଷା ଉପରେ ତାଙ୍କର ଉଚ୍ଚକୋଟୀର ଗବେଷଣା ଓ ଜୀବନ ବ୍ୟାପୀ ସାଧନାର ସ୍ୱୀକୃତି ସ୍ୱରୂପ ତାଙ୍କୁ ସମ୍ମାନିତ କରାଯିବ। ସରକାରଙ୍କ ଦ୍ୱାରା ଗଠିତ ପୁରସ୍କାର ମନୋନୟନ କମିଟି ସର୍ବସମ୍ମତିକ୍ରମେ ଡ଼. ପଟ୍ଟନାୟକଙ୍କ ନାମ ସୁପାରିସ କରିଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମଶ୍ରୀ ଡ଼. ପଟ୍ଟନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବେ। ପୁରସ୍କାର ସ୍ୱରୂପ ୨୦ ଲକ୍ଷ ଟଙ୍କାର ଅର୍ଥରାଶି, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯିବ।



ଡ. ପଟ୍ଟନାୟକଙ୍କ ଗବେଷଣା ଓଡ଼ିଆ ଭାଷାକୁ ବହୁ ଭାବରେ ସମୃଦ୍ଧ କରିଛି। ଭାରତୀୟ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବରେ ଡକ୍ଟର ପଟ୍ଟନାୟକ ଅନେକ ସୁନାମ ଅର୍ଜନ କରିଛନ୍ତି। ଭାରତୀୟ ଭାଷା ସମୂହର ବିକାଶ ଦିଗରେ ତାଙ୍କର ସମର୍ପିତ ଉଦ୍ୟମ ପାଇଁ ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତୀୟ ଭାଷା ପରିଷଦର ସଭାପତି ତଥା ହାଇଦରାବାଦ ବିଶ୍ୱବିଦ୍ୟାଳୟର ଭାଷା ବିଭାଗର ପୂର୍ବତନ ପ୍ରଫେସର ଜି ଉମା ମହେଶ୍ୱର ରାଓ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପିକେ ସ୍ୱାଇଁ ଏବଂ କେନ୍ଦ୍ର ଶିକ୍ଷା ବିଭାଗର ଶାସ୍ତ୍ରୀୟ ଓଡ଼ିଆ ଅଧ୍ୟୟନ ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ ନେଇ ଗଠିତ କମିଟି ସର୍ବସମ୍ମତି କ୍ରମେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ନାମକୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ସୁପାରିଶ କରିଛନ୍ତି।

ଦେବୀପ୍ରସନ୍ନ ପଟ୍ଟନାୟକ ୧୯୩୪ ମସିହା ମାର୍ଚ୍ଚ ୧୪ ତାରିଖରେ କଟକ ଜିଲ୍ଲାର ତିଗିରିଆଠାରେ ଜନ୍ମଗ୍ରହଣ କରିଥିଲେ। ସେ ରେଭେନ୍ସା ମହାବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି କିଛିକାଳ ବିଶ୍ୱ ଭାରତୀରେ ଓଡ଼ିଆ ବିଭାଗରେ ଅଧ୍ୟାପନା କରିଥିଲେ। ସେ ୧୯୬୧ ମସିହାରେ ଆମେରିକାରୁ ଭାଷାବିଜ୍ଞାନ ବିଷୟରେ ଡକ୍ଟରେଟ ହାସଲ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପାଠ ପଢ଼ିସାରିବା ପରେ, ସେ ଓଡ଼ିଆ ସାହିତ୍ୟ ଉପରେ ଗବେଷଣା ଆରମ୍ଭ କରିଥିଲେ। ୧୯୬୯ ମସିହାରେ ମହୀଶୂରରେ ପ୍ରତିଷ୍ଠିତ ଭାରତୀୟ ଭାଷା ପ୍ରତିଷ୍ଠାନ(ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆନ ଲାଙ୍ଗୁଏଜେସ)ର ସେ ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଥିଲେ।

# ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଚାର୍ଜଫ୍ରେମ୍

■ ପାଣିଗ୍ରାହୀ ଦମ୍ପତିଙ୍କ ବିରୋଧରେ ୩ହଜାର ପୃଷ୍ଠାର ଚାର୍ଜସିଟ୍
■ ତଦନ୍ତ ବେଳେ ମିଳିଥିଲା ୯ କୋଟି ଟଙ୍କା ଆୟବହିର୍ଭୁତ ସମ୍ପତ୍ତି
■ ଖୁବ୍‌ଶୀଘ୍ର ଅଦାଲତରେ ଆରମ୍ଭ ହେବ ଶୁଣାଣି ପ୍ରକ୍ରିୟା



■ **ଭୁବନେଶ୍ୱର, ୩୧।୧(ସମିସ):** ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଅଡୁଆ ବଢ଼ିଛି। ପ୍ରଦୀପ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଚାର୍ଜଫ୍ରେମ୍ କରିଛନ୍ତି। ଫଳରେ ଖୁବ୍ ଶୀଘ୍ର ଏହି ମାମଲାର ଶୁଣାଣି ଆରମ୍ଭ ହେବ ବୋଲି ଜଣାପଡ଼ିଛି। ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ ୯କୋଟି ୧୮ ଲକ୍ଷ ଟଙ୍କାର ଆୟବହିର୍ଭୁତ ସମ୍ପତ୍ତି ଠୁଳ ସଂକ୍ରାନ୍ତରେ ୩୦୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। ଏହା ଉପରେ ଅଦାଲତ ଚାର୍ଜଫ୍ରେମ୍ କରିଥିବା ସୂଚନା ମିଳିଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଥିଲା ଓ ତଦନ୍ତ ରିପୋର୍ଟକୁ ୨୦୨୨ ମସିହା ଜୁନ ୯ରେ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିଥିଲେ। ଏହାକୁ ଅନୁଧ୍ୟାନ କରିବା ପରେ ଲୋକାୟୁକ୍ତ ଭିଜିଲାନ୍ସକୁ ଚାର୍ଜସିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ୨୦୨୩ ଏପ୍ରିଲ ୨୦ ତାରିଖରେ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏଥିରେ ଶ୍ରୀ ପାଣିଗ୍ରାହୀଙ୍କଠାରୁ ୯ କୋଟି ୧୮ ଲକ୍ଷ ୧୩ହଜାର ୭ଟଙ୍କାର ଆୟବହିର୍ଭୁତ ସମ୍ପତ୍ତି ଠାବ ହୋଇଥିବା ଦର୍ଶାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତ ବିଧାୟକ ଗିରଫ ହୋଇଥିଲେ ଓ ପରେ ହାଇକୋର୍ଟରୁ ଜାମିନ ପାଇଥିଲେ।

## ବାଇକ୍-କାର ଧକ୍କା; ୨ ମୃତ

■ **ରାଇରଙ୍ଗପୁର, ୩୧।୧ (ସମିସ):** ତିରିଂ ଥାନା ଅନ୍ତର୍ଗତ ନୂଆଗାଁ କାର୍ଗିଲ ଛକ ନିକଟ ୨୨୦ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ସନ୍ଧ୍ୟାରେ ଏକ କାର୍ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିବା ସହିତ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଏହି ଯୁବକମାନେ ଫୁଟବଲ ଖେଳରେ ଭାଗ ନେଇ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପରେ ସ୍ଥାନୀୟ ଲୋକେ ବାଇକରେ ଥିବା ତିନି ଜଣ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାମ ସୋରେନ(୨୭)ଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ▶ପୃଷ୍ଠା-୭

■ ମହିଳାଙ୍କ ମୁଣ୍ଡଗଣ୍ଡି ଅଲଗା କରିବା ମାମଲା

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ

■ **କେନ୍ଦୁଝର, ୩୧।୧ (ସମିସ):** କେନ୍ଦୁଝର ଜିଲ୍ଲାର ୨୦୨୦ ମସିହାରେ ଘଟିଯାଇଥିବା ଏକ ହତ୍ୟାକାଣ୍ଡର ବୁଧବାର ରାୟ ପ୍ରକାଶ ପାଇଛି। ସ୍ତ୍ରୀର ଚରିତ୍ରକୁ ନେଇ ଟିପ୍ପଣୀ କରିଥିବା ମହିଳାଙ୍କ ମୁଣ୍ଡଗଣ୍ଡି ଅଲଗା କରିବା ଘଟଣାରେ ଏଡିଜେ କୋର୍ଟର ଜଜ୍ ମମିତା ଦାସ ମାମଲାର ବିଚାର କରି ସଦର ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ଶରତ ଚନ୍ଦ୍ର ମହାନ୍ତ(୪୫)କୁ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁସାରେ ସଦରଥାନା ଅଧୀନ ଜଗନ୍ନାଥପୁର ଗ୍ରାମର କେଶରୀ ମହାନ୍ତ(୬୦) ହତ୍ୟାକାରୀର ସ୍ତ୍ରୀର ଚରିତ୍ର ସମ୍ପର୍କରେ ଟିପଣୀ କରିଥିବାରୁ ତାକୁ ପାନେ ଦେବାକୁ ଗ୍ରାମର ଶରତ ମହାନ୍ତ ସୁଯୋଗ ଉଣ୍ଡୁଥିଲେ। ଏଭଳି ପରିସ୍ଥିତିରେ ୨୦୨୦ ସେପ୍ଟେମ୍ବର ୨ରେ କେଶରୀ ମହାନ୍ତ ଗାଁ ନିକଟସ୍ଥ ଦ୍ୱାରିକାପଶି ହାଟକୁ କଞ୍ଚାଲଙ୍କା ବିକ୍ରି କରିବାକୁ ଯାଉଥିଲେ। ସେହି ସମୟରେ ଶରତ ତାକୁ ଅଟକାଇ ଭଦବାହାଲି ଗ୍ରାମ ରାସ୍ତାରେ ଟାଙ୍ଗିଆରେ ହାଣି ମୁଣ୍ଡଗଣ୍ଡି ଅଲଗା କରିଦେଇ ଥିଲା। ▶ପୃଷ୍ଠା-୭

## ଲୋକକଥା



କେଇଟା ଦିନରେ ବିକାଶ ନାଁରେ
ମାଡୁଚି ଦୁର୍ନୀତି ଚେର,
ହିସାବ କରିଲେ ଏଇ ଅମଳରେ
ବଢ଼ିଚି ପ୍ରଗତି ହାର।
ବିଶ୍ୱରେ ସତେ ଟପ୍ପର,
ଋଣ କରି ବାଣ ଫୁଟୋଉଛି କେନ୍ଦ୍ର
ଭୋଟରେ ବିଚାର କର !!

# ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ରେ ଗଡ଼ିଲା 'ଲକ୍ଷ୍ମୀ'

■ 'ଲକ୍ଷ୍ମୀ' ବସ୍ ଆମ ଜୀବନକୁ ସହଜ କରିଛି, ଗାଁ ଅର୍ଥନୀତିକୁ ସୁଦୃଢ଼ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ: ମୁଖ୍ୟମନ୍ତ୍ରୀ
■ ଲକ୍ଷ୍ମୀ ବସ୍ ଆପଣମାନଙ୍କ ନିଜ ସମ୍ପତ୍ତି, ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର: '୫-ଟି' ଅଧ୍ୟକ୍ଷ

■ **ଅନୁଗୋଳ/ଢେଙ୍କାନାଳ/ଦେବଗଡ଼, ୩୧।୧(ସମିସ):** ସାଧାରଣ ପରିବହନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନର ଆଣିଥିବା 'ଲକ୍ଷ୍ମୀ' ବସ୍ ସେବା ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ପ୍ରସାରିତ ହେଉଛି। ଏହିକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ 'ଲକ୍ଷ୍ମୀ' ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ୩ଟି ଜିଲ୍ଲାର ୪୪୦ଟି ପଞ୍ଚାୟତରେ ୧୦୧ଟି ବସ୍ ଚାଲିବ। ଏହା ଦ୍ୱାରା ୨୭ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ। ଦେବଗଡ଼ର ୬୯ଟି ପଞ୍ଚାୟତରେ ୧୭ଟି ବସ୍ ଚଳାଚଳ କରିବ ଏବଂ ଏଥିର ୩ ଲକ୍ଷ ଲୋକ ଉପକୃତ ହେବେ। ଅନୁଗୋଳର ୧୭୬ଟି ପଞ୍ଚାୟତରେ ୨୯ଟି ବସ୍ ଚାଲିବ ଏବଂ ୧୧ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ। ସେହିପରି ଢେଙ୍କାନାଳର ୧୯୫ଟି ପଞ୍ଚାୟତରେ ୫୫ଟି ବସ୍ ଚାଲିବ ଏବଂ ଏହାଦ୍ୱାରା ୧୩ ଲକ୍ଷ ଲୋକ ଉପକୃତ ହେବେ।

■ ୪୪୦ଟି ପଞ୍ଚାୟତ ପାଇଁ ୧୦୧ଟି ବସ୍
■ ଅନୁଗୋଳର ୧୭୬ଟି ପଞ୍ଚାୟତରେ ୨୯ଟି ବସ୍
■ ଢେଙ୍କାନାଳର ୧୯୫ଟି ପଞ୍ଚାୟତରେ ୫୫ଟି ବସ୍
■ ଦେବଗଡ଼ର ୬୯ ପଞ୍ଚାୟତରେ ୧୭ଟି ବସ୍
■ ଉପକୃତ ହେବେ ୩ ଜିଲ୍ଲାର ୨୭ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ
■ ଫେବୃଆରୀ ସୁଦ୍ଧା ସବୁ ଜିଲ୍ଲାରେ ଗଡ଼ିବ 'ଲକ୍ଷ୍ମୀ' ବସ୍



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି। ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି। ଗାଁର ଅର୍ଥନୀତିକୁ ମଜବୁତ କରିବା ଆମର ଲକ୍ଷ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି। ଗାଁର ରୂପାନ୍ତର ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି। ଗ୍ରାମାଞ୍ଚଳରେ ଗମନାଗମନର ବହୁ ସମସ୍ୟା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଏ ବିଷୟରେ ଜାଣି ▶ପୃଷ୍ଠା-୭

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-217 ♦BHUBANESWAR ♦THURSDAY ♦1 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୭ ♦ଭୁବନେଶ୍ୱର ♦ଗୁରୁବାର ♦୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

## ଆର୍‌ବିଆଇର କଡ଼ା କାର୍ଯ୍ୟାନୁଷ୍ଠାନ

# ପେଟିଏମ୍ ବ୍ୟାଙ୍କିଙ୍ଗ୍ ସେବା ରଦ୍ଦ

**ନୂଆଦିଲ୍ଲୀ,୩୧।୧(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପେଟିଏମର ବ୍ୟାଙ୍କିଙ୍ଗ୍ ସହଯୋଗୀ ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ଲିମିଟେଡ୍ (ପିପିବିଏଲ୍)ର ବ୍ୟାଙ୍କିଙ୍ଗ୍ ସେବାକୁ ତୁରନ୍ତ ପ୍ରଭାବ ସହିତ ରଦ୍ଦ କରିଛି। ଏହାପରେ ପେଟିଏମ ପେମେଣ୍ଟସ୍ ବ୍ୟାଙ୍କ ଏହାର ସେବାରେ ଆଉ ନୂଆ ଗ୍ରାହକ ଯୋଡିପାରିବନାହିଁ। ନିୟମ ଅନୁପାଳନ ନ କରିବାରୁ ବ୍ୟାଙ୍କିଙ୍ଗ ନିୟାମକ ଆଇନ ଅନୁଯାୟୀ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ବିରୋଧରେ କେନ୍ଦ୍ରୀୟ ବ୍ୟାଙ୍କ ଏହି ପଦକ୍ଷେପ ଗ୍ରହଣ କରିଛି। ଆରବିଆଇ ପକ୍ଷରୁ ବୁଧବାର ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶ ପରେ ଆରବିଆଇ କମ୍ପାନୀକୁ ୨୯ ଫେବୃଆରୀ ପରେ ଅର୍ଥାତ୍ ମାର୍ଚ୍ଚ ପହିଲାଠାରୁ ଏହାର ବର୍ତ୍ତମାନର ଗ୍ରାହକଙ୍କ ଆକାଉଣ୍ଟରେ ଅର୍ଥ ରାଶି ପଇଠ କରିବା ଉପରେ ମଧ ରୋକ୍ ଲଗାଇଛି। ଏହାପରେ, ପେଟିଏମ୍ ପେମେଣ୍ଟସ ବ୍ୟାଙ୍କରେ କୌଣସି କ୍ରେଡିଟ୍/ଜମା କାରବାର ହୋଇପାରିବନାହିଁ। ତେଣୁ ଫେବୃଆରୀ ୨୯ ପରେ, ପେମେଣ୍ଟ ବ୍ୟାଙ୍କ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବାରେ ମଧ ସକ୍ଷମ ହେବ ନାହିଁ। ତେବେ ଆରବିଆଇ ଏହା ସ୍ପଷ୍ଟ କରିଦେଇଛି ଯେ ପେଟିଏମ ପେମେଣ୍ଟସ ବ୍ୟାଙ୍କର ବର୍ତ୍ତମାନର ଗ୍ରାହକ ସେମାନଙ୍କ ଆକାଉଣ୍ଟରେ ରହିଥିବା ଅର୍ଥ ରାଶିକୁ ସମ୍ପୂର୍ଣ୍ଣ ଉପଯୋଗ କରିପାରିବେ।

**ମାର୍ଚ୍ଚରୁ ନୂତନ ଗ୍ରାହକ ଯୋଡ଼ିବା ଉପରେ ରୋକ୍**

■ ଇସ୍ତଫା ପରେ ହେମନ୍ତଙ୍କୁ ଗିରଫ କଲା ଇଡି

# ଚମ୍ପାଇ ସୋରେନ୍ ହେବେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ





**ରାଞ୍ଚି,୩୧।୧(ଏଜେନ୍ସି):** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ନେଇ ଯେଉଁ କଳ୍ପନାଜଳ୍ପନା ଚାଲିଥିଲା ବୁଧବାର ସନ୍ଧ୍ୟାରେ ତାହାର ଅନ୍ତ ହୋଇଛି। ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହେମନ୍ତ ସୋରେନଙ୍କୁ ୭ ଘଣ୍ଟା ଜେରା କରିବା ପରେ ଶେଷରେ ଗିରଫ କରିଛି। ହେମନ୍ତ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇଥିଲା ବେଳେ ସେପଟେ ଝାଡ଼ଖଣ୍ଡ ମନ୍ତ୍ରୀ ତଥା ଜେଏମ୍ଏମ୍‌ର ବରିଷ୍ଠ ନେତା ଚମ୍ପାଇ ସୋରେନ୍ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ସ୍ପଷ୍ଟ ହୋଇଯାଇଛି। ହେମନ୍ତ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କୁ ଭେଟି ନିଜର ଇସ୍ତଫାପତ୍ର ଦେଇଥିଲେ ଏବଂ ତାହାକୁ ରାଜ୍ୟପାଳ ମଞ୍ଜୁର କରିଥିଲେ। ପରେ ପରେ ଶାସକ ମେଣ୍ଟ ପକ୍ଷରୁ ଚମ୍ପାଇଙ୍କୁ ବିଧାୟକ ଦଳ ନେତା ଭାବେ ଘୋଷଣା କରାଯାଇଥିଲା। ଏହାପରେ ସେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି।

- ଚମ୍ପାଇ ସୋରେନ୍ ଜେଏମ୍ଏମ୍-କଂଗ୍ରେସ-ଆର୍‌ଜେଡି ବିଧାୟକ ଦଳର ନେତା
- ମୁଖ୍ୟମନ୍ତ୍ରୀ ଭାବେ ସରକାର ଗଢ଼ିବା ପାଇଁ ରାଜ୍ୟପାଳଙ୍କୁ ଭେଟିଲେ
- ରାଞ୍ଚିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ୧୪୪ ଧାରା ଜାରୀ

ଏହାଦ୍ୱାରା ପରବର୍ତ୍ତୀ ମୁଖ୍ୟମନ୍ତ୍ରୀକୁ ନେଇ ଚାଲିଥିବା ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ହେମନ୍ତଙ୍କ ପତ୍ନୀ କଳ୍ପନା ସୋରେନଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ନେଇ ଗତକାଲି ବିଭିନ୍ନ ମହଲରେ ଜୋରଦାର ଆଲୋଚନା ହୋଇଥିଲା। କାରଣ ହେମନ୍ତ ଦିଲ୍ଲୀରୁ ଫେରି ଗତକାଲି ରାଞ୍ଚି ପହଞ୍ଚିବା ପରେ ବିଧାୟକମାନଙ୍କୁ ଡକାଇ ବୈଠକ କରିଥିଲା ବେଳେ କଳ୍ପନା ମଧ ତାଙ୍କ ସହ ଉପସ୍ଥିତ ଥିଲେ। ତେଣୁ ସେ ହିଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ବୋଲି ଏକପ୍ରକାର ଧରି ନିଆଯାଇଥିଲା। କିନ୍ତୁ ବୁଧବାର ଚମ୍ପାଇ ସୋରେନଙ୍କୁ ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯିବା ପରେ ଏହି ଚର୍ଚ୍ଚାର ଅବସାନ ଘଟିଛି। ଚମ୍ପାଇ ଜେଏମ୍ଏମ୍‌ର ଜଣେ ବରିଷ୍ଠ ନେତା ଭାବେ ଶିବୁ ସୋରେନଙ୍କ ଅତ୍ୟନ୍ତ ଘନିଷ୍ଠ ଅଟନ୍ତି। ୬୭ ବର୍ଷୀୟ ଚମ୍ପାଇ ସୋରେନ ଷଢ଼େଇକଳା ବିଧାନସଭା କ୍ଷେତ୍ରରୁ ତିନିଦଶନ୍ଧି ଧରି ସେ ପ୍ରତିନିଧିତ୍ୱ କରୁଛନ୍ତି। ସେ ୧୯୯୦ ଦଶକରେ ଝାଡ଼ଖଣ୍ଡକୁ ରାଜ୍ୟ ମାନ୍ୟତା ପାଇଁ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚମ୍ପାଇ ସୋରେନଙ୍କୁ ସର୍ବସମ୍ମତି କ୍ରମେ ଶାସକ ମେଣ୍ଟ ପକ୍ଷରୁ ନେତା ଭାବେ ଚୟନ କରାଯାଇଛି। କଂଗ୍ରେସ ଓ ଆର୍‌ଜେଡି ଦଳ ପକ୍ଷରୁ ତାଙ୍କ ନାମ ପ୍ରସ୍ତାବ ରଖାଯାଇଥିଲା।

# ମୁଖ୍ୟମନ୍ତ୍ରୀ ବାଣ୍ଟିଲେ ୧୩୮ କୋଟିର 'ଶିକ୍ଷା ପୁରସ୍କାର'

## ପିଲାଙ୍କ ସ୍ୱପ ପୂରଣ ପାଇଁ ଆତ୍ମବିଶ୍ୱାସ ବୃଦ୍ଧିରେ ଏହି ପୁରସ୍କାର ସହାୟକ ହେବ: '୫-ଟି' ଅଧକ୍ଷ



■ **ଭୁବନେଶ୍ୱର,୩୧।୧(ସମିସ):** ଶିକ୍ଷାକୁ ସାମାଜିକ ଆନ୍ଦୋଳନରେ ପରିଣତ କରାଯିବ। ଶିକ୍ଷା ବ୍ୟବସ୍ଥାରେ ନୂତନ ବିପ୍ଳବ ଆଣିବା ପାଇଁ ରାଜ୍ୟ ସରକାର '୫-ଟି' ଉପକ୍ରମରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ବ୍ୟକ୍ତି ଓ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ର କମିଟି, ଶିକ୍ଷା ଅଧିକାରୀ, ଜିଲ୍ଲା, ବ୍ଲକ ଓ ଗ୍ରାମ ପଞ୍ଚାୟତକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବୁଧବାର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬ଟି ବିଭାଗରେ ୭୫୧୯ଟି ପୁରସ୍କାର ପ୍ରଦାନ କରିଛନ୍ତି।

**୧୬ଟି ବିଭାଗରେ ୭୫୧୯ ପୁରସ୍କାର**

**ବାଲେଶ୍ୱର, କେନ୍ଦୁଝର, ଜଗତସିଂହପୁର ଓ ଝାରସୁଗୁଡ଼ା ଶ୍ରେଷ୍ଠ ଜିଲ୍ଲା**

**ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ସମସ୍ତେ ଜଣେ ଜଣେ ଚମ୍ପିଆନ: ପାଣ୍ଡିଆନ**

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ '୫-ଟି' ତଥା 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, କୋଭିଡ୍ ସମୟରୁ ପିଲାଙ୍କ ପାଠପଢ଼ାରେ ଅସୁବିଧାକୁ ଦେଖି ଅନ୍‌ଲାଇନ ପାଠପଢ଼ା ଆରମ୍ଭ ହୋଇଛି। ଏହାପରେ '୫-ଟି' ଉପକ୍ରମରେ ହାଇସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ହୋଇଛି। ଏବେସୁଦ୍ଧା ରାଜ୍ୟର ପ୍ରାୟ ୮ ହଜାରରୁ ଅଧିକ ହାଇସ୍କୁଲ ରୂପାନ୍ତର ହୋଇସାରିଛି। ଏହି ରୂପାନ୍ତରଣ କାର୍ଯ୍ୟରେ ପୁରାତନ ଛାତ୍ରଛାତ୍ରୀ, ଜନପ୍ରତିନିଧି, ପ୍ରଶାସନ ସମସ୍ତେ ଏକ ଟିମ୍ ଭଳି କାମ କରିଛନ୍ତି। ପିଲାଙ୍କ ମଧରେ ରୂପାନ୍ତରଣର ବୀଜ ରୋପଣ କରିଥିବାରୁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଶ୍ରୀ ପାଣ୍ଡିଆନ ଧନ୍ୟବାଦ ଜଣାଇଛନ୍ତି। 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଶିକ୍ଷା ପରିବେଶ ସହ ଜଡ଼ିତ ସମସ୍ତଙ୍କ ମନୋବଳକୁ ବୃଦ୍ଧି କରିଛି। ସ୍ୱପ୍ନ ପୂରଣ ପାଇଁ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଏହି ପୁରସ୍କାର ସହାୟକ ହେବ। ଓଡ଼ିଶା ମାଧ୍ୟମିକ ଶିକ୍ଷାରେ ଏକ ବିପ୍ଳବ ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସେ କହିଛନ୍ତି। ମାଧ୍ୟମିକ ସ୍କୁଲ ସହିତ ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟ ମଧ ରୂପାନ୍ତରଣ ଚାଲିଛି। ଖୁବ୍ ଶୀଘ୍ର ଏହି ଅନୁଷ୍ଠାନଗୁଡିକ ଲୋକାର୍ପିତ ହେବ ବୋଲି ସେ କହିଛନ୍ତି। ଓଡ଼ିଶା ବିକାଶରେ ସମସ୍ତେ ଗୋଟିଏ ଗୋଟିଏ ସ୍ତମ୍ଭ ଭଳି କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ଗଠନ ଦିଗରେ ସମସ୍ତେ ଜଣେ ଜଣେ ଚମ୍ପିଆନ ହୋଇପାରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ ପ୍ରକାଶ କରିଛନ୍ତି।

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଦୁଇଟି ବର୍ଗରେ ସମୁଦାୟ ୧୩୮ କୋଟି ଟଙ୍କା ପୁରସ୍କାର ରାଶି ଭାବେ ପ୍ରଦାନ କରାଯାଇଛି। ବ୍ୟକ୍ତିଗତ ପୁରସ୍କାର (ମାଧ୍ୟମିକ) ବର୍ଗରେ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୨୦୨୭ ଜଣ ମେଧାବୀ ଛାତ୍ରଛାତ୍ରୀ, ୭୦୦ ଶିକ୍ଷକଶିକ୍ଷୟିତ୍ରୀ, ୪୧୯ ଜଣ ପ୍ରଧାନଶିକ୍ଷକ, ୫୮ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ୧୦ ଜଣ ବ୍ଲକ ଶିକ୍ଷାଧିକାରୀ(ବିଇଓ), ୩ଜଣ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ପୁରସ୍କାର ପାଇଛନ୍ତି। ସେହିପରି ବ୍ୟକ୍ତିଗତ ପୁରସ୍କାର (ପ୍ରାଥମିକ) ବର୍ଗରେ ୩୫୦ଜଣ ପ୍ରଧାନଶିକ୍ଷକ ଓ ୩୧୯ ଜଣ ଶିକ୍ଷକଶିକ୍ଷୟିତ୍ରୀ ପୁରସ୍କାର ପାଇଛନ୍ତି।

ସେହିପରି ଆନୁଷ୍ଠାନିକ (ମାଧ୍ୟମିକ) ବର୍ଗରେ ୪ଟି ଜିଲ୍ଲା, ୧୦ଟି ବ୍ଲକ, ୧୦୫୭ଟି ସ୍କୁଲ, ୪୧୯ଟି ବିଦ୍ୟାଳୟ ପରିଚାଳନା କମିଟି, ୪୧୯ଟି ପୁରାତନ ଛାତ୍ର କମିଟି, ୪୧୪ଟି ଗ୍ରାମ ପଞ୍ଚାୟତ ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ଜିଲ୍ଲା ଭାବେ ବାଲେଶ୍ୱର, କେନ୍ଦୁଝର, ଜଗତସିଂହପୁର ଓ ଝାରସୁଗୁଡ଼ା ପୁରସ୍କୃତ ହୋଇଛନ୍ତି।

ସେହିପରି ଆନୁଷ୍ଠାନିକ (ପ୍ରାଥମିକ) ବର୍ଗରେ ୧୩୦୭ଟି ବିଦ୍ୟାଳୟ ପୁରସ୍କାର ପାଇଛନ୍ତି। ଏହା ବ୍ୟତିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବର୍ଗରେ ୩ଟି ଆନୁଷ୍ଠାନିକ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟ ଶିକ୍ଷାର ସାମଗ୍ରିକ ବିକାଶ ସହ ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଉପଦେଷ୍ଟା ଗଣଶିକ୍ଷା ବିଭାଗ (ଛାତ୍ରବୃତ୍ତି) ଶିଶିର ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଛନ୍ତି।



# ଛାଡ଼ପତ୍ର ବିନା ସ୍ୱାମୀଙ୍କ ଦ୍ୱିତୀୟ ବିବାହ ଅଭିଯୋଗ

**ସମ୍ବଲପୁର, ୩୧।୧(ସମିସ)**

ଛାଡପତ୍ର ନ ହୋଇ ସ୍ୱାମୀ ଅନ୍ୟ ଯୁବତୀଙ୍କ ସହିତ ବିବାହ କରିଦେଇଥିବା ଅଭିଯୋଗରେ ଆଜି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମହିଳା ଓ ତାଙ୍କ ପରିବାର।

## ମହିଳା ଓ ପରିବାର ଲୋକଙ୍କୁ ବିବାହ ଉତ୍ସବରୁ ଉଠାଇନେଲା ପୁଲିସ



ଅଭିଯୋଗ କ୍ରମେ ବୁର୍ଲା ବସନ୍ତ ବିହାର ଅଞ୍ଚଳର ପ୍ରିୟମ୍ବଦା ବାଗ ୨୦୧୫ ମସିହାରେ ରାଉରକେଲା ନିବାସୀ ଓମପ୍ରକାଶ ହରିପାଳଙ୍କୁ ବିବାହ କରିଥିଲେ। ତେବେ ବିବାହର ଗୋଟିଏ ବର୍ଷ ପରେ ଯୌତୁକ ନିର୍ଯାତନା ଦେବାରୁ ବିବାହ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ସ୍ୱାମୀ ଓମପ୍ରକାଶ ବୁର୍ଲା ସ୍ଥିତ ପ୍ରିୟମ୍ବଦାଙ୍କ ଘରେ ଆଣି ଛାଡି ଦେଇଥିଲେ। ବିବାହକୁ ସାତ ବର୍ଷ ବିତିଯାଇଛି। ଏବେ ଏକ ନକଲି ଛାଡପତ୍ର ଦେଇ ଦ୍ୱତୀୟ ବିବାହ କରୁଛନ୍ତି। ପୂର୍ବରୁ ମହିଳା ଥାନା, ବୁର୍ଲା ଥାନା, ଫେମିଲି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ତଦନ୍ତ କରିଥିଲା। ହେଲେ କୋର୍ଟର ଛାଡପତ୍ର ଅସଲି କିମ୍ବା ନକଲି ଯାଞ୍ଚ କରିବା ଆମର ଦାୟିତ୍ୱ ନୁହେଁ ଉପରସ୍ଥ କୋର୍ଟକୁ ଯିବାକୁ କହି ମାମଲାକୁ ହାଲୁକା ଭାବେ ନେଇଥିଲେ। ପୁଅ ଓମ ପ୍ରକାଶଙ୍କ ପୈତୃକ ଘର ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ସାଲେପାଲି ଗ୍ରାମର। ତେଣୁ ଆଜି ପାଟନାଗଡ଼ରେ ଏକ କଲ୍ୟାଣ ମଣ୍ଡପରେ ଦ୍ୱତୀୟ ବିବାହ କରୁଥିଲେ। ଏହାକୁ ରୋକିବା ପ୍ରିୟମ୍ବଦା ଓ ପରିବାର ସେଠାରେ ପହଞ୍ଚିଥିଲେ। ହେଲେ ପାଟନାଗଡ଼ ପୁଲିସ ପ୍ରିୟମ୍ବଦା ଓ ପରିବାରଙ୍କୁ ଥାନାରେ ଅଟକ ରଖି କିଛି ସମୟ ପରେ ଛାଡିଥିଲା। ଅନ୍ୟପଟେ ଓମ ପ୍ରକାଶ ବିବାହ କରିଥିବା ଜଣାପଡ଼ିଛି। ଅନ୍ୟପଟେ ପ୍ରିୟମ୍ବଦା ଆହୁରି ଅଭିଯୋଗ କରିଛନ୍ତିଯେ, ସେ ଓମପ୍ରକାଶ ସହିତ ମଧ୍ୟପ୍ରଦେଶର ସିଙ୍ଗୋଲି ଥାନା ଅଧିନରେ ରହୁଥିଲେ। ସେଠାକାର କୋର୍ଟର ଏକ ନକଲି ଛାଡପତ୍ର ହୋଇଥିବା ସାର୍ଟିଫିକେଟ ବାହାର କରି ଓଡ଼ିଶା ପୁଲିସକୁ ଦେଖାଉଛନ୍ତି। ପ୍ରଥମେ ଓମପ୍ରକାଶ ଇଂରାଜୀରେ ଲେଖା ହୋଇଥିବା ସାର୍ଟିଫିକେଟ ଦେଖାଇଥିଲେ। ମଧ୍ୟପ୍ରଦେଶରେ ଅଧିକ ସରକାରୀ କାଗଜପତ୍ର କାମ ହିନ୍ଦୀ ଭାଷାରେ ହୋଇଥାଏ। ଏହାକୁ ନେଇ ଗତ ଶନିବାର ପୁଲିସକୁ ଅଭିଯୋଗ କରିଥିଲେ। ହେଲେ ପୁଲିସ ତଦନ୍ତ କଲା ନାହିଁ। ଆଜି ପୁଣି ହାନ୍ଦିଭାଷା ଲେଖା ସାର୍ଟିଫିକେଟ ଦେଖାଉଛନ୍ତି। ଏଥିରୁ ସ୍ପଷ୍ଟ ହେଉଛିଯେ, ଉକ୍ତ ସାର୍ଟିଫିକେଟ ଚଞ୍ଚକତା କରି କରାଯାଇଛି। ତଦନ୍ତ କଲେ ସତ୍ୟା ସତ ସାମ୍ନାକୁ ଆସିବ ବୋଲି କହିଥିଲେ।

## ଭିଡିଓ ଭାଇରାଲକୁ ନେଇ ଘଟିଛି କାଣ୍ଡ

# ଘରେ ପଶି ବନ୍ଧୁକ ମୁନରେ ଧମକ, ଯୁବକ ଗିରଫ

**ରେଢ଼ାଖୋଲ, ୩୧।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ଥାନା ଅଧୀନ ବରିହାସାହି ଗ୍ରାମରେ ଜଣେ ଯୁବକ ମାରଣାସ୍ତ୍ର ଦେଶୀ ବନ୍ଧୁକ ଧରି ଗ୍ରାମର ଜଣଙ୍କ ଘର ଭିତରେ ପଶି ଧମକ ଚମକ ଦେବା ଫଳରେ ଯୁବକକୁ ଗିରଫ କରିଛି ଚାରମାଳ ପୁଲିସ। ଯୁବକ ଜଣଙ୍କ ହେଲେ ଚାରମାଳ ଥାନା ଅଧୀନ ବରିହାସାହି ବାସିନ୍ଦା ତପନ ମିର୍ଦ୍ଧା(୨୬)।



ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକ ଜଣଙ୍କ ଗତ ମଙ୍ଗଳବାର ଦିନ ସନ୍ଧ୍ୟା ସମୟରେ ଏକ ମାରଣାସ୍ତ୍ର ଦେଶୀ ବନ୍ଧୁକ ଧରି ନିଜ ସାହିର ବାସିନ୍ଦା ଦୁଃଶାସନ ମିର୍ଦ୍ଧାଙ୍କ ଘର ଭିତରକୁ ଯାଇ ଗାଳି ଗୁଲଜ କରି ଜୀବନରେ ମାରି ଦେବାକୁ ଧମକ ଚମକ ଦେଇଥିଲେ। କାରଣ ଯୁବକ ତପନ ମିର୍ଦ୍ଧା ରାଶିବେଡା ଗ୍ରାମ ନିକଟରେ ଥରେ ମଦ ପିଇ ରାସ୍ତା କଡ଼ରେ ପଡ଼ି ରହିଥିବା ବେଳେ ଦୁଃଶାସନ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ କରି ଦେଇଥିଲେ। ଏହା ଜାଣିବା ପରେ ଯୁବକ ଜଣକ ଉତ୍ତେଜିତ ହୋଇ ତାଙ୍କ ଘରକୁ ଯାଇ ଧମକ ଚମକ ଦେଇ ଚାଲି ଯାଇଥିଲେ। ପରେ ଦୁଃଶାସନଙ୍କ ପତ୍ନୀ ବନିତା ମିର୍ଦ୍ଧା ଚାରମାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୁଲିସ କେସ ନଂ ୧୫/୨୪ ଆର୍ମ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କଣ୍ଟେନର- ଟ୍ରକ୍ ଧକ୍କା ରେ ଚାଳକ ମୃତ

**ଜମନକିରା, ୩୧।୧(ସମିସ):** ସମ୍ବଲପୁର ଜିଲ୍ଲା ଜମନକିରା ଥାନା ୫୩ ନମ୍ବର ଜାତୀୟ ରାଜପଥ ଆମଲାଙ୍ଗରେ ଆଜି ଭୋର ପ୍ରାୟ ୪.୩୦ରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଟ୍ରକ ଡ୍ରାଇଭରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଏହା ସହ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡ଼ିଛି। ସୂଚନା ଅନୁଯାଇ ରେଜିଷ୍ଟ୍ରେସନ ନମ୍ବର ଏଚ.ଆର ୫୫ ଏ.ଏଲ ୫୬୭୫ ନମ୍ବର ବିଶିଷ୍ଟ ଏକ କଣ୍ଟେନର ଜମନକିରାରୁ ସମ୍ବଲପୁର ପଟକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ରେଜିଷ୍ଟ୍ରେସନ ନମ୍ବର ଓଡି୧୧ ଏ ୨୧୧୯ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଫଳରେ କଣ୍ଟେନର ଚାଳକ ମହମ୍ମଦ ସହଜାଦଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କରିଥିବା ବେଳେ କଣ୍ଟେନର ହେଲ୍ପର ସହନୱାଜ ଗୁରୁତର ଆହତ ହୋଇଥିବାରୁ ସେ ଚିକିତ୍ସାଧୀନ ଅବସ୍ଥାରେ ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।



ମୃତକ ଚାଳକ ଉତ୍ତରପ୍ରଦେଶ ପ୍ରତାପ ଗଡ଼ ଜିଲ୍ଲା ଲାଲଗଞ୍ଜ ଅଞ୍ଚଳର ଥିବା ବେଳେ ହେଲ୍ପର ଅଲ୍ଲହାବାଦ ବାଙ୍କାଜାରଲପୁର ଅଞ୍ଚଳର ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ମାରିଥିବା ଜଣାପଡ଼ିଛି। ଜମନକିରା ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଘଟଣା ସ୍ଥଳରେ ପହଞ୍ଚି ଚାଳକ ଓ ହେଲ୍ପରକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଯୋଗୁଁ କଣ୍ଟେନର ଚାଳକ ଗାଡ଼ିରେ ଫସିରହି ଯାଇଥିଲେ। ଜମନକିରା ଅଗ୍ନିଶମ ବିଭାଗୀୟ ଟିମ ତାଙ୍କୁ କଟର ମେସିନ ମାଧ୍ୟମରେ କଣ୍ଟେନରର ଆଗଭାଗକୁ କାଟି ଉଦ୍ଧାର କରିଥିଲେ। ଦୁର୍ଘଟଣା ଏତେ ଜୋରରେ ହୋଇଥିବା ଯୋଗୁଁ ଟ୍ରକଟି ରାସ୍ତାର ମଝିରେ ରହିଯାଇଥିଲା। ଯାହାଫଳରେ ସକାଳ ୪.୩୦ରୁ ଅପରାହ୍ନ ୧୨.୩୦ ପର୍ଯ୍ୟନ୍ତ ଜାତୀୟ ରାଜପଥ ରାସ୍ତା ଜାମ ହୋଇ ଜାତାୟାତ ଠପ ହୋଇଯାଇଥିଲା। ଜମନକିରା ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ରାସ୍ତାରେ ଜାତାୟାତ ସାମାନ୍ୟ କରିବାକୁ ରାସ୍ତା ଜାମ ନିୟନ୍ତ୍ରଣ କରି ଦୁର୍ଘଟଣା ଜନିତ ଏକ ମାମଲା ରୁଜୁକରି ଦୁର୍ଘଟଣାର ତଦନ୍ତ କରୁଥିବା ଜମନକିରା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି। ଗୌଡ଼ପାଲି ଠାରୁ ଷଣ୍ଢପଥର ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ହେଉଥିବା ବେଳେ ଏହି ରାସ୍ତାକୁ ୨ ଥାକିଆରୁ ୪ ଥାକିଆ ରାସ୍ତା ପ୍ରଶସ୍ତି ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ। ଯାହା ଫଳରେ ଅନେକ ଧନ ଜୀବନ ନଷ୍ଟ ହେଉଛି। ଉକ୍ତ ରାସ୍ତାଟି ଯଥାଶୀଘ୍ର ପ୍ରଶସ୍ତି କରଣ କରିବାକୁ ଅଞ୍ଚଳରେ ଦାବି ହେଉଛି।

## ମେଘପାଲରେ କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ

# ୬୦ ହଜାର ଶ୍ରମିକ ସାମାଜିକ ସୁରକ୍ଷାରେ ସାମିଲ

**ମ୍ବଲପୁର/ଯୁଯୁମୁରା, ୩୧।୧(ସମିସ):** ଯୁଯୋମୁରା ବ୍ଲକ ମେଘପାଳ ଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମେଘପାଳ, ହାତୀଦହଲା, ମୁଡତାଳ, ରାନ୍ତାଳ, ତିଳେଇମାଲ, ବଡ଼ମାଲ, ବୁର୍ଦା, ଦାଉପଡ଼ା, ବଂଜାରୀଡିକରା, ଟାମ୍ପରସିଂହା, ଘୁଷୁରୀଆବାହଲ ଓ ଲୈକିରା ଗ୍ରାମର ଶତାଧିକ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ସଂଘର ସଭାପତି ବିଜୟ କୁମାର ମହାନ୍ତି ଉପସ୍ଥିତ ରହି ସଂଘର ଦାବି ଗୁଡିକ ଆଲୋଚନା କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ଏହି ଦାବି ସବୁ ପୂରଣ ପାଇଁ ସରକାର ପ୍ରତିଶୃତି ଦେଇଥିବା କଥା ମହାନ୍ତି ପ୍ରକାଶ କରିଥିଲେ। କେନ୍ଦୁଲିଭ୍ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଉପସ୍ଥିତ ରହି କର୍ମଚାରୀ ଓ ତୋଳାଳିଙ୍କ ସମସ୍ୟା ସମ୍ପର୍କରେ ଶୁଣାଣି କରିବା ସହିତ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମଧ୍ୟରେ ଛାତ୍ର ବୃତ୍ତି, ନବୀନ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ରହୁଥିବା ୬୦ହଜାରରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କହିଥିଲେ। ସଭାରେ ଉପସ୍ଥିତ ତୋଳାଳି ମାନଙ୍କ ପକ୍ଷରୁ ପତ୍ର ଦାମ ବୃଦ୍ଧି, କନ୍ୟା ବିବାହ ସହାୟତାର ପୁନଃ ପ୍ରଚଳନ, କର୍ମଚାରୀଙ୍କ ଦରମା ବୃଦ୍ଧି ଆଦି ଦାବି ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଯା ସଂଘର ପ୍ରତିନିଧି କିପରି ଆଗାମୀ ଦିନରେ ଏଠିକାର ଜନ ପ୍ରତିନିଧି ହୋଇ ତୋଳାଳିଙ୍କ ସମସ୍ୟା ବିଧାନ ସଭା ଏବଂ ସଂସଦରେ ଉଠାଇ ପାରିବେ ସେ ଦିଗରେ ଆହ୍ୱାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସଂଘର ଉପସଭାପତି ତଥା ସମ୍ବଲପୁର ଡିଭିଜନ ସମ୍ପାଦକ ଗୋକୁଳ ମେହେର ସଭାପତିତ୍ୱ କରିଥିଲେ। ପୂର୍ବତନ ମେଘପାଳ ପଞ୍ଚାୟତ ସରପଞ୍ଚ ମାନରଞ୍ଜନ ବୁଡ଼େକ, ସମ୍ବଲପୁର ରେଞ୍ଜ ହେଡ଼ଚେକର ଦିଲେଶ୍ୱର ପ୍ରଧାନ, ରବିନ ରଞ୍ଜିତ, ତରଣୀସେନ ସାହ, ରନ୍ଧିର ସାହୁ, ସୁମନ ସାହୁ, ଗୋପବନ୍ଧୁ ଠେଲା, ବୁଦ୍ଧଦେବ ମହାକୁର, ଦିବ୍ୟ ବିକାଶ ପ୍ରଧାନ, ଧରିତ୍ରୀ ଲୁହା, ସସ୍ମିତା ଭଇଂସା, ବାସନ୍ତୀ ମୁଣ୍ଡା, ମମତା ନାଏକ, ସୀମା ପ୍ରଧାନ, ରାତ୍ରି ମିର୍ଧା ପ୍ରମୁଖ ଉପସ୍ଥିତ ଥିଲେ।



# ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ରେଢ଼ାଖୋଲ, ୩୧।୧(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ନୂଆ- ଓ ଯୋଜନାରେ ସାହିତ୍ୟର ବିଭିନ୍ନ ବିଭାଗ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ ରେଢ଼ାଖୋଲ ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରାକ୍ତନ ଅଧ୍ୟକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂହ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଦାର୍ଶନିକ ଓ ସଂସ୍କୃତିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ସିଂହ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଲୋକ ସଂସ୍କୃତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରି ବିଭିନ୍ନ କାହାଣୀ ମାଧ୍ୟମରେ ଭକ୍ତମାନଙ୍କ ଜୀବନ ଓ ଦର୍ଶନର ଅନାଲୋଚିତ ଦିଗ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅନୁଷ୍ଠାନର ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଅକ୍ଷୟ କୁମାର କର ଯୋଗ ଦେଇ ଇତିହାସରେ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ.ମନୋରଞ୍ଜନ ମହନ୍ତ ସଂଯୋଜନା କରିଥିବା ବେଳେ ବିଭାଗର ଅନ୍ୟତମ ଅଧ୍ୟାପକ ମାନଭଞ୍ଜନ କହଁର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ପ୍ରହଲ୍ଲାଦ ମେହେର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଓଡିଆ ଭାଷା, ସାହିତ୍ୟ, ଇତିହାସ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନା, ଓଡ଼ିଆ କବିତା, ପ୍ରବନ୍ଧ, କ୍ଷୁଦ୍ର ଗଳ୍ପ, କୁଇଜ ଏବଂ ଓଡିଆ ଭଜନ ଆଦି ପ୍ରତିଯୋଗିତାର ସମସ୍ତ ବିଜେତା ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଉପଢୌକନ ଓ ପୁରସ୍କାର ଭାବରେ ଅର୍ଥରାଶି ପ୍ରଦାନ କରଯାଇଥିଲା। ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ଠେଲକୋଲୋଇ ଫୁଟବଲ କପ ଉଦ୍‌ଯାପିତ




**ସମ୍ବଲପୁର, ୩୧।୧(ସମିସ):** ଜେଏସଡବ୍ଲୁ ବିପିଏସଏଲର ସିଏସଆର ବିଭାଗ ଓ ଗାନ୍ଧି ମେମୋରିଆଲ ଆଦିବାସୀ କ୍ଲବ ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଠେଲକୋଲୋଇ କପ ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଠେଲକୋଲୋଇ ଖେଳ ପଡ଼ିଆରେ ଜାନୁଆରୀ ୨୯ ଓ ୩୦ ତାରିଖରେ ଆୟୋଜିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଯୋଗ ଦେଇ ଜେଏସଡବ୍ଲୁ ବିପିଏସଏଲ ସିଏସ୍‌ଆରର ମୁଖ୍ୟ ବିଶାଳ ରାଜ ଯୁବ ବିକାଶ ତଥା ସମ୍ପ୍ରଦାୟ ନିର୍ମାଣରେ କ୍ରୀଡ଼ାର ଗୁରୁତ୍ୱ ରହିଛି ବୋଲି କହିଥିଲେ। ଏହା ସହ ଠେଲକୋଲୋଇ ଥାନା ଆଇଆଇସି ସାବିତ୍ରୀ ବାଲ ଓ ଠେଲକୋଲୋଇ ସରପଞ୍ଚ ଉପସ୍ଥିତ ଥିଲେ। ସ୍ଥାନୀୟ ପ୍ରତିଭା ତଥା ଏକତାକୁ ପ୍ରୋତ୍ସାହିତ କରିବାରେ ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୪ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଝାରସୁଗୁଡ଼ା ଓ ସମ୍ବଲପୁର ମଧ୍ୟରେ ଖେଳାଯାଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଝାରସୁଗୁଡ଼ା ଚାମ୍ପିଅନ ହୋଇଥିଲା।

# ସ୍ତ୍ରୀଙ୍କ ଆତ୍ମହତ୍ୟା ପରେ ବିଷ ପିଇଲେ ସ୍ୱାମୀ

**ସମ୍ବଲପୁର, ୩୧।୧(ସମିସ):** ସମ୍ବଲପୁର ଯୁଯୁମୁରା ଥାନା ଡଙ୍ଗାପାଲ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟି ଯାଇଛି। ଗ୍ରାମର ଗୀତା ପ୍ରଧାନ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଖବର ଶୁଣି ସ୍ୱାମୀ ଅକ୍ଷୟ ବିଷ ପିଇ ଆତ୍ମହତ୍ୟା କରୁଥିଲେ। ହେଲେ ଅକ୍ଷୟଙ୍କ ଜୀବନ ବଞ୍ଚିଯାଇଛି। ସେ ଏବେ ଗୁରୁତର ଅବସ୍ଥାରେ ଜିଲ୍ଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଗ୍ରାମରେ ମୃତ ଦେହ ପଡ଼ି ରହିଛି। ଗୀତାଙ୍କ ପରିବାର ସଦସ୍ୟ ମାଜିଷ୍ଟ୍ରେଟ ନ ଆସିବା ଓ ସାଇଣ୍ଟିଫିକ ତଦନ୍ତରେ କଲେ ସମସ୍ୟା ହେବ ତେଣୁ କରି ଝୁଲନ୍ତା ଅବସ୍ଥାରେ ଗୀତାଙ୍କ ମୃତ ଦେହ ରହିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରିଛି। ଗ୍ରାମରେ ଶୋକାକୂଳ ପରିବେଶ ସହିତ ଶବ ଥିବା ଯୋଗୁଁ ଗ୍ରାମାବାସୀ ରୋଷେଇ କରି ଖାଇ ପାରି ନାହାନ୍ତି। ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରାହ୍ନ ୧୨ ଟା ସମୟରେ ଏହି ଘଟଣା ପ୍ରଚାର ହୋଇଥିଲା। ପୁଲିସକୁ ମଧ୍ୟ ସୂଚନା ଦିଆଯାଇଥିଲା। ଘଟଣା ହୋଇଥିଲେ ମଧ୍ୟ ରାତି ୧୨ ପର୍ଯ୍ୟନ୍ତ ଶବ ଝୁଲନ୍ତା ଅବସ୍ଥାରେ ରହିଛି। ଆସନ୍ତା କାଲି ମୃତ ହେଦ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯିବ। ସୂଚନା ଯୋଗ୍ୟଯେ, ଅକ୍ଷୟଙ୍କ ଗୀତାଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଠିକ ନଥିଲା। କେଉଁ କାରଣରୁ ଆଜି ଗୀତା ଆତ୍ମହତ୍ୟା କଲେ ତାହା ଜଣାପଡୁ ନାହିଁ ବୋଲି ପୁଲିସ କହିଛି।

# ଲିଟିଲ୍ ଫ୍ଲାୱାର ପବ୍ଲିକ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ

**ଯୁଯୁମୁରା, ୩୧।୧(ସମିସ)** ଯୁଯୁମୁରା ଲିଟିଲ ଫ୍ୱାର ପବ୍ଲିକ ସ୍କୁଲରେ ୧୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଯୁଯୋମୁରା ସରପଞ୍ଚ ବାସନ୍ତୀ ପ୍ରଧାନ, ଲିପିଣ୍ଡା ସମିତି ସଭ୍ୟ ନୃପଶେଖର କୁମରା, ମେଘପାଲ ସରପଞ୍ଚ ମମତା ପ୍ରଧାନ, କୟାକୁଦ ସରପଞ୍ଚ ଜେମାମଣି ପ୍ରଧାନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ସଭାପତି ରୁବି ଦେହୁରୀ ସଭାପରିଚାଳନ କରିଥିଲେ। କୁନି କୁନି ପିଲାମାନେ ରଙ୍ଗାରଙ୍ଗ ବାର୍ଷିକ ଇନ୍ଦ୍ରଧନୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍କୁଲର ଶିକ୍ଷୟିତ୍ରୀ ତପସ୍ୟା ଶଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।



# ୪ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**କୁଚିଣ୍ଡା, ୩୧।୧(ସମିସ):** କୁଚିଣ୍ଡା ଉପଖଣ୍ଡର ଚାରିଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଜଣେ ଛାତ୍ରୀ ମୁଖ୍ୟମନ୍ତ୍ରୀ ମେଧା ପୁରସ୍କାର ପାଇଛନ୍ତି। ସେମାନେ ହେଲେ ହିରାଧର ଯୁବକ ସଂଘ ହାଇସ୍କୁଲ୍ ଚନ୍ଦନିମାଳର ଦେବାନନ୍ଦ କର୍ସେଲ (ପ୍ରଥମ ଭାଷା ଓଡ଼ିଆ) ବଡ଼ମୁଣ୍ଡାଲୋଇ ହାଇସ୍କୁଲର ବିରେନ୍ଦ୍ର କୁମାର ପଟେଲ(ସାମାଜିକ ବିଜ୍ଞାନ), ରଶ୍ମୀରଞ୍ଜନ ମାଝୀ (ଗଣିତ ଶିକ୍ଷକ) ଗ୍ରା.ପ. ସରକାରୀ ଉଚ୍ଚ ବିଦ୍ୟାଳୟ, ହାଡିପାଲି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅର୍ଦ୍ଦାବାହାଲର ଖେଳ ଶିକ୍ଷକ ଚନ୍ଦନ କୁମାର ମାକର (ରାଜ୍ୟ ସ୍ତରୀୟ ଶାରୀରିକ ଶିକ୍ଷା ପୁରସ୍କାର) ଏବଂ ବୁବିଶ୍ରୀ ନାଏକ ଛାତ୍ର ମେଧା ପୁରସ୍କାର ପାଇଥିଲେ। ଏହି ପୁରସ୍କାର କଳିଙ୍ଗ ଷ୍ଟାଡିୟମ୍ ଭୁବନେଶ୍ୱରରେ ପ୍ରଦାନ କରାଯାଇଥିଲା।



# ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ରାଜ୍ୟ ସରକାରଙ୍କ ପ୍ରୟାସ

**ମାନେଶ୍ୱର, ୩୧।୧(ସମିସ)**

ମାନେଶ୍ୱର ବ୍ଲକ ଆମକୁନି ଠାରେ ପଞ୍ଚାୟତ ସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ନେଇ ସଚେତନତା





ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଢ଼ାଖୋଲ ବିଧାୟକ ଇଂ ରୋହିତ ପୁଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମାନେଶ୍ୱର ଜୋନ-୨ର ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣ୍ଡେ, ବିଡ଼ିଓ ପ୍ରଣବ ପ୍ରକାଶ ଚାନ୍ଦ, ଏଇଇ ପ୍ରଜ୍ଞା ପ୍ରଣମିତା, ସରପଞ୍ଚ ସଞ୍ଜିବ ପୁଜାରୀ, ସମିତି ସଭ୍ୟା ସୁନିତା ରାଏ, ସାହାସପୁର ସମିତି ସଭ୍ୟା ଲିନା ମହାପାତ୍ର, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବୀଣାପାଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ରଞ୍ଜନ ବେହେରା ପରିଚାଳନା କରିଥିଲେ। ଏଥିରେ ଅତିଥିମାନଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସୁବିଧା, ଉନ୍ନତି ମୂଳକ କାର୍ଯ୍ୟ ତଥା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିବା ସହିତ ତାର ଲାଭ ଉଠାଇବା ପାଇଁ ଲୋକଙ୍କୁ ସଚେତନତା କରାଯାଇଥିଲା। ବିଡ଼ିଓ ପ୍ରଣବ କୁମାର ଚାନ୍ଦ ଡକରା ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନତ ମୂଳକ କାର୍ଯ୍ୟର ସୂଚୀ ପଠନ କରିବା ସହିତ ସୂଚୀର ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ସେହିପରି ଭିଜୁଆଲ ଜରିଆରେ ମଧ୍ୟ ପଞ୍ଚାୟତ ତଥା ଅଞ୍ଚଳର ଉନ୍ନତମୂଳକ କାର୍ଯ୍ୟଗୁଡିକର ପ୍ରସାରଣ ହୋଇଥିଲା। ଏହି ଅବସରରେ ବିଭନ୍ନ ବ୍ୟକ୍ତି ବିଶେଷ ଓ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପଦକରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସଏଚଜି ଗ୍ରୁପ ମହିଳାଙ୍କ ଦ୍ୱାରା ପ୍ରସ୍ତୁତି ବିଭିନ୍ନ ସାମଗ୍ରୀର ଷ୍ଟଲ, ଛାତ୍ରଛାତ୍ରୀଙ୍କ ଚିତ୍ରକଳା ତଥା ଅଞ୍ଚଳ ନିର୍ମିତ ବିଭିନ୍ନ ଜିନିଷର ପ୍ରଦର୍ଶନୀ ସହିତ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ହୋଇଥିଲା। ପାଲା ତଥା ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ପିଇଓ ପ୍ରଶନ୍ନ ଦାସ, ଯୋଗାଣ ସହାୟକ କୃଷ୍ଣ ଚନ୍ଦ୍ର ବେହେରା, ଜିଆରଏସ ଦୁଷ୍ମନ୍ତ ପଣ୍ଡା, ଜେଇ ପ୍ରତାପ ଭୋଇ, ରଞ୍ଜିତ ପାଣ୍ଡେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡକରାରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-217 ◆BHUBANESWAR ◆THURSDAY ◆1 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୭ ◆ଭୁବନେଶ୍ୱର ◆ଗୁରୁବାର ◆୧ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


## ୨ ଦିନ କିଛି ଜିଲ୍ଲାରେ ବର୍ଷା ଓ କୋହଲା ପାଗ

■ **ଭୁବନେଶ୍ୱର, ୩୧ ।୧(ସମିସ):** ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ଜିଲ୍ଲାରେ କୋହଲା ପାଗ ସାଙ୍ଗକୁ ହାଲୁକା ବର୍ଷା ହୋଇପାରେ । ପଶ୍ଚିମା ଝଡ଼ ପ୍ରଭାବରେ ଗୁରୁବାର ଉତ୍ତର ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଏବଂ ମୟୂରଭଞ୍ଜରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ସେହିଭଳି ୨ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର ଏବଂ କେନ୍ଦୁଝରରେ ବର୍ଷା ନେଇ ଆକଳନ କରାଯାଇଛି । ୩ ତାରିଖ ବେଳକୁ ରାଜ୍ୟରେ ପୁଣି ପାଗରେ ପରିବର୍ତ୍ତନ ଆସିବ ଓ ପାଗ ଫିଟିବ ବୋଲି ପାଣିପାଗ କେନ୍ଦ୍ର କହିଛି । ବାୟୁମଣ୍ଡଳରେ ଜଳୀୟ ବାଷ୍ପର ପରିମାଣ ଅଧିକ ରହୁଥିବାରୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଅନୁଭୂତ ହେବ । ବିଶେଷ କରି କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଏବଂ ନୟାଗଡ଼ରେ ହାଲୁକା କୁହୁଡ଼ି ଦୃଶ୍ୟମାନ ହେବ । ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନଥିବାରୁ ୪, ୫ ଏବଂ ୬ ତାରିଖ ପର୍ଯ୍ୟନ୍ତ ସାରା ଓଡ଼ିଶାର ପାଗ ଶୁଖିଲା ରହିବ । ଗତ ୨୪ ଘଣ୍ଟାରେ ଚାନ୍ଦବାଲି ଏବଂ ଅନୁଗୁଳରେ ଘନ କୁହୁଡି ଦୃଶ୍ୟମାନ ହୋଇଥିବା ବେଳେ ବାରିପଦା, କେନ୍ଦୁଝର ଏବଂ ଭବାନୀପାଟଣାରେ ହାଲୁକା କୁହୁଡ଼ି ଅନୁଭୂତ ହୋଇଛି । ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ୧୦.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।


DSPL-596

ଆମ ଓଡ଼ିଶା ନବୀନ ଓଡ଼ିଶା

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ବି.ଏସ୍.କେ.ୱାଇ ନବୀନ କାର୍ଡ଼

ବି.ଏସ୍.କେ.ୱାଇ ନବୀନ କାର୍ଡ଼ ପଞ୍ଜୀକରଣର ସମୟସୀମା
୮ ଫେବୃଆରୀ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି

ଦରଖାସ୍ତ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧିତ କୌଣସି ସହାୟତା, ଆପତ୍ତି ଓ ଅଭିଯୋଗ ଆଦି ନିମନ୍ତେ ଦରଖାସ୍ତକାରୀ ବି.ଏସ୍.କେ.ୱାଇ କାର୍ଡ଼ ସହାୟତା ନମ୍ବର - ୧୫୫୩୬୯ କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ ।

"ପ୍ରତିଟି ଜୀବନ ମୂଲ୍ୟବାନ"
ମୁଖ୍ୟମନ୍ତ୍ରୀ, ଓଡ଼ିଶା



OIPR-10001/13/0170/2324


**ଆଇପିଏସ୍‌ସ୍ତରରେ ଛୋଟ ଅଦଳବଦଳ**

## ବ୍ରିଜେଶ ରାୟ ଗୁଇନ୍ଦା(ସିକ୍ୟୁରିଟି ୱିଙ୍ଗ) ଡିଆଇଜି

■ **ଭୁବନେଶ୍ୱର, ୩୧।୧ (ସମିସ):** ୧୯୮୯ ମସିହା ବ୍ୟାଚର ବରିଷ୍ଠ ଆଇପିଏସ୍ ବି. ରାଧିକା ସ୍ୱେଚ୍ଛାକୃତ ଅବସର ଆବେଦନକୁ ଗ୍ରହଣ କରିଛନ୍ତି ରାଜ୍ୟ ସରକାର । ଶ୍ରୀମତୀ ରାଧିକା ଆସନ୍ତା ଜୁଲାଇ ମାସରେ ଅବସର ଗ୍ରହଣ କରିଥାନ୍ତେ; ମାତ୍ର ଏହାର ୬ ମାସ ପୂର୍ବରୁ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି । ଶ୍ରୀମତୀ ରାଧିକା ସମ୍ପ୍ରତି ପୁଲିସ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ସହ ଏସ୍ଏଫ୍ଏସ୍ଏଲ୍(ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର)ର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଗତ ଡିସେମ୍ବର ୩୧ ତାରିଖ ଓ ଜାନୁଆରୀ ୧୧ ତାରିଖରେ ସେ ସେବା ନିବୃତ୍ତ ହେବା ନିମନ୍ତେ କରିଥିବା ଅନୁରୋଧ ଆଧାରରେ ସରକାର ଏଥିଲାଗି ଅନୁମତି ପ୍ରଦାନ କରିଛନ୍ତି ।



**ବି. ରାଧିକାଙ୍କ ସ୍ୱେଚ୍ଛାକୃତ ଅବସରକୁ ଅନୁମୋଦନ**

ଅନ୍ୟପକ୍ଷରେ ବୁଧବାର ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍‌ସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି । ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ୧୯୯୮ ବ୍ୟାଚର ଆଇପିଏସ୍ ଦୟାଳ ଗଙ୍ଗୱାରଙ୍କୁ ପୁଲିସ ଆଧୁନିକୀକରଣର ଏଡିଜି ରୂପେ ନିଯୁକ୍ତି ଦିଆଯାଇଛି । ଶ୍ରୀ ଗଙ୍ଗୱାର ସମ୍ପ୍ରତି ରେଳବାଇ ଏବଂ ଉପକୂଳ ସୁରକ୍ଷାର ଏଡିଜି ରୂପେ କାର୍ଯ୍ୟ କରୁଛନ୍ତି । ଅନୁରୂପ ଭାବରେ ୧୯୯୮ ବ୍ୟାଚର ଆଇପିଏସ ତଥା ପୁଲିସ ଆଧୁନିକୀକରଣ ଏଡିଜି ରାଜେଶ କୁମାରଙ୍କୁ ରେଳବାଇ ଏବଂ ଉପକୂଳ ସୁରକ୍ଷାର ଏଡିଜି ଦାୟିତ୍ୱ ପ୍ରଦାନ କରାଯାଇଛି । ଏହା ସହ ସେ ଏସଏଫଏସଏଲ(ରାଜ୍ୟ ଅପରାଧ ବିଧି ବିଜ୍ଞାନଗାର)ର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ସେହିପରି ୨୦୦୭ ବ୍ୟାଚ୍ ଆଇପିଏସ୍ ଅଶ୍ୱିନୀ କୁମାରଙ୍କୁ ଭୁବନେଶ୍ୱର-କଟକ ଦ୍ୱୈତନଗରୀର ଅତିରିକ୍ତ ପୁଲିସ କମିଶନର ଭାବେ ଅବସ୍ଥାପିତ କରାଯାଇଛି । ପୂର୍ବରୁ ସେ ସ୍ପେଶାଲ ଆର୍ମଡ ଫୋର୍ସ(ଏସ୍ଏପି)ର ଡିଆଇଜି ଭାବେ କାର୍ଯ୍ୟରତ ଥିଲେ । ଏହାବ୍ୟତୀତ ୨୦୦୯ ବ୍ୟାଚ୍ ଆଇପିଏସ୍ ବ୍ରିଜେଶ କୁମାର ରାୟଙ୍କୁ ଗୁଇନ୍ଦା(ସିକ୍ୟୁରିଟି ୱିଙ୍ଗ)ର ଡିଆଇଜି ଭାବେ ନୂଆ ଦାୟିତ୍ୱ ମିଳିଛି । ସମ୍ପ୍ରତି ଶ୍ରୀ ରାୟ ଭୁବନେଶ୍ୱର-କଟକ ଦ୍ୱୈତନଗରୀର ଅତିରିକ୍ତ ପୁଲିସ କମିଶନର ଭାବେ କାର୍ଯ୍ୟରତ ଅଛନ୍ତି ।

**ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା**

## ୫ କୃଷି ଅଧିକାରୀ ଓ କର୍ମଚାରୀ ବହିଷ୍କୃତ

■ **ଭୁବନେଶ୍ୱର, ୩୧।୧ (ସମିସ):** ରାଜ୍ୟ ସରକାର ସବୁବେଳେ ଦୁର୍ନୀତି ପ୍ରତି ଶୂନ ସହନଶୀଳତା ଆଭିମୁଖ୍ୟ ପ୍ରଦର୍ଶନ କରି ଆସିଛନ୍ତି । ଯେତେ ପ୍ରଭାବଶାଳୀ ଅଧିକାରୀ ହୁଅନ୍ତୁ ନା କାହିଁକି, ଦୁର୍ନୀତିରେ ସେମାନେ ଲିପ୍ତ ଥିବାନେଇ ପ୍ରମାଣ ମିଳିବା ମାତ୍ରେ ରାଜ୍ୟ ସରକାର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଏଯାବତ୍ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ଦୁର୍ନୀତିରେ ସମ୍ପୃକ୍ତ ଥିବାନେଇ ପ୍ରମାଣ ମିଳିବା ପରେ ଚାକିରିରୁ ବହିଷ୍କୃତ ହୋଇ ସାରିଲେଣି । ଏହିକ୍ରମରେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ, କାର୍ଯ୍ୟରେ ଖିଲାପ ଏବଂ ଗୁରୁତର ଅସଦାଚରଣ ଅଭିଯୋଗରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୫ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି । ଏନେଇ ବୁଧବାର ବିଭାଗ ପକ୍ଷରୁ ସବିଶେଷ ସୂଚନା ପ୍ରଦାନ କରାଯାଇଛି ।

**ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ, କାର୍ଯ୍ୟରେ ଖିଲାପ ଏବଂ ଅସଦାଚରଣ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ**

ବହିଷ୍କୃତ କିମ୍ବା ବାଧ୍ୟତାମୂଳକ ଅବସର ଦିଆଯାଇଥିବା କର୍ମଚାରୀଙ୍କ ମଧ୍ୟରୁ ଜଣେ ପୂର୍ବତନ ସହକାରୀ କୃଷି ଯନ୍ତ୍ରୀ, ଜଣେ ପୂର୍ବତନ ଉଦ୍ୟାନକୃଷି ଉପନିର୍ଦ୍ଦେଶକ, ଜଣେ ପୂର୍ବତନ ମୃତ୍ତିକା ସଂରକ୍ଷଣ ଓଭର୍‌ସିଅର ଏବଂ ଦୁଇଜଣ ପୂର୍ବତନ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି । ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ ସହକାରୀ କୃଷି ଯନ୍ତ୍ରୀ ଏବଂ ଗୁରୁତର ଅସଦାଚରଣ ଅଭିଯୋଗରେ ବିଭାଗୀୟ ଶୃଙ୍ଖଳା କମିଟିର ସୁପାରିସକ୍ରମେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି । ସେହିପରି ପୂର୍ବତନ ଉଦ୍ୟାନକୃଷି ଉପନିର୍ଦ୍ଦେଶକଙ୍କୁ ସରକାରୀ ଅର୍ଥର ଅପବ୍ୟବହାର ଓ ଅସଦାଚରଣ ଅଭିଯୋଗରେ ଏବଂ ଆଉ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଅସଦାଚରଣ ଓ କାର୍ଯ୍ୟରେ ଖିଲାପ ଯୋଗୁଁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସେହିପରି ପୂର୍ବତନ ମୃତ୍ତିକା ସଂରକ୍ଷଣ ଓଭରସିଅରଙ୍କୁ ଭିଜିଲାନ୍ସ ଟ୍ରାପ୍ କେଶ୍ ଅଭିଯୋଗରେ ଆଗୁଆ ଅବସର ଦିଆଯାଇଛି ।


DSPL-599

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

କାଳିଆ ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ



କାଳିଆ ହିତାଧିକାରୀ ପରିବାରର ପିଲାମାନଙ୍କ ପାଇଁ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନୂଆବର୍ଷ ଭେଟି ପରିବର୍ଦ୍ଧିତ 'କାଳିଆ ଛାତ୍ରବୃତ୍ତି'

- ସମସ୍ତ ସରକାରୀ ଓ ବେସରକାରୀ AISHE ମାନର ଶିକ୍ଷାନୁଷ୍ଠାନ ସହ IIT, IIM, NIT, AIIMS ଏବଂ ICAR ଗୁଡିକରେ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପାଇଁ ମିଳିବ ଆର୍ଥିକ ସହାୟତା
- ସରକାରୀ ଶିକ୍ଷାନୁଷ୍ଠାନର ସମସ୍ତ ଖର୍ଚ୍ଚ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନର ନିର୍ଦ୍ଧାରିତ ହାରରେ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ କୃଷକ ପରିବାରର ମେଧାବୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ 'କାଳିଆ ଛାତ୍ରବୃତ୍ତି' ଆଣିଛି ଅପୂର୍ବ ସୁଯୋଗ

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଅନ୍‌ଲାଇନ୍ ପଞ୍ଜିକରଣର ସମୟସୀମା:
ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି



ଯୋଗ୍ୟ ଶିକ୍ଷାର୍ଥୀ ଆବେଦନ କରନ୍ତୁ:
www.scholarship.odisha.gov.in
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:
୧୫୫୩୩୫, ୧୮୦୦-୩୪୫-୬୭୭୦

"କୃଷକ ପରିବାରର ପିଲାମାନଙ୍କୁ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପ୍ରଦାନ କରି ରାଜ୍ୟର କୃଷକମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ମୋ ସରକାର ପ୍ରତିବଦ୍ଧ"
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

OIPR-01510/13/0017/2324

ଜିଲ୍ଲା ମୁଖ୍ୟ ଡାକ୍ତରଖାନା ରାସ୍ତା ଟ୍ରାଫିକ ସମସ୍ୟା

# ଆମ୍ବୁଲାନ୍ସ ଯିବାକୁ ମିଳୁନି ବାଟ, ହନ୍ତସନ୍ତ ଲୋକେ

ବରଗଡ଼, ୩୧।୧(ସମିସ)

ବରଗଡ଼ ସହରରେ ଟ୍ରାଫିକ ସମସ୍ୟା ନେଇ ଜନସାଧାରଣ, ବିଶେଷ କରି ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ବିଭିନ୍ନ ଛକ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ସହ ବର୍ତମାନ ବିବାହ ଋତୁରେ ରାସ୍ତା ଅବରୋଧ କରି ଶୋଭାଯାତ୍ରା ମାନ ଆୟୋଜନ ହେବା ଯୋଗୁଁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହୋଇପଡୁଛି। ବିଶେଷ କରି ଟ୍ରାଫିକ ସମସ୍ୟା ଯୋଗୁଁ ଭଟଲି ଛକ ରାସ୍ତାରେ ଆମ୍ବୁଲାନ୍ସକୁ ମଧ ବାଟ ମିଳୁ ନ ଥିବା ଦେଖିବାକୁ ମିଳୁଛି। ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ସୁଧାରିବାରେ ପୁଲିସ ପ୍ରଶାସନର ଆନ୍ତରିକତା ନ ଥିବା ପରିଲକ୍ଷିତ ହେଉଛି।

ଗୋଟିଏ ପଟେ ତ୍ରୁଟିପୂର୍ଣ୍ଣ ଟ୍ରାଫିକ ପୋଷ୍ଟ ନିର୍ମାଣ ସହ ଅନ୍ୟ ପଟେ ଜବରଦଖଲକାରୀଙ୍କ କବଜାରେ ରାସ୍ତାଘାଟ। ସେହିପରି ବର୍ତ୍ତମାନ ସମୟରେ ରାସ୍ତାରେ ଚାଲୁଥିବା ବିବାହ ଶୋଭାଯାତ୍ରା ଯୋଗୁଁ ଅନେକ ସମୟରେ ରାସ୍ତା ଜାମ। ଏପରି ସ୍ଥିତିରେ ସାଧାରଣ ଲୋକଙ୍କ କଥା କିଏ ବା ପଚାରେ !

ଡାକ୍ତରଖାନା ଯାଉଥିବା ଆମ୍ବୁଲାନ୍ସ ମଧ ଟ୍ରାଫିକ ସମସ୍ୟାରେ ଫସି ରହୁଛି ଦୀର୍ଘ ସମୟ ଧରି। ଏପରି ସ୍ଥିତି ନିତିଦିନିଆ ହୋଇଛି ବରଗଡ଼ ସହରରେ। ବିଶେଷ କରି ଭଟଲି ଛକରୁ ଟୁକୁର୍ଲା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇଥିବା ରାସ୍ତାରେ ସବୁବେଳେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ଭଟଲି ଛକ




ରାସ୍ତାରୁ ଜିଲ୍ଲା ମୁଖ୍ୟରାସ୍ତାରେ ରାଣା ପ୍ରତାପ ସ୍କୁଲ, ରୋଟାରି ପବ୍ଲିକ ସ୍କୁଲ, ଲ' କଲେଜ, ସଂସ୍କାର ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ଇମ୍ପେରିୟଲ କଲେଜ ପରି ବହୁ ଶିକ୍ଷାନୁଷ୍ଠାନ ରହିଛି। ଯାହାକୁ ନେଇ ପ୍ରତ୍ୟହ ହଜାର ହଜାର ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି। ସେହିପରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇଥିବା ଏହି ରାସ୍ତାରେ ପ୍ରାୟତଃ ଆମ୍ବୁଲାନ୍ସଠାରୁ ଆରମ୍ଭ କରି ରୋଗୀ ତଥା ତାଙ୍କ ସମ୍ପର୍କୀୟମାନେ ଯାତାୟାତ କରିଥାନ୍ତି। ଛତିଶଗଡ଼ର ରାୟଗଡ଼କୁ ଲମ୍ବି ଯାଇଥିବା ଏହି ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ଭାବରେ ପରିଗଣିତ ହୋଇଥିବା ବେଳେ ଅନେକଗୁଡିଏ ଶିକ୍ଷାନୁଷ୍ଠାନ ମଧ ରହିଛି। ଯଦ୍ୱାରା ଭଟଲି ଛକରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପ୍ରାୟ ୮ କିଲୋମିଟର ରାସ୍ତାରେ ସବୁବେଳେ ଭିଡ ଲାଗି ରହିଥାଏ। ଏପରି ସ୍ଥିତିରେ ଭଟଲି ଛକ ଆରମ୍ଭରୁ ଉକ୍ତ ରାସ୍ତା ଉପରେ ଯାନବାହନ ଅବ୍ୟସ୍ଥିତ ଭାବରେ ପାର୍କିଂ କରାଯାଉଛି। ସେହିପରି ଏଠାରେ ଥିବା କଲ୍ୟାଣ ମଣ୍ଡପରେ ହେଉଥିବା ବିବାହ ଉତ୍ସବର ଶୋଭାଯାତ୍ରା ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରି ପକାଉଛି। ବିବାହ ଶୋଭାଯାତ୍ରା ଯୋଗୁଁ ବହୁ ସମୟରେ ରାସ୍ତା ଜାମ ହେବା ସହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏପରିକି ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ଯାତାୟତରେ ଅସୁବିଧା ପରିଲକ୍ଷିତ ହେଉଛି। ଏପରି ସ୍ଥିତିରେ ଯେ କୌଣସି ସମୟରେ ଟ୍ରାଫିକରେ ରୋଗୀଙ୍କ ଜୀବନହାନି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଆଉ ମଧ ବହୁ ସମୟରେ ଏହି ଛକ ତଥା ରାସ୍ତାରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଅନୁରୂପ ଭାବେ ବରଗଡ଼ ସହରର ଘରୋଇ ବସଷ୍ଟାଣ୍ଡ ରାସ୍ତାରୁ ବାହାରି ବହୁ ଗାଡି ଭୁଲ ରାସ୍ତାରେ ଯାଉଥିବା ଏକ ନିତିଦିନିଆ ଘଟଣା। ଫଳରେ ପ୍ରଶାସନ ଭଟଲି ଛକଠାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ରାସ୍ତା ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥାର ସୁବନ୍ଦୋବସ୍ତ କରିବା ଜରୁରୀ ହୋଇପଡ଼ିଛି।

ଅମ୍ବାଭୋନା ପୁଲିସର ଚଢ଼ଉ

## କଫ୍ ସିରପ ଜବତ, ଜଣେ ଗିରଫ

ଅମ୍ବାଭୋନା, ୩୧।୧(ସମିସ): ଅମ୍ବାଭୋନା ଥାନା ଭୁକ୍ତା ଗ୍ରୀଡ୍ କାର୍ଯ୍ୟାଳୟ ନିକଟରେ ବେଆଇନ କଫ ସିରପ କାରବାର ଖବର ପାଇ ଅମ୍ବାଭୋନା ପୁଲିସ ଚଢ଼ଉ କରି କପାସିରା ନିବାସୀ ଭୁସକ୍କା ଓରଫ ଖଗେଶ୍ୱର ପଧାନ (୨୫ ବର୍ଷ) କୁ ଧରିବାରେ ସକ୍ଷମ ହୋଇଛି। ଅନ୍ୟ ଅଭିଯୁକ୍ତ ଚିଣ୍ଟୁ ଓରଫ ସୁମନ୍ତ ପଧାନ (୨୧ ବର୍ଷ) ଘଟଣାସ୍ଥଳରୁ ଚମ୍ପଟ ମାରିଛି। ସେମାନଙ୍କଠାରୁ ବ୍ୟବହୃତ ମୋଟର ସାଇକଲ, ନଗଦ ୭୨୦ ଟଙ୍କା, ଏକ ମୋବାଇଲ, ୧୦ଟି ଆଲପ୍ରାଉଇନ ଟେବଲେଟ ଏବଂ ୫୫ ବୋତଲ କଫ ସିରପ ଜବତ ହୋଇଛି। ଏହାସହ ବ୍ୟବହୃତ ପାଣି ବୋତଲ, ଡିସପୋଜଲ ଗ୍ଲାସ ଏବଂ ଏନାର୍ଜୀ ଷ୍ଟ୍ରିଙ୍ଗସ ମଧ ପୁଲିସ ଜବତ କରିଛି। ଅମ୍ବାଭୋନା ଥାନାରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ପ୍ରକାଶ କରିଛନ୍ତି।



## ସରଲା-ଜମୁର୍ଡା ବିଜୁ ସେତୁର ଶିଳାନ୍ୟାସ ଉତ୍ସବ




ବରଗଡ଼, ୩୧।୧(ସମିସ): ବରଗଡ଼ ସଦର ବ୍ଲକ ସରଲା-ଜମୁର୍ଡା ରାସ୍ତାର ଦନ୍ତା ନଦୀ ଉପରେ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବିଜୁ ସେତୁ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ସମ୍ମାନିତ ଅତିଥି ଭାବେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସ୍ଥାନୀୟ ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ଯକ୍ଷ ରାଏ, ଆବୁ ରାଓ, ପାଣ୍ଡବ ସାହୁ, ଏଙ୍କଟ ରାଓ ପ୍ରମୁଖ ଯୋଗ ଦେଇଥିଲେ। ସରଲା-ଜମୁର୍ଡା ରାସ୍ତା ଦନ୍ତା ନଦୀ ଉପରେ ଏକ ପୋଲ ନିର୍ମାଣ ପାଇ ଜନସାଧାରଣ ଦୀର୍ଘଦିନରୁ ଦାବି କରି ଆସୁଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉଦ୍ୟମରେ ରାଜ୍ୟ ସରକାର

**୧୦ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବ**

ଏହି ବ୍ରିଜ ନିର୍ମାଣ ପାଇଁ ୧୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିବାରୁ ଅଞ୍ଚଳବାସୀ ବିଧାୟକଙ୍କୁ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ବିଜେପୁର ଭାୟା ଗୁଦେରପାଲି ଦୁବୁଲାବାହାଲ ରାସ୍ତାର ଭିତ୍ତିପ୍ରସ୍ତର

ଗୁଦେରପାଲି/ବିଜେପୁର, ୩୧।୧ (ସମିସ): ବିଜେପୁର ବ୍ଲକ ଅନ୍ତର୍ଗତ ଝିଲ୍ଲୀ ନାଳାଠାରେ ଦ୍ୱିତୀୟ ପର୍ଯ୍ୟାୟରେ ଗୁଦେରପାଲି ଦେଇ ଦୁବୁଲାବାହାଲ ଛକ ପର୍ଯ୍ୟନ୍ତ ପ୍ରାୟ ୨୮/୫୦୦ କିମି ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟର ଉଦ୍‌ଘାଟନ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ତଥା ଶୁଭାରମ୍ଭ ଅବସରରେ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ନେହେରୁ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ମତିରାମ ସାହୁ, ଚାଷୀନେତା କିଶୋରଚନ୍ଦ୍ର ଦେବତା, ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗ ସୁଦାମ ସାହୁ, ଉମା ବେଶନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରାଜକୁମାରୀ ମହାପାତ୍ରଙ୍କ ସମେତ ଜାଙ୍ଗିଂ ସରପଞ୍ଚ ମଞ୍ଚାସୀନ ଥିଲେ। ଏହି ସଭାରେ ବିଜେପୁର ବ୍ଲକ ଏବଂ ଗାଇସିଲେଟ ବ୍ଲକର ଜନସାଧାରଣ ଉପସ୍ଥିତ ଥିଲେ।



ସମାଜସେବୀ ସଂଘମିତ୍ରାଙ୍କ ଉଦ୍ୟମ

## ରେଳ ଷ୍ଟେସନରୁ ଉଦ୍ଧାର ନାବାଳିକା ଘରେ ପହଞ୍ଚିଲା

ବରଗଡ଼, ୩୧।୧ (ସମିସ): ବୁଧବାର ସକାଳେ ବରଗଡ଼ ରେଳ ଷ୍ଟେସନରେ ଜଣେ ନାବାଳିକାକୁ ଉଦ୍ଧାର କରାଯାଇ ତାକୁ ତା'ର ଘରେ ପହଞ୍ଚାଇ ଦିଆଯାଇଛି। ବରିଷ୍ଠ ସମାଜସେବୀ ସଂଘମିତ୍ରା ପଟେଲ ନାବାଳିକା ଜଣକ ବିଷୟରେ ଜାଣିବା ପରେ ତାଙ୍କରି ଉଦ୍ୟମରେ ବାପା-ମା'ଙ୍କୁ ଯୋଗାଯୋଗ କରାଯାଇ ଉକ୍ତ ଝିଅକୁ ତା'ର ଘରେ ପହଞ୍ଚାଇ ଦିଆଯାଇଛି। ସୂଚନା ଅନୁସାରେ, ଉକ୍ତ ଝିଅକୁ ରେଳ ଷ୍ଟେସନ୍‌ରେ ବୁଲୁଥିବା ଦେଖି ରେଳବାଇ ପୁଲିସ୍ ସନ୍ଦେହ କରି ଝିଅକୁ ପଚରାଉଚରା କରିଥିଲା। ରେଳବାଇ ପୁଲିସ୍ ସାଜାଦ ହୁସେନ ସମାଜସେବୀ ସଂଘମିତ୍ରା ପଟେଲଙ୍କ ସଙ୍ଗେ ଯୋଗାଯୋଗ କରିଥିଲେ। ପରେ ଝିଅଟିକୁ ହନୁମାନ ମନ୍ଦିରର ଭୋଗ ଖୁଆଇ ତା ପରିବାର ବର୍ଗଙ୍କ ଠିକଣା ଜାଣିବା ପରେ ଯୋଗାଯୋଗ କରିଥିଲେ। ପରିବାରର ଲୋକମାନେ ଆସି ତାକୁ ଘରକୁ ନେବା ପାଇଁ ଅନୁରୋଧ କରିଥିଲେ। ଏ ସମସ୍ତ ବିଷୟରେ ବରଗଡ଼ ଥାନାଧିକାରୀ ସତ୍ୟଜିତ କନ୍ଦେଲକରଙ୍କୁ ସୂଚନା ଦିଆଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ବିଧାୟକ ଦେବେଶ ଆଚାର୍ଯ୍ୟ, ଅତିବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲା ବିଜେଡି ସଭାପତି ପ୍ରଭାସ ସିଂ ପ୍ରମୁଖ ସଂଘମିତ୍ରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ଆମ ପୁଲିସ ସମିତି କାର୍ଯ୍ୟକ୍ରମ

ପଦ୍ମପୁର/ଝାରବନ୍ଧ, ୩୧।୧ (ସମିସ): ଝାରବନ୍ଧ ପୁଲିସ ପକ୍ଷରୁ ଥାନା ପରିସରରେ ଆମ ପୁଲିସ ସମିତି ବୈଠକ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଶୁଚିସ୍ମିତା ମହାନ୍ତି ପୁଲିସ ଓ ଜନସାଧାରଣଙ୍କ ଉତ୍ତମ ସଂପର୍କ ରହିବା ଦ୍ୱାରା ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ଏବଂ ପୋଲିସ ପ୍ରତି ସମସ୍ତଙ୍କ ସୁସଂପର୍କ ରହିବା ଆବଶ୍ୟକ ବୋଲି କହିଥିଲେ। ସମିତି ବୈଠକରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।



## ସଂସ୍କୃତ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ପଦ୍ମପୁର, ୩୧।୧ (ସମିସ): ପଦ୍ମପୁର ଉପଖଣ୍ଡ ଜଗଦଲପୁର ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପୂର୍ଣ୍ଣାନନ୍ଦ ଭୋଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ଏକ ସଭାରେ ପ୍ରଧାନଶିକ୍ଷକ ଅଶ୍ୱିନୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷକ ହରିଶ୍ଚନ୍ଦ୍ର ପଟେଲ ସଂଯୋଜନା କରିଥିଲେ। ଅବସର ନେଇଥିବା ଶିକ୍ଷକ ଜଣେ ସମୟାନୁବର୍ତ୍ତୀ, ନିଷ୍ଠାପର, କର୍ତ୍ତବ୍ୟପରାୟଣ, ସର୍ବଜନପ୍ରିୟ ସଫଳ ଶିକ୍ଷକ ଥିଲେ। ଅବସର ସମୟ ସମାଜର ବହୁମୂଲ୍ୟ ସେବାରେ ନିଜକୁ ସମର୍ପିତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୂର୍ବତନ ଶିକ୍ଷକ ପ୍ରୀତିରଞ୍ଜନ ପଧାନ, ରାଜକିଶୋର ପଟେଲ, ଗୋଲକ ପ୍ରସାଦ ପ୍ରଧାନ, କୃଷ୍ଣଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ ଶ୍ରୀଯୁକ୍ତ ଭୋଇଙ୍କ ଭବିଷ୍ୟତ ଜୀବନ ସୁସ୍ଥ ଓ ନିରାମୟ କାମନା କରିଥିଲେ।

## ସନ୍‌ରାଇଜ୍ କପ୍ କ୍ରିକେଟ୍ ଉଦ୍‌ଘାଟିତ

ପଦ୍ମପୁର, ୩୧।୧(ସମିସ): ଜମଲାଠାରେ ୨୪ତମ ସନରାଇଜ କପ୍ କ୍ରିକେଟ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ବୁଧବାର ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣିମା ରଣା ମୁଖ୍ୟଅତିଥି ଏବଂ ସରପଞ୍ଚ ଐଶ୍ୱର୍ଯ୍ୟ ପାଣିଗ୍ରାହୀ ଓ ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନିଞ୍ଜା ପଦ୍ମପୁର ଦଳ କ୍ୱାର୍ଟର ଫାଇନାଲ ମ୍ୟାଚରେ ଘନାମାଲ ଦଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ରବିରଞ୍ଜନ ପୁରୋହିତ ଓ ରାଜେଶ ବାରିକ ଅତିଥି ରୂପେ ନିଞ୍ଜା ପଦ୍ମପୁର ଦଳର ମହେଶଙ୍କୁ ମେନ ଅଫ ଦି ମ୍ୟାଚ ପ୍ରଦାନ କରିଥିଲେ। ମ୍ୟାଚରେ ପିଣ୍ଟୁ, ମଙ୍ଗଲୁ, ବିକାଶ, କୃପା ଅମ୍ପାୟାର ଥିଲେ। ପ୍ରିୟବ୍ରତ ଓ ପ୍ରଦୀପ ସ୍କୋର ଦାୟିତ୍ୱ ତୁଲାଇଥିଲେ। ବିକାଶ ଓ ଆନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ସନରଆଇଜ କ୍ଲବର ରାହୁଲ, ଜୁବଲୁ, ରିଷି, ଭାଗ୍ୟବାନ ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।



## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦହିତା, ୩୧।୧ (ସମିସ): ପଦ୍ମପୁର ଉପଖଣ୍ଡ ଦହିତାସ୍ଥିତ ଗଙ୍ଗାଧର ମେହେର ସରକାରୀ ହାଇସ୍କୁଲର କ୍ରୀଡା ଶିକ୍ଷକ ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ପଟେଲ, ଅଡଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଯୁଧିଷ୍ଠିର ଦାଶ, ପରିଚାଳନା କମିଟିର ସଭାପତି ଉପେନ୍ଦ୍ର ପଟେଲ, ଜିଲ୍ଲା ପରିଷଦ ସଦସ୍ୟ ତଥା ମୋ ସ୍କୁଲ ଅଭିଯାନର ସଭାପତି ମକରଧ୍ୱଜ ବଗାର, ନେତାଜୀ କ୍ଲବର ସଭାପତି ସରୋଜ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଷୀରୋଦ୍ର ନାଥ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ପାଣିଗ୍ରାହୀ କହିଥିଲେ, ବିଦ୍ୟାଳୟ ପ୍ରତି ତାଙ୍କ ସ୍ନେହ, ଶ୍ରଦ୍ଧା ଏବଂ ନିଷ୍ଠା ଜାରି ରହିବ। କିଶୋର କୁମ୍ଭାର, ଲିଙ୍ଗରାଜ ଥନାପତି, ରେବତୀ ବିଶି, ଶେଷଦେବ ସାହୁ, ଅଞ୍ଜଳି ବେହେରା, ତ୍ରୈଲୋକେଶ ବରିହା, ସୋନାଲିକା ଶବର, ଦୀପକ ସିଂ ବରିହା, ଶେଷଦେବ ମେହେର, ଚୁଳସୁନ୍ଦର ମେହେର, ବାସୁଦେବ ପାଣିଗ୍ରାହୀ, ହୀରାଧର ଭୋଇ, ଚଞ୍ଚଳା ସାହୁ ଉପସ୍ଥିତ ଥିଲେ।




## ଭେଡେନ ବ୍ଲକ୍‌ର ଚାରି ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଥୁଆପାଲି, ୩୧।୧(ସମିସ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ତିନି ଜଣ ଶିକ୍ଷକ ଓ ଜଣେ ଛାତ୍ରୀ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ଝରାପାଲି ହାଇସ୍କୁଲର ଜଣାଶୁଣା ବିଜ୍ଞାନ ଶିକ୍ଷକ ସଞ୍ଜୀବ ପ୍ରଧାନ, ରେଶମ ହାଇସ୍କୁଲର ସାମାଜିକ ବିଜ୍ଞାନ ଶିକ୍ଷକ ସର୍ଜିତ୍ ବୁଡ, ସିଆଲଖଣ୍ଡହତା ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ବିଜୁଳୀବତି ଦଳେଇ ଏବଂ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପୁରସ୍କାର ପାଇଥିବା ରେମଣ୍ଡା ବାଳିକା ହାଇସ୍କୁଲର ଛାତ୍ରୀ ଜୀନା ମେହେର। ଆୟୋଜିତ ବର୍ଣ୍ଣାଢ଼୍ୟ ରଙ୍ଗାରଙ୍ଗ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ମାନପତ୍ର, ଟ୍ରଫି ଓ ନଗଦ ରାଶିରେ ଏମାନଙ୍କୁ ପୁରସ୍କୃତ କରାଯାଇଛି। ଭେଡେନ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ ସାଧୁବାଦ ଜଣାଇବା ସହ ଶିକ୍ଷା ବିଭାଗ ତଥା ଏ ଅଞ୍ଚଳର ଶିକ୍ଷକମାନଙ୍କ ତରଫରୁ ଅନେକ ଶୁଭେଚ୍ଛାର ସୁଅ ପହଞ୍ଚିଛି।

## 'ଆମ୍ବେଦକର ଯୋଦ୍ଧା'ର ସମ୍ବିଧାନ ସଚେତନତା ସଭା

ପଦ୍ମପୁର/ଝାରବନ୍ଧ, ୩୧।୧ (ସମିସ): ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଅମଠିରେ ଆମ୍ବେଦକର ଯୋଦ୍ଧା ପକ୍ଷରୁ ସମ୍ବିଧାନ କୁଇଜ ଏବଂ ସଚେତନତା ସଭା ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ବାବା ସାହେବ ଆମ୍ବେଦକର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଗୋବର୍ଦ୍ଧନ ଛତର, ସଭାପତି ମହେଶ ବାଗ, ସମ୍ପାଦକ ପୀତାମ୍ବର ବାଗ, ଝାରବନ୍ଧ ବ୍ଲକ ସଭାପତି ପ୍ରଦୀପ ଦୀପ, ପାଇକମାଳ ବ୍ଲକ ସଭାପତି ତ୍ରିଲୋଚନ ସୁନା, ପଦ୍ମପୁର ଉପଖଣ୍ଡ ସଭାପତି ଡୋଳାମଣି ସୁନା, ଜିଲ୍ଲା ସଭାପତି କୁଶ ତାଣ୍ଡି, ଯୁବ ସମାଜସେବୀ ଆଇନ ଛାତ୍ର ସୁଜନ ବାଗ, ଆଇନଜୀବୀ ସରୋଜ ସୁନା, ପଦ୍ମପୁର ସଂଯୋଜକ ମନୁ କୁମ୍ଭାର, ଅମଠି ପଞ୍ଚାୟତ ସଭାପତି ଲୋକନାଥ ବେଶ୍ରା, ପରମେଶ, ଝାରବନ୍ଧ ବ୍ଲକ ସମ୍ପାଦକ ଦେବଚନ୍ଦ୍ର ବାଗ, ଆନନ୍ଦ, ୱାର୍ଡ ମେମ୍ବର ସାର୍ତ୍ତିକ ବାଗ, ବିଜୟ ଲୁହାର, ତୁଳାରାମ ବାଗ, ଲଳିତ ମହାନନ୍ଦ, ଅନୁପ ବାଗ, ରଜନୀ ଛତର, ଶୁଭାସିନୀ ବାଗ, ଭଗବତୀ ତାଣ୍ଡି, ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ମେଜିକ ଚେୟାର, ସାଧାରଣ ଜ୍ଞାନ, ସମ୍ବିଧାନ କୁଇଜ, ନୃତ୍ୟ, ଗୀତ, ବକ୍ତୃତାରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମାଜ କାମରେ ଲିପ୍ତ ରହି କାମ କରି ଆସୁଥିବାରୁ ସମସ୍ତ ଆମ୍ବେଦକର ଯୋଦ୍ଧା କାର୍ଯ୍ୟକାରୀ କମିଟିକୁ ସମ୍ମାନିତ କରାଯାଇଥିଲା। ପଦାଧିକାରୀବୃନ୍ଦ ବକ୍ତବ୍ୟ ରଖିଥିଲେ। ସୁଜନ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଅମ୍ବାଭୋନା, ୩୧।୧(ସମିସ): ଅମ୍ବାଭୋନା ବ୍ଲକ ବିର୍ଜୁପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଉଦ୍ଧବ ସୁପକାରଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଡୋଳାମଣି ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅମ୍ବାଭୋନା ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ଭାବନା ସାହୁ ମୁଖ୍ୟଅତିଥି, ବୈଷ୍ଣବ ଭୋଇ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜକୁମାର ବଘେଲ, ମିଳନ ପଟେଲ, ଭଗବତୀ ଜାମଡୁଳିଆ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ଭୋଗିଲାଲ ନାଏକ ସଭାର ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଛାତ୍ରଛାତ୍ରୀମାନେ ସଙ୍ଗୀତ ଗାନ କରିଥିଲେ। ରାମେଶ୍ୱର ଭୋଇ ସଭା ପରିଚାଳନା କରିଥିବା ବେଳେ ଚୌଧୁରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ମାନପୁର ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା

ଥୁଆପାଲି, ୩୧।୧(ସମିସ)

ଭେଡ଼େନ ବ୍ଲକ୍ ପଞ୍ଚାୟତ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତାବିରା ଆରଏମସି ଉପାଧ୍ୟକ୍ଷ ସୁବାସଚନ୍ଦ୍ର ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତାଦଳର ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ବିଡିଓ ତ୍ରିପୁରା ମହାନନ୍ଦ, ବିଡିଓ ପ୍ରିତେଶ ଦୋରା, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ସଭ୍ୟା ପିଙ୍କି ବଢ଼େଇ, ପଦ୍ମିନୀ ଗଡତିଆ ଯୋଗ ଦେଇଥିଲେ। ଭେଡେନ ପାକ୍ସ ସଭାପତି ହରିଶଂକର ବେହେରା, ମାନପୁର ସରପଞ୍ଚ ସୌଦାମିନୀ ହୋତା ଓ ଭେଡେନ ବ୍ଲକର ସମିତିସଭ୍ୟ, ସରପଞ୍ଚମାନେ ଉପସ୍ଥିତ ଥିଲେ। ମାନପୁର ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ମହିଳା ପୁରୁଷ ଯୋଗ ଦେଇଥିଲେ।



# ପରିକ୍ରମା ପ୍ରକଳ୍ପ ବୁଲିଲେ ୫ ଜିଲ୍ଲାର ୧୧ ହଜାର ଶ୍ରଦ୍ଧାଳୁ

**ପୁରୀ, ୩୧।୧ (ସମିସ):** ରାଜ୍ୟ ସରକାରଙ୍କ ସହଯୋଗରେ ବୁଧବାର ୫ ଜିଲ୍ଲାର ୧୧ ହଜାର ଶ୍ରଦ୍ଧାଳୁ ପରିକ୍ରମା ପ୍ରକଳ୍ପ ବୁଲି ଦେଖିଛନ୍ତି। ଏଥିସହ ମହାପ୍ରଭୁଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ନେଇ ଫେରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ଶ୍ରଦ୍ଧାଳୁ। ଗୁରୁବାର ୬ ଜିଲ୍ଲାରୁ

## ଆଜି ଆସିବେ ୬ ଜିଲ୍ଲାରୁ ୧୦, ୮୮୦ ଶ୍ରଦ୍ଧାଳୁ

୧୦, ୮୮୦ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣର ଅନୁଭୂତି ସାଉଣ୍ଟିବେ।

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ୫ଟି ଜିଲ୍ଲା (କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଝାରସୁଗୁଡ଼ା ଓ ସୋନପୁର)ରୁ ଯାତ୍ରୀଙ୍କୁ ଧରି ବୁଧବାର ବିଭିନ୍ନ ସମୟରେ ସମଙ୍ଗ ପାର୍କିଂରେ ପହଞ୍ଚିଥିଲା ବସ୍। କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ରାଜକନିକାର ୧୨୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୫ଟି ବସ୍‌ରେ ୨, ୪୬୦ ଜଣ, ପୁରୀ ଜିଲ୍ଲାର ନିମାପଡ଼ା, ଗୋପ, ନିମାପଡ଼ା ଏନ୍‌ଏସି, ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରୁ ୧୧୧ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୯ଟି ବସ୍‌ରେ ୨, ୨୨୦ ଜଣ, ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୩୩ଟି ପଞ୍ଚାୟତରୁ ୧୫ଟି ବସ୍‌ରେ ୬୬୦ ଜଣ, ଝାରସୁଗୁଡ଼ା ଜିଲ୍ଲାର ଲଖନପୁର, ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ଼, କୋଲାବିରା, ଲଇକେରା, କିରିମିରା ଏବଂ ଝାରସୁଗୁଡ଼ା ମ୍ୟୁନିସିପାଲିଟି ଅଞ୍ଚଳର ୧୪୪ଟି ପଞ୍ଚାୟତ ଏବଂ ୱାର୍ଡରୁ ୬୪ଟି ବସ୍‌ରେ ୨, ୮୮୦ ଜଣ, ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲି, ତରଭା, ସୋନପୁର, ବିନିକା, ସୋନପୁର ମ୍ୟୁନିସିପାଲିଟି ଉଲ୍ଲୁଣ୍ଡା ପ୍ରଭୃତି ଅଞ୍ଚଳର ୧୪୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୨, ୯୬୦ ଜଣ ଶ୍ରଦ୍ଧାଳୁ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ଼ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲାଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିଂରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ବିଶ୍ରାମ ନେଇ ପୁନଶ୍ଚ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ। ଅନ୍ୟପକ୍ଷରେ ଗୁରୁବାର ୬ ଜିଲ୍ଲାରୁ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିବେ ୧୦, ୮୮୦ ଶ୍ରଦ୍ଧାଳୁ।



ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ୯୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୧ଟି ବସ୍‌ରେ ୧, ୮୬୦ଜଣ, ଯାଜପୁର ଜିଲ୍ଲାର ୧୧୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୯ଟି ବସ୍‌ରେ ୨, ୨୦୦ ଜଣ, ମୟୂରଭଞ୍ଜ ଜିଲ୍ଲାର ୧୦୧ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୫ଟି ବସ୍‌ରେ ୨, ୦୨୦ ଜଣ, ବାଲେଶ୍ୱର ଜିଲ୍ଲାର ୧୧୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୦ଟି ବସ୍‌ରେ ୨, ୨୪୦ ଜଣ, ଅନୁଗୁଳ ଜିଲ୍ଲାର ୫୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୧, ୦୪୦ ଜଣ, ରାୟଗଡ଼ା ଜିଲ୍ଲାର ୭୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୧, ୫୨୦ ଜଣ ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବେ ବୋଲି ସ୍ଥିର ହୋଇଛି।

## ୧୬ରୁ ଜାତୀୟ ମଞ୍ଜି ଉଦ୍ୟୋଗୀଙ୍କ କର୍ମଶାଳା

**ଭୁବନେଶ୍ୱର, ୩୧।୧(ସମିସ):** ଆସନ୍ତା ୧୬ ଫେବୃଆରୀରୁ ଜାତୀୟ ମଞ୍ଜି ଉଦ୍ୟୋଗୀ ମାନଙ୍କର ଏହି କର୍ମଶାଳା ଆରମ୍ଭ ହେବ। ଏହା ୩ ଦିନ ବ୍ୟାପି ଜାରି ରହିବା ସହ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟ ସରକାରଙ୍କର କୃଷି ଅନୁଷ୍ଠାନ, କୃଷି ବିଜ୍ଞାନୀ, ଚାଷୀ ଏବଂ ମଞ୍ଜି ଉତ୍ପାଦନକାରୀ ଉଦ୍ୟୋଗୀ ଓ ଆର୍ଥିକ ସଂସ୍ଥା ମାନେ ଯୋଗଦାନ କରିବେ। ଏନେଇ ବୁଧବାର ଭୁବନେଶ୍ୱରଠାରେ ଜାତୀୟ କୃଷି ଉଦ୍ୟାନ ଗବେଷଣା କେନ୍ଦ୍ର ଓ ନର୍ମଦା ଚାରିଟେବଲ ଟ୍ରଷ୍ଟ ସମ୍ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନ ଦେଇଛନ୍ତି। ଏହି ଦୁଇ ସଂସ୍ଥା ଉଦ୍ୟମରେ ଏହି କର୍ମଶାଳା ଆୟୋଜନ ହେବାକୁ ଯାଉଥିବା ବେଳେ ରାଜ୍ୟର ମାଟି, ଜଳବାୟୁ ଏବଂ ଭୌଗଳିକ ଅବସ୍ଥିତି ମଞ୍ଜି ଉତ୍ପାଦନ ଜନିତ ଅନୁକୂଳ, ଔଦ୍ୟୋଗୀକ ଅନୁଷ୍ଠାନ ଗୁଡିକ ଏଠାରେ ଉଦ୍ୟୋଗ ସ୍ଥାପନକାରୀ ମଞ୍ଜି ଉତ୍ପାଦନ କରିବା ସମ୍ପର୍କରେ ମାନସ ମନ୍ଥନ ହେବ। ଦେଶର ସମସ୍ତ ରାଜ୍ୟ ଓ ଉଦ୍ୟୋଗୀ ମାନେ ଏଥିରେ ଯୋଗଦାନ କରିପାରିବେ। ୩ ଦିନ ବ୍ୟାପି କାର୍ଯ୍ୟକ୍ରମକୁ କେନ୍ଦ୍ର ମନ୍ତ୍ରୀ ମାନେ ଓ ବିଭିନ୍ନ ରାଜ୍ୟର ମନ୍ତ୍ରୀ ମାନେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

### ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ୍‌କୁ ଗୃହ ବିଭାଗର ମଞ୍ଜୁରୀ

## ୧୦୮୩ ପଦବୀ ସୃଷ୍ଟି

**ଭୁବନେଶ୍ୱର, ୩୧।୧(ସମିସ):** ଶ୍ରୀମନ୍ଦିରର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଓ ଭିଡ଼ ନିୟନ୍ତ୍ରଣ ଦକ୍ଷତା ବୃଦ୍ଧି ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ ଗଠନ ପ୍ରସ୍ତାବକୁ ଗୃହ ବିଭାଗ ଅନୁମୋଦନ କରିଛି। ଏଥିରେ ବିଭିନ୍ନ ର୍‍ୟାଙ୍କରେ ମୋଟ ୧୦୮୩ଟି ପଦବୀ ସୃଷ୍ଟି କରାଯାଇଛି। ପୁରୀ ଏସ୍‌ପିଙ୍କ ଅଧୀନରେ ପରିଚାଳିତ ହେବାକୁ ଥିବା ଏହି ବାଟାଲିଆନ୍ ମୁଖ୍ୟତଃ ଶ୍ରୀ ମନ୍ଦିରର ସୁରକ୍ଷା, ଭିଡ଼ ପରିଚାଳନା ଦାୟିତ୍ୱରେ ରହିବ। ଏଥିସହ ଶ୍ରୀକ୍ଷେତ୍ରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସମସ୍ୟ ଦୂର କରିବା କାମରେ ନିୟୋଜିତ ହେବ। ଏସ୍‌ଏସ୍‌ବି ଅଧୀନରେ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରେ ଗୋଟିଏ କମାଣ୍ଡାଣ୍ଟ, ଦୁଇଟି ଡେପୁଟି କମାଣ୍ଡାଣ୍ଟ, ୧୦ ସହକାରୀ କମାଣ୍ଡାଣ୍ଟ, ୮ ଇନ୍ସପେକ୍ଟର(ଆର୍ମଡ), ୩୧ ସବ୍-ଇନ୍ସପେକ୍ଟର(ଆର୍ମଡ) ପଦ ସୃଷ୍ଟି କରାଯାଇଛି। ସେହିପରି ୨୪୦ଟି ହାବିଲଦାର ଓ ୭୨୦ ସିପାହୀ ପଦ ମଧ୍ୟ ସୃଷ୍ଟି କରାଯାଇଛି।

**ପୁରୀ ଏସ୍‌ପିଙ୍କ ଅଧୀନରେ କରିବେ କାର୍ଯ୍ୟ**

**ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଶ୍ରଦ୍ଧାଳୁଙ୍କ ସୁବିଧା ହେବ ମୁଖ୍ୟ ଦାୟିତ୍ୱ**

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଡିସେମ୍ବର ୨୫ ତାରିଖରେ ଶ୍ରୀମନ୍ଦିର ପାଇଁ ଏସ୍‌ଏସ୍‌ବି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କୋଭିଡ୍ ପରବର୍ତ୍ତୀ ସମୟରେ ଦୈନିକ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ଶ୍ରୀ ମନ୍ଦିର ଆସୁଛନ୍ତି। ପର୍ବପର୍ବାଣୀ ଏବଂ ଛୁଟିଦିନରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦୁଇ/ତିନି ଗୁଣା ବୃଦ୍ଧିପାଉଛି। ସେହିପରି ନିକଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବା ପରେ ଏହି ସଂଖ୍ୟାରେ ଆହୁରି ବୃଦ୍ଧି ଘଟିଛି। ଏହି ପରିପ୍ରେକ୍ଷୀରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପୂର୍ବରୁ ବିଭିନ୍ନ ବର୍ଗର ଲୋକ, ସେବାୟତ, ପ୍ରଶାସନ ଏବଂ ଶ୍ରଦ୍ଧାଳୁଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ସେମାନଙ୍କ ମତାମତ ଲୋଡ଼ିଥିଲେ। ଶ୍ରୀ ମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷାବଳର ଆବଶ୍ୟକତା ରହିଥିବା ସ୍ପଷ୍ଟ ହୋଇଥିଲା। ଏହା ଆଧାରରେ ଶ୍ରୀ ପାଣ୍ଡିଆନ୍ ଦେଇଥିବା ପ୍ରସ୍ତାବ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପେଶାଲ ସିକ୍ୟୁରିଟି ବାଟାଲିଅନ୍ ଗଠନ ପାଇଁ ମଞ୍ଜୁରୀ ପ୍ରଦାନ କରିଥିଲେ।

## ମିଦାସ୍ ଚିଟ୍‌ଫଣ୍ଡ ଘୋଟାଲା ମାମଲା | ଇଡି ଜବତ କଲା ୧.୩୮ କୋଟିର ସମ୍ପତ୍ତି

**ଭୁବନେଶ୍ୱର, ୩୧।୧(ସମିସ):** ମିଦାସ୍ ଚିଟ୍‌ଫଣ୍ଡ ସଂସ୍ଥା ଲାଗି ବଢ଼ିଛି ଅଡୁଆ। ଦୀର୍ଘ ଦିନ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫାଇଲ୍ ଖୋଲିଛି। ଉକ୍ତ ସଂସ୍ଥାର ୧.୩୮ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ଆଟାଚ୍ କରିଛି ଇଡି। ଆଟାଚ୍ ସମ୍ପତ୍ତି ମଧ୍ୟରେ ୧୬ଟି ଜମି, ୫ଟି ଗୃହ ଉପଯୋଗୀ ପ୍ଲଟ୍ ଓ ବ୍ୟାଙ୍କ୍‌ରେ ଥିବା କିଛି ଟଙ୍କା ରହିଛି। ଏ ସବୁ ଜମି ଓ ପ୍ଲଟ୍ ଅନୁଗୁଳ, ମୟୂରଭଞ୍ଜ, ବ୍ରହ୍ମପୁର ଓ ଗଞ୍ଜାମର ବିଭିନ୍ନ ଅଞ୍ଚଳରେ ରହିଛି। ସେହିପରି ସଂସ୍ଥାର ନାମରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୬ଲକ୍ଷ ୫୪ ହଜାର ଟଙ୍କାର ଆଟାଚ୍ କରାଯାଇଛି। ଏମ୍/ଏସ୍ ମିଦାସ୍ ଟଚ୍ ଗ୍ରୁପ୍ ଅଧୀନରେ ଏମ୍/ଏସ୍ ମିଦାସ୍ ଟଚ୍ ରିଅଲଟେଟ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଏମ୍/ଏସ୍ ମିଦାସ୍ ଟଚ୍ ଆସେଟ୍ସ ଏବଂ ସିକ୍ୟୁରିଟିସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏହି ବେଆଇନ୍ ଅର୍ଥ କାରବାର ଚଳାଇଥିଲେ। ସୌଭାଗ୍ୟ କୁମାର ସାମଲ ଓ ଅନ୍ୟମାନଙ୍କ ନିର୍ଦ୍ଦେଶରେ ବେଆଇନ୍ ଅର୍ଥ କାରବାର କରାଯାଉଥିଲା। ୨୦୦୯ରେ ଏହି ସଂସ୍ଥା ଖୋର୍ଦ୍ଧା, ଗଞ୍ଜାମ, ଅନୁଗୁଳ, ପୁରୀ, କଟକ, ଭୁବନେଶ୍ୱର, ଢେଙ୍କାନାଳ ଓ ବାରିପଦାରେ କାର୍ଯ୍ୟାଳୟରେ ଖୋଲିଥିଲା। ଅଧିକ ସୁଧ ଓ ଅର୍ଥ ଦୁଇଗୁଣାର ଲାଭ ଦେଖାଇ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିଲା। ୨୦୧୧ରେ ଏହି ସଂସ୍ଥା ମହାରାଷ୍ଟ୍ର, ଆସାମ, ଛତିଶଗଡ଼ ଓ ଗୁଜୁରାଟ୍‌ରେ ରିଅଲିଷ୍ଟେଟ୍ ବ୍ୟବସାୟୀ କରି କୋଟି କୋଟି ଟଙ୍କା ମଧ୍ୟ ଚଲୁ କରିଥିଲା। ପରେ ୨୦୧୨ ଡିସେମ୍ବରରେ ସବୁ ସଂସ୍ଥାରେ ତାଲା ପଡ଼ିଯାଇଥିଲା।

## ଅବଶିଷ୍ଟାଂଶ...

### ବାଇକ୍-କାର...

ଚାଲିଥିବାବେଳେ ଅନ୍ୟ ଜଣେ ଯୁବକ ଝାରଖଣ୍ଡ ଅଞ୍ଚଳର ଭୀମ ସୋରେନ (୨୫)ଙ୍କ ମୃତ୍ୟୁ ଘଟିଛି। ଗୁରୁତର ଥିବା ଯୁବକ ଦାମୋଦର ହାଁସଦାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତକ ଯୁବକମାନେ ତିରିଂ ଥାନା ଅଞ୍ଚଳ ଗୀତିଳତା ଗାଁର ବୋଲି ଜଣାପଡ଼ିଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଉଭୟ କାର ଓ ବାଇକକୁ ଜବତ କରିଛି।

### ହତ୍ୟାକାରୀକୁ ଆଜୀବନ...

ହତ୍ୟା କରିବାପରେ ଗଣ୍ଡିକୁ ରାସ୍ତା କଡ଼ରେ ଫୋପାଡ଼ି ମୁଣ୍ଡଟି ଧରି ପଳାଇ ଯାଇଥିଲା। ଏ ସମ୍ପର୍କରେ ସୂଚନାପାଇ ମୃତକର ପୁଅ ରଘୁନାଥ ମହାନ୍ତ ସଦରଥାନାରେ ଏକ ଏତଲା ଦାୟର କରିଥିଲେ। ପୁଲିସ ସନ୍ଧାନୀ କୁକୁର ସହିତ ମୃତଦେହ ପାଖରୁ ଏକ ଚପଲ ପାଇ ଅନୁସନ୍ଧାନ କରି ଆସାମୀକୁ ଧରିବାରେ ସଫଳ ହୋଇଥିଲା। ତଦନ୍ତବେଳ ପୁଲିସ ପରେ ଜାଣିବାକୁ ପାଇଲା ଯେ ମୃତା ମହିଳା ଜଣକ ଆସାମୀର ସ୍ତ୍ରୀର ଚରିତ୍ରକୁ ନେଇ ଗାଁରେ କହୁଥିବାରୁ ଆସାମୀ ଅପମାନିତ ହେଉଥିଲା। ତେଣୁ ରାଗରେ ମଉକା ଦେଖି ତାକୁ ହତ୍ୟା କରିଥିଲା। କେନ୍ଦୁଝରେ ଏଡିଜେ କୋର୍ଟର ଜଜ୍ ମମିତା ଦାସ ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଆସାମୀକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ପ୍ରଫୁଲ୍ଲ କୁମାର ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ବୋଲି ଜଣାପଡ଼ିଛି।

### ଅନୁଗୋଳ, ଢେଙ୍କାନାଳ...

ନିଷ୍ପତ୍ତିକ୍ରମେ ଏହି ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରାଗଲା। ଗ୍ରାମାଞ୍ଚଳ ଲୋକମାନେ ସୁବିଧାରେ ଏବଂ କମ ଖର୍ଚ୍ଚରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍ କୁ ବ୍ୟବହାର କରିପାରିବେ। ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକ ସହିତ ଯୋଡ଼ିବ। ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ। ପିଲାଙ୍କୁ ସ୍କୁଲ କଲେଜ ନେବ। ଚାଷୀଙ୍କୁ ମାର୍କେଟ ସହିତ ସଂଯୋଗ କରିବ। ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯିବା ଆସିବା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଦେବଗଡ଼ଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓ ଢେଙ୍କାନାଳରେ ଉପସ୍ଥିତ ପୂର୍ବ ମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଗାଁର ଲୋକମାନେ ସହରର ସୁବିଧା ପାଉଛନ୍ତି। ଲକ୍ଷ୍ମୀ ଯୋଜନା ଗ୍ରାମାଞ୍ଚଳର ଜନଜୀବନକୁ ସୁଗମ କରିଛି। ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବଢ଼ିଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ହେଉଛି ଲୋକଙ୍କ ସମ୍ପତ୍ତି; ଆପଣଙ୍କ ସମ୍ପତ୍ତି। ଆପଣମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରନ୍ତୁ। ଅନୁରୂପ ଭାବରେ ସେ ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ସେ ବସ୍ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଢେଙ୍କାନାଳରେ ବିଧାୟକ ସୁଧିର କୁମାର ସାମଲ, ଅନୁଗୋଳରେ ବିଧାୟକ ରଜନୀକାନ୍ତ ସିଂ, ବିଧାୟକ ବ୍ରଜକିଶୋର ପ୍ରଧାନ ଏବଂ ଦେବଗଡ଼ରେ ଜିଲ୍ଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ ଜିଲ୍ଲାରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା। ସୂଚନାଯୋଗ୍ୟ ଯେ ଲକ୍ଷ୍ମୀ ବସ୍ ଯୋଜନାରେ ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି। ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲ୍ଲାବାସୀ ଲକ୍ଷ୍ମୀ ବସ୍ ସେବା ପାଇଥିଲେ। ଆଜି ଏହି ବ୍ୟବସ୍ଥାରେ ଆଉ ୩ଟି ଜିଲ୍ଲା ଯୋଡ଼ି ହୋଇଛି।


**OFFICE OF THE BASUDEVPUR MUNICIPALITY, BHADRAK**

No. 341 — Date 31.01.2024

**E-rocurement Notice**

BID Identification No. BM_TCN_08_2023-24

Bid Documents consisitng of Work, estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app**

1. Name of the Work : Civil Const works as mentioned in DTCN
2. No. of works : 3 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 02-02-2024(2pm) to 08-02-2024
6. Last date and time for receipt : 08-02-2024 up to 5.00 pm
7. Bids received online shall be opened on : 09-02-2023 from 11 am onwards
8. Name and address of the Officer Inviting Bid : Executive Officer, Basudevpur Municipality

*Executive Officer*
*Basudevpur Municipality*

OIPR-13135/11/0010/2324 C-2956



n-277

**OFFICE OF THE DISTRICT PROJECT COORDINATOR, SAMAGRA SIKSHA, KANDHAMAL.**

E-mail: dpckandhssa.opepa@nic.in
At: Main Road. Po: Phulbani, Dist: Kandhamal, 762001

**No. 216 / Pdgy/24, Date 29.01.2024**

**Corrigendum**

In inviting the tender Notice No. 157 dated 19/01/2024 regarding Printing & Supply of Holistic Report Card 2023-24 for Class-I to VIII which was uploaded in the following website www.osepa.odisha.gov.in & www.kandhamal.nic.in the following corrigendum has been made .

**Please read tender processing fees Rs. 1000/- instead of Rs. 2000/- at Bid document 2.e page no.3**

DEO-Cum-DPC
SS, Kandhamal

OIPR-27059/11/0008/2324



A-1363

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAHANADI BARRAGE DIVISION, CUTTACK**
**PHONE NO. 0671-2440118**
**Email ID-eembarragedivnctc@gmail.com**
**2nd CORRIGENDUM**
**(Correction of Critical Dates)**

This is regarding information to all concerned bidders to the 'e'-Procurement Notice No. 15/2023-24 with Bid Identification No. MBD - 59-78 / 2023-24 (Sl.No.01 to 20 Nos.) of this office which was published in New Indian Express(Bhubaneswar),Samaya(Bhubaneswar) and Sakala(Bhadrak,on dtd.31.01.2024) is hereby declared that the Seek Clarification end date and Bid Submission closing date is being changed to dt.10.02.2024, up to 17.00PM instead of 11.02.2024,17.00PM.

Superintending Engineer,
Mahanadi Barrage Division,
Cuttack

N.B:1.Further details can be seen from the e-procurement portal www.tenderodisha.gov.in
2.All the Corrigendum /Notice or any other information if any will only be uploaded in the above tender website.

OIPR-32477/11//0016/2324



n-284

DISTRICT PROJECT OFFICE
SAMAGRA SHIKSHA (S.S)
SHIKSHA SADAN, KORAPUT-764020
ଶିକ୍ଷା ଅଧିକାର
ସମଗ୍ର ଶିକ୍ଷା
☎(06852)- 252421(Off) — E-mail-dpckoraputssa.opepa@nic.in

Letter No. 213/PEE/2024/IX-PED-09/24 — Date 30.01.2024

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II 2023-24 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2023-24 for Class-I to VIII Students | Rs.2000/- (Rupees Two thousand only) | Rs.90,000/- (Rupees Ninety thousand only) | 15.02.2024 by 5.00PM | 16.02.2024 at 11.00 AM |

The detailed BID document is available in the website www.osepa.odisha.gov.in & www.koraput.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

District Project Coordinator,
Samagra Shiksha, Koraput

OIPR-27067/11/0005/2324



A-1348

**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER, NUAPADA IRRIGATION DIVISION, NUAPADA**
**e-Procurement Notice No-(NID)04/2023-24**
**e-mail address: ee.npd.irr@gmail.com**
**PERCENTAGE RATE e-TENDER**

1. The Superintending Engineer Nuapada Irrigation Division, Nuapada, Dist-Nuapada, Pin-766105, Odisha on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM**, in electronic tendering system for the construction works detailed in the table below, which are eventually to be drawn on P1 agreement.

| | |
|---|---|
| Package No | **BID ID No. SENID 60/2023-24 to BID ID No. SENID 64/2023-24** |
| Nature of Work | **05 (Five) No.s of River Embankment Works** |
| Approximate value of work | **Rs. 21.02 lakhs to 29.63 lakhs(Excluding GST)** |
| Period of Completion | **03(Three) Calendar Months.** |
| Classification of Bidder | **'C' & 'B' Class Contractor only** |
| Bid documents available Date and Time. | **From 05.02.2024 10.00A.M to 15.02.2024 up to 5.30 P.M** |
| Bid clarification start date & Closing date. | **From 05.02.2024 10.00A.M to 13.02.2024 up to 5.30 P.M** |
| Date, Time and Venue of opening of bid **online.** | **16.02.2024 at 10.00 A.M** in office of the Superintending Engineer, Nuapada Irrigation Division, Nuapada. |
| If stipulation arises the Tender will be decided through Lottery System. | **20.02.2024 at 10.00 A.M** in office of the Superintending Engineer, Nuapada Irrigation Division, Nuapada, |

Further details can be seen, any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

Superintending Engineer,
Nuapada Irrigation Division,
Nuapada

OIPR-32026/11/0006/2324



A-1318

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MAHANADI BARRAGE DIVISION, CUTTACK**
**Phone No. 0671-2440118**
**Email- eembarragedivnctc@gmail.com**
**e PROCUREMENT NOTICE NO.-15/(MBD 59-78)/2024-25**

| | |
|---|---|
| Name of work | **"Spur of Embankment, Road works ,Canal works & Electrical works ".** |
| Total No. of works | **20 (Twenty) Nos. of works.** |
| Tender Cost | **75.48 lakhs to 7.75lakhs.** |
| Mode of Payment of EMD(Bid Security) & Bid Cost | The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha **WDOM No.17254/W dtd.05.12.2017 as mentioned in DTCN.** |
| Period of completion | **06 (Six) Calendar Months to 02 (Two) Calendar months** |
| Other details as follows Procurement Officer | **Superintending Engineer,** Mahanadi Barrage Division, Cuttack. |
| Availability of Tender online for Bidding | **01.02.2024 from 10.00 A.M to 11.02.2024 up to 5.00 P.M.** |
| Date, Time & Venue of opening of Bid through Online | **For Single Cover-Dtd.12.02.2024 - 11.30 A.M.** both Technical Bid & Financial Bid **For Double Cover- Dtd.12.02.2024 -11.30 A.M.** for Technical Bid & **Dtd.13.02.2024 -11.30 A.M.** for Financial Bid , in the Office of the Superintending Engineer, Mahanadi Barrage Division, Cuttack. |
| Date of Transparent Lottery to be Conducted (if required) | **On 17.02.2024 at 11.30 P.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack.** |

(Bidders shall furnish their present e-mail id, address and Telephone No. for further correspondence)

Further details can be seen from the Govt. web site www.tendersodisha.gov.in.

**Superintending Engineer,**
**Mahanadi Barrage Division, Cuttack**

OIPR-32477/11/0014/2324



O-2359

e-mail-eerwss_kpt@rediffmail.com
Ph.No. 06852-250281(Off)
Ph.No. 06852-250680 (Res)
Fax.No.06852-251098.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER ,RWSS DIVISION, KORAPUT**
**National Competitive Bidding Through E-Procurement**
**Tender Identification No.19/EE/RWSS/KPT/2023-24/24.01.2024**

The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1. | Nature of work. | Rural piped water supply to village Badamanjari (Hritunipadar) GP Upperkanti under Semiliguda Block under Jal Jeevan Mission (JJM) Programme. |
| 2. | Time period for completion | 3(Three) Months |
| 3 | Estimated Cost. | 20.91 Lakhs |
| 4 | Total Nos of works | 1 no. |
| 5 | Tender cost | Rs.6,000/- |
| 6 | Class of Contractor. | 'C' & 'B' |
| 7 | Availability of Bid document in the web site | Dt. 03.02.2024 at 17.00 hours to 12.02.2024 up to 17.00 hours. |
| 8 | Date of Seeking clarification. | During the Office hours of 03.02.2024 to 09.02.2024 |
| 9 | Date of Opening of Bid. | Dt. 13.02.2024 at 11.00 hours |

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Superintending Engineer,
RWS&S, Division, Koraput

OIPR-25034/11/0031/2324



**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

Ref. No.: RSP/CSR/2023-24/645 — Date:19.01.2024

**NOTICE**

In order to provide a dignified, healthy, secure and good quality life to the separated employees of SAIL/Rourkela Steel Plant and their spouses Rourkela Steel Plant has set up a Senior Citizen Care home in Rourkela. Applications are invited from beneficiaries having the following eligibility criteria:

**1. The applicant must be:-**

i. An ex-employee or spouse of ex-employee of RSP or other units of SAIL.
ii. Applicant must have completed 60 years of age. Widows of ex-employees must have completed 55 years of age.
iii. The applicant(s) must have physical/mental self-sufficiency.
iv. The applicant must not be suffering from any contagious/communicable/infectious disease.
v. If selected, the applicant shall not occupy any alternate place of residence (rented, owned, leased, licensee etc.) in & around Rourkela. In case the applicants have alternate residence at present (i.e. before the occupation of the rooms at Sakshyam), they shall submit the required declaration as per standard revised rules.

**2. Documents to be submitted:**

A. Application Form duly signed by applicant.
B. Undertaking to be signed (provided with application form set).
C. Self-attested copies of service certificate / Superannuation Order.
D. Self-attested copies of Valid Medical Cards. Aadhar Card & Mediclaim Policy of self and spouse along with the application form.
E. Two nos. of passport size photo of the applicant.
F. Affidavit (containing Point No.11,12 & 14 of Rules and Regulations).
G. Declaration for point no-v (above) to be given along with the application.

Application form, Guidelines, Rules & Regulations shall be available at office of GM (CSR), IPD Building, Sector-20, Rourkela-769005/RSP Portal/Sampark Portal/SAIL website. Contact No: 8895500038 & 8895503414.

EMail ID: adityanayaran.pati@sail.in & debendrakumar1969@gmail.com

The applications should reach to the office of GM(CSR), IPD Building, Sector-20, Rourkeal-769005 on or before 15 days from the date of publication.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*



A-1357

**GOVERNMENT OF ODISHA**
**DEPARTMENTOF WATER RESOURCES**
**Office of the Superintending Engineer,**
**Mechanical Division, Ambaguda.**
Email Address: eemda2013@gmail.com

**e-Procurement Notice - Bid Identification No.- SE/MDA-11/2023-24**

1. Name of the work : Mechanical Gate Works
2. No. of works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates
4. Bid Identification no. : **SE/MDA-11/2023-24**
5. Estimated Cost : **Rs.** 8,16,090.36
6. Period of Completion : 02 (Two) calendar month
7. Date & time of availability of bid documents in the Portal : **From dt. 05/02/2024 (10:00 AM) to dt. 12/02/2024 (5:00 PM)**
8. Last date & time of availability of bid documents in the Portal : **dt.12.02.2024 (up to 5.00 PM)**
9. Date and Place of opening of Online bids : **dt.13.02.2024 (12:00 PM** onwards in the O/o the undersigned)
10. Name of the Officer inviting bid : Superintending Engineer, Mechanical Division, Ambaguda

Further details can be seen from the e-procurement portal **https://tendersodisha.gov.in**

Superintending Engineer
Mechanical Division, Ambaguda

OIPR-32241/11/0006/2324



Phone No. (0663)-2412135
Email ID: eephdsbp@gmalt.com
C-2954

**GOVERNMENT OF ODISHA**
**WATER CORPORATION OF ODISHA**
**OFFICE OF THE GENERAL MANGER, WATCO DIVISION, SAMBALPUR.**
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. GMWATCOSBP-22/2023-24 Dt. 29.01 .2024**

01. Name of the Work : 3 nos Work.
02. Type of Bid : Two Bid System
03. Estimated Cost : Rs 60.35 lakh to Rs 69.44 lakhs
04. Period of Completion : 3 (Three) Calendar Months.
05. Date & Time of availability of bid document in the portal : From 11.00 AM of dt 02.02.2024 to 5.00 PM of 17.02.2024
06. Last date / time of receipt of bids in the portal : 5.00 PM of 17.02.2024,
07. Date & Time of opening of technical bids : At 11.30 AM of 19.02.2024
08. Name and Address of the Officer inviting Bid : General Manager, WATCO Division, Sambalpur Brooks Hill, Near Stadium, At/Po- Motijharan, Dist- Sambalpur-768 001

Further details can be seen from the website **http://tenders.ori.nic.in or www.tendenrsorissa.gov.in**

**General Manager**
**WATCO Division, Sambalpur**

OIPR-13247/11/0031/2324



ସକାଳ
THE SAKALA

# ମସ୍କଙ୍କ ମସ୍ତିଷ୍କର କଥନିକା- 'ନ୍ୟୁରାଲିଙ୍କ'

ଜ୍ଞାନ ଓ ବିଜ୍ଞାନ ମଣିଷର ଜୀବନକୁ ସୁଖଦ ଓ ସୁଗମ କରିବା ସହିତ ସଭ୍ୟତାକୁ ଆଗକୁ ବଢ଼ାଇ ଚାଲିଛି । ଏହି ପ୍ରକ୍ରିୟା ନିରନ୍ତର ଭାବେ ଚାଲିଛି ମଣିଷର ଅନିସନ୍ଧିତ୍ସୁ ମନୋଭାବ ଏବଂ ଜିଜ୍ଞାସା ନୂଆ ଦିଗନ୍ତ ସୃଷ୍ଟି କରୁଛି । ଏବେ ପ୍ରଯୁକ୍ତି କ୍ଷେତ୍ରର ପ୍ରମୁଖ ଉଦ୍ୟୋଗପତି ତଥା ଟେଲ୍‌ସା କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ୍ ମସ୍କ ବିଜ୍ଞାନ ଜଗତରେ ଆଉ ଏକ ପ୍ରୟୋଗ ଆଣି ବିଶ୍ୱରେ ଚହଳ ସୃଷ୍ଟି କରିଛନ୍ତି । ତାଙ୍କ ବ୍ରେନ୍ ଚିପ୍ ଫାର୍ମ 'ନ୍ୟୁରାଲିଙ୍କ' ମଣିଷ ମସ୍ତିଷ୍କରେ ପ୍ରଥମ କରି ପ୍ରଥମ ଓ୍ୱାରଲେସ୍ (ବେତାର ଯନ୍ତ୍ର) ଖଞ୍ଜିଛନ୍ତି, ଯାହା ଅନେକ କିଛି ସମ୍ଭାବନା ବହନ କରେ । ଏହା ଯେତିକି ଆଶ୍ଚର୍ଯ୍ୟଜନକ ସେତିକି ଉତ୍ସାହପ୍ରଦ । ମସ୍କ ପ୍ରଯୁକ୍ତି ଜଗତର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ସେ ସାମାଜିକ ଗଣମାଧ୍ୟମ ଏକ୍ସ (ଟୁଇଟର), ରକେଟ୍ କମ୍ପାନୀ ସ୍ପେସ୍‌ଏକ୍ସର ମଧ୍ୟ ମାଲିକ । ତାଙ୍କ ପାଖରେ ଅର୍ଥ ଓ ପ୍ରଯୁକ୍ତିଗତ ସାଧନର ଅଭାବ ନାହିଁ । ତେଣୁ ସେ ବିଜ୍ଞାନର ନୂଆ ନୂଆ କ୍ଷେତ୍ର ପ୍ରତି ଆଗ୍ରହ ପ୍ରକାଶ କରି ସେ ଦିଗରେ କାମ କରିବା ନିର୍ଦ୍ଦିଷ୍ଟ ଭାବେ ଅଭିନନ୍ଦନୀୟ; କାରଣ ଏଥିରେ ମାନବକଲ୍ୟାଣ ଉଦ୍ଦେଶ୍ୟ ନିହିତ ।

ଏହି ଚିପ୍‌କୁ ମଣିଷ ଦେହରେ ଖଞ୍ଜିଲେ ଯେଉଁମାନଙ୍କ ମସ୍ତିଷ୍କ ସ୍ନାୟବିକ ଦୌର୍ବଲ୍ୟ ବା ଜଟିଳତା ଯୋଗୁଁ ଠିକ୍ ଭାବେ କାମ କରିପାରୁନାହିଁ, ସେମାନେ ବାହ୍ୟ ନିୟନ୍ତ୍ରଣ ବେତାର ବ୍ୟବସ୍ଥା ଦ୍ୱାରା ପୁନର୍ବାର ସ୍ୱାଭାବିକ ଭାବେ କାମ କରିବାକୁ ସମର୍ଥ ହେବେ । ଏହା କେବଳ ଏକ ନୂଆ ପ୍ରୟୋଗ ନୁହେଁ, ଏକ ନୂତନ ବିପ୍ଳବ ଆଣିବାକୁ ଯାଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଭାବନା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିବ । ସ୍ନାୟୁଗତ (ନ୍ୟୁରୋ) ରୋଗ ନିୟନ୍ତ୍ରିତ ହେବ । ଏଠି ଅବଶ୍ୟ କେତେକ ପ୍ରଶ୍ନ କରିପାରନ୍ତି ଯେ ମଣିଷ ଶରୀର ଭିତରେ ପ୍ରତିରୋପିତ ହୋଇଥିବା ଏକ ଚିପ୍ ଯେଉଁ ତଥ୍ୟାବଳୀ ବା ଡାଟା ସଂଗ୍ରହ କରିବ, ତାହାକୁ ଜାଣିବାର ଅଧିକାର ଓ ସୁଯୋଗ କାହାକୁ ମିଳିବ; କାରଣ ଏଥିରେ ସେହି ବ୍ୟକ୍ତିର ଭାବନା ଓ ତାହାର ଏକାନ୍ତତା ସମ୍ପୃକ୍ତ । ତେବେ ବର୍ତ୍ତମାନ ସ୍ଥିତିରେ ତାହା ପ୍ରମୁଖ ପ୍ରସଙ୍ଗ ନୁହେଁ । ପ୍ରଥମେ ଆମେ ଏହାର ବ୍ୟାଧିଗତ ଉପଚାର ଦିଗ ଦେଖିବା ଏବଂ ଏ କ୍ଷେତ୍ରରେ ନୈତିକତାକୁ ଦୂରେଇ ରଖିବା ।

ପକ୍ଷାଘାତ ପୀଡ଼ିତ ରୋଗୀ ଏହି ଚିପ୍ ଦ୍ୱାରା ତାହାର ଅଙ୍ଗପ୍ରତ୍ୟଙ୍ଗ ଉପରେ ନିୟନ୍ତ୍ରଣ ଫେରିପାଇବ । ହାତ ନଥିବା ଶିଳ୍ପୀ, କଳାକାର ନିଜର ମନୋଭାବ, ଲେଖା ଅଙ୍କନ ଓ ଚିତ୍ରପଟ ସୃଷ୍ଟି କରିପାରିବ । ଏକ ଛୋଟ ମୁଦ୍ରା ଆକାରର ଗୋଟିଏ ଚିପ୍ ମଣିଷର ମସ୍ତିଷ୍କରେ ରୋପଣ କରାଯାଇ ତା' ମାଧ୍ୟମରେ ସ୍ନାୟବିକ କାର୍ଯ୍ୟକଳାପ (ନ୍ୟୁରାଲ ଆକ୍ଟିଭିଟି)କୁ ଡିଜିଟାଲ୍‌ରେ ପରିଣତ କରିପାରିବ କିମ୍ବା ଏହି ବ୍ୟବସ୍ଥା ବିପରୀତ ପ୍ରକ୍ରିୟାରେ ସମ୍ପନ୍ନ ହେବ । ଆମ ପାର୍ଥିବ ଶରୀରରେ ସୀମିତାକୁ ଅତିକ୍ରମ କରି ଏହି ଚିପ୍ ଭବିଷ୍ୟତରେ ଏକ ଦ୍ୱାର ଉନ୍ମୁକ୍ତ କରିବ, ଯେଉଁଠି ଆମ ଭାବନା କାର୍ଯ୍ୟରେ ରୂପାନ୍ତରିତ ହେବ । ମନ ଓ ମେସିନ୍ ମଧ୍ୟରେ ନିରନ୍ତର ଭାବେ ସୂଚନା ପ୍ରବାହ ଚାଲିବ । ଏହି ନ୍ୟୁଟ୍ରାଲିଙ୍କ ଇମ୍ପ୍ଲାଣ୍ଟ (ଚିପ୍) ଯାହାର ନାମ ରଖାଯାଇଛି (ଲିଙ୍କ) ସେଥିରେ ରହିଛି ସୂକ୍ଷ୍ମ ଇଲେକ୍‌ଟ୍ରୋଡର ମ୍ୟାଜିକ୍ । ସେଥିରେ ଥିବା ସୂକ୍ଷ୍ମାତିସୂକ୍ଷ୍ମ କେଶ ସଦୃଶ ତାର ମସ୍ତିଷ୍କର ସ୍ପନ୍ଦନକୁ ରେକର୍ଡ କରିବ । ସଂକ୍ଷେପରେ କହିଲେ ଏହି ଚିପ୍ ବ୍ରେନ୍‌ର ଏକ ବାଇପାସ୍ ବ୍ୟବସ୍ଥା ଭଳି କାମ କରିବ ଏବଂ ବ୍ୟାଧିଗ୍ରସ୍ତ ମସ୍ତିଷ୍କ ଶରୀରକୁ ପଙ୍ଗୁ କରିବ ନାହିଁ । ଏହାଛଡ଼ା ଆଲ୍‌ଝେମର, ପାର୍କିନସନ୍ ଭଳି ବ୍ୟାଧିରେ ଆକ୍ରାନ୍ତ ବ୍ୟକ୍ତି ଏହାଦ୍ୱାରା ବିଶେଷ ଉପକୃତ ହେବାର ସମ୍ଭାବନା ରହିଛି । କୁହାଯାଉଛି ଯେ ମାନସିକ ବିଷାଦ (ଡିପ୍ରେସନ) ଓ ଆସକ୍ତି ବା ଆଡିକ୍‌ସନର ମୁକାବିଲାରେ ଏହା ବିଶେଷ ସଫଳ ହେବ । ଏହା ଯଦି ସମ୍ଭବ ଏହି ଟେକ୍‌ନୋଲୋଜି ମଣିଷର ଏକାଗ୍ରତା ଓ ସ୍ମରଣଶକ୍ତି ବୃଦ୍ଧି କରିବାରେ ନିଶ୍ଚୟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଏହି ବ୍ୟବସ୍ଥାରେ ଚିପ୍ ଦ୍ୱାରା ସଂଗୃହୀତ ମଣିଷର ମସ୍ତିଷ୍କ ସ୍ପନ୍ଦନକୁ ସେମାନଙ୍କ ଫୋନ୍, କମ୍ପ୍ୟୁଟର ବା ଯେ କୌଣସି ଇଲେକ୍‌ଟ୍ରୋନିକ୍ସ ଡିଭାଇସ୍ ଦ୍ୱାରା ସଂଗ୍ରହ କରାଯାଇପାରିବ ।

ଜଣେ ସ୍ୱେଚ୍ଛାସେବୀଙ୍କଠାରେ ଏହି ଚିପ୍‌ର ପ୍ରଥମ ପ୍ରତିରୋପଣ କରାଯାଇଛି ଏବଂ ଏହା ପୂର୍ବରୁ ମାଙ୍କଡ଼ଠାରେ ଏହାର ପରୀକ୍ଷାମୂଳକ ପ୍ରୟୋଗ ସଫଳ ହୋଇଛି । ଏହି ଅଭିନବ ପ୍ରଯୁକ୍ତିଗତ ପ୍ରୟାସ ମଣିଷର ସ୍ୱାସ୍ଥ୍ୟ କ୍ଷେତ୍ରରେ ଆରମ୍ଭ ହୋଇଛି ମାତ୍ର । ଏହା ଆହୁରି ଏକାଧିକ ପର୍ଯ୍ୟାୟ ଓ ପରୀକ୍ଷା ନିରୀକ୍ଷା ଦେଇ ଗତିକରିବ । ତେଣୁ ପେସ୍ ମେକର, କୃତ୍ରିମ ଆଣ୍ଠୁ ବା ସେହିଭଳି ଉପକରଣ ଭଳି ଏହି ମସ୍ତିଷ୍କ ଚିପ୍ ହଠାତ୍ ଉପଲବ୍ଧ ହେବା ସହଜ ନୁହେଁ । ତଥାପି ଏହି ପ୍ରୟାସ ଏକ ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି ଯେ ବହନ କରୁଛି, ଏହା କହିଲେ ଭୁଲ୍ ହେବ ନାହିଁ । ଏବେ ବଡ଼ ପ୍ରଶ୍ନ ହେଉଛି ନ୍ୟୁଟ୍ରାଲିଙ୍କ କାର୍ଯ୍ୟକ୍ରମ କିପରି ସମ୍ପ୍ରସାରିତ ଓ ନିୟନ୍ତ୍ରିତ ହେବ ଏବଂ ମାନବ ସମାଜର ବୃହତ୍ତର ସ୍ୱାର୍ଥ ରକ୍ଷା ଦିଗରେ ବିନିଯୋଗ ହୋଇପାରିବ ।

ମସ୍କ ବିଭିନ୍ନ ପ୍ରକାର ପ୍ରଯୁକ୍ତିରେ ଅଭିନବତା ଆଣିବାକୁ ପ୍ରଚୁର ଅର୍ଥ ବିନିଯୋଗ କରିଛନ୍ତି । ଲୋ ଆର୍ଥ ଅରବିଟ୍ ସାଟେଲାଇଟ୍‌ଠାରୁ ବିଦ୍ୟୁତ୍ ଚାଳିତ ଯାନ ସବୁଥିରେ ତାଙ୍କର ପ୍ରାରମ୍ଭିକ ଅବଦାନ ଅନସ୍ୱୀକାର୍ଯ୍ୟ । କୃତ୍ରିମ ବୁଦ୍ଧିମତା ବା ଏଆଇ ଆମ ସମୟ ତଥା ଯୁଗରେ ବପ୍ଳବ ଆଣିଛି । ମଣିଷର ମସ୍ତିଷ୍କର ସାମର୍ଥ୍ୟ ବୃଦ୍ଧି ପ୍ରୟାସରେ କେବଳ ମସ୍କ କାହିଁକି ବିଶ୍ୱର ସବୁ ବୃହତ୍ ଆଇଟି କମ୍ପାନୀ ସହଯୋଗର ହାତ ବଢ଼ାଇବା ସହିତ ଆବଶ୍ୟକ ଅର୍ଥ ଯୋଗାଇ ଦେବା ଆବଶ୍ୟକ । ଏହା ଏକ ଛୋଟିଆ ପ୍ରକଳ୍ପ ନୁହେଁ, ଏହାର ଭବିଷ୍ୟତ ପ୍ରକାଣ୍ଡ ତଥା ବହୁମୁଖୀ । ବିଜ୍ଞାନ ଖବର ବେଳେବେଳେ ପରିକାହାଣୀ ପରି ଲାଗେ । ତା'ର ବାସ୍ତବତା କିନ୍ତୁ ଆମ ମୁହଁରେ ହସ ଫୁଟାଏ, ଜୀବନକୁ ସହଜ କରେ । ଆମେ ଏବେ ସ୍ମାର୍ଟଫୋନ୍, ଡ୍ରୋନ୍‌ସ, ମହାକାଶଯାନ, ଉପଗ୍ରହ ଆଦିର ଚମତ୍କାରିତା ଦେଖୁଛୁ । ଏହା ଆମ ଜୀବନ ଉପରେ କି ପ୍ରକାର ପ୍ରଭାବ ପକାଉଛି, ତାହା ଅନୁଭବ କରୁଛୁ । ସେହିଭଳି ମସ୍କଙ୍କ ଗୁରୁତ୍ୱପୂର୍ଣ୍ଣ ବ୍ରେନ୍-କମ୍ପ୍ୟୁଟର ଇଣ୍ଟରଫେସ୍ ଟେକ୍‌ନୋଲୋଜି ଏଆଇ ଯୁଗର ଆଉ ଏକ ଐତିହାସିକ ପଦକ୍ଷେପ । ବିଜ୍ଞାନର ଜୟ ହେଉ ।

# ଭାଷା



ଡ. ଦେବୀପ୍ରସନ୍ନ ପଟ୍ଟନାୟକ

ଭାଷା ହେଉଛି ମଣିଷ-ମଣିଷ ମଧ୍ୟରେ ଭାବ ବିନିମୟର ମାଧ୍ୟମ । ଭାଷା ହେଉଛି ବ୍ୟକ୍ତି-ବ୍ୟକ୍ତି, ବ୍ୟକ୍ତି ଓ ସମଷ୍ଟି ମଧ୍ୟରେ ସମ୍ପର୍କ ପ୍ରତିଷ୍ଠାର ମାଧ୍ୟମ । ଭାଷା ହେଉଛି ସ୍ଥାନୀୟତା ଓ ବିଶ୍ୱ ମଧ୍ୟରେ ସମ୍ପର୍କର ସେତୁ । ଭାଷା ହେଉଛି ଗୋଷ୍ଠୀ ଓ ସମାଜ ଗଠନର ମାଧ୍ୟମ ।

ଭାଷା କହିଲେ କେବଳ ମଣିଷର ଭାଷାକୁ ହିଁ ବୁଝାଏ । ଭାଷା ହେତୁ ମଣିଷ ଜୀବନ୍ତ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ । ମଣିଷର ମୁଖନିଃସୃତ ଧ୍ୱନିରୁ ଭାଷାର ସୃଷ୍ଟି । ଏହି ଭାଷା ହେଉଛି କଥୋପକଥନର ଭାଷା, କଥିତଭାଷା, କଥା । ଦୂରବର୍ତ୍ତୀ ସମ୍ପର୍କ ପାଇଁ କିମ୍ବା ଅତୀତକୁ ଭବିଷ୍ୟତ ପାଇଁ ସାଇତି ରଖିବାକୁ ଲେଖନର ଆବଶ୍ୟକତା ହେଲା । କଥାଠାରୁ ଭିନ୍ନ ଏହା ଭାଷା ନାମରେ ପରିଚିତ ହେଲା । ଗୋଟିଏ ସମୟରେ ଚିଠିକୁ ଭାଷା କୁହାଯାଉଥିଲା । ବୁଢ଼ୀମା' କହୁଥିଲା, 'ମୁଁ ମୋ ନାତିର ଭାଷାକୁ ଚାହିଁ ବସିଛି ।'

କଥିତ ଭାଷାରେ ଭିନ୍ନତା ଥିଲେ ମଧ୍ୟ ଲିଖିତ ଭାଷାରେ ଏକପ୍ରକାର ମାନକ ଥିଲା । ଗୋଟିଏ ସମୟରେ ସମସ୍ତ ସାହିତ୍ୟ କଥିତ ଥିଲା । ଭାରତର ପ୍ରାଚୀନତମ ସାହିତ୍ୟ ବେଦ ଶୁଣିଶୁଣି ମନେ ରଖାଯାଉଥିବାରୁ ତା'କୁ ଶ୍ରୁତି କିମ୍ବା ସ୍ମୃତି କୁହାଯାଉଥିଲା ।

ଭାବ, ଭାବନା, କଳ୍ପନା ଓ ଅନୁଭୂତିର ଫେଣ୍ଟାଫେଣ୍ଟିରୁ ସାହିତ୍ୟର ସୃଷ୍ଟି । ସାହିତ୍ୟ ହିଁ ସମାଜର ଅସ୍ମିତା । ଭାଷା ହେଉଛି ସାହିତ୍ୟର ମୂଳଦୁଆ । ଏହି ସାହିତ୍ୟ ଆଞ୍ଚଳିକ ଭାଷା ପରି ଆଞ୍ଚଳିକ ସାହିତ୍ୟ ହୋଇଗଲେ ଓ ସ୍ୱାତନ୍ତ୍ର୍ୟ ଦାବି କଲେ । ସେତେବେଳେ ସମସ୍ତେ ଭୁଲିଯାଆନ୍ତି ଯେ ଭାଷା ଅଲଗା ହେଲେ ମଧ୍ୟ ସଂସ୍କୃତି ଏକ । ଓଡ଼ିଶାରେ ଆଞ୍ଚଳିକ ଭାଷାରେ ଭିନ୍ନତା ଥିଲେ ମଧ୍ୟ ଓଡ଼ିଆ ସଂସ୍କୃତି, ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ ଐତିହ୍ୟ ଏକ ।

ଗୋଟିଏ ଉଦାହରଣ ହେଉଛି ଜଗନ୍ନାଥ ଚେତନା । ଆଦିବାସୀ ଦାରୁଦେବତା ଜଗନ୍ନାଥ ବୈଷ୍ଣବ, ଶିଖ, ଶୈବ, ଶାକ୍ତ, ତାନ୍ତ୍ରିକ, ବୌଦ୍ଧ, ଜୈନ, ସଗୁଣ, ନିର୍ଗୁଣ ସବୁ ଧର୍ମର ସମନ୍ୱୟ । ବିଭିନ୍ନ ପରିବାରର ବହୁଭାଷା ଥିଲେ ମଧ୍ୟ ଭାରତ ଗୋଟିଏ ଭାଷା ଅଞ୍ଚଳ ବୋଲି ପଶ୍ଚିମୀ ପଣ୍ଡିତମାନେ ସ୍ୱୀକାର କରିଛନ୍ତି । ସେହିପରି ବହୁଧର୍ମ ଥିଲେ ମଧ୍ୟ ଜଗନ୍ନାଥ ଚେତନାରେ ସେ ସବୁର ସନ୍ତୁଳନ ଘଟିଛି । ଋଗ୍ ବେଦରେ ଗୋଟିଏ ସୂକ୍ତ ଅଛି, ଯାହାର ଅର୍ଥ ପୃଥିବୀ ଆମର ମା', ଆମେ ସମସ୍ତ ପ୍ରାଣୀ ତାହାର ସନ୍ତାନ । ଭାଇଚାରାର ଏହି ସନ୍ଦେଶ ଉପନିଷଦକାଳର 'ବସୁଧୈବ କୁଟୁମ୍ବକମ୍'ରେ ପ୍ରସ୍ଫୁଟିତ ହୋଇଛି । ୧୯୫୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସରେ ରାଷ୍ଟ୍ରପତି ରାଜଗୋପାଳାଚାରୀ କହିଥିଲେ, ଭାରତର ସଂସ୍କୃତି ଏକ । ଏହା ବହୁ ମୁହଁରେ କଥା କହେ । 'ଏକରେ ବହୁ, ବହୁରେ ଏକ' ଭାରତୀୟ ସଂସ୍କୃତିର ବୀଜମନ୍ତ୍ର ।




ପୃଥିବୀ ହେଉଛି ବହୁଭାଷାଭାଷୀ । କିନ୍ତୁ ସମ୍ପତ୍ତି ଓ କ୍ଷମତା ଠୁଳ କରିଥିବା ଦେଶମାନେ ଆପଣାକୁ ଏକ ଭାଷାଭାଷୀ ଘୋଷଣା କରି ତା'କୁ ଅନ୍ୟମାନଙ୍କ ଉପରେ ଚପେଇଦେବାକୁ ଚେଷ୍ଟା କରିଥା'ନ୍ତି । ଚୀନ୍‌ର ପ୍ରମୁଖଭାଷା ମାଣ୍ଡାରିନ୍‌କୁ କ୍ୟାଣ୍ଟନିଜ ଭାଷାଭାଷୀ ହଂକଂ ଉପରେ ଚାପିଦେବାର ଚେଷ୍ଟା ଏହାର ଗୋଟିଏ ଉଦାହରଣ । ସେହିପରି ରୁଷିଆରେ କୌଣସି ଅଣରୁଷି ଭାଷାରୁ ରୁଷଭାଷା ବାଟଦେଇ ଅନ୍ୟ ଗୋଟିଏ ଅଣରୁଷି ଭାଷାକୁ ଅନୁବାଦ ନ କରିବା ବିରୁଦ୍ଧରେ ଆଇନଗତ ବ୍ୟବସ୍ଥା ଅଛି । ଇଂରାଜୀ ଭାଷାଭାଷୀ ଅଞ୍ଚଳ ସବୁଠାରୁ ଭଲ ଉଦାହରଣ । ଇଂଲଣ୍ଡରେ ଆଇରୀଶ ଇଂରାଜୀ, ସ୍କଟିଶ ଇଂରାଜୀ ଓ ୱେଲସର ଇଂରାଜୀ ପରସ୍ପରଠାରୁ ଭିନ୍ନ । ସେହିପରି ପୃଥିବୀରେ ଇଂଲଣ୍ଡର ଇଂରାଜୀ, ଆମେରିକାର ଇଂରାଜୀ, କାନାଡ଼ାର ଇଂରାଜୀ ଓ ଅଷ୍ଟ୍ରେଲିଆର ଇଂରାଜୀ ପରସ୍ପରଠାରୁ ଭିନ୍ନ । ପୃଥିବୀରେ ଶହେରୁ ଅଧିକ ବିଭିନ୍ନ ପ୍ରକାର ଇଂରାଜୀ ଥିଲେ ସୁଦ୍ଧା ଇଂରାଜୀ ଗୋଟିଏ ଭାଷା ବୋଲି ଅଧିକାଂଶ ଲୋକ ମାନିନିଅନ୍ତି । ଅଥଚ ଭୋଜପୁରୀ, ମୈଥିଳି, ଅବଧି, ବ୍ରଜ, ପାହାଡ଼ି ଆଦି ୪୯ଟି ମାତୃଭାଷାର ସମନ୍ୱୟରେ ଗଢ଼ା ହିନ୍ଦୀକୁ ଗୋଟିଏ ଭାଷା ରୂପେ ମାନିବାକୁ ଆମ ବୁଦ୍ଧିଜୀବୀମାନେ ନାରାଜ ।

ଆପଣା ଭାଷାକୁ ଅଣଦେଖା କରିବାର ହୀନମନ୍ୟତା ସାମ୍ରାଜ୍ୟବାଦୀ ଶାସନ ଆରମ୍ଭ ସମୟରୁ ସୃଷ୍ଟି ହେଲା । ଭାରତର ବହୁଭାଷିକତା, ବହୁଧାର୍ମିକତା ଓ ବହୁସାଂସ୍କୃତିକତାରେ ବିଚଳିତ ଇଂରେଜମାନେ ହିନ୍ଦୁଧର୍ମ ବୋଲି ଗୋଟିଏ ଧର୍ମ ସୃଷ୍ଟି କଲେ ଓ ଇଂରାଜୀକୁ ଏକମାତ୍ର ଜ୍ଞାନ ଓ ବିକାଶର ଭାଷା ବୋଲି ପ୍ରଚାର କଲେ । ସେମାନେ ଯେଉଁ ଇଂରାଜୀ ମାଧ୍ୟମ ଶିକ୍ଷା ବ୍ୟବସ୍ଥା ପ୍ରତିଷ୍ଠା କଲେ, ତାହାର ପ୍ରବାଚକ ମ୍ୟାକଲେଙ୍କ ଭାଷାରେ କହିଲେ ଏହି ବ୍ୟବସ୍ଥାରୁ ଯେଉଁମାନେ ଉତୁରିବେ ସେମାନେ ଜନ୍ମରେ ଭାରତୀୟ ହେବେ । କିନ୍ତୁ ରୀତିନୀତି, ଚାଲିଚଳଣ, ମୂଲ୍ୟବୋଧରେ ଇଂରେଜ ହେବେ । ସ୍ୱାଧୀନତା ପରେ ଆମେ ସେଇ ବ୍ୟବସ୍ଥାକୁ ଆପଣେଇ ନେଲେ ଏବଂ ଗତ ୭୫ ବର୍ଷ ଧରି ସେହିପ୍ରକାର ବୁଦ୍ଧିଜୀବୀ ଉତୁରୋଉଛୁ ।

ଭାରତୀୟ ଭାଷାମାନଙ୍କ ବିଷୟରେ ହୀନମନ୍ୟତା ସୃଷ୍ଟି ପାଇଁ ଏହାପୂର୍ବରୁ ଆଉ ଏକ ପ୍ରଚେଷ୍ଟା ହୋଇଥିଲା, ଯେତେବେଳେ ସଂସ୍କୃତକୁ ଦେବଭାଷା କୁହାଗଲା । ସେତେବେଳେ ସାରା ଭାରତରେ କମ୍ପନ ସୃଷ୍ଟି ହେଲା । ମରାଠୀ ସନ୍ଥକବି ଏକନାଥ କହିଲେ, 'ସଂସ୍କୃତ ଭାଷା ଦେବେ କେଲି ତରି ପ୍ରାକୃତ କାୟ ଚୋରାପାଶୁନ ଆଲି?' ସନ୍ଥ କବିର କହିଲେ, 'ସଂସ୍କୃତ କୂପଜଲ ଭାଷା ବେହତା ନୀର ।' ଓଡ଼ିଆ କବି ଅଚ୍ୟୁତାନନ୍ଦ କହିଲେ, 'ସଂସ୍କୃତ ପରାକୃତ ଯେ ବେନି ସମସରି । କେବଳ ଗୋବିନ୍ଦରସ ଅମୀୟ ମାଧୁରୀ' । ବାଧ୍ୟତାମୂଳକ ଇଂରାଜୀ ଶିକ୍ଷା ଏବଂ ଇଂରାଜୀ ମାଧ୍ୟମର ପ୍ରାଧାନ୍ୟ ହେତୁ ଆମ ହୀନମନ୍ୟତାର ଆରମ୍ଭ । ଆମ ଭାଷା ବ୍ୟବହାର କମି କମି ଯାଉଥିବାରୁ ଏହାର ଭବିଷ୍ୟତ ସମ୍ପର୍କରେ ପ୍ରଶ୍ନ ଉଠିବା ସ୍ୱାଭାବିକ ହୋଇଯାଇଛି । ବ୍ୟବହାର ହିଁ ଭାଷା ସମୃଦ୍ଧିର ଏକମାତ୍ର ବାଟ । ଶିକ୍ଷା, ପ୍ରଶାସନ, ଗଣମାଧ୍ୟମ ଓ ସଂସ୍କୃତିର ବିଭିନ୍ନ ବିଭାଗରେ ଭାଷାର ବ୍ୟବହାର ନୋହିଲେ ଆମେ କେବଳ ମରଣମୁହାଁ ଭାଷାର ତାଲିକା କରୁଥିବା । ସେହି ତାଲିକା ଲମ୍ବି ଲମ୍ବି ଯାଉଥିବ ।

# ଓଡ଼ିଶାର ଅଭିନବ ସାଂସ୍କୃତିକ ସମ୍ଭାର



ଡ. ଆଶିଷ ମହାପାତ୍ର
ଭୁବନେଶ୍ୱର, ମୋ: ୮୨୪୯୭୯୨୪୫୬

ନିକଟରେ ସମଗ୍ର ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା'ସମଲେଇଙ୍କ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ଲୋକାର୍ପଣ ସମଗ୍ର ଓଡ଼ିଶାବାସୀଙ୍କ ଧାର୍ମିକ ଚେତନା ଓ ଭାବଧାରାକୁ ବେଶ୍ ପ୍ରଭାବିତ କରିଛି । ଏହାପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଶ୍ୱରେ ଶ୍ରୀଜଗନ୍ନାଥ ଚେତନା ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାରରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ସେହିପରି ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଦ୍ୱାରା ପ୍ରଦର୍ଶିତ ଶ୍ରୀକୃଷ୍ଣଙ୍କ ରାସଲୀଳା ଉପରେ ପର୍ଯ୍ୟବସିତ ଉତ୍କଳୀୟ କଳାକୃତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସବୁଠାରୁ ଆନନ୍ଦର କଥା ହେଉଛି ଓଡ଼ିଶାର ଏହି ପ୍ରଜ୍ଞାପନ ମେଢ଼ ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି । ସେହିପରି ସରକାରଙ୍କ ଦ୍ୱାରା ମା' ତାରିଣୀ ମନ୍ଦିରର ରୂପାନ୍ତରଣ ତଥା ଓଡ଼ିଶାର ବିଭିନ୍ନ ଧାର୍ମିକ ପୀଠର ଉନ୍ନତିମୂଳକ ରୂପାନ୍ତରଣ ଆଦିକୁ ଐତିହାସିକ ପଦକ୍ଷେପ ଭାବେ ଓଡ଼ିଶାବାସୀଙ୍କ ସାମୂହିକ ସ୍ୱୀକୃତି ମିଳିଛି । ରାଜ୍ୟ ସରକାରଙ୍କ ଉପରୋକ୍ତ ଐତିହାସିକ ତଥା ସାଂସ୍କୃତିକ ବିକାଶମୂଳକ କାର୍ଯ୍ୟକ୍ରମ ଆମ ଉତ୍କଳୀୟ ସଂସ୍କୃତିକୁ ପୁନରୁଦ୍ଧାର କରିବା ଭଳି ମନେହୁଏ । ଓଡ଼ିଶା ବ୍ୟତୀତ ଦେଶର ଅନ୍ୟ କୌଣସି ରାଜ୍ୟରେ ଏହିଭଳି ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଅଭିଯାନ କେବେ ବି ଦେଖିବାକୁ ମିଳିନାହିଁ । ଏ ସବୁ ଅନନ୍ୟ ପଦକ୍ଷେପ ପାଇଁ ଓଡ଼ିଶାର ସାଂସ୍କୃତିକ ବିକାଶ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି ।

ଓଡ଼ିଶା ଇତିହାସ ପୃଷ୍ଠା ଓଲଟାଇଲେ ମହାମେଘବାହନ ଖାରବେଳ, ଯଯାତି କେଶରୀ, ନରସିଂହ ଦେବ ଓ ଚୋଡ଼ଗଙ୍ଗଦେବଙ୍କ ନିଜସ୍ୱ ଧାର୍ମିକ ଭାବନା ଓ ସଂସ୍କୃତିପ୍ରୀତିର ଝଲକ ଦେଖିବାକୁ ମିଳିଥାଏ । କିନ୍ତୁ ସମସାମୟିକ ଗଣତାନ୍ତ୍ରିକ ଯୁଗରେ ଗୋଟିଏ ରାଜ୍ୟର ସରକାର ଠିକ୍ ସେହିଭଳି ଢଙ୍ଗରେ ଓଡ଼ିଆ ଜନଜୀବନ, ନିଷ୍ଠା, ଭକ୍ତି ଓ ଆଧ୍ୟାତ୍ମିକତାକୁ ଅନୁଭବ କରି ତା'କୁ କାର୍ଯ୍ୟରେ ପ୍ରତିପାଦିତ କରିବା ସମଗ୍ର ରାଜ୍ୟବାସୀଙ୍କ ସାଂସ୍କୃତିକ ଅସ୍ମିତାକୁ ରୁଦ୍ଧିମନ୍ତ କରିଛନ୍ତି । ଏଥିସହିତ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଲୋକାର୍ପଣ ଏବଂ ଓଡ଼ିଆ ଲୋକସଂସ୍କୃତିର ପ୍ରମୁଖ ମାଧ୍ୟମ ଓଡ଼ିଶାର ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମକୁ ରୂପାନ୍ତରିତ କରିବା ଭଳି ଐତିହାସିକ ନିଷ୍ପତ୍ତି ନେଇ ଏହାକୁ କାର୍ଯ୍ୟରେ ପରିଣତ କରିବା ରାଜ୍ୟ ସରକାରଙ୍କ ସାଂସ୍କୃତିକ ବିକାଶ ପ୍ରକ୍ରିୟା ଓଡ଼ିଶାବାସୀଙ୍କ ଦ୍ୱାରା ବେଶ୍ ଆଦୃତ ହେବା ସହ ଆମ ସଂସ୍କୃତିର ବିକାଶ ଦିଗରେ ଏକ ନୂତନ ଉଦାହରଣ ସୃଷ୍ଟି କରିବାରେ ସହାୟକ ସାବ୍ୟସ୍ତ ହୋଇପାରିଛି । ଉତ୍କର୍ଷ କଳାର ଦେଶ ଓଡ଼ିଶାର ଐତିହ୍ୟ କୀର୍ତ୍ତିରାଜି, ଲୋକକଳା, ଶାସ୍ତ୍ରୀୟ ନୃତ୍ୟ ତଥା ଭାଷା, ସାହିତ୍ୟ ଓ ସାମଗ୍ରିକ ସଂସ୍କୃତି ସମ୍ପ୍ରତି ପୂର୍ବାପେକ୍ଷା ଅଧିକ ଲୋକପ୍ରିୟ ହେବା ଆମ ରାଜ୍ୟ ପାଇଁ ଗୌରବର କଥା । ସର୍ବୋପରି ରାଜ୍ୟ ସରକାରଙ୍କ ପକ୍ଷରୁ ଫେବୃଆରି ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିବା ଓଡ଼ିଆ ଭାଷାର ଗୁରୁତ୍ୱକୁ ବିଶ୍ୱ ଦରବାରରେ ଅଧିକ ଲୋକପ୍ରିୟ କରିବାରେ ସହାୟକ ସାବ୍ୟସ୍ତ ହେବ ।

ଆବହମାନକାଳରୁ ଓଡ଼ିଶା ନିଜସ୍ୱ ସାଂସ୍କୃତିକ ବିଭବ ଯୋଗୁଁ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା ସତ, କିନ୍ତୁ ବିଗତ କିଛି ଦଶନ୍ଧି ଧରି ସାଂସ୍କୃତିକ ବିକାଶଧାରାରେ ଯେଉଁ ଶିଥିଳତା ଦେଖାଦେଇଥିଲା, ତାହା ଏବେ ସାମ୍ପ୍ରତିକ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରୀତି ଯୋଗୁଁ ବେଶ୍ ଗତିଶୀଳ ହୋଇପାରିଛି । ନିକଟରେ ଆମ ଲୋକକଳା ଓ ଲୋକସାହିତ୍ୟକୁ ସ୍ୱୀକୃତି ଦେବାକୁ ଯାଇ ଭାରତ ସରକାରଙ୍କ 'ପଦ୍ମଶ୍ରୀ' ପୁରସ୍କାର ଘୋଷଣା ତାଲିକାରେ ଓଡ଼ିଶାର କୃଷ୍ଣଲୀଳାର ଗାୟକଗୁରୁ ଶ୍ରୀ ଗୋପୀନାଥ ସ୍ୱାଇଁ, ଶବ୍ଦନୃତ୍ୟର ଶିଳ୍ପୀଗୁରୁ ଶ୍ରୀ ଭାଗବତ ପ୍ରଧାନ, ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣା ଓ ଲୋକ ସାହିତ୍ୟିକ ଶ୍ରୀ ବିନୋଦ କୁମାର ପଶାୟତ ସ୍ଥାନ ପାଇବା ଆମ ଓଡ଼ିଶା ପାଇଁ ଏକ ଗୌରବର ବିଷୟ ଅଟେ ।

ସମ୍ପ୍ରତି ସରକାରୀ ସ୍ତରରେ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିର ସାମଗ୍ରିକ ବିକାଶ ସହ ଏହାର ପ୍ରଚାର ଓ ପ୍ରସାର ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଉଛି, ତାହା ସମଗ୍ର ଓଡ଼ିଶାବାସୀଙ୍କ ମନରେ ଆମ ଜାତିର ଓ ଆମ ମାଟିର ସାଂସ୍କୃତିକ ଅସ୍ମିତାକୁ ପୂର୍ବାପେକ୍ଷା ଅଧିକ ପ୍ରସାରିତ କରିପାରିଛି । ଏହାଦ୍ୱାରା ଯୁବପିଢ଼ି ଆମ ନିଜସ୍ୱ ସଂସ୍କୃତି ଓ ଭାଷା ପ୍ରତି ଗଭୀର ଭାବରେ ପ୍ରଭାବିତ ହୋଇ ଏ ସବୁ ଐତିହାସିକ କାର୍ଯ୍ୟକ୍ରମର ଅଂଶବିଶେଷ ହେବା ନିମନ୍ତେ ଆଗଭର ହେଉଛନ୍ତି । ଆମ ରାଜ୍ୟର ସାଂସ୍କୃତିକ ବିକାଶ ଓ ଏହାର ମୂଲ୍ୟବୋଧ ପ୍ରତି ଅନୁରକ୍ତି ପ୍ରଦର୍ଶନ କରିବା ପାଇଁ ଏହା ଏକ ଶୁଭସଂକେତ । ବର୍ତ୍ତମାନ ଆମ ସାଂସ୍କୃତିକ ଅସ୍ମିତା ପ୍ରତି ରାଜ୍ୟ ସରକାର ଯେତେମାତ୍ରାରେ ଯତ୍ନଶୀଳ, ସେହିଭଳି ଆମ ରାଜ୍ୟର ଜନସାଧାରଣ, ବିଶେଷକରି ଯୁବପିଢ଼ି ଏଥିପ୍ରତି ନିଜର କର୍ତ୍ତବ୍ୟ ପରାୟଣତାରେ କାର୍ପଣ୍ୟ ନ କରି ସାମୂହିକ ଉଦ୍ୟମ କଲେ ବିଶ୍ୱଦରବାରରେ ଆମ ଓଡ଼ିଶାର ସାଂସ୍କୃତିକ ବୈଭବ ଆହୁରି ଜାଜ୍ୱଲ୍ୟମାନ ହେବ ।

# ଦୀର୍ଘସୂତ୍ରୀ ବନାମ ବାସ୍ତବବାଦୀ



ଡ. କଳ୍ପନା ସାହୁ
ଭୁବନେଶ୍ୱର, ମୋ:୮୨୪୯୮୯୬୧୪୮

ଅନେକ ଲୋକ କାର୍ଯ୍ୟାଳୟ, ବିଦ୍ୟାଳୟକୁ ନିଜ ମନ ମୁତାବକ ସମୟରେ ଯାଆନ୍ତି । ଆଉ କେତେକ ବ୍ୟକ୍ତି ନିଜର ଅଭ୍ୟାସଗତ ଗୁଣ ଯୋଗୁଁ ବିଳମ୍ବରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚନ୍ତି । ଏପରି ଦେଖାଯାଇଛି ଯେ କେତେକ ଲୋକ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାର୍ଯ୍ୟକୁ ପକାଇ ରଖନ୍ତି । ଏହାକୁ ବିଳମ୍ବ କୁହାଯାଏନି । ଏହାକୁ ଦୀର୍ଘସୂତ୍ରୀ ସ୍ୱଭାବ କୁହାଯାଏ । ନୂଆବର୍ଷ ଆରମ୍ଭରୁ କସରତ ଓ ଯୋଗ କରିବା, ମିଠା ଜିନିଷ ଓ ମାଦକଦ୍ରବ୍ୟ ସେବନ କରିବା ନାହିଁ, ସଅଳ ନିଦ୍ରାରୁ ଉଠି କାର୍ଯ୍ୟରେ ମନୋନିବେଶ କରିବା ଇତ୍ୟାଦି ଅନେକ ଯୋଜନା ଆମେ କରୁ । କିନ୍ତୁ ସମୟ ଆସିଲେ ଏହାକୁ ଆମେ ପାଶୋରି ପୁଣି ନିଜର ଗତାନୁଗତିକ ଜୀବନରେ ଆଗେଇଚାଲୁ । ନିଜକୁ ନିଜେ ବିଭିନ୍ନ ଯୁକ୍ତି ଦେଇ ଆମର ସଂକଳ୍ପ ଭାଙ୍ଗିବାକୁ ଯଥାର୍ଥତା ଦେଇଥାଉ । କାଲି କରିବି, ଆଜି ନାହିଁ- ଏହି ଉକ୍ତି ଧରି ଚାଲୁ ଓ କାଲି ଆମ ପାଇଁ କେବେ ଆସେ ନାହିଁ ।

ଏହା ମଣିଷର ଏକ ଇଚ୍ଛାକୃତ ସ୍ୱଭାବ । ସମୟ ସମୟରେ ଏହାର ନକାରାତ୍ମକ ପ୍ରଭାବ ଜାଣି ମଧ୍ୟ ମଣିଷ ଏହି ସ୍ୱଭାବର ବଶବର୍ତ୍ତୀ ହୁଏ । ଅନେକ ସମୟରେ କାର୍ଯ୍ୟରେ ସୁଫଳ ନ ମିଳିବା ଯୋଗୁଁ ଏହି ଧରଣର ଲୋକମାନେ ବିଷାଦଗ୍ରସ୍ତ ହୁଅନ୍ତି । ଏପରି ମାନସିକତା ଏକ ସାଧାରଣ କଥା ଭାବି ଅନେକ ଏହାକୁ ଅଣଦେଖା କରିଦିଅନ୍ତି । କିନ୍ତୁ ଏହା ଏକ ମାନସିକ ରୋଗ । ମନସ୍ତତ୍ତ୍ୱବିଦ୍‌ମାନେ ଏହାର ଲକ୍ଷଣକୁ ନେଇ ଅନେକ ଗବେଷଣା କରିଛନ୍ତି । ଦୀର୍ଘସୂତ୍ରୀ ସ୍ୱଭାବର କାରଣ ଜାଣିପାରିଲେ ତାହାର ନିରାକରଣ ପାଇଁ ଜଣେ ପ୍ରସ୍ତୁତ ହୋଇପାରିବ । କ'ଣ ପାଇଁ ଜଣେ ଦୀର୍ଘସୂତ୍ରୀ ସ୍ୱଭାବର ଶରବ୍ୟ ହେଉଛି, ତାହା ଜାଣିବା ପାଇଁ ନିଜକୁ ଆତ୍ମବିଶ୍ଳେଷଣ ଓ ଆତ୍ମଅନୁଶୀଳନ ନିତାନ୍ତ ଜରୁରୀ । ନିଜକୁ ନିଜେ ପଚାରନ୍ତୁ କି ଆପଣ ସମସ୍ତ କାର୍ଯ୍ୟକୁ କାଲି ପର୍ଯ୍ୟନ୍ତ ରଖୁଛନ୍ତି କି? ମୋ ପାଖରେ ସମୟ ନାହିଁ କହିବା, କାମକୁ ଅନେକ ସମୟରେ ସ୍ଥଗିତ ରଖିବା ଓ ରୂପରେଖ ନ ଦେବା ପାଇଁ ହେଳା କରିବା ଆଦି ଦୀର୍ଘସୂତ୍ରୀ ସ୍ୱଭାବର ଲକ୍ଷଣ ।

ବିଭିନ୍ନ ଗବେଷଣାରୁ ଦେଖାଯାଇଛି ଯେ ଆମର ମସ୍ତିଷ୍କର ସ୍ନାୟୁ ଏହିପ୍ରକାର ଲକ୍ଷଣ ଓ ବ୍ୟବହାର ସହିତ ସଂଶ୍ଳିଷ୍ଟ । ସାଧାରଣତଃ ଲୋକମାନେ ସହଜ କାର୍ଯ୍ୟକୁ ସଂଗେ ସଂଗେ କରିଦିଅନ୍ତି । କାର୍ଯ୍ୟଟି ଆହ୍ୱାନମୂଳକ ଓ କଷ୍ଟକର ଥିଲେ ଏହାକୁ ପଛରେ ରଖିଦିଅନ୍ତି । ଆମର ମସ୍ତିଷ୍କ ସହଜ ଓ ସୁଖପ୍ରଦ କାର୍ଯ୍ୟକୁ ସଂଗେ ସଂଗେ ଗ୍ରହଣ କରିନିଏ । କଷ୍ଟ ଏବଂ ଅପ୍ରୀତିକର ଦାୟିତ୍ୱ ବା କାର୍ଯ୍ୟକୁ ପରିହାର କରେ । ଏହାଫଳରେ ଅନେକ କାର୍ଯ୍ୟ ଅଯଥାରେ ପଡ଼ିରହେ । ଜାଣତରେ ବା ଅଜାଣତର ଏହା ଆମକୁ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରେ ନାହିଁ । ଅନେକ ସମୟରେ ଦେଖାଯାଇଛି ଯେ ମଣିଷର ମସ୍ତିଷ୍କ ଓ ମନ ଅସଫଳତାକୁ ସହଜରେ ଗ୍ରହଣ କରିପାରେ ନାହିଁ । ତେଣୁ ଲୋକମାନେ ଏହି କାର୍ଯ୍ୟରୁ ନିଜକୁ ଦୂରେଇ ରଖନ୍ତି । ଏହା ଏକ ଅଭ୍ୟାସରେ ପଡ଼ିଯାଏ । ଯେଉଁ କାର୍ଯ୍ୟରେ ଭଲ ପୁରସ୍କାର ଓ ପ୍ରୋତ୍ସାହନ ଥାଏ, ଆମେ ସଂଗେ ସଂଗେ କରିବା ପାଇଁ ଆଗଭର ହେଉ । ଏହା ସ୍ନାୟୁଗତ ଓ ମସ୍ତିଷ୍କଗତ କାରଣ । ଏହାଛଡ଼ା ମଣିଷର ସ୍ୱଭାବ ସାଧାରଣତଃ ଆଳସ୍ୟଗତ । ଏହାଛଡ଼ା ଅନିୟମିତତା ବା ସମୟ ପ୍ରବନ୍ଧନ ସମ୍ପର୍କରେ ଅଜ୍ଞାନ ଯୋଗୁଁ ଏପରି ବ୍ୟବହାର ଦେଖାଯାଏ । ଯେଉଁମାନେ ସମୟର ମୂଲ୍ୟ ବୁଝନ୍ତି ନାହିଁ ଓ ଜୀବନରେ କେଉଁ କାର୍ଯ୍ୟକୁ ପ୍ରାଥମିକତା ଦେବା ଜାଣନ୍ତି ନାହିଁ, ସେମାନେ ଏଭଳି ଲକ୍ଷଣର ଶିକାର ହୁଅନ୍ତି । କେଉଁ କାର୍ଯ୍ୟଟି ଗୁରୁତ୍ୱପୂର୍ଣ୍ଣ ଓ କେତେ ଗୁରୁତ୍ୱପୂର୍ଣ୍ଣ- କିଭଳି ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ହେବ, ସେପରି ମନୋବୃତ୍ତି ଓ ତତ୍ପରତା ସେମାନଙ୍କ ପାଖରେ ଦେଖାଯାଏ ନାହିଁ । ଏହି ଲୋକମାନଙ୍କ ପାଖରେ ପ୍ରେରଣା ଓ ଏକାଗ୍ରତାର ଅଭାବ ଥାଏ । ଜୀବନର ସଂକଟ ବା ଆଶଙ୍କାକୁ ମୁକାବିଲା କରିବା ପାଇଁ ସେମାନେ ପଛଘୁଞ୍ଚା ଦିଅନ୍ତି । ଏହା ମଧ୍ୟ ଉଦାସୀନତା, ନିଷ୍କ୍ରିୟତା ଓ ଅନିଚ୍ଛାର ଲକ୍ଷଣ ।

ଦୀର୍ଘସୂତ୍ରୀ ସ୍ୱଭାବର ବ୍ୟକ୍ତିଗତ କାରଣ ଛଡ଼ା ଏକ ସାମାଜିକ କାରଣ ମଧ୍ୟ ରହିଛି । ଅନେକ ସମୟରେ ଦେଖାଯାଇଛି ଯେ ପିଲା ବା ବ୍ୟକ୍ତିଠାରୁ ପରିବାର ଓ ସମାଜ ଅନେକ କିଛି ଆଶା କରନ୍ତି । କିନ୍ତୁ ଯେଉଁ ପରିବାରରେ ଅବାସ୍ତବ ଚାହିଦା, ଆଶା ଓ ଆକାଂକ୍ଷା ପିଲା ବା ଲୋକଠାରୁ ଆଶା କରନ୍ତି, ସେମାନେ ଏକପ୍ରକାର ସଂକଟରେ ରୁହନ୍ତି । କେତେକ ରକ୍ଷଣଶୀଳ ପରିବାରରେ ଏହି ଆକାଂକ୍ଷା ଅଧିକ । ତେଣୁ ପିଲାଟି କୌଣସି କାର୍ଯ୍ୟ, ଦାୟିତ୍ୱ ନେବାକୁ ତତ୍ପରତା ଦେଖାଇ ନଥାଏ । ଅଧିକ ଆଲୋଚନା ଓ ତର୍କବିତର୍କରୁ ନିଜକୁ ଦୂରେଇ ରଖେ । ତେଣୁ ଏହିପ୍ରକାର ପିଲାମାନେ ସବୁବେଳେ ଭୁଲ୍‌କାର୍ଯ୍ୟ, ଅସଫଳତା ଓ ମୂଲ୍ୟାଙ୍କନ ବା ମନ୍ତବ୍ୟକୁ ଭୟ କରନ୍ତି । ନିଜ ଭିତରେ ଏକ ଆତ୍ମବିଶ୍ୱାସ ଓ ଆତ୍ମମର୍ଯ୍ୟାଦାର ଅଭାବ ଥାଏ । ନିଜକୁ ନିଜେ ହାର ମାନିଯାଆନ୍ତି । କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ବା କାର୍ଯ୍ୟକୁ ଅନେକ ସମୟ ଧରି ସମ୍ପାଦନା କରିବାର ଧୈର୍ଯ୍ୟ ସେମାନଙ୍କର ନଥାଏ । ଏହିପ୍ରକାର ଲୋକମାନେ ବିପଦ ସମୟରେ କୌଣସି ସଠିକ୍ ନିଷ୍ପତ୍ତି ନେଇ ପାରନ୍ତି ନାହିଁ । ଏହା ତାଙ୍କର କ୍ଷମତା, ଯୋଗ୍ୟତା, ସମ୍ପର୍କ, ଜୀବିକା ଓ ଅନ୍ୟାନ୍ୟ କ୍ଷେତ୍ରରେ ବହୁଳ ଭାବରେ ପ୍ରଭାବ ପକାଏ । ଏହି ଲୋକମାନେ ଜୀବନରେ ଅନେକ କଷ୍ଟ ପାଆନ୍ତି । ତେଣୁ ଆମକୁ କେତେଗୁଡ଼ିଏ ପଦକ୍ଷେପ ନେବାକୁ ପଡ଼ିବ ।

ନିଜ କାର୍ଯ୍ୟର ଦାୟିତ୍ୱ ଓ ପ୍ରାଥମିକତାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ । ନିର୍ଦ୍ଧାରିତ ସମୟରେ କାର୍ଯ୍ୟକୁ ସମାପ୍ତ କରିବା ପାଇଁ ଆଲାରମ୍‌ର ସାହାଯ୍ୟ ନିଅନ୍ତୁ । ନିଜ ଖାତା ବା ଡାଏରୀରେ ଏକ ଚେକ୍ ମାର୍କ କରି କେଉଁ କାର୍ଯ୍ୟ ସମାପ୍ତ ହେଲା ଓ କେତେ ରହିଲା, ତାହା ଉପରେ ଦୃଷ୍ଟି ଦିଅନ୍ତୁ । ଅନେକ ଲୋକ ଦିବାସ୍ୱପ୍ନ ଦେଖନ୍ତି । ଶାରୀରିକ ବ୍ୟାୟାମ ଓ ଯୋଗ ଦ୍ୱାରା ଏହାକୁ ନିୟନ୍ତ୍ରଣ କରିପାରିବେ । ଛୋଟ ଛୋଟ ନିଷ୍ପତ୍ତି ନେବାକୁ ଚେଷ୍ଟା କରନ୍ତୁ । ଯୋଜନା ଓ କାର୍ଯ୍ୟ ମଧ୍ୟରେ ସ୍ଥିରତା ଓ ନିୟମିତତା ରକ୍ଷା କରନ୍ତୁ । ନିଜ ଯୋଜନାକୁ ଭାବନାରେ ନରଖି କାର୍ଯ୍ୟରେ ରୂପାନ୍ତର କରନ୍ତୁ । ନିଜର ବୁଦ୍ଧି, ଜ୍ଞାନ ଓ ସମୟର ଉପଯୁକ୍ତ ବିନିଯୋଗ କରନ୍ତୁ । ନିଜ ଇଚ୍ଛାଶକ୍ତି ଓ ପ୍ରେରଣାକୁ ନୂଆ ଦିଗ ଦିଅନ୍ତୁ ଓ ସୃଜନଶୀଳ କାର୍ଯ୍ୟରେ ମନୋନିବେଶ କରନ୍ତୁ । ପ୍ରଥମେ ଛୋଟଛୋଟ ଲକ୍ଷ୍ୟରୁ ବୃହତ୍ ଲକ୍ଷ୍ୟ ସ୍ଥିର କରନ୍ତୁ । ଅସଫଳତାରୁ ସଫଳତା ମିଳେ । ତେଣୁ କଳ୍ପନାବିଳାସୀ ନ ହୋଇ ବାସ୍ତବବାଦୀ ହୁଅନ୍ତୁ । ନିଜ ସମୟର ମୂଲ୍ୟକୁ ଅର୍ଥପୂର୍ଣ୍ଣ, କାର୍ଯ୍ୟକ୍ଷମ ଓ ଉଦ୍ଦେଶ୍ୟପୂର୍ଣ୍ଣ କରନ୍ତୁ ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଜ୍ଞାନବାପି ପରିସରରେ ପୂଜାର୍ଚ୍ଚନା ପାଇଁ ଅନୁମତି

ଲକ୍ଷ୍ନୌ,୩୧।୧(ଏଜେନ୍ସି)



ବାରାଣସୀସ୍ଥିତ ଏକ ଅଦାଲତ ଜ୍ଞାନବ୍ୟାପୀ ମସଜିଦ ମାମଲାରେ ବୁଧବାର ବଡ଼ ରାୟ ଦେଇଛନ୍ତି । ଜ୍ଞାନବ୍ୟାପି ମସଜିଦର ବେସ୍‌ମେଣ୍ଟ(ଭୂତଳ ଭାଗ)ରେ ରହିଥିବା 'ବ୍ୟାସ୍‌ଜୀ କା ତେହଖାନା'ରେ ପୂଜାର୍ଚ୍ଚନା କରିବାକୁ ଏହି ଅଦାଲତ ହିନ୍ଦୁ ପକ୍ଷଙ୍କୁ ଅନୁମତି ଦେଇଛନ୍ତି। ଏଠାରେ ରହିଥିବା ହିନ୍ଦୁ ଦେବାଦେବୀଙ୍କ ପୂଜାର୍ଚ୍ଚନା ପାଇଁ ଜିଲ୍ଲା ପ୍ରଶାସନକୁ ସମସ୍ତ ବ୍ୟବସ୍ଥା କରିବାକୁ ଅଦାଲତ ନିର୍ଦ୍ଦେଶ ଦେବା ସହିତ କାଶୀ ବିଶ୍ୱନାଥ ମନ୍ଦିର ଟ୍ରଷ୍ଟ ମୁଖ୍ୟଙ୍କ ଦ୍ୱାରା ମନୋନୀତ ପୂଜାରୀଙ୍କ ଦ୍ୱାରା ଏଠାରେ ପୂଜା କରିବାକୁ ଅଦାଲତ କହିଛନ୍ତି। ଫଳରେ ଏହି ତେହଖାନାରେ ଦୀର୍ଘ ୩୧ ବର୍ଷ ଧରି ବନ୍ଦ ରହିଥିବା ପୂଜା ଏବେ ପୁଣି ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ଏଏସ୍‌ଆଇ ସର୍ଭେ ବେଳେ ଏହି ବେସମେଣ୍ଟ ସ୍ଥାନକୁ ସିଲ୍ କରି ଦିଆଯାଇଥିଲା। କିନ୍ତୁ ହିନ୍ଦୁ ଶ୍ରଦ୍ଧାଳୁମାନେ ଏବେ ଏଠାରେ ପୂଜା କରିପାରିବେ। ବୁଧବାର ଏହି ପ୍ରସଙ୍ଗରେ ଶୁଣାଣି ବେଳେ ଅଦାଲତ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ଶ୍ରଦ୍ଧାଳୁଙ୍କ ପୂଜା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବେ। ୭ ଦିନ ମଧ୍ୟରେ ବ୍ୟାରିକେଡ ହଟାଇ ପୂଜା ପାଇଁ ବ୍ୟବସ୍ଥା ହେବ। ହିନ୍ଦୁ ପକ୍ଷର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ବିଷ୍ଣୁ ଶଙ୍କର ଜୈନ କହିଛନ୍ତି, "ହିନ୍ଦୁ ପକ୍ଷଙ୍କୁ ବ୍ୟାସ କା ତେହଖାନାରେ ପୂଜା ପାଇଁ ଅନୁମତି ମିଳିଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ୭ ଦିନ ମଧ୍ୟରେ ବ୍ୟବସ୍ଥା କରିବ। ସେଠାରେ ପୂଜାର୍ଚ୍ଚନା ପାଇଁ ସମସ୍ତଙ୍କର ଅଧିକାର ରହିଛି। ରାମ ମନ୍ଦିର-ବାବ୍ରୀ ମସଜିଦ ବିବାଦ ମଧ୍ୟରେ ତାଲା ଖୋଲିବା ପାଇଁ ୧୯୮୩ରେ ଜଷ୍ଟିସ କେଏମ ମୋହନ ଦେଇଥିବା ରାୟକୁ ଆଜି ଶ୍ରୀଜୈନ ବାରାଣସୀ ଅଦାଲତଙ୍କ ରାୟ ସହ ଯୋଡ଼ି ଏହାକୁ ବଡ଼ ବିଜୟ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଜଷ୍ଟିସ କୃଷ୍ଣ ମୋହନ ପାଣ୍ଡେ ୧୯୮୩ରେ ମସଜିଦ-ମନ୍ଦିର ବିବାଦ ମଧ୍ୟରେ ଚାବି ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଧାରରେ ଆଜି ବାରାଣସୀ ଅଦାଲତ ତାଙ୍କ ରାୟ ଦେଇଥିବା ସେ କହିଛନ୍ତି। ଅନ୍ୟତମ ହିନ୍ଦୁ ପକ୍ଷ ଓକିଲ ସୁଧୀର ତ୍ରିପାଠୀ କହିଛନ୍ତି, ୧୯୯୩ ମସିହା ଯାଏ ଏଠାରେ ପୂଜାପାଠ କରାଯାଉଥିଲା। ତତ୍କାଳୀନ ମୁଲାୟମ ସିଂହ ସରକାର ବିନା କୌଣସି କୋର୍ଟ ନିର୍ଦ୍ଦେଶରେ ଲୁହା ତାରବାଡ଼ ବୁଲାଇ ଏଠାରେ ପୂଜାପାଠ ବନ୍ଦ କରିଦେଇଥିଲେ। ଏହା ବିରୋଧରେ ମାମଲା ଦାୟର କରାଯାଇଥିଲା। ଏବେ ସତ୍ୟର ଜୟ ହୋଇଛି ବୋଲି ସେ କହିଛନ୍ତି।

### ନୂଆ ସଂସଦରେ ରାଷ୍ଟ୍ରପତିଙ୍କ ପ୍ରଥମ ଅଭିଭାଷଣ

# ଶ୍ରେଷ୍ଠ ଭାରତ ସଂକଳ୍ପ ପାଇଁ ଦେଲେ ମନ୍ତ୍ର



**ନୂଆଦିଲ୍ଲୀ,୩୧।୧(ଏଜେନ୍ସି):** ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ ବୁଧବାର ଆରମ୍ଭ ହୋଇଛି। ୨୦୨୪ ନିର୍ବାଚନ ପୂର୍ବରୁ କାମଚଳା ବଜେଟ୍ ପାଇଁ ଏହି ଅଧିବେଶନ ଆରମ୍ଭ ହୋଇଥିଲା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହକୁ ସମ୍ବୋଧିତ କରି ନୂଆ ଭାରତ ସଙ୍କଳ୍ପକୁ ନେଇ ମନ୍ତ୍ର ଦେଇଛନ୍ତି। ନୂଆ ସଂସଦ ଭବନରେ ଏହା ହେଉଛି ତାଙ୍କର ପ୍ରଥମ ଅଭିଭାଷଣ। ସେ ସଂସଦ ଭବନରେ ପହଞ୍ଚିବା ପରେ ତାଙ୍କୁ 'ସେଙ୍ଗୋଲ' ସହ ସ୍ୱାଗତ କରାଯାଇଥିଲା। ଏହାପରେ ସଂସଦରେ ରାଷ୍ଟ୍ରୀୟ ଗାନ ସହ ରାଷ୍ଟ୍ରପତି ତାଙ୍କ ଅଭିଭାଷଣ ରଖିଥିଲେ। ବିଗତ ଦିନରେ ଦେଶରେ ବିଭିନ୍ନ କ୍ଷେତ୍ରରେ ହାସଲ କରାଯାଇଥିବା ଉଲ୍ଲେଖନୀୟ ସଫଳତାକୁ ନେଇ ସେ କହିଥିଲେ ଯେ, ଏବେ ଶ୍ରେଷ୍ଠ ଭାରତ ପ୍ରତିଷ୍ଠା ହେବାର ସଙ୍କେତ ମିଳିଛି।ସମ୍ବିଧାନ ଲାଗୁ ହେବାର ୭୫ ବର୍ଷ ପୂରଣ ହୋଇଛି। ଦେଶରେ ୭୦ ହଜାରରୁ ଅଧିକ ଅମୃତ ସରୋବର ନିର୍ମାଣ ହୋଇଛି । ସଫଳତାର ସହିତ ଆଦିତ୍ୟ ମିଶନ ଲଞ୍ଚ ହୋଇଛି । ସେହିପରି ଅମୃତ ମହୋତ୍ସବ କାଳରେ ଭାରତ ନେତୃତ୍ୱରେ ଐତିହାସିକ ଜି-୨୦ ସମ୍ମିଳନୀ ମଧ୍ୟ ଆୟୋଜିତ ହୋଇଛି। ଏହା ଦେଶ ପାଇଁ ଏକ ବଡ଼ ଉପଲବ୍ଧି । ଦେଶର ବ୍ୟାଙ୍କିଂ ବ୍ୟବସ୍ଥା ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ସହିତ ୫-ଜି ସେବା ବିଭିନ୍ନ କ୍ଷେତ୍ରକୁ ନୂଆ ରୂପ ଦେଇଛି। ସେହିପରି ଜାମ୍ମୁ-କାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପରେ ସେଠାରେ ବିକାଶର ଏକ ନିରନ୍ତର ଧାରା ଜାରି ରହିଛି । ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ବର୍ଷ ବର୍ଷ ଧରି ରହି ଆସିଥିବା ଦେଶବାସୀଙ୍କ ଆକାଂକ୍ଷା ପୂରଣ ହୋଇଛି। କେନ୍ଦ୍ର ସରକାରଙ୍କ ମେକ୍ ଇନ ଇଣ୍ଡିଆ ସବୁଠୁ ବଡ଼ ଅଭିଯାନ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ଅଭିଭାଷଣରେ କହିଛନ୍ତି ।

## ଅରବିନ୍ଦ କେଜ୍ରିୱାଲଙ୍କୁ ଇଡିର ପଞ୍ଚମ ସମନ



**ନୂଆଦିଲ୍ଲୀ,୩୧।୧(ଏଜେନ୍ସି):** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାକୁ ନେଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ପୁଣି ଥରେ ସମନ ଜାରି କରିଛି। ବୁଧବାର ତାଙ୍କୁ ପଞ୍ଚମଥର ପାଇଁ ସମନ କରାଯାଇଥିବା ବେଳେ ଶୁକ୍ରବାର ଦିଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଏହା ପୂର୍ବରୁ କେଜ୍ରିୱାଲଙ୍କୁ ଚାରି ଚାରିଥର ସମନ କରାଯାଇଥିଲେ ହେଁ ସେ ବିଭିନ୍ନ କାରଣ ଦର୍ଶାଇ ହାଜର ହୋଇନଥିଲେ। ଅବକାରୀ ଦୁର୍ନୀତି ଘଟଣାରେ ଇଡି ପ୍ରଥମେ ନଭେମ୍ବର ୨, ଡିସେମ୍ବର ୨୧, ଜାନୁଆରୀ ୩ ଓ ଜାନୁଆରୀ ୧୩ରେ କେଜ୍ରିୱାଲଙ୍କୁ ସମନ କରିଥିଲା। ବର୍ତ୍ତମାନ ପଞ୍ଚମଥର ପାଇଁ ସମନ ପଠାଯିବା ସହିତ ତାଙ୍କୁ ହାଜର ହେବାକୁ କୁହାଯାଇଛି। କିନ୍ତୁ ଏଥର ଯଦି କେଜ୍ରିୱାଲ ଇଡି କାର୍ଯ୍ୟାଳୟରେ ହାଜର ନ ହୁଅନ୍ତି ତେବେ ଇଡି ତାଙ୍କୁ ଗିରଫ କରିପାରେ ବୋଲି ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି।

## ଇଡି ବିରୋଧରେ ହେମନ୍ତଙ୍କ ଏତଲା

**ରାଞ୍ଚି,୩୧।୧(ଏଜେନ୍ସି):** ବୁଧବାର ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜେରାର ସମ୍ମୁଖୀନ ହୋଇଥିଲା ହେବଳେ ଏହି କେନ୍ଦ୍ରୀୟ ଏଜେନ୍ସି ବିରୋଧରେ ଏତଲା ଦାଏର କରିଛନ୍ତି। ଏସ୍‌ସି/ଏସ୍‌ଟି ଆଇନ ଅନୁସାରେ ସେ ମାମଲା ରୁଜୁ କରିଛନ୍ତି। ସୋମବାର ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଇଡି ଚଢଉ କରିଥିଲା। କିନ୍ତୁ ତାଙ୍କ ଅନୁପସ୍ଥିତିରେ ଇଡି ଏଭଳି କରିଥିବାରୁ ସେ ପ୍ରଶ୍ନ ଉଠାଇବା ସହିତ ଜଣେ ଆଦିବାସୀଙ୍କୁ ହଇରାଣ କରିବା ଲକ୍ଷ୍ୟରେ ଇଡି ଏଭଳି ଆଭିମୁଖ୍ୟ ଗ୍ରହଣ କରିଥିଲା ବୋଲି ହେମନ୍ତ ତାଙ୍କ ଅଭିଯୋଗରେ କହିଛନ୍ତି। ଏହିକ୍ରମରେ ରାଞ୍ଚି ଏସପି ଚନ୍ଦନ କୁମାର ସିହ୍ନା କହିଛନ୍ତି ଯେ,ଇଡିର କିଛି ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଏତଲା ଦାଏର ହୋଇଛି।

### ● ରାମ ମନ୍ଦିରକୁ ନେଇ ସୋସିଆଲ ମିଡିଆରେ ପୋଷ୍ଟ

## ମଣିଶଙ୍କର ଆୟର ଓ ଝିଅ ସୁରଣ୍ୟାଙ୍କୁ ଘରଛାଡ଼ ନୋଟିସ୍



**ନୂଆଦିଲ୍ଲୀ,୩୧।୧(ଏଜେନ୍ସି):** କଂଗ୍ରେସ ନେତା ମଣିଶଙ୍କର ଆୟର ଓ ତାଙ୍କ ଝିଅ ସୁରଣ୍ୟା ଆୟରଙ୍କୁ ଦିଲ୍ଲୀର ଜଙ୍ଗପୁରା ସ୍ଥିତ ଘର ଖାଲିବାକୁ ନୋଟିସ ପଠାଯାଇଛି। ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ନେଇ ସୁରଣ୍ୟା ସୋସିଆଲ ମିଡିଆରେ ପୋଷ୍ଟ କରି ନକାରାତ୍ମକ ମନ୍ତବ୍ୟ ଦେଇଥିଲା ବେଳେ ତାଙ୍କ ଆପାର୍ଟମେଣ୍ଟ ପରିସର ସଂଘ ପକ୍ଷରୁ ନୋଟିସ କରାଯାଇଛି। ମଣିଶଙ୍କର ଏବଂ ତାଙ୍କ ଝିଅ ସୁରଣ୍ୟା ରହୁଥିବା ଆପାର୍ଟମେଣ୍ଟରେ ଅନ୍ୟ ଲୋକମାନଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇ ଶାନ୍ତି ଭଙ୍ଗ କରିବା ଭଳି କାର୍ଯ୍ୟରେ ଲିପ୍ତ ନ ହେବାକୁ ବାପ-ଝିଅଙ୍କୁ ମଧ୍ୟ ନୋଟିସରେ କୁହାଯାଇଛି। ଏହି କଲୋନୀର ଶାନ୍ତି ଭଙ୍ଗ କରିବା କିମ୍ବା ଅନ୍ୟମାନଙ୍କ ଧାର୍ମିକ ଭାବନାକୁ ଆଘାତ ଦେବାକୁ ଚେଷ୍ଟା କରିବା ଘଟଣାକୁ ଆମେ ଆଦୌ ଗ୍ରହଣ କରୁନାହୁଁ ବୋଲି କଲୋନୀ ସଂଘ କର୍ମକର୍ତ୍ତା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଯୋଧ୍ୟାରେ ରାମ ମନ୍ଦିରରେ ହୋଇଥିବା ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ସୁରଣ୍ୟା ବିରୋଧ କରି ପୋଷ୍ଟ କରିଥିଲେ। କିନ୍ତୁ ଏହା ସାମ୍ନାକୁ ଆସିବା ପରେ ଉକ୍ତ ଆପର୍ଟମେଣ୍ଟରେ ରହୁଥିବା ଅନ୍ୟ ବାସିନ୍ଦା ସୁରଣ୍ୟା ଏବଂ ମଣିଶଙ୍କରଙ୍କୁ ବିରୋଧ କରିବା ସହିତ ସେଠାରୁ ଅନ୍ୟ କୌଣସି କଲୋନୀକୁ ଚାଲି ଯିବାକୁ ଅନୁରୋଧ କରିଛନ୍ତି।

### ● ଗମ୍ଭୀର ସ୍ଥିତିରେ ପାକିସ୍ତାନ ଅର୍ଥନୀତି

## ଗୋଟିଏ ସିଙ୍ଗଡ଼ା ମୂଲ୍ୟ ୪୦ ଟଙ୍କା

**ଇସଲାମାବାଦ,୩୧।୧(ଏଜେନ୍ସି):** ପ୍ରାୟ ଦୁଇ ବର୍ଷ ହେଲା ଅତ୍ୟନ୍ତ ଜଟିଳ ସ୍ଥିତି ଦେଇ ଗତି କୁଥିବା ପାକିସ୍ତାନର ଅର୍ଥ ବ୍ୟବସ୍ଥା ବେଳକୁ ବେଳ ଗମ୍ଭୀର ହେବାରେ ଲାଗିଛି। ଆର୍ଥିକ ବିପର୍ଯ୍ୟୟ ଯୋଗୁଁ ଏବେ ପନିପରିବା ଠାରୁ ଆରମ୍ଭ କରି ସାଧାରଣ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ଆକାଶଛୁଆଁ ହୋଇଥିବା ବେଳେ ସାଧାରଣ ଲୋକଙ୍କ ମେରୁଦଣ୍ଡ ଏକପ୍ରକାର ଦୋହଲିଯାଇଛି। ସ୍ଥିତି ଏଭଳି ହୋଇଛି ଯେ, ସାଧାରଣ ଲୋକ ଠିକଣା ଭାବେ ଖାଦ୍ୟ ଖାଇବାକୁ ମଧ୍ୟ ଜୁ ନାହିଁ। ଯାହାର ଏକ ନମୁନା ଦେଖିବାକୁ ମିଳିଛି। ପାକିସ୍ତାନରେ ସାଧାରଣ ଜିନିଷ ମୂଲ୍ୟ ଇତିମଧ୍ୟରେ ୪ ରୁ ୫ ଗୁଣ ବଢିଯାଇଥିବାରୁ ସାଧାରଣ ଲୋକ ନିଜ ଚାହିଦା ମୁତାବକ ଏହାକୁ କିଣିବାକୁ ସମର୍ଥ ହେଉନାହାନ୍ତି। ଏଠାରେ ଗୋଟିଏ ସିଙ୍ଗଡ଼ା ମୂଲ୍ୟ ୪୦ ଟଙ୍କା ଛୁଇଁଛି। ନ୍ୟୁଜିଲାଣ୍ଡର ଜଣେ ୟୁଟ୍ୟୁବର ସଂପ୍ରତି ପାକିସ୍ତାନ ଗସ୍ତରେ ଆସିଥିଲା ବେଳେ ସେ ଏକ ରାସ୍ତାକଡ଼ ଦୋକାନରେ ୨ଟି ସିଙ୍ଗଡା ପାଇଁ ୮୦ଟଙ୍କା(ପାକିସ୍ତାନୀ ଟଙ୍କା) ଦେଇଥିବା ଜଣାପଡ଼ିଛି।

### ● ୧୨ ଘଣ୍ଟା ଭିତରେ ପୁଣି ବଡ଼ ଝଟକା

## ପତ୍ନୀଙ୍କ ସହ ଇମ୍ରାନଙ୍କୁ ୧୪ ବର୍ଷ ଜେଲ୍ ଦଣ୍ଡାଦେଶ

ଇସଲାମାବାଦ,୩୧।୧(ଏଜେନ୍ସି)



ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପିଟିଆଇ ଦଳ ସୁପ୍ରିମୋ ଇମ୍ରାନ ଖାନଙ୍କୁ ପୁଣି ଏକ ବଡ଼ ଝଟକା ଲାଗିଛି। ଗତକାଲି ଏଠାକାର ଏକ କୋର୍ଟ ଇମ୍ରାନ ଏବଂ ପୂର୍ବତନ ବୈଦେଶିକ ମନ୍ତ୍ରୀ ମେହମୁଦ୍ କ୍ୟୁରେସିଙ୍କୁ 'ସିଫର(ଗେପନୀୟତା ରକ୍ଷା)' ମାମଲାରେ ୧୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ କରିଥିଲେ। ଏହି ଘଟଣାକୁ କିଛି ଘଣ୍ଟା ନପୂରୁଣୁ ରାୱଲପିଣ୍ଡି କୋର୍ଟ ତୋଷାଖାନା ମାମଲାରେ ଇମ୍ରାନ ଏବଂ ତାଙ୍କ ପତ୍ନୀ ବୁସରା ବିବିଙ୍କୁ ୧୪ ବର୍ଷ ଜେଲ ଦଣ୍ଡାଦେଶ କରିଛନ୍ତି। ଏହା ସହିତ କୋର୍ଟ ଉଭୟଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ କୌଣସି ସାର୍ବଜନିକ ପଦ ପଦବୀରେ ରହିବା ଉପରେ ମଧ୍ୟ ରୋକ ଲଗାଇଛନ୍ତି। କୋର୍ଟ ଇମ୍ରାନ ଦମ୍ପତିଙ୍କ ଉପରେ ୭୮.୭ କୋଟି ଟଙ୍କାର ସାମୂହିକ ଜୋରିମାନା ମଧ୍ୟ କରିଛନ୍ତି। ବୁଧବାର ତୋଷାଖାନା ମାମଲାର ଶୁଣାଣି ବେଳେ ବୁସରା ବିବି କୋର୍ଟରେ ହାଜର ହୋଇନଥିଲେ। ଏହାସତ୍ତ୍ୱେ କୋର୍ଟ ଉଭୟଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଆସନ୍ତା ୮ ତାରିଖରେ ପାକିସ୍ତାନ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଆଉ ମାତ୍ର ହାତ ଗଣତି ସମୟ ରହିଥିବା ବେଳେ ଇମ୍ରାନ ନିର୍ବାଚନ ଲଢିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଇମ୍ରାନ ଖାନଙ୍କ ପାର୍ଟି ପାକିସ୍ତାନ ତହରିକ-ଏ- ଇନସାଫ (ପିଟିଆଇ) ନିର୍ବାଚନ ଆୟୋଗଙ୍କ କଡ଼ା କଟକଣା ମଧ୍ୟରେ ଏବଂ ବିନା ନିର୍ବାଚନ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ହେଲେ ଇମ୍ରାନଙ୍କୁ ସଫଳତା ମିଳିବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ ହୋଇଛି। ଇମ୍ରାନ ଖାନ ଏବେ ଜେଲରେ ରହିଥିବା ବେଳେ ନିର୍ବାଚନରେ ତାଙ୍କର ସେଭଳି ପ୍ରଭାବ ରହିବ ନାହିଁ ବୋଲି କୁହାଯାଉଛି।

## ବିରୋଧୀ ସାଂସଦଙ୍କୁ ମୋଦୀଙ୍କ ନିଶାଣ

### ଚଳିତ ବଜେଟ୍ ଅଧିବେଶନ ଆତ୍ମଚିନ୍ତନର ସମୟ

**ନୂଆଦିଲ୍ଲୀ,୩୧।୧(ଏଜେନ୍ସି):** ବୁଧବାର ସଂସଦର ସଂକ୍ଷିପ୍ତ ବଜେଟ ଅଧିବେଶନ ଆରମ୍ଭ ହୋଇଛି। ୨୦୨୪ ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ଏହି ଅଧିବେଶନକୁ ସବିଶେଷ ଗୁରୁତ୍ୱ ଦିଆଯାଉଥିବା ବେଳେ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀଙ୍କୁ ନିଶାଣ କରିଛନ୍ତି। ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳ ଗୃହକାର୍ଯ୍ୟ ଚଳାଇ ଦେଇ ନାହାନ୍ତି। ଅଧିକାଂଶ ସମୟ କେବଳ ହୋହଲ୍ଲାରେ ଶେଷ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦୀ ବିରୋଧୀ ସାଂସଦମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, 'ଏହି ଅଧିବେଶନ ହେଉଛି ଅପାଣମାନଙ୍କ ପାଇଁ ଆତ୍ମୋନ୍ନୟନର ଅଧିବେଶନ। ଦେଶ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଛି ଏବଂ ଆଗକୁ ମଧ୍ୟ ବିକାଶର ଧାରା ଅବ୍ୟାହତ ରହିବ। କିନ୍ତୁ ବିଗତ ୧୦ ବର୍ଷରେ ଆପଣମାନେ କ'ଣ କରିଛନ୍ତି, ତାହା ସମୀକ୍ଷା କରନ୍ତୁ।ସାଂସଦମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ଯଦି ୧୦୦ ଜଣଙ୍କୁ ପଚାରନ୍ତି, ତେବେ ସେମାନଙ୍କୁ କେହି ମନେ ରଖିନଥିବେ ।କେହି ତାଙ୍କ ନାମ ମଧ୍ୟ ଜାଣିପାରିବେ ନାହିଁ । ତେଣୁ ଏହି ଅଧିବେଶନ ଆପଣମାନଙ୍କ ପାଇଁ ପଶ୍ଚାତାପର ସମୟ' ବୋଲି ମୋଦୀ କହିଛନ୍ତି। ଆଗକୁ ଲୋକସଭା ନିର୍ବାଚନ ଥିବାରୁ ଏଥର କାମଚଳ ବଜେଟ ଉପସ୍ଥାପନ ହେବ । ନିର୍ବାଚନ ପରେ ନୂଆ ସରକାର ପୂର୍ଣ୍ଣାଙ୍ଗ ବଜେଟ ଆଣିବେ ବୋଲି ସେ କହିଛନ୍ତି।

## ଦାନ୍ତେୱାଡ଼ାରେ ମାଓବାଦୀଙ୍କ ବଡ଼ ସୁଡ଼ଙ୍ଗ ଠାବ

**ମାଲକାନଗିରି/ଦାନ୍ତେୱାଡ଼ା,୩୧।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଓ ଦାନ୍ତେୱାଡା ଜିଲ୍ଲା ସୀମାନ୍ତରେ ମାଓବାଦୀଙ୍କ ଏକ ବଡ଼ ବଙ୍କର ଠାବ ହୋଇଛି। ଇସ୍ରାଏଲରେ ଗାଜାରେ ହମାସ ଆତଙ୍କବାଦୀଙ୍କ ଭଳି ଏଠାରେ ମାଓବାଦୀଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ସୁଡ଼ଙ୍ଗକୁ ଦେଖି ପୁଲିସ ଚକିତ ହୋଇଯାଇଛି ।ମଙ୍ଗଳବାର ବିଜାପୁର ଜିଲ୍ଲାରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ତିନିଜଣ ସୁରକ୍ଷା କର୍ମୀ ନିହତ ହୋଇଥିବାବେଳେ ୧୫ ଜଣ ଆହତ ହୋଇଥିଲେ। ଅନ୍ୟ ପକ୍ଷରେ ଏହି ଗୁଳିବିନିମୟରେ ୬ ଜଣ ମାଓବାଦୀ ମଧ୍ୟ ପ୍ରାଣ ହରାଇଥିଲେ ।ତେବେ ଏହି ଆକ୍ରମଣ ପରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ସଂପୃକ୍ତ ଅଞ୍ଚଳରେ ଜୋରଦାର କୁମ୍ବିଂ ଅପରେସନ କରାଯାଇଥିବା ବେଳେ ଏହି ସମୟରେ ବୁଧବାର ସକାଳେ ମାଓବାଦୀଙ୍କ ଏହି ସୁଡ଼ଙ୍ଗ ଠାବ କରାଯାଇଥିବା ଜଣାପଡ଼ିଛି। ଏହି ବଙ୍କର ବା ସୁଡ଼ଙ୍ଗ ଲମ୍ବ ପ୍ରାୟ ୨୦ ଫୁଟ ଥିବାବେଳେ ଏହା ଜାଣିବା ବହୁ କଷ୍ଟକର ଥିଲା। ଖାଲି ସ୍ଥଳରେ ଚାଲୁଥିବାବେଳେ ଏହି ସୁଡ଼ଙ୍ଗକୁ ଠାବ କରିବା କଷ୍ଟକର ବୋଲି ସୁରକ୍ଷାକର୍ମୀ କହିଛନ୍ତି। ତେବେ ସୁରକ୍ଷା କର୍ମୀ କୁମ୍ବିଂ ଅପରେସନ କରୁଥିବା ସମୟରେ ଗୋଟିଏ ସ୍ଥାନରେ ଉପରେ ମାଟି ଓ ତଳେ କିଛି କାଠ ଗଣ୍ଡି ରଖି ସୁଡ଼ଙ୍ଗକୁ ଘୋଡ଼ାଇ ରଖାଯାଇଥିଲା। ସୁରକ୍ଷା କର୍ମୀ ଉକ୍ତ ମାଟି ଓ କାଠ ଗଣ୍ଡି ହଟାଇବା ପରେ ତଳେ ସୁଡ଼ଙ୍ଗ ଥିବା ଜାଣିପାରିଥିଲେ ।ମାଓବାଦୀମାନେ ଏହି ବଙ୍କରରେ ଲୁଚି ରହି ପୁଲିସ ଉପରେ ଆକ୍ରମଣ କରିବା ସହିତ ଗୁପ୍ତ ବୈଠକ କରୁଥିବା ପୁଲିସ ଅନୁମାନ କରୁଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୁମ୍ବିଂ ଅପରେସନ ଜାରି ରହିଥିବା ପୁଲିସ କହିଛି।



## ଆଇଆଇଏମ୍‌ସିକୁ ଡିମ୍‌ଡ ୟୁନିଭର୍ସିଟି ମାନ୍ୟତା

**ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି):** ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି)କୁ ଡିମ୍ଡ ୟୁନିଭର୍ସିଟି ମାନ୍ୟତା ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏ ସମ୍ପର୍କରେ ବୁଧବାର ଘୋଷଣା କରାଯାଇଛି। ଏହାଦ୍ୱାରା ଆଇଆଇଏମ୍‌ସି ଛାତ୍ରଛାତ୍ରୀଙ୍କୁ ଡକ୍ଟରେଟ୍ ସହ ଡିଗ୍ରୀ ପ୍ରଦାନ କରଯିାପାରିବ। ଆଇଆଇଏମ୍‌ସି ଦିଲ୍ଲୀ ସହ ଏହାର ସମସ୍ତ ଆଞ୍ଚଳିକ ସଂସ୍ଥାନକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖବର ମିଳିବା ପରେ ଆଇଆଇଏମସି ସଂସ୍ଥାନ ବିଦ୍ୟାର୍ଥୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଭାରତୀୟ ଜନସଞ୍ଚାର ସଂସ୍ଥାନ ପକ୍ଷରୁ ଏକ୍ସରେ ପୋଷ୍ଟ କରାଯାଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟକୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ରାବରୀ ଦେବୀ ଓ ମିସାଙ୍କ ସମେତ ୭ ଜଣଙ୍କୁ ଇଡି ସମନ

**ପାଟନା,୩୧।୧(ଏଜେନ୍ସି):** ଚାକିରି ବଦଳରେ ଜମି ଦୁର୍ନୀତି ମାମଲାରେ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କୁ ଜେରା କରିବା ପରେ ଗତକାଲି ତାଙ୍କ ପୁଅ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ୭ ଘଣ୍ଟା ଧରି ଜେରା କରିଥିଲା। ଏହାପରେ ଏହି ମାମଲାରେ ଜଡ଼ିତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଇଡି ପକ୍ଷରୁ ସମନ କରାଯାଇଛି। ଲାଲୁଙ୍କ ପତ୍ନୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବରୀ ଦେବୀ ,ତାଙ୍କ ଝିଅ ମିଶା ଭାରତୀଙ୍କ ସମେତ ୭ ଅଭିଯୁକ୍ତଙ୍କୁ ପଚରା ଉଚରା ପାଇଁ ଦିଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି।

### ପଶ୍ଚିମବଙ୍ଗରେ ଭାରତ ଯୋଡୋ ନ୍ୟାୟ ଯାତ୍ରା

# ରାହୁଲଙ୍କ ଗାଡ଼ି ଉପରକୁ ପଥରମାଡ଼

କୋଲକାତା,୩୧।୧(ଏଜେନ୍ସି)

ପଶ୍ଚିମବଙ୍ଗରେ ଭାରତ ଯୋଡୋ ନ୍ୟାୟ ଯାତ୍ରା ବେଳେ ରାହୁଲ ଗାନ୍ଧୀଙ୍କ ଗାଡି ଉପରକୁ ପଥର ମାଡ଼ ହୋଇଛି। ଏହାଦ୍ୱାରା ତାଙ୍କ ଗାଡିର ପଛ

**ଆକ୍ରମଣକୁ କଂଗ୍ରେସର ଅସ୍ୱୀକାର**




କାଚ ନଷ୍ଟ ହୋଇଯାଇଥିବା କୁହାଯାଇଛି। ବୁଧବାର ବିହାରର କଟିହାର ଦେଇ ଭାରତ ଯୋଡୋ ଯାତ୍ରା ପଶ୍ଚିମବଙ୍ଗର ମାଲଦାରେ ପ୍ରବେଶ କରିଥିଲା। ଏଠାରେ ହରଶ୍ଚନ୍ଦ୍ରପୁର ଅଞ୍ଚଳ ଦେଇ ରାହୁଲଙ୍କ ଗାଡି ଯାଉଥିବା ବେଳେ ପଛରୁ କେହି ଟେକାମାଡ଼ କରିବାରୁ ରାହୁଲଙ୍କ ଗାଡି କାଚ ଭାଙ୍ଗିଯାଇଥିଲା ବୋଲି ପ୍ରଥମେ ପଶ୍ଚିମବଙ୍ଗ କଂଗ୍ରେସ ନେତା ତଥା ସାଂସଦ ଅଧୀରରଞ୍ଜନ ଚୌଧୁରୀ ଅଭିଯୋଗ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମାଲଦାରେ ଏକ ଜନସଭା କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ବିପକ୍ଷ ଦଳ ରାହୁଲଙ୍କ ଗାଡିକୁ ନିଶାଣ କରିଥାଏ ପାରେ ବୋଲି ସେ କହିଥିଲେ। ଏହି ଘଟଣାରେ ରାହୁଲଙ୍କୁ କୌଣସି କ୍ଷତି ପହଞ୍ଚି ନଥିଲା ବେଳେ ପରବର୍ତ୍ତୀ ସମୟରେ ଅଧୀର ରଞ୍ଜନ ତାଙ୍କ କଥା ବଦଳାଇଛନ୍ତି। ଟେକା ମାଡ଼ ଦ୍ୱାରା ନୁହେଁ, ବରଂ ସୁରକ୍ଷା ଦଉଡ଼ି ଲାଗିଯାଇ ରାହୁଲଙ୍କ ଗାଡିର କାଚ ଭାଙ୍ଗି ଥିବା ସେ କହିଛନ୍ତି। ଅପରପକ୍ଷେ କଂଗ୍ରେସ ରାହୁଲଙ୍କ ଗାଡି କାଚ ଭାଙ୍ଗିବା ଘଟଣାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛି।

### କଂଗ୍ରେସ ଉପରେ ବର୍ଷିଲେ ମମତା

## 'ଗୋଟିଏ ବି ଆସନ ଛାଡ଼ିବୁ ନାହିଁ'



ପଶ୍ଚିମବଙ୍ଗରେ ଆସନ ବଣ୍ଟନକୁ ନେଇ ଟିଏମସି ଓ କଂଗ୍ରେସ ମଧ୍ୟରେ ଚାଲିଥିବା ବିବାଦ ଆହୁରି ତୀବ୍ର ହୋଇଛି। ପୂର୍ବରୁ କେବଳ ୨ଟି ଆସନ କଂଗ୍ରେସକୁ ଦେବାକୁ କହିଥିବା ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ବୁଧବାର କଂଗ୍ରେସ ଉପରେ ବର୍ଷିବା ସହିତ ଗୋଟିଏ ବି ଆସନ ନ ଛାଡିବାକୁ କହିଛନ୍ତି। ଏଥିସହିତ ଟିଏମସି ସହ ମେଣ୍ଟ କରିବାକୁ ହେଲେ କଂଗ୍ରେସକୁ ପ୍ରଥମେ ସିପିଏମ ସହ ସବୁ ସ୍ତରରେ ସମ୍ପର୍କ ଛିନ୍ନ କରିବାକୁ ପଡ଼ିବ ବୋଲି ମମତା କହିଛନ୍ତି। ପୂର୍ବରୁ ଇଣ୍ଡିଆ ମେଣ୍ଟରେ ଆସନ ବଣ୍ଟନ ବୁଝାମଣା ବେଳେ ଟିଏମସି ପଶ୍ଚିମବଙ୍ଗରେ କଂଗ୍ରେସକୁ ୨ଟି ଆସନ ଦେବାକୁ ପ୍ରସ୍ତାବ ଦେଇଥିଲା। ହେଲେ ଏହାକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଥିଲା। ଏବେ ମମତା ଗୋଟିଏ ବି ଆସନ ଦିଆଯିବ ନାହିଁ ବୋଲି କହିଛନ୍ତି ।ମାଲଦାରେ ମମତା କହିଛନ୍ତି, 'ସିପିଏମ ବହୁବାର ମୋ ଉପରେ ଆକ୍ରମଣ କରିଛି। ମୋତେ ଭୟଙ୍କର ଭାବେ ମାଡ଼ ମରାଯାଇଛି। ମୁଁ କେବଳ ମୋର ସମର୍ଥକ ଏବଂ ଶୁଭେଚ୍ଛୁଙ୍କ ଆଶୀର୍ବାଦ ଯୋଗୁ ଆଜି ବଞ୍ଚିଛି। ମୁଁ ବାମପନ୍ଥୀଙ୍କୁ କେବେ ହେଲେ କ୍ଷମା କରିବି ନାହିଁ। ଯେଉଁମାନେ ଆଜି ସିପିଏମ ସହ ଅଛନ୍ତି, ସେମାନେ ମଧ୍ୟ ବିଜେପି ସହ ରହିବେ। ମୁଁ ସେମାନଙ୍କୁ କେବେ ହେଲେ କ୍ଷମା କରିବି ନାହିଁ' ବୋଲି ମମତା କହିଛନ୍ତି।

# ଏକବିଂଶ ଶତାବ୍ଦୀରେ ଭାଷା, ମାତୃଭାଷା ଓ ଆମ ବ୍ୟକ୍ତିତ୍ୱର ପରିଭାଷା

ଡକ୍ଟର ପ୍ରଦୀପ କୁମାର ମିଶ୍ର

## ଭାଷାର ପରିଚୟ

'ଭାଷା' ମନୁଷ୍ୟର ବାକ୍‌ଯନ୍ତ୍ରରୁ ସୃଷ୍ଟ ଶୃଙ୍ଖଳିତ ଧ୍ୱନିମାଳାର ଅର୍ଥପୂର୍ଣ୍ଣ ପରିପ୍ରକାଶ। ପୁନଶ୍ଚ ଭାଷା ସର୍ବଦା ଉଦ୍ଦେଶ୍ୟ ପ୍ରଣୋଦିତ। ସକଳ ଭାବ ଅଭାବ ପରିପୂରଣ ପାଇଁ ମଣିଷ ଆପଣାର ଭାଷାକୁ ବ୍ୟବହାର କରେ। 'ଭାଷା' ହିଁ ମଣିଷକୁ ଇତର ଜୀବଙ୍କଠାରୁ ପୃଥକ୍ କରି ତା' ଆଚାର ବ୍ୟବହାରକୁ ମାର୍ଜିତ କରିଛି ତା'ରୁଚି, ଅବରୋଧ ଓ ସହୃଦୟତାକୁ ପ୍ରକାଶ କରିବାର ସୁଯୋଗ ଦେଇଛି। ଅନ୍ୟ ଇତର ପ୍ରାଣୀଙ୍କ ଧ୍ୱନି ସମୂହ କେବଳ ଜୈବିକ ଆବଶ୍ୟକତା ପୂରଣ, ଆତ୍ମରକ୍ଷା କିମ୍ବା ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଥିବାବେଳେ, ମଣିଷର ଭାଷା ତା'ର ବୁଦ୍ଧି ବିବେକ, କୌଶଳର ବିକାଶ ସହ ଚେତନାର ସମ୍ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ସଂସ୍କୃତି, ପରମ୍ପରା ଓ ବୌଦ୍ଧିକ ସମ୍ବଳର ସୁରକ୍ଷା, ସଂରଚନା ଓ ସଂକ୍ରମଣରେ 'ଭାଷା' ହିଁ ଧାରକ ଓ ବାହକ। ଏଣୁ ଭାଷାର ଗୁରୁତ୍ୱ କାଳେ କାଳେ ଜାତିର ଜୀବନୀଶକ୍ତି। ଏଥିପାଇଁ ବ୍ୟାସକବି କହିଥିଲେ, "ଭାଷା ହିଁ ଜୀବନୀ ଶକ୍ତି ଜାତିମାନଙ୍କର, ଯେଉଁ ଜାତି ଭାଷା-ହୀନ ସେ ଜାତି ବର୍ବର।" ଏହାର ଦୁଇଟି ସ୍ୱରୂପ ଅଛି 'କଥିତ' ଓ ଲିଖିତ। ଇଂରାଜୀରେ ଏହାକୁ ସଂକ୍ଷେପରେ କହିଲେ– "The method of human communication, either spoken or written, consisting of use of words in structured and conventional way." ବିଶ୍ୱରେ ପ୍ରାୟ ୬୯୦୦ ଟି ଭାଷା ପ୍ରଚଳିତ ଥିବା ବେଳେ ବିଭିନ୍ନ କାରଣରୁ ଅଧିକାଂଶ ଭାଷା କ୍ରମଶଃ ଲୋକପ୍ରିୟତା ହରାଇ ବସୁଛି। ଜାତି ସଂଘର ରିପୋର୍ଟ ଅନୁଯାୟୀ କିଛି ବର୍ଷ ଭିତରେ ୨୫୦୦ଟି ଭାଷା ଲୁପ୍ତ ହେବାକୁ ବସିଲାଣି। ଭାଷା ଶିକ୍ଷଣ ମଣିଷର ଭାବ ଓ ଜ୍ଞାନ ରାଜ୍ୟକୁ ସମୃଦ୍ଧ ଓ ସମ୍ପ୍ରସାରିତ କରେ। ବିଭିନ୍ନ ପରୀକ୍ଷାରୁ ଜଣାଯାଇଛି ଯେଉଁ ବ୍ୟକ୍ତି ଯେତେ ଭାଷାର ଅଧିକାରୀ, ସେହି ବ୍ୟକ୍ତି ସେତେ ଜ୍ଞାନର ଅଧିକାରୀ। ବିଶ୍ୱର ବିସ୍ମୟ ଭାଷାବିତ୍ ଯୋସେଫ୍ କାଶପର୍ ଶହେ ପନ୍ଦରଟି (୧୧୫)ଟି ଭାଷା ଜାଣିଥିଲେ ଏବଂ ତେପନଟି (୫୩) ଭାଷାରେ ତାଙ୍କର ଅପୂର୍ବ ଦକ୍ଷତା ଥିଲା ବିଭିନ୍ନ ଦେଶର ଭାଷାକୁ ସେ ଖୁବ୍ ସହଜରେ ଆୟତ୍ତ କରିପାରିଥିଲେ। ଭାଷା ଶିକ୍ଷଣର ମୌଳିକ ସୂତ୍ର ପ୍ରାୟ ସମାନ ଏଥିପାଇଁ କେବଳ ନିଷ୍ଠା ଓ ଆଗ୍ରହ ଲୋଡ଼ା। ଇଟାଲୀର ଏହି ମହାନ୍ ଭାଷାବିତ୍ ପରବର୍ତ୍ତୀ ସମୟରେ 'କାର୍ଡିନାଲ୍ ମେଜୋଫନ୍ତି' ଭାବେ ସାରା ଇଉରୋପରେ ବିଶିଷ୍ଟ ଭାଷା ବିଦ୍ୱାନ୍ ଭାବେ ପରିଚିତ ହେଲେ। ବିଶ୍ୱର ଜ୍ଞାନ ଭଣ୍ଡାରକୁ ଉନ୍ମୁକ୍ତ କରିବା ପାଇଁ 'ଭାଷା' ହିଁ ବିଶ୍ୱସ୍ତ ଚାବିକାଠି। ଏଣୁ ବିଶ୍ୱର ବଡ଼ ବଡ଼ ଶିକ୍ଷାନୁଷ୍ଠାରେ ଭାଷା ଶିକ୍ଷଣକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଏ। ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରରେ ଅଧ୍ୟୟନ କରୁଥିବା ପ୍ରତ୍ୟେକ ଶିଶୁ ୫ଟି ଭାଷା ଶିକ୍ଷା କରିବା ବାଧ୍ୟତାମୂଳକ। ଏହି ୫ଟି ଭାଷାର ପ୍ରଶିକ୍ଷଣ ପାଇଁ ଉପଯୁକ୍ତ ବାତାବରଣ ସହ ମାର୍ଗଦର୍ଶୀମାନେ ଖାଦ୍ୟ ପାନୀୟ ଭଳି ଭାଷାକୁ ଖୁବ୍ ସ୍ୱାଭାବିକ ରୀତିରେ ଛାତ୍ରଛାତ୍ରୀଙ୍କ ନିକଟରେ ପହ ।ଇଥାନ୍ତି।




## ମାତୃଭାଷା

ସକଳ ଭାଷାକୁ ସହଜରେ ଶିଖିବା ପାଇଁ ମାତୃଭାଷାରେ ଦକ୍ଷତା ହାସଲ କରିବା ପ୍ରଥମ ସର୍ତ୍ତ। 'ମାତୃଭାଷା'ର ସହଜ ଓ ସରଳ ଅର୍ଥ ହେଲା- ମା'ର ଭାଷା ଏବଂ ନିଜ ପ୍ରିୟ ଭିଟାମାଟିର ଭାଷା। ଯେଉଁଠି ମାନବ ଶିଶୁ ତା' ବାଲ୍ୟକାଳର ଭାବ ବିନିମୟ ସାଙ୍ଗସାଥୀଙ୍କ ମେଳରେ କରିଥାଏ ଏବଂ ସ୍ୱାଭାବିକ ଭାବରେ ଯାହାକୁ ସେ ଶିଖିଥାଏ। ଅକ୍ସଫୋର୍ଡ଼ ଡିକ୍ସିନାରୀରେ ମାତୃଭାଷାକୁ ଅତି ସରଳ ଭାଷାରେ ବର୍ଣ୍ଣନା କରାଯାଇଛି। "The language, which a person has grown up speaking from, early childhood." ଏହି "ମାତୃଭାଷା ହିଁ ମାନବ ଶିଶୁ ଲାଗି ମାତୃ ଦୁଗ୍ଧ ସମ ସର୍ବୋତ୍ତମ ଅଟେ" (ଗାନ୍ଧିଜୀ) ଏହାର ସମ ପର୍ଯ୍ୟାୟବାଚୀ ଶବ୍ଦ ଗୁଡ଼ିକ ହେଲା- 'ମାତୃଭାଷା', 'ଦେଶୀୟ ଭାଷା', 'ସ୍ଥାନୀୟ ସଂଳାପ' ଇତ୍ୟାଦି। ମାତୃଭାଷା ଶିକ୍ଷଣର ଯେଉଁ ସ୍ୱାଭାବିକ ଧାରା ରହିଛି ତା' ଜରିଆରେ ମାନବ ଶିଶୁ ପରିବାର ପରିଜନ, ସାଥୀମେଳ, ବିଦ୍ୟାଳୟ ଜରିଆରେ ଆହରଣ କରିଥାଏ। ମାତୃଭାଷା ଶିକ୍ଷଣର ୪ଟି ପର୍ଯ୍ୟାୟ ରହିଛି। ଯଥା- ଶ୍ରବଣ, କଥନ, ପଠନ ଓ ଲିଖନ। ପ୍ରଥମ ଦୁଇଟି ପ୍ରାକ୍ ବିଦ୍ୟାଳୟ ସ୍ତରରେ ଶିଶୁ ଉପରେ ବେଶ୍ ପ୍ରଭାବ ପକାଇଥାଏ ଏବଂ ପରବର୍ତ୍ତୀ ପଠନ ଓ ଲିଖନ ଅନୁଷ୍ଠାନିକ ପ୍ରୟାସ, ଆତ୍ମୀୟଙ୍କ ପ୍ରେରଣାରେ ଶିଶୁ ଅଭ୍ୟାସ କରି କ୍ରମେ ମାତୃଭାଷାକୁ ଆପଣେଇବାକୁ ଲାଗେ।

## ମାତୃଭାଷା ବ୍ୟକ୍ତିତ୍ୱର ଭିତ୍ତିଶିଳା

ଭାଷା ହିଁ ମଣିଷକୁ ସଚେତନଶୀଳ କରେ। ଭାଷା ଜରିଆରେ ଶିଶୁ ନିଜକୁ ଆତ୍ମୀୟଙ୍କୁ ଓ ଅନ୍ୟମାନଙ୍କୁ ଜାଣିବାର ସୁଯୋଗ ପାଏ। ତା'ର ସବୁ ଜିଦ୍, ଇଚ୍ଛା, ଆବଶ୍ୟକତା ଓ ଦାବୀକୁ ସେ ମାତୃଭାଷା ଜରିଆରେ ପ୍ରକାଶ କରେ। ତା' ରଙ୍ଗିନ୍ ସ୍ୱପ୍ନ ଉଦ୍ଭଟ କଳ୍ପନା ଓ ଭାବନା ଆଦି ବହୁକଥାକୁ ସେ ମାତୃଭାଷା ମାଧ୍ୟମରେ ଚିନ୍ତା କରେ। ବାଲ୍ୟକାଳ ଶିଶୁ ଜୀବନର ସର୍ବୋତ୍କୃଷ୍ଟ ସମୟ ଯେଉଁ ସମୟରେ ଗୀତ, ଗପ ଓ ଅନୌପଚାରିକ ବାର୍ତ୍ତାଳାପ ଜରିଆରେ ଶିଶୁ ଭିତରେ ସ୍ନେହ, ଶ୍ରଦ୍ଧା, ଭଲପାଇବାର ଆପଣାପଣଟିଏ ସୃଷ୍ଟି କରିବା ହିଁ ଶିକ୍ଷାର ମହତ୍ ଉଦ୍ଦେଶ୍ୟ ଯାହା ମାତୃଭାଷା ଜରିଆରେ ସଠିକ୍ ଭାବେ ସମ୍ପାଦିତ ହୋଇପାରେ। ପ୍ରାଚ୍ୟ ଦର୍ଶନାନୁସାରେ 'ମାନବ ଶିଶୁ ଭିତରେ ଥିବା ଦିବ୍ୟ ପରିପୂର୍ଣ୍ଣତାର ଅଭିବ୍ୟକ୍ତି ହିଁ ଶିକ୍ଷା'। ଇଂରାଜୀରେ- "Manifestation of divine perfection already in man." (Swami Vivekananda)

## ପାଶ୍ଚାତ୍ୟ ବିଚାରରେ

"Education means, modification of behaviour in a desirable manner." ଅତଏବ ଆମ ବ୍ୟକ୍ତିତ୍ୱର ବ୍ୟାବହାରିକ ଦିଗ 'ଆଚରଣ' ପ୍ରତି ସଚେତନ ହେବା ପୁନଶ୍ଚ 'ବାଞ୍ଛିତ ଆଚରଣ' ହିଁ ଆମର ଧ୍ୟେୟ। ମାନବ ଶିଶୁର ସକଳ କଳା, କୁଶଳତା, ସୃଜନଶୀଳତା, ରୁଚି, ଆଗ୍ରହ, ଦକ୍ଷତା, ଆପଣାର ଅଭୀପ୍ସା ଆଦିକୁ ନେଇ ତା' ବ୍ୟକ୍ତିତ୍ୱର ରୂପରେଖ ପ୍ରକାଶିତ ହୁଏ ଏବଂ ଏ ସବୁର ସାର୍ଥକ ଅଭିବ୍ୟକ୍ତି ପାଇଁ ମାତୃଭାଷା ଏକ ଚମତ୍କାର ମାଧ୍ୟମ ଯାହାର ବିକଳ୍ପ ଏଯାବତ୍ ସ୍ଥିର ହୋଇନାହିଁ। ଅତଏବ ଏକ ରୁଚିସମ୍ପନ୍ନ ଉନ୍ନତ ବ୍ୟକ୍ତିତ୍ୱ ପାଇଁ ଶିଶୁର ଜୀବନ ପ୍ରଭାତରେ ଏକ ମଧୁର ତଥା ମମତ୍ୱବୋଧର ବାତାବରଣ ସୃଷ୍ଟି କରିବା ଆବଶ୍ୟକ। ଘରେବାହାରେ ସବୁଠି ମାତୃଭାଷା ଶିକ୍ଷଣର ଆନନ୍ଦଦାୟକ ପରିବେଶ ଶିଶୁକୁ ବେଶ୍ ଭଲ ଲାଗେ ସେ ନିଜକୁ ପ୍ରକାଶ କରିବାର ସୁଯୋଗ ପାଏ; ଏହି ସମୟରେ ବିଦ୍ୟାଳୟ ଭୂମିକାକୁ କିଏ ଅସ୍ୱୀକାର କରିବ ? ସମ୍ପ୍ରତି ଏକ ଦିଶାହୀନ ପ୍ରତିକୂଳ ପରିସ୍ଥିତିରେ ମାତୃଭାଷାର ବିକାଶ ଧାରା କେଉଁଠି ନା କେଉଁଠି ବ୍ୟାହତ ହେବା ଆମେ ପ୍ରତିଦିନ ଉପଲବ୍ଧି କରୁଛୁ। ଏଥିପାଇଁ ବ୍ୟବସ୍ଥା ଅପେକ୍ଷା, ମାତୃଭାଷା ପ୍ରତି ଆମର ଉଦାସୀନତା ଓ ବୈମାତୃକ ମନୋଭାବ ଅନେକାଂଶରେ ଦାୟୀ। ଅର୍ଥ ଓ ସ୍ୱାର୍ଥ ଆମ ବିବେକକୁ କ୍ରମେ ପଙ୍ଗୁ କରିବାକୁ ବସିଲାଣି ଏକ ପଣ୍ୟ ସଂସ୍କୃତିର ଉତ୍ତରାଧିକାରୀ ଭାବେ ଆମେ ବଞ୍ଚିବାକୁ ଉଚିତ ମଣୁଛୁ। ବ୍ୟବସାୟିକ ସଫଳତା, ଆର୍ଥିକ ସ୍ୱଚ୍ଛଳତା ପାଇଁ ଆମେ ସଂକ୍ଷିପ୍ତ ପଥ (Shortest route) ବାଛି ନେଇଛୁ। ଯେତିକି ଆବଶ୍ୟକ ସେତିକି ମାପଚୁପ୍ କରି କଥା ହେବାର 'କୌଶଳ' ଏବେ ଲୋକ ପ୍ରିୟହେଉଛି। (Communicative skill) ଯାହା ଏକ ସୀମା ଭିତରେ ଆମକୁ ଆବଦ୍ଧ କରିଦେଉଛି। ସମ୍ପ୍ରସାରଣ ହିଁ ଜୀବନ (Expansion is life)ର କୌଣସି ଗୁଢ଼ ଅର୍ଥକୁ ବୁଝିବା ପାଇଁ ଆମ ପାଖରେ ବେଳ ନାହିଁ। ଫଳରେ 'ଭାଷା' ଧୀରେ ଧୀରେ ସଂକୁଚିତ ହୋଇ "ବନସାଇ" ଅବସ୍ଥାରେ ପହି ବା ଆମ ବ୍ୟକ୍ତିତ୍ୱର ବିକାଶରେ ଅନ୍ତରାୟ ନୁହେଁ କି? ଏକଥା ଆଜି ମଣିଷକୁ କହିବାକୁ ଗଲାବେଳେ ଫରାସୀ ସମାଜଶାସ୍ତ୍ରୀ J.R. Herbertଙ୍କ କଥା ମନେ ପଡ଼େ ଯିଏ କି ୨୦୦ ବର୍ଷ ପୂର୍ବରୁ ମଣିଷର ଭାବି ବ୍ୟକ୍ତିତ୍ୱକୁ ଆକଳନ କରିଥିଲେ ଯେମିତି! ତାଙ୍କ ଭାଷାରେ "Every where and at all times men of commerce have had neither heart nor soul: their cash-box is their God. They traffic in all things, even human flesh."

ସ୍ୱାର୍ଥସର୍ବସ୍ୱ ବ୍ୟକ୍ତିକୈନ୍ଦ୍ରିକତାର ପରିଣାମ ଆମେ ଭୋଗି ସାରିଲୁଣି, ଆମ ପାଇଁ ଯେଉଁ ଗପସପ, ହସଖୁସି ଦରକାର ତାହା କେବଳ ମାତୃଭାଷା ହିଁ ଦେଇପାରିବ ଅଥଚ ଆଜି ଆମ ଭୂଖଣ୍ଡରେ ଆମ ମାତୃଭାଷା ଓଡ଼ିଆ ନିର୍ବାସିତ। ଓଡ଼ିଆ ଘରେ ଆଜି ଫକ୍ସ (Fox), ନାଇଟିଙ୍ଗେଲ୍ ପସିଲେଣି, ଲଣ୍ଡନ୍ ବ୍ରିଜ୍ ଭାଙ୍ଗିପଡ଼ିବାର ଶବ୍ଦ ଶୁଭିଲାଣି, ଯାହା ଆମ ସଂସ୍କୃତି ମୂଳରେ ଧୀରେ ଧୀରେ କୁଠାରଘାତ ପରି ଅନୁଭବ ହେଉଛି। ଆମ ପିଢ଼ି କ୍ରମେ ନିଜ ଭାଷା ବଦଳରେ ବିଦେଶୀ ଭାଷା କିମ୍ବା ଅନ୍ୟ ବହୁଳ ପ୍ରଚଳିତ ଚାକଚକ୍ୟ ଭାଷାକୁ ଆପଣେଇଲେଣି ତାହା ହିଁ ଆଜି ଦୁଃଖର କାରଣ। ନିଜ ରାଜ୍ୟରେ ପେଟ ପୂରିଲାନି ବୋଲି ଶିକ୍ଷିତ ଦାଦନ ହୋଇ ଅନ୍ୟ ରାଜ୍ୟକୁ ଯିବା ବିକାଶଧାରାକୁ ଉପହାସ କରୁନାହିଁ କି ? ଭିତ୍ତିଭୂମି ଓ ସମ୍ବଳର ଅଭାବ ନଥିବା ସତ୍ତ୍ୱେ କେଉଁ କାରଣ ପାଇଁ ନିଜ ବୃଦ୍ଧ ପିତାମାତାଙ୍କୁ ଛାଡ଼ି ସେମାନେ ଆଜି ପ୍ରବାସରେ ? ସବୁ ବୁଦ୍ଧିଜୀବୀ ଏକଥା ଜାଣନ୍ତି ହେଲେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଶସ୍ତାଲୋକ ପ୍ରିୟତା ଓ ପ୍ରତିଭାର ଅଣଦେଖା ସେମାନଙ୍କୁ ସ୍ଥାନାନ୍ତର ପାଇଁ ବାଧ କରିଛି। ଫଳରେ ଏକ ବିରାଟ ବୁଦ୍ଧିଜୀବୀ ଗୋଷ୍ଠୀ ନିଜ ଭାଷାର ସ୍ରୋତରୁ ଦୂରେଇ ଗଲେ ଏବଂ ତାଙ୍କ ପୁଅଝିଅ ମାତୃଭାଷା ଓଡ଼ିଆରୁ ପୁରା ବି ତ ହେଲେ; ଏବଂ କେବେ କେମିତି ଛୁଟି ପାଇଲେ ବୁଢ଼ାବୁଢ଼ୀଙ୍କୁ ସଂଖୋଳିବାକୁ ଓଡ଼ିଶା ଆସିଲେ ଜେଜେମା' ପଚାରେ-"ଏବେ ଓଡ଼ିଶା ଆସିଗଲ ? ତା' ଭିତରେ ସାମୟିକ ଆହ୍ଲାଦ ଥାଇପାରେ ପଛରେ ରହିଛି ଜାତିର ଅଜସ୍ର ଅକୁହା ବେଦନା।

## ଉପସଂହାର

ଇତିରୁ ଆରମ୍ଭ ବି କିଛି ମନ୍ଦ ନୁହେଁ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ପରେ ଆମେ ଯଥେଷ୍ଟ ଗର୍ବିତ। ଏ ଭାଷା ଯେ ବିଶ୍ୱର ଯେ କୌଣସି ଭାଷାର ସମକକ୍ଷ ଏଥିରେ ସନ୍ଦେହ ନାହିଁ ବାକି ରହିଲା ଏହାକୁ ଆତ୍ମୀୟତାରେ ମା'ଭଳି ଗୋଟା ପଣେ ଆପଣେଇବା ଏବଂ ନିଜ ପିଲାମାନଙ୍କୁ ଏ ଭାଷାରେ ଶିକ୍ଷାଦେବା। ଓଡ଼ିଆ ଭାବେ ଆମେ ଯଦି ଏହା ନ କରିବା ତେବେ ପଡ଼ୋଶୀ ରାଜ୍ୟର ଜନସାଧାରଣ କ'ଣ ଆମ ଭାଷା ରକ୍ଷା କରିବେ ? ଆସନ୍ତୁ ଏକଥା ଟିକିଏ ଗଭୀର ଭାବେ ଭାବିବା। ଭାଷା ସୁରକ୍ଷାରେ ନିଜକୁ ଉତ୍ତରଦାୟୀ କରିବା। ଓଡ଼ିଆ ପତ୍ରପତ୍ରିକା ଓଡ଼ିଆ ଭାଗବତ, ଓଡ଼ିଆ ପର୍ବପର୍ବାଣି, ଓଡ଼ିଆ ଗ୍ରାମ୍ୟଗୀତ ଓ ଓଡ଼ିଆ ଭାଷା ସାହିତ୍ୟକୁ ପୁଣିଥରେ ସ୍ୱାଗତ କରିବା, ଗଳାରେ ଲଗାଇବା ହୃଦୟରେ ହେଜିବା, ତେବେଯାଇ ଆମେ ମଧ୍ୟ ଓଡ଼ିଆ ଭାଷାକୁ ଆନ୍ତର୍ଜାତିକ ଭାଷା ଦିବସରେ ବିଶ୍ୱର ଏକ ଶ୍ରେଷ୍ଠ ଭାଷା ଭାବେ ଉପସ୍ଥାପନ କରିପାରିବା। ଓଡ଼ିଆ ଭାଷା ଶ୍ରେଷ୍ଠ, ଓଡ଼ିଆ ଜାତିଶ୍ରେଷ୍ଠ କହିବାରେ କୌଣସି ସଂକୀର୍ଣ୍ଣତା ନାହିଁ ବରଂ ରହିଛି ଏକ ସ୍ୱାଭିମାନବୋଧ ଏଥିପାଇଁ ଆମେ କେବେ ଯୋଗ୍ୟ ହେବା ? ଆସନ୍ତୁ ସଭିଏଁ ଏ ଦିଗରେ ଚିନ୍ତା କରିବା।

'ସମର୍ପଣ'
ପାୱାରହାଉସ୍ କଲୋନୀ
ଆଇ.ବି. ରୋଡ଼, ଜୟପୁର (କୋରାପୁଟ)
ମୋ: ୯୪୩୭୫୨୫୧୦୫

## ମତାମତ

### ପ୍ରାଥମିକ ପ୍ରାଧାନ୍ୟ ଅର୍ଜନ କରୁ ଓଡ଼ିଆ ଭାଷା ସାହିତ୍ୟ



ବିଶ୍ୱରେ ଭାଷା, ସାହିତ୍ୟ ଓ ସଂସ୍କୃତି ଏବେ ଗଭୀର ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି। ବହୁ ଭାଷା ଲୋପ ପାଇଯାଉଛି। ଏହି ସମୟରେ ଆମ ଓଡ଼ିଶାରେ ସରକାରୀ ଉଦ୍ୟମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ଓ ଐତିହାସିକ ପଦକ୍ଷେପ। ଓଡ଼ିଆ ଭାଷାର ଉଦ୍ଭବରୁ ଆଜିର ଏକବିଂଶ ପର୍ଯ୍ୟନ୍ତ ଏକ ମହାନ ଯାତ୍ରାର ଏଥି ସହିତ ଜଡ଼ିତ ବିବିଧ କ୍ଷେତ୍ରର ସମୃଦ୍ଧି, ବିକାଶ ଓ ପରିପୁଷ୍ଟିର ଜ୍ୱଳନ୍ତ ସ୍ୱାକ୍ଷର ଏହି ସମ୍ମିଳନୀ ବହନ କରିବ ବୋଲି ମୋର ବିଶ୍ୱାସ। ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଆମ ଓଡ଼ିଶା। ତେଣୁ ଅପ୍ରେଲ ପହିଲାକୁ ଜାତୀୟସ୍ତରରେ ଭାଷା ଦିବସ ରୂପେ ପାଳନ କରାଯିବା ଆବଶ୍ୟକ। ବ୍ୟକ୍ତି ବିଶେଷ, ସମାଜ, ଜୀବିକା, ଜୀବନ ପ୍ରତିଟି କ୍ଷେତ୍ରରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ପ୍ରାଥମିକ ପ୍ରାଧାନ୍ୟ ଅର୍ଜନ କରୁ। ଜୟ ଉତ୍କଳ, ଜୟ ଓଡ଼ିଆ ଭାଷା।

ଅମରେଶ ପଟ୍ଟନାୟକ, କବି

### ଅଭିନନ୍ଦନୀୟ ପଦକ୍ଷେପ



ଓଡ଼ିଆ ଭାଷାର ମର୍ଯ୍ୟାଦା ପ୍ରତି ଦିଗକୁ ପ୍ରସାରିତ ହେଉ ଏହି ଲକ୍ଷ୍ୟ ନେଇ ସରକାରଙ୍କ ତରଫରୁ ପାଳନ କରାଯାଉଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏକ ଅଭିନନ୍ଦନୀୟ ପଦକ୍ଷେପ। ଓଡ଼ିଆ ଭାଷା, ପରମ୍ପରା ଅତି ପ୍ରାଚୀନ। ଆମର ପର ପିଢ଼ି ଏହି କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ଏବଂ ଉଦ୍‌ବୁଦ୍ଧ ହେବେ ବୋଲି ମୋର ଆଶା ଓ ବିଶ୍ୱାସ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଉଛି।

ଜୟନ୍ତୀ ରଥ, କଥାକାର

### କ୍ରାନ୍ତିକାରୀ ପଦକ୍ଷେପ



ଓଡ଼ିଶା ସରକାରଙ୍କ ଦ୍ୱାରା ଆଜି ଯେଉଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେଉଛି ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ। ଏପରି ଭାବନା, ଏପରି ଯୋଜନା, ଏପରି କଳ୍ପନା ଗୋଟିଏ ଜାତିକୁ ବହୁ ଆଗକୁ ନେଇ ଯାଏ। ବର୍ତ୍ତମାନ ଏହା ଫଳରେ ସମଗ୍ର ଓଡ଼ିଆରେ ଯେଉଁ ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଯେପରି ଏକ ପରିବେଶ ସୃଷ୍ଟି ହୋଇଛି ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସମସ୍ତେ ଯେପରି ଭାଷା ସାହିତ୍ୟକୁ ନେଇ ଯେପରି ଆଲୋଚନାମଗ୍ନ ଦେଖିଲେ ଲାଗୁଛି ପ୍ରକୃତରେ ଆମେ ଓଡ଼ିଶା ମଧ୍ୟରେ ଅଛୁ। ତେଣୁ ଏ ପ୍ରକାର ଚିନ୍ତାଧାରା ଭବିଷ୍ୟତରେ ଅଧିକ କେମିତି ସମ୍ପ୍ରସାରିତ ହେବ ସେ ସମ୍ପର୍କରେ ସରକାର ସଚେତନ ଅଛନ୍ତି। ତେଣୁ ଏପରି କାର୍ଯ୍ୟକ୍ରମକୁ ମୁଁ ଶତଜିହ୍ୱାରେ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଉଛି। ଭବିଷ୍ୟତରେ ଯେପରି ଏହି କାର୍ଯ୍ୟକ୍ରମ ବ୍ୟାହତ ନହୁଏ ଏବଂ ଓଡ଼ିଆ ଭାଷା ସାହିତ୍ୟ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଯେପରି ନିଯୁକ୍ତି କ୍ଷେତ୍ରରେ ସର୍ବୋତ୍ତମ ନିଯୁକ୍ତି ମିଳିଲେ, ଆମ ରାଜ୍ୟ ଏକ ଆଦର୍ଶ ରାଜ୍ୟରେ ପରିଣତ ହେବ ବୋଲି ମୋର ଦୃଢ ବିଶ୍ୱାସ।

ପ୍ରଫେସର ମଣୀନ୍ଦ୍ର କୁମାର ମେହେର,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା




୨୦ ଫେବୃଆରୀ ୨୦୧୪ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେଇଥିଲେ ଓ ମାର୍ଚ୍ଚ ୧୧ ତାରିଖ ଦିନ। ଏ ନେଇ ଗେଜେଟ୍ ନୋଟିଫିକେସନ୍ ଜାରି କରାଯାଇଥିଲା । ଏହି ମାନ୍ୟତା ପାଇବାରେ ଓଡ଼ିଆ ଷଷ୍ଠ ଭାଷା। ଏହା ପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିସାରିଛି। କେନ୍ଦ୍ର କ୍ୟାବିନେଟ୍ ଫେବୃଆରୀ ୨୦ ତାରିଖରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେଲେ । ୨୦୧୩ ମସିହା ଜୁଲାଇ ୨୩ ତାରିଖରେ ଭାଷାବିଶେଷଜ୍ଞ କମିଟି ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ଶାସ୍ତ୍ରୀୟ ଭାଷା ହେବା ଫଳରେ ଓଡ଼ିଆ ଭାଷାରେ ଉଲ୍ଲେଖନୀୟ ଅବଦାନ ସକାଶେ ପ୍ରତିବର୍ଷ ଆଠଟି ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯିବ। ଏହାଛଡ଼ା ଓଡ଼ିଆ ଭାଷା ପାଇଁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ସ୍ଥାପନ କରିବାକୁ ସୁଯୋଗ ମିଳିବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଶିକ୍ଷାବିତମାନେ ନିଯୁକ୍ତିର ସୁଯୋଗ ପାଇପାରିବେ। ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖ ଦିନ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତାର ମାନ୍ୟତା ପାଇଁ ରାଜପତ୍ର ବିଜ୍ଞପ୍ତି ଜାରି କରାଯାଇଥିବାରୁ, ୨୦୧୫ ମସିହାରୁ ଏହି ଦିନଟିକୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ରୂପେ ପାଳନ କରାଯାଉଛି। ■

## କିଟ୍ ଅଡିଟୋରିୟମ୍ ରେ 'କବିତା ମହୋତ୍ସବ'

# ଯୋଗଦେବେ ୪ଶହରୁ ଊର୍ଦ୍ଧ୍ୱ କବି

ସମଗ୍ର ଭାରତ ବର୍ଷରେ ଭାଷାଭିତ୍ତିକ ରାଜ୍ୟମାନଙ୍କର ମଧ୍ୟରେ ଓଡ଼ିଶା ହେଉଛି ପ୍ରଥମ ଓ ଏହା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ। ମାତୃଭାଷାର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ଓଡ଼ିଆ ଭାଷାକୁ ସାରା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାର ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ଆସନ୍ତା ଫେବୃୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଜନତା ମଇଦାନରେ ଆୟୋଜନ କରୁଛନ୍ତି। ଏହି ଅବସରରେ କିଟ କ୍ୟାମ୍ପସ୍ ନମ୍ବର-୭ ଅଡିଟୋରିୟମରେ ଅନୁଷ୍ଠିତ ହେବ 'କବିତା ମହୋତ୍ସବ'। ସକାଳ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟର ପ୍ରାୟ ୪୦୦ଶହ କବି, କବୟିତ୍ରୀ ଯୋଗଦେବା ସହ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ କବିମାନେ ମଧ୍ୟ ଯୋଗଦେବେ। ପ୍ରଥମ ଦିନରେ 'ସାମ୍ପ୍ରତିକ ସମୟରେ ଓଡ଼ିଆ କବିତାର ସ୍ଥିତି, ଗତି, ପ୍ରକୃତି ତଥା ପ୍ରଭାବ' ସମ୍ପର୍କରେ ଦଳଗତ ଆଲୋଚନା କରାଯିବ। ପରେପରେ ପଲ୍ଲୀକବିତା, ଆଧୁନିକ କବିତା, ପ୍ରାଚୀନ କବିତା, ଗୀତି କବିତା, ଦେଶାତ୍ମବୋଧ କବିତା ଆଦି ଶୀର୍ଷକ ଉପରେ କବି ମାନେ ସ୍ୱରଚିତ କବିତା ଆବୃତ୍ତି କରିବେ। ଏହାପରେ ଚିତ୍ରକଳା, ବାଲୁକାକଳା, ନୃତ୍ୟ, ସଙ୍ଗୀତ ମାଧ୍ୟମରେ କବିତାର ଆତ୍ମିକ ପରିବେଷିତ କରାଯିବ। ସେହିପରି ଦ୍ୱିତୀୟ ଦିନରେ ଅନୁବାଦ ଅଧିବେଶନରେ 'ଭାଷା, ସଂସ୍କୃତି ଭାବଗତ ବିକାଶ ନିମନ୍ତେ କବିତାର ଅନୁବାଦଗତ ପ୍ର। ।ସଙ୍ଗିକତା' ସମ୍ପର୍କରେ ଆଲୋଚନା କରାଯିବ। ଏହାପରେ ଆମନ୍ତ୍ରିତ କବିମାନଙ୍କର କବିତା ସଂକଳନ ଲୋକାର୍ପଣ କରାଯିବା ସହ ଶେଷରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ବିଶେଷ ବ୍ୟକ୍ତିଙ୍କ ଦ୍ୱାରା ଅଭିଭାଷଣ ପ୍ରଦାନ କରାଯିବ। ସେହିପରି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନ୍ତର୍ଜାତୀୟ 'ସାହିତ୍ୟ ମହୋତ୍ସବ' ଅନୁଷ୍ଠିତ ହେବ।

### ■ ପ୍ରତୀକ ହେବ ପୂର୍ଣ୍ଣାଙ୍ଗ କୋଣାର୍କ ଅଶ୍ୱ ପ୍ରତିମୂର୍ତ୍ତି

ସମ୍ମିଳନୀ ପରିସରର କେନ୍ଦ୍ରୀୟ ସ୍ଥଳରେ ପ୍ରତୀକ ଭାବେ 'କୋଣାର୍କ ଅଶ୍ୱ' ସ୍ଥାନୀତ କରାଯିବ। ଯାହା ସମ୍ମିଳନୀର ଅନ୍ୟ ଏକ ଆକର୍ଷଣ ପାଲଟିବ। ଅତୀତର କୃତବିଦ୍ୟ ସାଧକମାନଙ୍କ ଅବଦାନକୁ ସ୍ମରଣ କରି ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ଓ ତୈଳଚିତ୍ର ପ୍ରଦର୍ଶିତ ହେବ। ଏହାସହ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କର ଓଡ଼ିଆ ଦସ୍ତଖତ ପ୍ରଦର୍ଶିତ କରାଯିବ।

### ■ ପ୍ରଦର୍ଶିତ ହେବ ଓଡ଼ିଆ ଭାଷା - ଲିପିର ବିବର୍ତ୍ତନ

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଓଡ଼ିଆ ଭାଷା ଏବଂ ଲିପିର ଉତ୍ପତ୍ତି ଓ ବିବର୍ତ୍ତନ, ପ୍ରାଚୀନ ପ୍ରସ୍ତର ଅଭିଲେଖ, ତାମ୍ରଫଳକ, ତାଳପତ୍ରପୋଥି, କଳିଙ୍ଗଶୈଳୀର ମନ୍ଦିର ସ୍ଥାପତ୍ୟ, ଓଡ଼ିଶାର ନୌବାଣିଜ୍ୟ ସମ୍ପର୍କିତ କଳାକୃତି ଗୁଡ଼ିକ ସୁଦୃଶ୍ୟ ପଟ୍ଟଚିତ୍ର ମାଧ୍ୟମରେ ପ୍ରଦର୍ଶିତ ହେବ। ଏହାସହ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ନବଜାଗରଣ ପ୍ରଦର୍ଶିତ ହେବ। ଓଡ଼ିଶାର କଳା ଏବଂ ଭାସ୍କର୍ଯ୍ୟ, ନୃତ୍ୟ ଏବଂ ସଙ୍ଗୀତ ପରମ୍ପରାଗୁଡ଼ିକ ପ୍ରଦର୍ଶିତ ହେବ। ସେହିପରି ଛାପାଖାନାର ଆଗମନ ଏବଂ ଓଡ଼ିଆ ଭାଷାର ପ୍ରସାରରେ ଏହାର ପ୍ରଭାବ ଉପଯୁକ୍ତ କଳାକୃତି ଏବଂ ଫଟୋ ସହିତ ସମସାମୟିକ ସମ୍ବାଦପତ୍ର, ପତ୍ରପତ୍ରିକା ଏବଂ ଆଧୁନିକ ଚିନ୍ତାନାୟକମାନଙ୍କର ଭାବଧାରା ପ୍ରଦର୍ଶିତ ହେବ।



### ■ ସାରା ବିଶ୍ୱରେ ଗୁଞ୍ଜରିବ 'ବନ୍ଦେ ଉତ୍କଳ ଜନନୀ'

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରଥମ ଦିନରେ ବିଶ୍ୱବ୍ୟାପୀ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯିବ। ଏହାସହ ଗାଁ ଠାରୁ ସହର ଯାଏ ସାରା ରାଜ୍ୟରେ ରହିଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଁର କରାଯିବ। ବିଭିନ୍ନ ସଂଗଠନ, ବ୍ୟକ୍ତିବଶେଷ, ଅନୁଷ୍ଠାନ, ପ୍ରବାସୀ ଓଡ଼ିଆ ଅନୁଷ୍ଠାନ, ପ୍ରବାସୀ ଓଡ଼ିଆ ସମାଜ ଆଦିଙ୍କୁ ଏନେଇ ସୂଚନା ଦିଆଯାଇଛି। ଏହାସହ ସ୍କୁଲ କଲେଜରେ ମଧ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବ।

### ■ ଡିଜିଟାଲରେ ଉପଲବ୍ଧ ହେବ ଓଡ଼ିଆ ଭାଷା

ଖୁବଶିଘ୍ର ସରକାରୀ ୱେବସାଇଟ୍‌ରେ ଉପଲବ୍ଧ ହେବ ଓଡ଼ିଆ ଭାଷା। ଡିଜିଟାଲ ପ୍ଲାଟଫର୍ମରେ ଓଡ଼ିଆ ଭାଷାରେ ପିଲାମାନେ କିଭଳି ଓଡ଼ିଆ ପଢ଼ିବେ, ଶୁଣିବେ ଏବଂ ଟାଇପ୍ କରିବାର ସୁବିଧା ପାଇବେ ସେ ବିଷୟରେ ସମ୍ମିଳନୀ ପରିସରରେ 'ଓଡ଼ିଆ ଭାଷା ର ଡିଜିଟାଲ ଯୁଗ ଅଭିମୁଖେ ଯାତ୍ରା'ରେ ପ୍ରଦର୍ଶିତ କରାଯିବ। ସାଧାରଣ ଲୋକଙ୍କ ପାଇଁ ଭାଷା ଯେମିତି ପ୍ରତିବନ୍ଧକ ନ ହେବ ସେଥିପାଇଁ ଓଡ଼ିଆରେ ଟାଇପିଂ ଟୁଲ୍, ଲାଙ୍ଗୁଏଜ୍ ଫଣ୍ଟ ଆଦି କମ୍ପୋନେଣ୍ଟ କିଭଳି ଉପଲବ୍ଧ ରହିବା ଦ୍ୱାରା ଯାହାଦ୍ୱାରା ଇଣ୍ଟରନେଟ୍ ଆକସେସ୍ କରିବା ମଧ୍ୟ ସହଜ ହେବ ସେ ବିଷୟରେ ସୂଚନା ପ୍ରଦାନ କରାଯିବ।

### ■ ଉତ୍କଳ ଗୌରବ ମଧୁସୂଦନଙ୍କୁ ବିଶେଷ ଶ୍ରଦ୍ଧାଞ୍ଜଳି

୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ତାରିଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଏହି ଦିନରେ ଉତ୍କଳ ଗୌରବଙ୍କ ଶ୍ରାଦ୍ଧ ଦିବସ ଅବସରରେ ସମ୍ମିଳନୀ ପରିସରରେ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୨ରୁ ୩ହଜାର ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଉତ୍କଳ ଗୌରବଙ୍କ କଳା, କୃତିତ୍ୱ ଓ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବେ।

### ■ ଡାକ ପ୍ରକୋଷ୍ଠ ଓ ସୂଚନା ଫଳକ ପ୍ରଦର୍ଶିତ

ପ୍ରଦର୍ଶନୀକୁ ପିଲାମାନେ ବା ଛାତ୍ରଛାତ୍ରୀଙ୍କ ଅଧିକ ଚଳଚଞ୍ଚଳ କରିବାକୁ ଡାକ ପ୍ରକୋଷ୍ଠ ଏବଂ ସୂଚନା ଫଳକ(ଇନଫରମେସନ୍ କିଓସ୍କୋ) ପ୍ରଦର୍ଶିତ ହେବ। ଯେଉଁଠାରେ ଭାଷା ସମ୍ପର୍କିତ ସମସ୍ତ ସୂଚନା ଉପଲବ୍ଧ ରହିବ। ■

ଛାୟାଗୀତି



ସୂର୍ଯ୍ୟ ଦେଓ

# ଶ୍ରୀଲୋକନାଥ
## ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ଶୀର୍ଷକ ଗୀତ

'ଶ୍ରୀଲୋକନାଥ' ଚଳଚ୍ଚିତ୍ରରେ ନରସିଂହ ମହାପାତ୍ରଙ୍କ ରଚନାର ପାଞ୍ଚଟି ଗୀତ ସ୍ଥାନିତ ହୋଇଥିଲା। ନାଟ୍ୟକାର କାର୍ତ୍ତିକ କୁମାର ଘୋଷ ମଧ୍ୟ 'ଶ୍ରୀଲୋକନାଥ' ପାଇଁ 'ଆଜି ଆକାଶେ କି ରଙ୍ଗ ଲାଗିଲା' ଗୀତ ରଚନା କରିଥିଲେ ଓ ତାହା ଥିଲା ତାଙ୍କ ରଚିତ ଏକମାତ୍ର ଚଳଚ୍ଚିତ୍ର ଗୀତ। 'ଆଜି ଆକାଶେ କି ରଙ୍ଗ ଲାଗିଲା' ଗୀତର ଭାବ ଓ ଶୈଳୀ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରଭାବିତ। ବିଶ୍ୱକବିଙ୍କ ରଚନାରେ କଳ୍ପନା ଓ ଲୟର ଭାରସାମ୍ୟ ଏବଂ ପ୍ରକୃତି ଓ ପ୍ରତୀକର ସମନ୍ୱୟ ଯେମିତି ରହିଛି, 'ଆଜି ଆକାଶେ କି ରଙ୍ଗ ଲାଗିଲା' ଗୀତରେ ମଧ୍ୟ ସେହି ଦୁଇ ଉପାଦାନ ସେମିତି ରହିଛି। "ବାଜେ କାହା ଆଗମନୀ ଗୀତିକା/ ସାଜେ ନୂଆ ସାଜେ ବନ ବୀଥିକା/ କିମ୍ବା ଫୁଲେ ଫୁଲ ଆଖି ଠାରିଲା/ ଆଜି ଆକାଶେ କି ରଙ୍ଗ ଲାଗିଲା /ତୋରା ପବନେ ସୁରଭି କେ ଦେଲା' ଏହି ପଙ୍କ୍ତି ସହ ରବୀନ୍ଦ୍ରନାଥଙ୍କ 'ଆକୁଳ କେଶେ ଆସେ/ ଚାୟ ମ୍ଳାନ ନୟନେ/ କେ ଗୋ ଚିର ବିରହିଣୀ/ ନିଶି ଭୋରେ ଆଖି/ ଜଡ଼ିତ ଘୁମୋ ଘୋରେ/ ବିଜନ ଭୁବନେ/ କୁସୁମ ସୁରଭି ମୃଦୁ ପବନେ"କୁ ଯଦି ତୁଳନା କରାଯାଏ, ତେବେ ସ୍ପଷ୍ଟ ହେବ ଯେ ଷାଠିଏ ଦଶକର ଚଳଚ୍ଚିତ୍ର ଗୀତ ରବୀନ୍ଦ୍ରୀୟ ରଚନା ଦ୍ୱାରା ବେଶ ପ୍ରଭାବିତ ହୋଇଛି। 'ଶ୍ରୀଲୋକନାଥ'ର ଅନ୍ୟାନ୍ୟ ଗୀତ 'ତୁ କି ପରଦେଶୀ ନିଜ ଦେଶେ' ଓ 'ମିଛ ଏ ବନ୍ଧନ ଚାହେନା' ମଧ୍ୟ ଏହି ପ୍ରଭାବ ଅନ୍ତର୍ଗତ।

'ଶ୍ରୀଲୋକନାଥ' ଚଳଚ୍ଚିତ୍ରରେ ଶୀର୍ଷକ ଗୀତ ବା ଚଳଚ୍ଚିତ୍ର ନାମକରଣକୁ ନେଇ ଗୀତର ପ୍ରଥମ ବ୍ୟବହାର ହୋଇଥିଲା। ସଂସ୍କୃତ ସ୍ତୋତ୍ର ଶୈଳୀ ଓ ଉପାଦାନକୁ ନେଇ ନରସିଂହ ମହାପାତ୍ରଙ୍କ ରଚିତ "ଭଜରେ ! ଭଜ ଶ୍ରୀଲୋକନାଥ ଚରଣ/ ହେ ସୃଜନର ମଙ୍ଗଳଦାତା/ ସତ୍ୟ ଶିବ ହେ ଭାଗ୍ୟ ବିଧାତା/ ଜଗତ ହିତ କାରଣ/ ଜଗତ ହିତ କାରଣ" ଥିଲା ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ଶୀର୍ଷକ ଗୀତ।




## ଫ୍ରାଇଡେ ରିଲିଜ୍

୦୨ ଫେବୃଆରୀ (ଓଡ଼ିଆ)



**ଶାନ୍ତି ଆପାର୍ଟମେଣ୍ଟ**

ନିର୍ଦ୍ଦେଶନା, କାହାଣୀ, ଚିତ୍ରନାଟ୍ୟ: ଅଶ୍ୱିନୀ ତ୍ରିପାଠୀ
ପ୍ରଯୋଜକ: ବିକ୍ରମ ଶଙ୍କର
କଳାକାର: ଶୁଭାଶିଷ, ରାଗିଣୀ, ଆଲିଆ, ଦ୍ୱୀପାନ୍ୱିତ

୦୨ ଫେବୃଆରୀ (ହିନ୍ଦୀ)




**ସେକ୍ସନ୍ ୧୦୮**

ନିର୍ଦ୍ଦେଶକ: ରସିକ ଖାନ୍
ପ୍ରଯୋଜକ: ଅଜୟ ରାଜୱାନି
କଳାକାର: ନୱାଜୁଦ୍ଦିନ, ଅସିଫ୍ ଖାନ୍

## ମାୟାନଗରୀର ପ୍ରେମ କାହାଣୀ

# ଅଧାରେ ରହିଗଲା ସୁଶାନ୍ତ-ଅଙ୍କିତାଙ୍କ ସଂପର୍କ



ସାତବର୍ଷ ଧରି ଉଭୟଙ୍କ ମଧ୍ୟରେ ଥିଲା ନିବିଡ଼ ପ୍ରେମ ସଂପର୍କ। ତାଙ୍କ ପ୍ରେମର ପରିଭାଷା ଥିଲା କିଛି ଭିନ୍ନ। ଦୁହେଁ ଥିଲେ ବଲିଉଡ୍‌ର ଚର୍ଚ୍ଚିତ ପ୍ରେମୀ ଯୁଗଳ। ପ୍ରେମ ରାଇଜରେ ସେମାନେ ମୁକ୍ତଆକାଶରେ ଉଡ଼ି ବୁଲୁଥିଲେ। ତେବେ ସମୟଚକ୍ରରେ ବଦଳି ଗଲା ସେମାନଙ୍କ ପ୍ରେମର ପରିଭାଷା। ପ୍ରେମରେ ପଡ଼ିଗଲା ପୂର୍ଣ୍ଣଚ୍ଛେଦ। ଦୁହେଁ ଦୁହିଁଙ୍କଠୁ ଅଲଗା ହୋଇଥିଲେ। ତାହାର କିଛିବର୍ଷ ପରେ ଜଣେ ଅପ୍ରତ୍ୟାଶିତ ଭାବେ ଆରପାରିକୁ ଚାଲିଗଲେ। ବଲିଉଡ୍‌ର ଏମିତି ଏକ ଚର୍ଚ୍ଚିତ ପ୍ରେମୀଯୁଗଳ ଥିଲେ ଦିବଂଗତ ଅଭିନେତା ସୁଶାନ୍ତ ସିଂ ରାଜପୁତ ଓ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ। ଘରେ ଘରେ ପରିଚିତ 'ପବିତ୍ର ରିସ୍ତା' ସିରିୟଲରୁ ସୁଶାନ୍ତ ସିଂ ରାଜପୁତ ଓ ଅଙ୍କିତା ଲୋଖଣ୍ଡେଙ୍କ ପ୍ରେମ ସଂପର୍କ ଆରମ୍ଭ ହୋଇଥିଲା। ଛୋଟ ପରଦାରୁ ଆରମ୍ଭ ହୁଏ ଅଙ୍କିତା ଓ ସୁଶାନ୍ତଙ୍କ ପ୍ରେମ କାହାଣୀ। 'ପବିତ୍ର ରିସ୍ତା'ର ଅନ୍‌ସ୍କିନ୍ ରୋମାନ୍ସରୁ ସେମାନେ ସାଜନ୍ତି ରିୟଲ୍ ଲାଇଫ୍ ନାୟକନାୟିକା। 'ପବିତ୍ର ରିସ୍ତା'ର ସେଟ୍‌ରେ ସେମାନଙ୍କ ଦେଖା ସାକ୍ଷାତ ହୁଏ। ଅଙ୍କିତାଙ୍କ ପଛରେ ପଡ଼ନ୍ତି ସୁଶାନ୍ତ। ମାତ୍ର ସେତେବେଳେ ସୁଶାନ୍ତଙ୍କୁ ଅଙ୍କିତା ପସନ୍ଦ କରୁ ନଥିଲେ। ତେବେ ଅଙ୍କିତାଙ୍କୁ ନିଜର ପ୍ରେମ ଜାଲରେ ପକାଇବା ପାଇଁ ଅଭିନେତା ସୁଶାନ୍ତ ସିଂ ରାଜପୁତ ପ୍ରୟାସ ଜାରି ରଖିଥିଲେ। ଶେଷରେ ଲମ୍ବା ସମୟର ଅପେକ୍ଷା ପରେ ସୁଶାନ୍ତଙ୍କ ପ୍ରେମ ନିବେଦନକୁ ସେ ସ୍ୱୀକାର କରନ୍ତି। 'ପବିତ୍ର ରିସ୍ତା' ସେଟ୍‌ରେ ଉଭୟ ୧୬ ରୁ ୧୭ ଘଣ୍ଟା କାମ କରୁଥିବାରୁ ଉଭୟଙ୍କ ମଧ୍ୟରେ ସେମାନଙ୍କ ବନ୍ଧୁତା ମଧ୍ୟରେ ପ୍ରେମ ଡେଣା ମେଲାଇଥିଲା। ଦୁହିଁଙ୍କ ପ୍ରେମ ସବୁବେଳେ ଚର୍ଚ୍ଚା ସାଉଁଟୁଥିଲା। ସେମାନେ ଖୋଲାଖୋଲି ଭାବରେ ନିଜର ପ୍ରେମକୁ ସବୁଠି ପ୍ରକାଶ ମଧ୍ୟ କରୁଥିଲେ। ଏକ ନ୍ୟାସନାଲ୍ ଟିଭି ଚ୍ୟାନେଲରେ ସୁଶାନ୍ତ, ଅଙ୍କିତାଙ୍କୁ ପ୍ରେମ ନିବେଦନ କରି ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲେ। ଡ୍ୟାନ୍ସ ରିୟଲିଟି ଶୋ' 'ଝଲକ ଦିଖ୍‌ଲାଜା'ରେ ଅଙ୍କିତା ଓ ସୁଶାନ୍ତ ଅଂଶ ଗ୍ରହଣ କରି ଦୁହେଁ ଦୁହିଁଙ୍କୁ କଡ଼ା ଟକ୍କର ଦେଉଥିଲେ। ସେହି ଶୋ'ରେ ହିଁ ଅଙ୍କିତାଙ୍କୁ ସେ ପ୍ରପୋଜ୍ କରିଥିଲେ। ରିୟଲିଟି ଶୋ'ରେ ସୁଶାନ୍ତ ଅଙ୍କିତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ମାତ୍ର ବଲିଉଡ୍ ଡେବ୍ୟୁ କରିବା ପରେ ସୁଶାନ୍ତ ଅଳ୍ପ ସମୟରେ ସଫଳତାର ଶିଖରରେ ପହଞ୍ଚିଥିଲେ। କିନ୍ତୁ ଅଚାନକ ପ୍ରେମରୁ ଜୀବନସାଥୀ ହେବାକୁ ଯାଉଥିବା ଏ ଯୋଡ଼ି ୨୦୧୬ ମସିହାରେ ପରସ୍ପରଠାରୁ ଅଲଗା ହୋଇଗଲେ। ସୁଶାନ୍ତଙ୍କଠାରୁ ଅଲଗା ହେବା ପରେ ଅଙ୍କିତା ଅବସାଦ ଭିତରେ ରହୁଥିଲେ। ବ୍ରେକ୍‌ଅପ୍ ପରେ ପ୍ରାୟ ଅଢ଼େଇ ବର୍ଷ ଧରି ସେ ଅଭିନେତା ସୁଶାନ୍ତଙ୍କୁ ଅପେକ୍ଷା କରିଥିଲେ, ପୁଣି ଥରେ ତାଙ୍କ ଜୀବନକୁ ଫେରି ଆସିବେ ବୋଲି। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ୨୦୨୦ ମସିହାରେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ରହସ୍ୟଜନକ ମୃତ୍ୟୁ ହୋଇଥିଲା। ସେ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହୋଇଥିଲା। ତାଙ୍କ ମୃତ୍ୟୁ ଖବର ସାରା ଦେଶକୁ ସ୍ତବ୍ଧ କରି ଦେଇଥିଲା। ତେବେ ଅଙ୍କିତା ଶେଷଥର ପାଇଁ ସୁଶାନ୍ତଙ୍କୁ ଯଶ୍‌ରାଜ ଷ୍ଟୁଡିଓରେ ଏମ୍. ଏସ୍ ଧୋନିର ଏକ ବିଶେଷ ସ୍କ୍ରିନିଂରେ ଦେଖିଥିଲେ। ସୁଶାନ୍ତଙ୍କ ମୃତ୍ୟୁ ତାଙ୍କ ମନରେ ଏଭଳି ଆଘାତ ଦେଇଥିଲା ଯେ, ସେ ତାଙ୍କ ଶେଷକୃତ୍ୟରେ ସାମିଲ ହୋଇ ନ ଥିଲେ। ଏହି ସୁନ୍ଦର ଯୋଡ଼ିଙ୍କ ପ୍ରେମ କାହାଣୀ ଓ ସୁଶାନ୍ତଙ୍କ ଆତ୍ମହତ୍ୟା ଏବେ ବି ବଲିଉଡ୍ର ରହସ୍ୟ ଘେରରେ ଅଛି। ସମୟ ବଦଳିଛି। ଇତିମଧ୍ୟରେ ଭିକି ଜୈନ୍‌ଙ୍କୁ ଅଙ୍କିତା ବିବାହ କରି ନୂଆ ଜୀବନ ଆରମ୍ଭ କରିସାରିଛନ୍ତି। ■



# ବିଶ୍ୱର ଟପ୍ ଫିଲ୍ମ 'ଫାଇଟର୍'
### ହଲିଉଡ୍ ଫିଲ୍ମକୁ ପଛରେ ପକାଇଲା

ବଲିଉଡ୍ର ଆଗଧାଡ଼ିର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କ ଫିଲ୍ମ 'ଫାଇଟର୍' ଜାନୁଆରୀ ୨୫ରେ ରିଲିଜ୍ ହୋଇଥିବା ବେଳେ ଏହା ବକ୍ସଅଫିସ୍ରେ ମଧ୍ୟ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହାର କାହାଣୀ ବାଲାକୋଟ୍ ଏୟାର୍ ଷ୍ଟ୍ରାଇକ୍ ଉପରେ ଆଧାରିତ। ଏଥିରେ ଏରିଏଲ୍ ଆକ୍ସନ ସାଙ୍ଗକୁ ଇମୋସନାଲ୍ କାହାଣୀ ଦର୍ଶକଙ୍କ ହୃଦୟକୁ ଛୁଇଁଛି। ତେବେ ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ ଏବଂ ଦୀପିକା ପାଦୁ୍ୟକୋନ୍। ସିନେମାର କାହାଣୀ ବ୍ୟତୀତ ସିନେମାର ଗୀତକୁ ମଧ୍ୟ ଦର୍ଶକଙ୍କ ବେଶ୍ ଭଲପାଇବା ମିଳିଛି। ସେହିପରି ଏହା କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଲୋକପ୍ରିୟତା ସାଉଁଟିବାରେ ସଫଳ ହୋଇଛି। ସିନେମାଟି ବିଶ୍ୱ ସ୍ତରରେ ୨୦୩. ୭୫ କୋଟି ଟଙ୍କା ଆୟ କରିଛି। ତା'ସହ ଏହା ବିଶ୍ୱର ଟପ୍ ଫିଲ୍ମ ପାଲଟିଛି। ଏପରିକି ଏହା ଦୁଇଟି ହଲିଉଡ୍ ଫିଲ୍ମ 'ଆନିବନ୍ ବଟ୍ ୟୁ', 'ଦ ବିକିପର' ଠାରୁ ବି ଅଧିକ ଆୟ କରିଛି। ତେବେ ସିନେମାର ସଫଳତାକୁ ନେଇ ଖୁବ୍ ଖୁସି ଥିବା ହ୍ରିତିକ୍ କହିଛନ୍ତି। ଦର୍ଶକେ ତାଙ୍କ କାମକୁ ପସନ୍ଦ କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ସେହିପରି ବକ୍ସ ଅଫିସ୍ ଆୟ ବ୍ୟତୀତ ତାଙ୍କୁ ଭଲପାଉଥିବା ଲୋକଙ୍କ ମନ୍ତବ୍ୟ ମଧ୍ୟ ତାଙ୍କ ପାଇଁ ଗୁରୁତ୍ୱ ବହନ କରୁଥିବା ସେ କହିଛନ୍ତି। ଅନ୍ୟପଟେ ଏହି ସିନେମାରେ ହ୍ରିତିକ୍ ଓ ଦୀପିକାଙ୍କ ବ୍ୟତୀତ ଅନିଲ କପୁର, ସଞ୍ଜିଦା ଶେଖ୍, କରଣ ସିଂହ ଗ୍ରୋଭର ପ୍ରମୁଖ ନଜର ଆସିଛନ୍ତି। ■

### ପରଦା ପଛର କାହାଣୀ
# ଗୋଟିଏ ଦିନରେ ଫିଲ୍ମ ନିର୍ମାଣ
### ୨୪ ଘଣ୍ଟାରେ ସୁଟିଂ, ଏଡିଟିଂ, ଡବିଂ

ଗୋଟିଏ ଫିଲ୍ମର ସୁଟିଂ ହେବାକୁ କିଛି ଦିନତ ନିଶ୍ଚୟ ଲାଗିଥାଏ। ତେବେ ଏମିତି ଏକ ଫିଲ୍ମ ଅଛି, ଯାହା ମାତ୍ର ୨୪ ଘଣ୍ଟାରେ ନିର୍ମାଣ କରାଯାଇଥିଲା। ସେଥିପାଇଁ ଏହି ଫିଲ୍ମ ଗିନିଜ୍ ବିଶ୍ୱ ରେକର୍ଡରେ ମଧ୍ୟ ସାମିଲ ହୋଇଛି। ଏହି ଚର୍ଚ୍ଚିତ ଫିଲ୍ମଟି ଥିଲା 'ସୂୟଂବରମ୍'। ଯାହା ତାମିଲ ଭାଷାରେ ନିର୍ମିତ ହୋଇଥିଲା। କମେଡି ଉପରେ ଆଧାରିତ ଏହି ଫିଲ୍ମଟି ୧୬ ଜୁଲାଇ ୧୯୯୯ରେ ମୁକ୍ତିଲାଭ କରିଥିଲା। ତେବେ ଏହାର ପ୍ରଯୋଜକ ଗିରିଧାରୀ ନାଗପାଲ ସୁବ୍ୟସ୍ଥିତ ଢଙ୍ଗରେ ଫିଲ୍ମଟିର ନିର୍ମାଣ କରି ଏଭଳି ଚମତ୍କାରିତା ଦେଖାଇ ପାରିଥିଲେ। ଫିଲ୍ମରେ ୩୦ ଜଣ କଳାକାର ଅଭିନୟ କରିଥିଲେ। ଏଥିରେ ୧୪ ଜଣ ନିର୍ଦ୍ଦେଶକ ନିର୍ଦ୍ଦେଶନା ଦେଇଥିଲେ। ପ୍ରଭୁଦେବା, ବିଜୟକୁମାର, ମଞ୍ଜୁଲା ବିଜୟକୁମାର, ସତ୍ୟରାଜ, ରୋଜା, କସ୍ତୁରୀ, ରମ୍ଭା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ। ତିନି ଘଣ୍ଟା ଅବଧିର ଏହି ଚଳଚ୍ଚିତ୍ରର ସୁଟିଂ ୨୪ ଘଣ୍ଟାରେ ହୋଇଥିଲା। ନାଗପାଲ ୧୯ ଜଣ ସହକାରୀ ନିର୍ଦ୍ଦେଶକ, ୧୭ ଜଣ କ୍ୟାମେରାମ୍ୟାନ୍, ୩୬ ଜଣ ସହକାରୀ କ୍ୟାମେରାମ୍ୟାନ୍, ୧୪ ଜଣ ହିରୋ, ୧୨ ଜଣ ହିରୋଇନ୍ ଏବଂ ୧୨ ଜଣ ଖଳନାୟକ ସହ ଫିଲ୍ମର ସୁଟିଂ କରିଥିଲେ। ଫିଲ୍ମରେ ଚାରି ଜଣ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ୪ ଜଣ ସଂପାଦନା କରିଥିଲେ। ଏହି ସମୟରେ ୧୫ ଫିଲ୍ମ ୟୁନିଟ୍ ସେଟ୍‌ରେ ଉପସ୍ଥିତ ଥିଲେ। ଏହି ଫିଲ୍ମ ପାଇଁ ନାଗପାଲ ପୂର୍ବରୁ ଯୋଜନା କରିନଥିଲେ କି ପୂର୍ବରୁ ଏହାପାଇଁ କାହାଣୀ ମଧ୍ୟ ଲେଖି ନ ଥିଲେ। ବିନା ସ୍କ୍ରିପ୍ଟରେ ଫିଲ୍ମର କଳାକାରଙ୍କୁ ସିନ୍ ବିଷୟରେ ବୁଝାଯାଉଥିଲା। ରିହଲସାଲ୍ ପରେ ଗୋଟେ ଗୋଟେ ଫିଲ୍ମର ସୁଟିଂ ହେଉଥିଲା। ଫିଲ୍ମର ସୁଟିଂ ସମୟରେ ଗିନିଜ୍ ବିଶ୍ୱ ରେକର୍ଡ ଓ ଲିମ୍‌କା ବୁକ୍ ଅଫ୍ ରେକର୍ଡର ଅଧିକାରୀମାନେ ସେଟ୍‌ରେ ଉପସ୍ଥିତ ଥିଲେ। ୨୩ ଘଣ୍ଟା ୫୮ ମିନିଟ୍‌ରେ ମଧ୍ୟରେ ଫିଲ୍ମର ସୁଟିଂ, ଏଡିଟିଂ, ଡବିଂ, ରିରେକର୍ଡିଂ, ଏପରିକି ଫାଇନାଲ ମିକ୍ସିଂ ହୋଇଥିଲା। ■









# ବରୁଣ ଆଉଟ୍ ଅଗସ୍ତ୍ୟ ଇନ୍



ସିନେମାରେ କେତେବେଳେ କେଉଁ କଳାକାର ନଜର ଆସିବେ ଓ ପୁଣି କେତେବେଳେ ବଦଳି ଯିବେ, ସେକଥା କେହି ଜାଣି ନଥାନ୍ତି। ଏହି ପରିପ୍ରେକ୍ଷୀରେ ବଲିଉଡ୍ର ଆଗାମୀ ନୂଆ ସିନେମା 'ଇକ୍କିସ୍'କୁ ନେଇ ଚର୍ଚ୍ଚାରେ ଥିଲେ ଲୋକପ୍ରିୟ ଅଭିନେତା ବରୁଣ ଧାୱନ। ଏପରିକି ଏହି ଫିଲ୍ମ ପାଇଁ ସେ ତାଙ୍କର ସମସ୍ତ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଥିଲେ। ତେବେ ଏବେ କିନ୍ତୁ ସେ ଏହି ସିନେମାରେ ନଜର ଆସିବେ ନାହିଁ ବୋଲି ଏହାର ନିର୍ଦ୍ଦେଶକ ଶ୍ରୀରାମ ରାଘବନ୍ କହିଛନ୍ତି। ଏହି ସିନେମାରେ କେତେକ କଳାକାରଙ୍କୁ ପରିବର୍ତ୍ତନ କରାଯାଇଛି। ଯେଉଁଥିପାଇଁ ଫିଲ୍ମ ପାଇଁ ବରୁଣ ପ୍ରଥମ ପସନ୍ଦ ଥିବା ବେଳେ ଏବେ ତାଙ୍କ ସ୍ଥାନରେ ନଜର ଆସିବେ ଅଗସ୍ତ୍ୟ ନନ୍ଦ। ଏ ଦୃଷ୍ଟିରୁ ସିନେମାରେ ଧର୍ମେନ୍ଦ୍ରଙ୍କ ସହ ଅଗସ୍ତ୍ୟ ନଜର ଆସିବେ। ସେହିପରି ଏହି ସିନେମା ପାଇଁ ଅଗସ୍ତ୍ୟ ଏବେ ଟ୍ରେନିଂ ନେଉଛନ୍ତି ଏବଂ ଏହି ମାସରେ ଏହାର ସୁଟିଂ କାର୍ଯ୍ୟ ଆରମ୍ଭ ହେବ। ଅନ୍ୟପଟେ ସବୁଠୁ କମ୍ ବୟସରେ ପରମବୀର ଚକ୍ର ବିଜେତା ଅରୁଣ କ୍ଷେତ୍ରପାଲ୍ଙ୍କ ଜୀବନକୁ ନେଇ ଏହି ସିନେମାର କାହାଣୀ ଗତିଶୀଳ। ତେବେ ଦୁର୍ଭାଗ୍ୟର ବିଷୟ ଯେ, ଅରୁଣ ୨୧ ବର୍ଷ ବୟସରେ ସବୁଦିନ ପାଇଁ ଆଖି ବୁଜିଥିଲେ। ତାଙ୍କ କାହାଣୀକୁ ଏଥିରେ ସୁନ୍ଦର ଭାବେ ଦୃଶ୍ୟାୟିତ କରାଯାଇଥିବା କୁହାଯାଉଛି। ■

ଜଣେ ଡାକ୍ତର ଚାହିଁଲେ ଚିକିତ୍ସା କରି ମୃତ୍ୟୁମୁଖରେ ପଡ଼ିଥିବା ବ୍ୟକ୍ତିର ଜୀବନ ରକ୍ଷା କରିପାରେ । ସେହିଥିପାଇଁ ଡାକ୍ତରଙ୍କୁ 'ଦ୍ୱିତୀୟ ଈଶ୍ୱର' ବୋଲି କୁହାଯାଇଥାଏ । କିନ୍ତୁ କେବେ କେବେ ଡାକ୍ତର ନିଜର କ୍ଷଣିକ ସୁଖ ପାଇଁ ସାଂଘାତିକ ଅପରାଧ କରିବସେ । ଯେଉଁ ଡାକ୍ତର ଜୀବନ ରକ୍ଷାକାରୀ ଈଶ୍ୱର ମାନ୍ୟତା ପାଇଥାଏ ସେହି ଡାକ୍ତର ଅନ୍ୟର ଜୀବନ ନେବାର ନଜିର୍ ରହିଛି । ବ୍ରହ୍ମପୁରରେ ଏକ ତ୍ରିକୋଣୀୟ ପ୍ରେମ ବିବାଦକୁ କେନ୍ଦ୍ରକରି ଏମିତି ଜଣେ ଡାକ୍ତର ହତ୍ୟାକାରୀ ସାଜିଥିଲେ । ମାମଲାର ବିଚାର କରି ଅଦାଲତ ହତ୍ୟାକାରୀ ଡାକ୍ତରଙ୍କୁ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି ।

ରିପୋର୍ଟ-ଶକ୍ତିଧର ରାଜଗୁରୁ





# ପ୍ରେମରେ ପାଗଳ 'ଦ୍ୱିତୀୟ ଈଶ୍ୱର'

ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ବରିଷ୍ଠ ସର୍ଜରୀ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଡା. ହୃଷୀକେଶ ତ୍ରିପାଠୀଙ୍କ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ସ୍ଥିତ ବାସଭବନରେ ଗାୟତ୍ରୀ କ୍ଲିନିକ ନାମରେ ଏକ ନର୍ସିଂହୋମ ରହିଥିଲା । ଉକ୍ତ ନର୍ସିଂହୋମ୍‌ରେ ଜଣେ ମହିଳା ନର୍ସ ଭାବେ କାର୍ଯ୍ୟ କରୁଥିଲେ । ସମ୍ପୃକ୍ତ ନର୍ସଙ୍କ ସହ ଡାକ୍ତର ତ୍ରିପାଠୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଡାକ୍ତର ଓ ତାଙ୍କ ପରିବାର ବର୍ଗଙ୍କ ସହ ପରିଚିତ ଥିବା ଖଲ୍ଲିକୋଟ ବାଉଁଶିଆ ଗ୍ରାମର ବ୍ୟାଙ୍କ୍ ଏଜେଣ୍ଟ ବିଷ୍ଣୁ ଗୌଡ଼ଙ୍କର ମଧ୍ୟ ସମ୍ପୃକ୍ତ ନର୍ସଙ୍କ ସହ ପ୍ରେମ ସମ୍ପର୍କ ଥିଲା । ଡାକ୍ତର ତ୍ରିପାଠୀ ଓ ବିଷ୍ଣୁ ଉଭୟେ ବିବାହିତ ହୋଇ ମଧ୍ୟ ନର୍ସଙ୍କ ସହ ସମ୍ପର୍କରେ ରହିଥିଲେ । ନର୍ସଙ୍କ ସହ ବିଷ୍ଣୁଙ୍କ ପ୍ରେମ ସମ୍ପର୍କ ଥିବା ଜାଣିବା ପରେ ଡାକ୍ତର ତ୍ରିପାଠୀ ବିଷ୍ଣୁଙ୍କୁ ନର୍ସଙ୍କଠାରୁ ଦୂରେଇ ରହିବାକୁ ବାରମ୍ବାର ଚେତାବନୀ ଦେଇଥିଲେ । କିନ୍ତୁ ବିଷ୍ଣୁ ସେଥିରୁ ନିବୃତ୍ତ ନ ହେବାରୁ ଡାକ୍ତର ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ । ୨୦୧୮ ମସିହା ଅଗଷ୍ଟ ୧୯ ତାରିଖରେ ଡାକ୍ତର ତ୍ରିପାଠୀ ବିଷ୍ଣୁଙ୍କୁ ଫୋନ୍ ଯୋଗେ ନୂଆ ବସଷ୍ଟାଣ୍ଡସ୍ଥିତ ଗାୟତ୍ରୀ କ୍ଲିନିକକୁ ଡାକିଥିଲେ । କ୍ଲିନିକରେ ନର୍ସଙ୍କୁ ବିଷ୍ଣୁ କୌଣସି କାରଣକୁ ନେଇ ଗାଳିଗୁଲଜ କରିଥିଲେ । ଯେଉଁଥିରେ ଡାକ୍ତର ଉତ୍ତ୍ୟକ୍ତ ହୋଇ ବିଷ୍ଣୁଙ୍କୁ ବିଭିନ୍ନ କଥା କହି କୌଶଳକ୍ରମେ କ୍ଲିନିକର ଉପର ମହଲାରେ ଥିବା କୋଠରିକୁ ନେଇ ସେଠାରେ କିଛି ଇଞ୍ଜେକ୍ସନ ଦେଇ ଅଚେତ କରିଦେଇଥିଲେ । ପରେ ଅଚେତ ଅବସ୍ଥାରେ ବିଷ୍ଣୁଙ୍କୁ ହତ୍ୟା କରିଥିଲେ । ପରେ ବିଷ୍ଣୁଙ୍କ ମୃତଦେହକୁ କ୍ଲିନିକର ଅସ୍ତ୍ରୋପଚାର କୋଠରିକୁ ନେଇ କ୍ଲିନିକାଲ୍ ବ୍ଲେଡ୍‌ରେ ଖଣ୍ଡ ଖଣ୍ଡ କରି ୫/୬ଭାଗରେ କାଟି ଦେଇଥିଲେ । ରାତିରେ କ୍ଲିନିକର କର୍ମଚାରୀ ଗଙ୍ଗା ବେହେରାଙ୍କ ସହଯୋଗରେ ଖଣ୍ଡବିଖଣ୍ଡିତ ଶରୀରକୁ ବସ୍ତାରେ ଭର୍ତ୍ତି କରି ନିଜ କାର୍ ଯୋଗେ ସହର ଉପକଣ୍ଠ ବଡ଼ଗୁମୁଳାସ୍ଥିତ ଫାର୍ମହାଉସକୁ ନେଇ ସେଠାରେ ଥିବା ଆବର୍ଜନା କୁଣ୍ଡରେ ପୋତି ଦେଇଥିଲେ । ତା' ପରଦିନ ବିଧାନ ସେଠୀଙ୍କୁ କହି ସେହି ଆବର୍ଜନା କୁଣ୍ଡରେ ବାଲି ପକାଇ ଭର୍ତ୍ତିକରି ଦେଇଥିଲେ । ଏପଟେ ବିଷ୍ଣୁ ଘରକୁ ନ ଫେରିବାରୁ ତାଙ୍କ ପତ୍ନୀ ନର୍ମଦା ଗୌଡ଼ ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ପୁଲିସକୁ ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ ଅବଗତ କରିଥିଲେ । ନିଖୋଜର ୧୫ଦିନ ପରେ ଅର୍ଥାତ ସେପ୍ଟେମ୍ବର ୨ତାରିଖରେ ବିଷ୍ଣୁଙ୍କ ପତ୍ନୀଙ୍କୁ ଡା. ତ୍ରିପାଠୀଙ୍କ ଡ୍ରାଇଭର୍‌ର ପରିଚୟ ଦେଇ କେହି ଜଣେ ଫୋନ୍‌କରି ତାଙ୍କ ସ୍ୱାମୀକୁ ଅପହରଣ କାରାଯାଇଥିବା ସୂଚନା ଦେଇଥିଲେ । ଏହା ଜାଣିବା ପରେ ସେପ୍ଟେମ୍ବର ୪ତାରିଖରେ ବିଷ୍ଣୁଙ୍କ ପତ୍ନୀ ନର୍ମଦା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ଅପହରଣ ମାମଲା ରୁଜୁ ହୋଇଥିଲା । ଘଟଣାକୁ ଗୁରୁତର ସହିତ ନେଇ ଡାକ୍ତରଙ୍କୁ ସନ୍ଦେହ ଘେରରେ

## ତ୍ରିକୋଣୀୟ ପ୍ରେମରୁ ହତ୍ୟା

ରଖିଥିଲା ପୁଲିସ । ପରେ ଡାକ୍ତର ତ୍ରିପାଠୀଙ୍କୁ ଜେରା କରାଯାଇଥିଲା । ଘନଘନ ପଚରାଉଚରା ପରେ ଡାକ୍ତର ତ୍ରିପାଠୀ ପୁଲିସ ନିକଟରେ ସବୁକିଛି ମାନି ଯାଇଥିଲେ । ପରେ ହତ୍ୟାକାଣ୍ଡରେ ଡାକ୍ତର ତ୍ରିପାଠୀଙ୍କୁ ସହଯୋଗ କରିଥିବା ଉଭୟ ଗଙ୍ଗା ବେହେରା ଓ ବିଧାନ ସେଠୀଙ୍କୁ ପୁଲିସ ଚିହ୍ନଟ କରିଥିଲା । ସମସ୍ତଙ୍କୁ ଜେରା କରିବା ପରେ ସତ୍ୟାସତ୍ୟ ପଦାକୁ ଆସିଥିଲା । ୨୦୧୮ ମସିହା ସେପ୍ଟମ୍ବର ୧୨ତାରିଖରେ ବଡ଼ଗୁମୁଳାର ସେହି ଆବର୍ଜନା କୁଣ୍ଡରୁ ବିଷ୍ଣୁଙ୍କ ଖଣ୍ଡ ବିଖଣ୍ଡିତରଳିତ ମୃତଦେହକୁ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହାପରେ ଅପହରଣ ମାମଲାଟି ହତ୍ୟା ମାମଲାରେ ପରିଣତ ହୋଇଥିଲା । ପୁଲିସ ପ୍ରଥମେ ସେପ୍ଟେମ୍ବର ୧୭ ତାରିଖରେ ଡାକ୍ତର



ତ୍ରିପାଠୀ ଓ ପରେ ଦୁଇ ସହଯୋଗୀ ଗଙ୍ଗା ଓ ବିଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସେହିପରି ହତ୍ୟାକାଣ୍ଡରେ ବ୍ୟବହୃତ କ୍ଲିନିକାଲ ବ୍ଲେଡକୁ ପୁଲିସ ଜବତ କରିଥିଲା । ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିଲା । ଗିରଫର କିଛିମାସ ପରେ ଡାକ୍ତରଙ୍କ ଦୁଇ ସହଯୋଗୀ ଗଙ୍ଗା ଓ ବିଧାନ ଜାମିନରେ ମୁକୁଳିଥିବା ବେଳେ ଡା. ତ୍ରିପାଠୀ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିଲେ । ଏହି ମାମଲାର ବିଚାରଣା ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ରାଜ କୁମାର ଦାସଙ୍କ କୋର୍ଟରେ ଚାଲୁ ରହିଥିବାବେଳେ ମୋଟ ୨୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ବୈଦ୍ୟନାଥପୁର ଥାନାର ତତ୍କାଳୀନ ଥାନା ଅଧିକାରୀ ଜୟକୁମାର ପଟ୍ଟନାୟକ ପ୍ରାଥମିକ ଓ ପରେ ସାରଦା ପ୍ରସନ୍ନ ଦାଶ କୋର୍ଟରେ ୨୫୦ପୃଷ୍ଠା ସମ୍ବଳିତ ପୂର୍ଣ୍ଣାଙ୍ଗ ବା ଫାଇନାଲ ଚାର୍ଜସିଟ୍ ଦାଖଲ କରିଥିଲେ । ଦୀର୍ଘ ୬ବର୍ଷର ବିଚାରଣା ପରେ ଗତ ଜାନୁଆରୀ ୧୨ ତାରିଖ ଶୁକ୍ରବାର ମାମଲାର ଚୂଡ଼ାନ୍ତ ୮୩ ପୃଷ୍ଠାର ରାୟ ପ୍ରକାଶ ପାଇଥିଲା । ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ରାଜ କୁମାର ଦାସ ଏହି ମାମଲା ବିଚାରଣା କରି ମୁଖ୍ୟ ଅଭିଯୁକ୍ତ ଡାକ୍ତର ତ୍ରିପାଠୀଙ୍କ ବିରୋଧରେ ଉପଯୁକ୍ତ ତଥା ଆବଶ୍ୟକ ସାକ୍ଷ୍ୟ ଓ ପ୍ରମାଣ ପାଇ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଏଥି ସହିତ ୧୦ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ଅଧିକ ଦୁଇବର୍ଷ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଏହା ସହିତ ଏହି ହତ୍ୟା ଘଟଣାରେ ପ୍ରମାଣ ନଷ୍ଟ ପାଇଁ ସହାୟତା କରିଥିବା ଗଙ୍ଗା ଓ ବିଧାନଙ୍କୁ ଦୁଇବର୍ଷ ଜେଲ୍ ଓ ୫ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଅପରପକ୍ଷେ କୋର୍ଟଙ୍କ ଏହି ରାୟରେ ଅସନ୍ତୋଷ ପ୍ରକାଶ କରିବା ସହ ରାୟକୁ ଉପର କୋର୍ଟରେ ଚାଲେଞ୍ଜ କରିବେ ବୋଲି କହିଛନ୍ତି ଡାକ୍ତର ତ୍ରିପାଠୀ ଓ ତାଙ୍କ ଓକିଲ କୃଷ୍ଣ ପଟ୍ଟନାୟକ । ସେପଟେ ହତ୍ୟାକାଣ୍ଡକୁ ନେଇ ପ୍ରକାଶିତ ରାୟରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ମୃତ ବିଷ୍ଣୁ ଗୌଡ଼ଙ୍କ ପତ୍ନୀ ନର୍ମଦା । ଡାକ୍ତର ହୃଷୀକେଶ ତ୍ରିପାଠୀଙ୍କୁ ଆଜୀବନ କାରାଦଣ୍ଡ ବଦଳରେ ଫାଶୀଦଣ୍ଡ ହେବା ଉଚିତ ବୋଲି ନିଜର ପ୍ରତିକ୍ରିୟାରେ କହିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡ ମକଦ୍ଦମା ପରିଚାଳନା କରୁଥିବା ବେଳେ ପିପି ତ୍ରିଲୋଚନ ପରିଡ଼ା ସହଯୋଗ କରିଥିଲେ । ଅନ୍ୟ ପକ୍ଷରେ ରାୟ ପ୍ରକାଶ ବେଳକୁ ମାମଲାରେ ମୁଖ୍ୟ ଅଭିଯୁକ୍ତ ଡାକ୍ତର ତ୍ରିପାଠୀଙ୍କ ଦୁଇ ସହଯୋଗୀ ଗଙ୍ଗା ଓ ବିଧାନ ପାଖାପାଖି ଦେଢ଼ ବର୍ଷ କାରାଦଣ୍ଡ ଭୋଗି ସାରିଥିବାରୁ ଉଭୟଙ୍କ ଜାମିନ ଆବେଦନକୁ କୋର୍ଟ ମଞ୍ଜୁର କରିଥିଲେ । ■

# ଓଡ଼ିଶାରେ ସକ୍ରିୟ 'ବଜ୍ର' ରାକେଟ୍

ଓଡ଼ିଶାର ଅପରାଧ ରେକର୍ଡକୁ ଅନୁଧ୍ୟାନ କଲେ ଗତ କିଛିବର୍ଷ ଧରି ବଜ୍ରକାପ୍ତ ରାକେଟ୍ ସକ୍ରିୟ ହୋଇଛନ୍ତି । ଓଡ଼ିଶା ଜଙ୍ଗଲରେ ଉପଲବ୍ଧ ହେଉଥିବା ବଜ୍ରକାପ୍ତା ତଥା ବଜ୍ରକାପ୍ତ ମାଂସ ଓ କାତିକୁ ରାଜ୍ୟ ବାହାରକୁ ତଥା ଦେଶବାହାରକୁ ଚାଲାଣ କରାଯାଉଛି । ବଜ୍ରକାପ୍ତ ମାଫିଆମାନେ ଏକ ରାକେଟ୍‌ରେ ଏସବୁ କାରବାର କରୁଛନ୍ତି । ବଜ୍ରକାପ୍ତା ମାଫିଆଙ୍କ ଧରିବା ପାଇଁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ବିଭିନ୍ନ ସମୟରେ ଚଢ଼ଉ କରୁଛି । କିନ୍ତୁ ଏସବୁ ପରେ ବି ବଜ୍ରକାପ୍ତ ଚାଲଣକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରି ନାହିଁ ।

ରିପୋର୍ଟ-'ସକାଳ'ବ୍ୟୁରୋ



### ୬ବର୍ଷରେ ୨୯ ବଜ୍ରକାପ୍ତା ଉଦ୍ଧାର

ଓଡ଼ିଶା ଜଙ୍ଗଲରେ ଦେଖାଦେଉଥିବା ବଜ୍ରକାପ୍ତାର ଆର୍ନ୍ତଜାତିକ ବଜାରରେ ରହିଛି ବିପୁଳ ଚାହିଦା । ଏହାକୁ ଦୃଷ୍ଟିରେ ରଖି ବଜ୍ରକାପ୍ତା ରାକେଟ୍ କ୍ରମେ ସକ୍ରିୟ ହେବାରେ ଲାଗିଛନ୍ତି । ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଗତ ୬ବର୍ଷ ମଧ୍ୟରେ କେବଳ ୨୯ଟି ଜୀବିତ ବଜ୍ରକାପ୍ତା ଉଦ୍ଧାର କରିଥିବା ବେଳେ ୪୫ କିଲୋ ବଜ୍ରକାପ୍ତା କାତି ଉଦ୍ଧାର କରିଛି । ଗତ କିଛିବର୍ଷ ମଧ୍ୟରେ ସୋନପୁର ଓ ବୌଦ୍ଧରୁ ଦୁଇଟି ଲେଖାଏଁ ଏବଂ ପଦ୍ମପୁରରୁ ଗୋଟିଏ ବଜ୍ରକାପ୍ତାକୁ ମିଶାଇ ୫ଟି ଜବତ ହୋଇଛି । ପଶ୍ଚିମ ଓଡ଼ିଶାରେ ଥିବା ଅଧିକାଂଶ ଜଙ୍ଗଲଗୁଡ଼ିକରେ ବଜ୍ରକାପ୍ତା ଦେଖିବାକୁ ମିଳିଥାଏ । ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ରେଢ଼ାଖୋଲ, କୋରାପୁଟ ଓ ଅନୁଗୋଳରୁ ଅଧିକ ବଜ୍ରକାପ୍ତା ଚାଲାଣ କରାଯାଉଛି । ଶିକାରୀ ଧରିବା ପରେ ଦଲାଲଙ୍କ ସହାୟତାରେ ବଜ୍ରକାପ୍ତା କାତିକୁ ଚୀନ୍‌କୁ ଚୋରା ଚାଲାଣ କରାଯାଉଛି ।

### ହ୍ୱାଟ୍‌ସଆପ୍‌ରେ କାରବାର

ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ବନ ବିଭାଗର ସ୍ୱତନ୍ତ୍ର ଟିମ ମିଳିତ ଅପରେସନ୍ କରି ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ର ସନ୍ଧାନ ପାଇଥିଲା ତଦନ୍ତକାରୀ ଟିମ୍ । ସେହି ଗ୍ରୁପରେ ମାଫିଆ ଓ ଶିକାରୀମାନେ ବଜ୍ରକାପ୍ତା କାରବାର କରୁଥିବା ଜଣାପଡ଼ିଥିଲା । ସେଇ ଆଧାରରେ ଚଢ଼ଉ କରି ଗୋଟିଏ ବର୍ଷରେ ୪୦ରୁ ଅଧିକ ବଜ୍ରକାପ୍ତା ଶିକାରୀ ଓ ଦଲାଲଙ୍କୁ ଠାବ କରିଥିଲା । ଏସ୍‌ଟିଏଫ୍‌ର ପଚରାଉଚରା ପରେ ସେମାନଙ୍କର ଆନ୍ତର୍ଦେଶୀୟ ଲିଙ୍କ୍ ପଦାକୁ ଆସିଥିଲା । ଏଣୁ ଖୋଳତାଡ଼ କରିବା ଲାଗି ଇଣ୍ଟରପୋଲ୍‌ର ସହାୟତା ଲୋଡ଼ାଯାଇଥିଲା । ଅନ୍ୟପଟେ ବଜ୍ରକାପ୍ତା ଶିକାରୀ ଓ ଦଲାଲଙ୍କୁ ଗିରଫ କରୁଛି ଏସ୍‌ଟିଏଫ୍, ବନବିଭାଗ ଓ ଅନ୍ୟ ତଦନ୍ତକାରୀ ସଂସ୍ଥା । ଗିରଫ ପରେ ତଦନ୍ତ କରିବାରେ ଦୀର୍ଘଦିନ ଚାଲିଯାଉଛି । ଫଳରେ ବଜ୍ରକାପ୍ତା ଚୋରା ଚାଲାଣରେ ସମ୍ପୃକ୍ତି ରହିଥିବା ଅଭିଯୁକ୍ତ ଜାମିନ୍‌ରେ ମୁକୁଳି ଯାଉଛନ୍ତି । ଦଣ୍ଡବିଧାନ ହାର ଢ଼େର୍ କମ୍ ଥିବାରୁ ଦଲାଲଙ୍କ ଉପରେ ପ୍ରଭାବ ପଡୁ ନ ଥିବା ଅଭିଯୋଗ ହୋଇଛି ।



### ମାଂସ କିଲୋ ୩୦ ହଜାର

ଦଲାଲମାନେ ବଜ୍ରକାପ୍ତା ମାଂସ କିଲୋ ପିଛା ୩୦ହଜାର ଟଙ୍କାରେ ଦଲାଲମାନେ ବିକ୍ରି କରୁଛନ୍ତି । ସ୍ୱତନ୍ତ୍ର ରାକେଟ୍ ଜରିଆରେ ଚୀନ୍, ଭିଏତନାମା ଓ ମିଆଁମାର ଭଳି ଦେଶକୁ ବଜ୍ରକାପ୍ତା ମାଂସ ଓ କାତି ଚାଲାଣ ହେଉଛି । ଚୀନରେ ବଜ୍ରକାପ୍ତା କାତି ଓ ମାଂସକୁ ନେଇ ପାରମ୍ପରିକ ଚାଇନିଜ ଔଷଧ ପ୍ରସ୍ତୁତ କରାଯାଉଛି । ଯେଉଁଥିପାଇଁ ସେଠାରେ ଥିବା ମହଙ୍ଗା ରେସ୍ତୋଁରାରେ ବିକ୍ରି କରାଯିବା ସହ ପ୍ରସୂତି ମହିଳାଙ୍କୁ ଖାଇବାକୁ ଦିଆଯାଉଛି । ବଜ୍ରକାପ୍ତ ମାଂସରୁ ଦୁରାରୋଗ ପାଇଁ ଔଷଧ ପ୍ରସ୍ତୁତ କରାଯାଉଛି । ସେଭଳି ଇଣ୍ଟରନ୍ୟାସନାଲ ୟୁନିଅନ୍ ଫର୍ କନ୍‌ଜର୍‌ଭେସନ ଅଫ୍ ନେଚର ରିପୋର୍ଟ ଅନୁଯାୟୀ ସାରା ବିଶ୍ୱରେ ହେଉଥିବା ପ୍ରାଣୀମାନଙ୍କ ଚୋରା ଚାଲାଣରେ ୨୫ ପ୍ରତିଶତ କେବଳ ବଜ୍ରକାପ୍ତା । ବିଲୁପ୍ତ ବଜ୍ରକାପ୍ତା ସରୀସୃପ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ଟାର୍ଗେଟ୍ କରି ଚୀନ୍‌ରେ ବଜ୍ରକାପ୍ତାର ଅଧିକ ଚାହିଦା ଥିବାରୁ ଏଠାକୁ ବର୍ଷ ବର୍ଷ ଧରି ଚୋରା ଚାଲାଣ ହୋଇଥାଏ । ଓଡ଼ିଶାରୁ ଭାୟା କୋଲକାତା ଦେଇ ଚୀନ ଓ ମିଆଁମାର ଚାଲାଣ ହେଉଛି ।

### ନିରୀହ ଜୀବଙ୍କୁ ଟାର୍ଗେଟ୍

ବଜ୍ରକାପ୍ତା ଜଙ୍ଗଲରେ ଉଇ ଖାଇବାରୁ ଗଛଗୁଡ଼ିକ ରକ୍ଷା ପାଇଯାଇଥାଏ । ବଜ୍ରକାପ୍ତା ହିଂସ୍ର ପ୍ରଜାତିର ହୋଇ ନ ଥିବାରୁ ଏହାକୁ ଧରିବା ସହଜ ହେଉଛି । ଏହାର କାତିରେ ଔଷଧୀୟ ଗୁଣ ଥିବାରୁ ମାଫିଆମାନେ ଧରି ରାଜ୍ୟ ବାହାରକୁ ଚାଲାଣ କରାଯାଉଛି । ଏହାକୁ ରୋକିବା ଲାଗି ଜନ ସଚେତନତା ସୃଷ୍ଟି କରିବା ସହ ଚଢ଼ଉ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ସମ୍ପର୍କୀୟଙ୍କ ସହଯୋଗ ରହିବ। ବ୍ୟବସାୟ ଆଗକୁ ବଢ଼ାଇବେ। ଧନପ୍ରାପ୍ତି ଯୋଗ ଅଛି। ସମୟର ସଦୁପଯୋଗ କରିବେ। ଆୟ ଓ ବ୍ୟୟ ସମାନ ରହିବ। ମହିଳା ମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**ବୃଷ:** କର୍ମକ୍ଷେତ୍ରରେ ସମସ୍ୟା ଉପୁଜିପାରେ। ଅନ୍ୟ ଉପରେ ଭରସା କରି ହଇରାଣରେ ପଡ଼ିପାରନ୍ତି। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମିଥୁନ:** ଆଶା କରିଥିବା ଦିଗରୁ ଟଙ୍କା ମିଳିବ। ଅଟକି ରହିଥିବା କାର୍ଯ୍ୟ ଆରମ୍ଭ କରିବେ। ପ୍ରେମ ବ୍ୟାପାରରେ ସଫଳ ହେବେ। ଦୂର ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**ସିଂହ:** ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତବିବ୍ରତ ହେବେ। ସମାଜସେବାରେ ସମୟ ଦେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହେବେ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ।

**ତୁଳା:** ପଡ଼ୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ରାଜନୀତିରେ ସାମିଲ ହୋଇପାରନ୍ତି। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ମହିଳାମାନେ ଧାର୍ମିକ ସମାବେଶରେ ଯୋଗ ଦେବେ। ଜୀବନସାଥୀଙ୍କୁ ଦାମୀ ଉପହାର ଦେଇପାରନ୍ତି। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କୁମ୍ଭ:** ଜମିକ୍ରୟ ଯୋଗ ରହିଛି। ଧନପ୍ରାପ୍ତି ହେବ। ବ୍ୟକ୍ତିଗତ ମାମଲାକୁ ଅନ୍ୟମାନଙ୍କ ଆଗେ ପରିପ୍ରକାଶ କରନ୍ତୁ ନାହିଁ। ଠକାମିର ଶିକାର ହେବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ହେବେ। ମନୋରଞ୍ଜନରେ ଆବଶ୍ୟକତାଠୁ ଅଧିକ ଖର୍ଚ୍ଚ କରିବେ।

## ଆଜିର ଇତିହାସ

- ୧୭୮୬-ଲର୍ଡ କର୍ଣ୍ଣୱାଲିସ୍ ଭାରତର ଗଭର୍ଣ୍ଣର୍ ଜେନେରାଲ ହେଲେ।
- ୧୮୨୭- ମରିସସ୍‌ରେ କ୍ରୀତଦାସ ପ୍ରଥାର ଉଚ୍ଛେଦ।
- ୧୮୫୫- ଇଷ୍ଟ ଇଣ୍ଡିଆ ରେଲୱେର ବିଧିବଦ୍ଧ ଉଦ୍‌ଘାଟନ ହେଲା।
- ୧୮୮୪-ଡାକ ବୀମା ଯୋଜନା ଆରମ୍ଭ।
- ୧୯୩୦- ପ୍ରଥମ ଥର 'ଟାଇମ୍ସ ଅଫ୍ ଇଣ୍ଡିଆ' କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସର ଆରମ୍ଭ କଲା।
- ୨୦୧୭- ଭାରତରେ ପ୍ରଥମ ଥର ସଂସଦରେ ଦିନ ୧୧ଟାରେ ସାଧାରଣ ବଜେଟ୍ ଉପସ୍ଥାପିତ ହେଲା।



### ଅଲ୍‌ଚିକି ଲିପିର ସ୍ରଷ୍ଟା
# ପଣ୍ଡିତ ରଘୁନାଥ ମୁର୍ମୁ

ସାନ୍ତାଳୀ ଭାଷା, ସାହିତ୍ୟର ପ୍ରଚାରପ୍ରସାର ପାଇଁ ଅଲ୍‌ଚିକି ଲିପି ସୃଷ୍ଟି କରି ସ୍ମରଣୀୟ ହୋଇ ରହିଛନ୍ତି ପଣ୍ଡିତ ରଘୁନାଥ ମୁର୍ମୁ। ସେ ଏକାଧାରରେ ଥିଲେ ଜଣେ ଚିନ୍ତାନାୟକ, ଲେଖକ, ଦାର୍ଶନିକ ଓ ନାଟ୍ୟକାର। ରାଇରଙ୍ଗପୁର ନିକଟସ୍ଥ ଡାହାରଡ଼ିହଠାରେ ମଇ ୧୮, ୧୯୦୫ରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ମୁର୍ମୁ ସାନ୍ତାଳୀ ଭାଷାର ପ୍ରଚାରପ୍ରସାର ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ ସେଥିପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ। ସେ ରାଇରଙ୍ଗପୁରର ବଡ଼ାମତଳିଆଠାରେ ସ୍କୁଲ୍ ଶିକ୍ଷକ ଥିବା ସମୟରେ ସାନ୍ତାଳୀ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ। ଅଲଚିକି ଲିପିର ପ୍ରସାରକୁ ଅଧିକ ସମୟ ଦେବା ନିମନ୍ତେ ସେ ଚାକିରି ଛାଡ଼ି ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ଗସ୍ତ କରିଥିଲେ। ଲିପିର ଆବଶ୍ୟକତା ସଂପର୍କରେ ସେମାନଙ୍କୁ ବୁଝାଇଥିଲେ। ତାଙ୍କର ଆହ୍ୱାନ ଥିଲା- 'ଅଲ୍‌ମେନାଃ ତାମା ରଲ୍ ମେନାଃ ତାମା, ଧରମ ମେନାଃ ତାମା ଆମ ହଁ ମେନାମ୍, ଅଲ୍ ଏମ୍ ଆଦ୍ ଲେରେ ରଲ୍ ଏମ୍ ଆଦ୍‌ଲେ, ଧରମ୍ ଏମ୍ ଆଦ୍ ଲେରେ ଆମ୍ ହମ୍ ଆଦଃ।' ଏହାର ଅର୍ଥ, 'ଲିପି ଥିବାରୁ ଭାଷା ରହିଛି। ଧର୍ମ ଥିବା ହେତୁ ତୁମେ ରହିଛ। ଲିପି ହଜିଲେ, ତୁମର ଭାଷା ହଜିବ ଏବଂ ଧର୍ମ ହଜିଲେ, ତୁମେ ମଧ୍ୟ ନ ଥିବ।' ଭାଷା ଓ ଧର୍ମକୁ ନେଇ ତାଙ୍କର ବାଣୀ ସମସ୍ତଙ୍କୁ ଜାଗ୍ରତ କରିଥିଲା। ସାନ୍ତାଳମାନେ ଲିପି ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଭାରତୀୟ ଭାଷାରେ ସାନ୍ତାଳୀ ଭାଷାକୁ ସ୍ୱତନ୍ତ୍ର ସ୍ଥାନ ଦେବାରେ ସେ ନିରନ୍ତର ଉଦ୍ୟମ କରିଥିଲେ। ଅଲ୍‌ଚିକି ଲିପି ସୃଷ୍ଟି ହେବା ଫଳରେ ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ସେମାନଙ୍କ ଭାଷାର ମହତ୍ତ୍ୱକୁ ବୁଝିପାରିଛନ୍ତି। ୩୦ ଅକ୍ଷରର ବିଶିଷ୍ଟ ଅଲ୍‌ଚିକି ଲିପି ସୃଷ୍ଟି କରିଥିଲେ ପଣ୍ଡିତ ମୁର୍ମୁ। ତାଙ୍କର ବିଚକ୍ଷଣ ପାଣ୍ଡିତ୍ୟ ଓ ଧୀଶକ୍ତି ଯୋଗୁଁ ଏହା ସମ୍ଭବ ହୋଇପାରିଥିଲା। ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଆସାମରେ ରହୁଥିବା ସାନ୍ତାଳୀ ଆଦିବାସୀମାନେ ଏହି ଲିପିକୁ ଆଗ୍ରହର ସହ ଗ୍ରହଣ କରି ନେଇଥିଲେ। ରଘୁନାଥ ମୁର୍ମୁଙ୍କ ଅବଦାନକୁ ପଶ୍ଚିମବଙ୍ଗ ସରକାର ମଧ୍ୟ ସ୍ୱୀକାର କରିଛନ୍ତି। ତାଙ୍କରି ସ୍ମୃତିରେ ୧୯୮୬ ମସିହାରେ ପଶ୍ଚିମବଙ୍ଗର ବାଙ୍କୁଡା ଜିଲ୍ଲାର ଜାମବାଣୀଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି ମହାବିଦ୍ୟାଳୟ ଓ ୨୦୦୭ ମସିହାରେ ମୁର୍ସିଦାବାଦଠାରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଓଡ଼ିଶା ସରକାର ବାରିପଦାରେ ତାଙ୍କ ନାମରେ ମେଡିକାଲ କଲେଜକୁ ତାଙ୍କ ନାମରେ ନାମିତ କରିଛନ୍ତି। ୧୯୮୨ ମସିହା ଆଜିର ଦିନରେ ପଣ୍ଡିତ ମୁର୍ମୁଙ୍କ ଦେହାନ୍ତ ହୋଇଥିଲା। ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ତାଙ୍କ ଉଦ୍ୟମ ସବୁବେଳେ ପ୍ରଶଂସନୀୟ। ମୟୂରଭଞ୍ଜ ରାଜ୍ୟ ଆଦିବାସୀ ମହାସଭା ପକ୍ଷରୁ ତାଙ୍କୁ 'ଗୁରୁ ଗମ୍‌କେ' ଉପାଧିରେ ସମ୍ମାନିତ କରାଯାଇଥିଲା।

### ଆଜି ବାହୁଡ଼ିଥିଲେ...
# ଆକାଶ କନ୍ୟା କଳ୍ପନା



ଅନ୍ତରୀକ୍ଷ ପରୀ ଭାବେ ପରିଚିତ କଳ୍ପନା ଚାୱଲା ଆଜିର ଦିନରେ ଦୁନିଆକୁ ଅଲ୍‌ବିଦା କହିଥିଲେ। ୨୦୦୩ ଫେବୃୟାରୀ ୧ରେ ତାଙ୍କର ଦ୍ୱିତୀୟ ମହାକାଶ ଯାତ୍ରା ଶେଷଯାତ୍ରା ହୋଇଯାଇଥିଲା। ଆକାଶ କନ୍ୟା ଆକାଶରେ ହିଁ ଲୀନ ହୋଇଗଲେ। ସେ ମହାକାଶଯାନରେ ପୃଥିବୀ କକ୍ଷକୁ ପ୍ରବେଶ କରୁକରୁ ତାଙ୍କ ଯାନ ଧ୍ୱଂସ ହୋଇଗଲା। ପ୍ରଥମ ଭାରତୀୟ ମହିଳା ମହାକାଶ ଯାତ୍ରୀ ହେଉଛନ୍ତି କଳ୍ପନା ଚାୱଲା। ସେ କହୁଥିଲେ ତାଙ୍କର ଜନ୍ମ ମହାକାଶ ପାଇଁ। ଆଉ ସେ ଏହି କଥାକୁ ସତ ମଧ୍ୟ କରି ଦେଖାଇଥିଲେ। ମାର୍ଚ୍ଚ ୧୭, ୧୯୬୨ରେ ହରିଆନାର କରନାଲରେ ଜନ୍ମଗ୍ରହଣ କରିଥିଲେ କଳ୍ପନା। ସେ ତାଙ୍କ ପ୍ରାରମ୍ଭିକ ଶିକ୍ଷା ହରିଆନାର ଟାଗୋର ସ୍କୁଲରୁ ସମାପ୍ତ କରିଥିଲେ। କଳ୍ପନାଙ୍କୁ ଆରମ୍ଭରୁ ଉଡ଼ାଜାହାଜ ଖୁବ୍ ଭଲ ଲାଗୁଥିଲା। ସେ ବିଦ୍ୟାଳୟରେ ଚିତ୍ରାଙ୍କନ ଏବଂ ହସ୍ତଶିଳ୍ପ କ୍ଲାସ୍‌ଗୁଡ଼ିକରେ ପ୍ରାୟତଃ ଉଡ଼ାଜାହାଜର ଚିତ୍ର ଓ ମଡେଲ୍ ତିଆରି କରୁଥିଲେ। ବିଦ୍ୟାଳୟରୁ ଘରକୁ ଫେରିଲା ବେଳେ ପ୍ରାୟ ସମୟ ସେ ନିଜ ସାଇକଲ୍ ରଖିଦେଇ ଘଣ୍ଟା ଘଣ୍ଟା ବସି ପ୍ରଶିକ୍ଷଣ ଦେବା ବ୍ୟବହାର କରାଯାଉଥିବା ଉଡ଼ାଜାହାଜଗୁଡ଼ିକୁ ଆକାଶରେ ଉଡ଼ିବାର ଏବଂ ତଳକୁ ଓହ୍ଲାଇବାର ଦୃଶ୍ୟ ଦେଖୁଥିଲେ। ଏହି ଦୃଶ୍ୟ ଦେଖିବା ସମୟରେ ସେ ଭାବବିହ୍ୱଳିତ ହୋଇଯାଉଥିଲେ। ଉଡ଼ାଜାହାଜ ପ୍ରତି ତାଙ୍କର ରୁଚିକୁ ଦେଖି ତାଙ୍କ ବାପା ଅନେକ ସମୟରେ ତାଙ୍କୁ ପ୍ରଶିକ୍ଷକ ଉଡ଼ାଜାହାଜଗୁଡ଼ିକରେ ବସାଇବା ପାଇଁ ସ୍ଥାନୀୟ ଉଡ଼ାଜାହାଜ ଚାଳକ ସଂଘକୁ ନେଇ ଯାଉଥିଲେ। ପଞ୍ଜାବ ଇଞ୍ଜିନିୟରିଂ କଲେଜରୁ ଏରୋନଟିକାଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବା ପରେ ସେ ୧୯୮୨ରେ ଆମେରିକା ଚାଲିଯାଇଥିଲେ। ସେଠାରେ ସେ ଏରୋସ୍ପେସ୍ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ କରିଥିଲେ। ୧୯୮୩ ମସିହାରେ କଳ୍ପନା ଜିନ୍ ପେରୀ ହ୍ୟାରିସନ୍ ନାମକ ଜଣେ ଫ୍ରେଞ୍ଚ୍ ଆମେରିକୀୟ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ଏହାପରେ ୧୯୮୬ରେ ସେ ଦ୍ୱିତୀୟ ମାଷ୍ଟର ଡିଗ୍ରୀ ସମାପ୍ତ କରିବା ପରେ ୧୯୮୮ରେ ଏଥିରେ ପିଏଚ୍‌ଡି କରିଥିଲେ। ୧୯୮୮ରେ ସେ ନାସା ରିସର୍ଚ୍ଚ ସେଣ୍ଟରରେ ଯୋଗ ଦେଇଥିଲେ। ୧୯୯୭ ନଭେମ୍ବର ୧୯ରେ ସେ ପ୍ରଥମ ମହାକାଶ ଯାତ୍ରା ଆରମ୍ଭ କରିଥିଲେ। ସେ ତାଙ୍କ ପ୍ରଥମ ଯାତ୍ରାରେ ମହାକାଶରେ ୩୭୬ ଘଣ୍ଟା ଅତିବାହିତ କରିଥିଲେ। ପ୍ରଥମ ମିଶନର ସଫଳତା ପରେ ସେ ଦ୍ୱିତୀୟ ମହାକାଶ ଯାତ୍ରା ପାଇଁ ବାହାରିଲେ। ତେବେ ତାଙ୍କର ଦ୍ୱିତୀୟ ତଥା ଅନ୍ତିମ ଉଡ଼ାଣ ୨୦୦୩ ଜାନୁଆରୀ ୧୬ରେ ସ୍ପେଶ୍ ସଟଲ କଲମ୍ବିଆରୁ ଆରମ୍ଭ ହେଲା। ତାହା ଥିଲା ୧୬ଦିନର ମହାକାଶ ମିଶନ। ୨୦୦୩ରେ 'ସ୍ପେଶ୍ ସଟଲ୍ କଲମ୍ବିଆ'ର ଆକସ୍ମିକ ଦୁର୍ଘଟଣାରେ କଳ୍ପନାଙ୍କୁ ମିଶାଇ ସମସ୍ତ ସାତଜଣ ମହାକାଶଚାରୀଙ୍କ ମୃତ୍ୟୁ ଘଟିଥିଲା। କଳ୍ପନା ଚାୱଲାଙ୍କ ଦେହାନ୍ତ ପରେ ତାଙ୍କ ସମ୍ମାନରେ ବିଶ୍ୱବିଦ୍ୟାଳୟ, ଛାତ୍ରବୃତ୍ତି ଓ ଅନେକ ସଡ଼କର ନାମକରଣ କରାଯାଇଛି।

### ସଙ୍ଗୀତ ଦୁନିଆରେ ପାଦ ଦେବେ
# ପରିଣୀତି



ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କୁ ନେଇ ଏକ ନୂଆ ଖବର ଆସିଛି। ରାଘବ ଚଡ୍ଢାଙ୍କୁ ବିବାହ କରିବା ପରେ ସେ ଫିଲ୍ମ ଲାଇନ୍ ଛାଡ଼ି ରାଜନୀତିରେ ଯୋଗ ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ଏବେ ନିଜେ ପରିଣୀତି ଏହା ଉପରୁ ପରଦା ହଟେଇଛନ୍ତି। ବିବାହ ପରେ ପରିଣୀତି ଏବେ ଗୀତରେ କ୍ୟାରିୟର୍ କରିବାକୁ ଚେଷ୍ଟା ଚଳାଇଛନ୍ତି। ନିଜେ ପରିଣୀତି ସୋସିଆଲ ମିଡିଆରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ତେବେ ପରିଣୀତି ତାଙ୍କର ଏହି ନୂଆ ଯାତ୍ରାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ନିଜେ ପରିଣୀତି ଏକ୍ସରେ ଏକ ଭିଡିଓ ସେୟାର୍ କରିଛନ୍ତି। ଏଥିରେ ସେ ଏକ ଷ୍ଟୁଡିଓରେ ଗୀତ ଗାଉଥିବାର ଦେଖାଯାଇଛି। ପରିଣୀତି 'ମେରି ବିନ୍ଦୁ' ଫିଲ୍ମରେ ଏହି ଗୀତଟିକୁ ଗାଇଥିଲେ। ଏହି ଭିଡିଓଟିକୁ ସେୟାର୍ କରି ସେ ଲେଖିଛନ୍ତି- 'ସଙ୍ଗୀତ ଦୁନିଆର ଅଂଶ ହେବା ସମୟ ଆସିଯାଇଛି। ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବା ସମୟରେ ମୁଁ ନିଜକୁ ବହୁତ ଭାଗ୍ୟଶାଳୀ ମନେ କରୁଛି। ମୁଁ ମୋ ସଙ୍ଗୀତ ଯାତ୍ରାକୁ ନେଇ ବେଶ୍ ଉତ୍ସାହିତ ଅଛି।' ଏଠାରେ ପ୍ରକାଶ ଥାଉ କି, ପରିଣୀତି ଟିଏମ୍ ବେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଟିଏମ୍ ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ ସହ ହାତ ମିଳାଇଛନ୍ତି। ଏହି କମ୍ପାନୀ ସହିତ ଅରିଜିତ୍ ସିଂହ, ସୁନିଧି ଚୌହାନ, ବାଦଶାହ, ଅମିତ୍ ତ୍ରିବେଦୀ ଆଦି କଳାକାର କାମ କରିଛନ୍ତି। ପରିଣୀତି ଶେଷ ଥର ପାଇଁ 'ମିଶନ୍ ରାନୀଗଞ୍ଜ: ଦ ଗ୍ରେଟ୍ ଇଣ୍ଡିଆନ୍ ରେସକ୍ୟୁ' ଫିଲ୍ମରେ ଦେଖାଯାଇଥିଲେ। ବହୁତ ଜଲ୍‌ଦି ସେ 'ଅମର ସିଂହ ଚମକିଲା' ଫିଲ୍ମରେ ଦେଖାଯିବେ।

# ପ୍ରତିଭାମୟୀଙ୍କୁ 'ପଦ୍ମ'

**୨୦୨୪ ବର୍ଷ ଲାଗି ପଦ୍ମ ପୁରସ୍କାରର ଘୋଷଣା କରାଯାଇଛି। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୩୨ ଜଣ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏଥର ପଦ୍ମ ପୁରସ୍କାରରେ ନାରୀ ଶକ୍ତିକୁ ମିଳିଛି ସ୍ୱତନ୍ତ୍ର ସ୍ଥାନ। ଚଳିତ ବର୍ଷ ପଦ୍ମ ପୁରସ୍କାର ତାଲିକାରେ ମୋଟ ୩୦ ଜଣ ମହିଳାଙ୍କ ନାମ ରହିଛି। ଏହି ସମ୍ମାନଜନକ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା କେତେ ଜଣ ପ୍ରେରଣାଦାୟୀ ମହିଳାଙ୍କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା।**



### 'ହାତୀ ରାଣୀ' ପାର୍ବତୀ ବରୁଆ

'ହାତୀ ରାଣୀ' ଭାବେ ପରିଚିତ ପାର୍ବତୀ ବରୁଆ ଭାରତର ପ୍ରଥମ ମହିଳା ମାହୁନ୍ତ। ସେ ନିଜର ଜୀବନକୁ ହାତୀ ସେବାରେ ଉତ୍ସର୍ଗ କରିଛନ୍ତି। ସେ ବିଭିନ୍ନ ଆଧୁନିକ କୌଶଳ ଆପଣାଇ ମଣିଷ ଓ ହାତୀ ସଂଘର୍ଷ ହ୍ରାସ କରିବା ଦିଗରେ କାର୍ଯ୍ୟ କରିଛନ୍ତି। ମାତ୍ର ୧୪ ବର୍ଷ ବୟସରେ ସେ ନିଜ ପିତାଙ୍କଠାରୁ ହାତୀ ମାହୁନ୍ତ ହେବାର କୌଶଳ ଶିକ୍ଷା କରିଥିଲେ। ଜଙ୍ଗଲୀ ହାତୀ ଧରିବା ପାଇଁ ପାର୍ବତୀ ତିନି ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିଛନ୍ତି। ଆସାମର ଗୌହାଟୀ ବାସିନ୍ଦା ୬୭ବର୍ଷିୟା ପାର୍ବତୀ ଜଣେ ସମ୍ଭ୍ରାନ୍ତ ପରିବାରର ହୋଇଥିବା ସତ୍ତ୍ୱେ ସାଧାରଣ ଜୀବନ ଅତିବାହିତ କରୁଛନ୍ତି। ରାଜନୀତିରେ ମଧ୍ୟ ତାଙ୍କର ପ୍ରବେଶ ରହିଛି। ଚଳିତ ବର୍ଷ ତାଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି।



### ସ୍ୱେଚ୍ଛାସେବୀ ଚାମି ମୁର୍ମୁ

ଆଦିବାସୀ ମହିଳା ଚାମି ମୁର୍ମୁ ଝାଡ଼ଖଣ୍ଡର ଷଢ଼େଇକେଲା ଖରସୁଆଁରେ ରହନ୍ତି। ୫୨ ବର୍ଷିୟା ଏହି ମହିଳା ପରିବେଶ ରକ୍ଷା ତଥା ବୃକ୍ଷରୋପଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରି ଆସିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୨୫ ଲକ୍ଷରୁ ଅଧିକ ବୃକ୍ଷରୋପଣ କରିଛନ୍ତି। କେବଳ ସେତିକି ନୁହେଁ, ସ୍ୱୟଂସହାୟକ ଗୋଷ୍ଠୀ ସହାୟତାରେ ୪୦ରୁ ଅଧିକ ଗ୍ରାମରେ ସେ ୩୦ ହଜାର ମହିଳାଙ୍କୁ ସଶକ୍ତ କରିଛନ୍ତି। ଚାମି ଏନ୍‌ଜିଓ ସହାୟତାରେ ନିରାପଦ ମାତୃତ୍ୱ, ରକ୍ତହୀନତା, ପୁଷ୍ଟିହୀନତା ତଥା କିଶୋରୀମାନଙ୍କର ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ଆସିଛନ୍ତି। ପରିବେଶ ସୁରକ୍ଷାରେ ତାଙ୍କ ଯୋଗଦାନ ପାଇଁ ସେ ଚଳିତ ବର୍ଷ ପଦ୍ମଶ୍ରୀ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

### ଜୈବିକ ଚାଷୀ କେ. ଚେଲ୍ଲାମାଲ

ନାରିୟଲ୍ ଆମ୍ମା ଭାବରେ ପ୍ରସିଦ୍ଧି ଲାଭ କରିଥିବା ଦକ୍ଷିଣ ଆଣ୍ଡାମାନର ୬୯ବର୍ଷିୟା କେ. ଚେଲ୍ଲାମାଲ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି। ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ଏହି ମହିଳାଙ୍କର ଚାଷ ତଥା ଜୈବିକ ଉତ୍ପାଦନରେ ବହୁ ଅଭିଜ୍ଞତା ରହିଛି। ସେ ୧୦ ଏକର ଜମିରେ ଚାଷକାର୍ଯ୍ୟ କରିଥାନ୍ତି। ଜୈବିକ କୃଷି ସହାୟତାରେ ଲବଙ୍ଗ, ଅଦା ଓ ସପୁରି ତଥା କଦଳୀ ଚାଷ କରିଥାନ୍ତି। ସେ ୧୫୦ ରୁ ଅଧିକ ଚାଷୀଙ୍କୁ ଜୈବିକ ଚାଷ ପାଇଁ ପ୍ରୋତ୍ସାହିତ କରିଛନ୍ତି। କେବଳ ସେତିକି ନୁହେଁ, ନଡ଼ିଆ ଚାଷ କିଭଳି ସହଜରେ କରାଯାଇପାରିବ, ସେ ଦିଗରେ ବିଭିନ୍ନ ଉପାୟ ଆପଣାଇଥିଲେ। ସେହିପରି ସେ ଆଣ୍ଡାମାନ ଦ୍ୱୀପରେ ୪୬୦ ତାଳ ଗଛ ମଧ୍ୟ ଲଗାଇଛନ୍ତି।



### ହର୍ବାଲ ମେଡ଼ିସିନ୍ ବିଶେଷଜ୍ଞ ୟାନୁଙ୍ଗ ଜାମୋହ ଲେଗୋ



ଜନଜାତିଙ୍କ ପାରମ୍ପରିକ ଉପଚାର ପ୍ରକ୍ରିୟାକୁ ପୁନର୍ଜୀବିତ କରିଥିବାରୁ ଅରୁଣାଚଳ ପ୍ରଦେଶ ପୂର୍ବ ସିଆଙ୍ଗର ହର୍ବାଲ ମେଡ଼ିସିନ୍ ବିଶେଷଜ୍ଞ ୟାନୁଙ୍ଗ ଜାମୋହ ଲେଗୋଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି। ସେ ୧୦ ହଜାରରୁ ଅଧିକ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ସହ ଔଷଧୀୟ ଜଡ଼ିବୁଟି ବାବଦରେ ଲକ୍ଷେ ଲୋକଙ୍କୁ ସଚେତନ କରିଛନ୍ତି। ୫୦ ହଜାର ଔଷଧୀୟ ବୃକ୍ଷରୋପଣ କରି ଜିଲ୍ଲାର ପ୍ରତି ଘରେ ଘରେ କିଚେନ୍ ଗାର୍ଡେନ ନିର୍ମାଣ କରିବାକୁ ପ୍ରୟାସ କରିଛନ୍ତି।



### ପ୍ଲାଷ୍ଟିକ୍ ସର୍ଜନ ପ୍ରେମା ଧନରାଜ୍

ଚଳିତବର୍ଷ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ୭୨ ବର୍ଷୀୟା ପ୍ରେମା ଧନରାଜ୍ କର୍ଣ୍ଣାଟକ ବାସିନ୍ଦା। ସେ ଜଣେ ଜଣାଶୁଣା ପ୍ଲାଷ୍ଟିକ ସର୍ଜନ। ତା' ସହିତ ସେ ଜଣେ ସାମାଜିକ କର୍ମୀ। ଜଳାପୋଡ଼ା ରୋଗୀଙ୍କ ଦେଖାଶୁଣା କରିବା ତଥା ତାଙ୍କୁ ଥଇଥାନ କରିବା ଦିଗରେ ସେ ନିଜର ଜୀବନକୁ ସମର୍ପି ଦେଇଛନ୍ତି। ମାତ୍ର ଆଠ ବର୍ଷ ବୟସରେ ଏକ ଷ୍ଟୋଭ ଫାଟି ସେ ପୋଡ଼ି ହୋଇଯାଇଥିଲେ। ଯେଉଁଥିରେ ତାଙ୍କ ଶରୀରର ପ୍ରାୟ ୫୦ ପ୍ରତଶତ ପୋଡ଼ି ହୋଇଯାଇଥିଲା। ଏଥିପାଇଁ ପିଲାଦିନେ ତାଙ୍କର ୧୪ଟି ସର୍ଜରୀ ହୋଇଥିଲା। ତଥାପି ସେ କୌଣସି ବାଧାବିଘ୍ନକୁ ଖାତିର୍ ନ କରି ବର୍ଣ୍ଣ ସର୍ଜନ ହୋଇଥିଲେ। ସେ ଅଗ୍ନିରକ୍ଷା ନାମରେ ଏକ ଏନଜିଓର ସ୍ଥାପନା କରିଛନ୍ତି। ଯେଉଁଠି ବିନା ମୂଲ୍ୟରେ ପଚିଶ ହଜାରରୁ ଅଧିକ ଜଳାପୋଡ଼ାର ଶିକାର ହୋଇଥିବା ପୀଡ଼ିତଙ୍କର ମାଗଣାରେ ଚିକିତ୍ସା କରୁଛନ୍ତି।

## ସୁଶ୍ରୀ



**ଅଧିକାଂଶ ମହିଳା ପାର୍ଲରରେ ନେଲ୍ ଏକ୍ସଟେନ୍‌ସନ୍ କରାଇଥାନ୍ତି। ନେଲ୍ ଏକ୍ସଟେନ୍‌ସନ୍ କରିବା ସମୟରେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରି।**

# ନେଲ୍ ଏକ୍ସଟେନ୍‌ସନ୍‌ରେ କ'ଣ କରିବେ

**ଫିକା ରଙ୍ଗକୁ ଗୁରୁତ୍ୱ**

ଅନେକ ସମୟରେ ମହିଳାମାନେ ଗାଢ଼ ରଙ୍ଗର ନେଲ୍ ଏକ୍ସଟେନସନ କରିଥାନ୍ତି। କିନ୍ତୁ, ନିଜ ଦେହର ରଙ୍ଗ ଅନୁଯାୟୀ ନେଲ୍ ଏକ୍ସଟେନସନ କରିବା ଜରୁରି। ଏହାଦ୍ୱାରା ହାତ ଅଧିକ ସୁନ୍ଦର ଦେଖାଯିବା ସହ ସବୁପ୍ରକାର ଆଉଟ୍‌ଫିଟ୍‌କୁ ସୁଟ୍ କରିଥାଏ।

**ନଖ ଆକାର ଉପରେ ଧ୍ୟାନ ରଖନ୍ତୁ**

କେହି ନଖର ସୁନ୍ଦରତା ବୃଦ୍ଧି କରିବା ପାଇଁ ନେଲ୍ ଏକ୍ସଟେନ୍‌ସନ୍ କରିଥାନ୍ତି ତ ଆଉ କେହି ନଖର ଆକାର ବୃଦ୍ଧି କରିବାକୁ ଏପରି କରିଥାନ୍ତି। କିନ୍ତୁ, ଯଦି ଘର କାମ କି ଅଫିସ୍ କାମ କରୁଥାନ୍ତି, ତେବେ ଲମ୍ବା ନେଲ୍‌ଏକ୍ସଟେନ୍‌ସନ୍ କରନ୍ତୁ ନାହିଁ। କାରଣ ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ସତ, କିନ୍ତୁ କାମ କରିବା ସମୟରେ ଅନେକ ସମସ୍ୟା ସୃଷ୍ଟି କରିଥାଏ।

**ବାରମ୍ବାର ନେଲ୍ ଏକ୍ସଟେନ୍‌ସନ୍ କରନ୍ତୁ ନାହିଁ**

ବାରମ୍ବାର ନେଲ୍ ଏକ୍ସଟେନ୍‌ସନ୍ କରିବା ଦ୍ୱାରା ପ୍ରାକୃତିକ ନଖ ନଷ୍ଟ ହୋଇଥାଏ। ଥରେ ଏକ୍ସଟେନ୍‌ସନ୍ କରିବାର ମାସକ ପରେ ପୁଣି ଥରେ ନେଲ୍ ଏକ୍ସଟେନ୍‌ସନ୍ କରନ୍ତୁ।

**ନଖକୁ ଆଘାତ ଦିଅନ୍ତୁ ନାହିଁ**

ନେଲ୍ ଏକ୍ସଟେନ୍‌ସନ୍ କଲେ ବାସନ ମଜାମଜି ଓ ଲୁଗା ସଫା ଆଦି ଘର କାମ କରିବାରେ ସମସ୍ୟା ଦେଖାଯାଏ। ଏହା ଦ୍ୱାରା ନଖ ଭାଙ୍ଗିଯାଏ ଓ ସେଥିରୁ ରକ୍ତ ବାହାରିଥାଏ।

# କେଶ ପାଇଁ ସଜନା

**ସଜନାପତ୍ର ଟୋନର୍**

ଗୋଟିଏ ପାତ୍ରରେ ଅଳ୍ପ ପାଣି ନିଅନ୍ତୁ। ସେଥିରେ ଦୁଇ ଚାମଚ ସଜନା ପାଉଡର୍ ପକାଇ ଭଲ ଭାବେ ଫୁଟାନ୍ତୁ। ଥଣ୍ଡା ହୋଇଯିବା ପରେ ଏହାକୁ ଏକ ପ୍ଲାଷ୍ଟିକ୍ ସ୍ପ୍ରେ ବୋତଲରେ ରଖି ଦିଅନ୍ତୁ। ଏହାକୁ ପ୍ରତିଦିନ ଟୋନର ଭାବେ କେଶ ମୂଳରେ ଲଗାନ୍ତୁ। ଏହା ଆଣ୍ଟି ଅକ୍ସିଡାଣ୍ଟ ଭାବେ କାର୍ଯ୍ୟ କରିଥାଏ। ତା'ସହ କେଶ ମୂଳରେ ଠିକ୍ ଭାବେ ରକ୍ତ ସଂଚାଳନ କରିବାରେ ସହାୟକ ହୋଇଥାଏ।

**ସଜନାପତ୍ର ହେୟାର୍ ମାସ୍କ**

ଏହି ମାସ୍କ ପାଇଁ ଦୁଇ ଚାମଚ ଦହି ନିଅନ୍ତୁ। ସେଥିରେ ଏକ ଚାମଚ ସଜନା ଗୁଣ୍ଡ ଓ ଏକ ଚାମଚ ମହୁ ପକାଇ ଏକ ହେୟାର ମାସ୍କ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ଲଗାଇ ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା କେଶ ଘନ, କଳା ଓ ମଜଭୁତ ରହେ।

**ସଜନା ତେଲ**

ପ୍ରଥମେ ୨୦୦ ଗ୍ରାମ୍ ଆଲମଣ୍ଡ ଅଏଲ୍ ନିଅନ୍ତୁ। ସେଥିରେ ସଜନା ଗୁଣ୍ଡ ପକାଇ ଭଲ ଭାବେ ମିଶାନ୍ତୁ। ଏହାକୁ ଦୁଇ ଦିନ ସାଇତି ରଖିବା ପରେ ଖରା ଦିଅନ୍ତୁ। ଏହି ତେଲକୁ କେଶରେ ଲଗାଇବା ଦ୍ୱାରା କେଶ ଶୀଘ୍ର ବଢ଼ିଥାଏ ଓ କେଶରେ ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

# ଗୋବିନ୍ଦପୁରରେ ଚାଷୀ ମେଳି

**ଅମ୍ବାଭୋନା, ୩୧।୧(ସମିସ):** ବାରପାହାଡ କୃଷକ ସଂଗଠନର ଡକରାରେ ଗୋବିନ୍ଦପୁରରେ ଉପୃନ୍ନ ଭୋଇଙ୍କ ଅଧ୍ୟକ୍ଷତାରେ ଓ ଚାଷୀନେତା ରମେଶ ମହାପାତ୍ରଙ୍କ ନେତୃତ୍ୱରେ ୧୨ଟି ବ୍ଲକର ଚାଷୀଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜବୋଡାସମ୍ବର କୃଷକ ସଂଗଠନ, ଭେଡେନ କୃଷକ ସଂଗଠନ, ବାରପାହାଡ କୃଷକ ସଂଗଠନ, ଶହୀଦ ମାଧୋ ସିଂ କୃଷକ ସଂଗଠନ, ଭଟଲି, ସୋହେଲା, ଗାଇସିଲେଟ, ଅତାବିରା, ଝାରବନ୍ଧ,ବିଜେପୁର, ପାଇକମାଲ, ବରଗଡ଼, ବରପାଲି ଆଦି ବ୍ଲକ କୃଷକ ସଂଗଠନର ପ୍ରାୟ ପାଞ୍ଚଶହ ଚାଷୀନେତା ଯୋଗଦାନ କରିଥିଲେ। ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ଦାବି ପୂରଣ ଦିଗରେ ଆଲୋଚନା ହୋଇଥିଲା। ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇ ଥିବାବେଳେ ସଂକଳ୍ପ ପରିବାର ଓ କୋଶଳ ସେନା ମଧ୍ୟ ସମାବେଶରେ ସାମିଲ ଥିଲେ। ଚାଷୀ ନେତା ଈଷାନଚନ୍ଦ୍ର ଭୋଇଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ଲିଙ୍ଗରାଜ ପଧାନ, ରୋହିତ ପଧାନ, ଅଶୋକ ସାହୁ, ବିରେନ୍ଦ୍ର କର, ସୁଦାମ ପାତ୍ର, ଅରକ୍ଷିତ ସାହୁ, ସୁଶାନ୍ତ ଗଡତିଆ, ଅରବିନ୍ଦ ପଣ୍ଡା, ଦହିତ ସାହୁ, କାହ୍ନୁଚରଣ ମେହେର, କୁଞ୍ଜବିହାରୀ ପଧାନ, ଅଜିତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ପର୍ଯ୍ୟଟନସ୍ଥଳୀ ପଥରାସେନୀରେ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା

# ବଣଭୋଜି ପାଇଁ ପରିବେଶପ୍ରେମୀଙ୍କ ବ୍ୟାପକ ଅଭିଯାନ

**ବରଗଡ଼/ଅମ୍ବାଭୋନା, ୩୧।୧(ସମିସ)**

ବରଗଡ ବନ ବିଭାଗ ଓ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ମିଳିତ ଉଦ୍ୟମରେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପଥରାସେନୀ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକମୁକ୍ତ ବଣଭୋଜି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଞ୍ଜିପାଲି ମହାନଦୀ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରେମସାଗର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ, ମୁଖ୍ୟବକ୍ତା ଭାବେ ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ ସଞ୍ଜୟ ଖମାରୀ, ସମ୍ମାନିତ ଅତିଥି ଭାବରେ ସହକାରୀ ବନ ସଂରକ୍ଷକ ସୁବୋଧ ସାହୁ ଓ ଅର୍ଜୁଣ୍ଡା ବନ ସଂରକ୍ଷଣ ସମିତିର ସଭାପତି ବାଞ୍ଛାନିଧି ଭୁଏ ମଞ୍ଚାସୀନ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମସ୍ତ ପ୍ରକୃତିପ୍ରେମୀ ସଭାସ୍ଥଳରୁ ଏକ ଶୋଭାଯାତ୍ରାରେ ବାହାରି ବଣଭୋଜିସ୍ଥଳ ପରିକ୍ରମା କରିଥିଲେ। ବିଭିନ୍ନ ଦଳରେ ବିଭକ୍ତ ହୋଇ ବଣଭୋଜି ସ୍ଥଳରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସହ ଉପସ୍ଥିତ ଗୋଷ୍ଠୀକୁ ପ୍ଲାଷ୍ଟିକମୁକ୍ତ ସଚେତନତାର ବାର୍ତ୍ତା ଦେଇଥିଲେ। ତର୍କ ପ୍ରତିଯୋଗିତାରେ ପୁରୁଷୋତ୍ତମ ହାଇସ୍କୁଲ, ରୁଚିଦାର ସାଇରାଜ ପାଣ୍ଡେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ର ପାୟଲ ନାୟକ ଓ କେଦାରନାଥ ଆଦିବାସୀ ହାଇସ୍କୁଲର ଭବାନୀ ଶଙ୍କର ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ମହାନଦୀ ହାଇସ୍କୁଲ,ର ଅବିନାଶ ଖମାରୀ, ଜୟପ୍ରକାଶ ସାହୁ ଓ କିରଣ ପ୍ରଧାନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିବା ସହ ସମସ୍ତ ପ୍ରକୃତିପ୍ରେମୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅମ୍ବାଭୋନା ବନପାଳ ଲେକ୍ସ ପାଣ୍ଡେ, ବିଷ୍ଣୁଚରଣ ବିଶ୍ୱାଳ, କୃପାସିନ୍ଧୁ ପଧାନ, ପର୍ଶୁରାମ ବେହେରା, ବନ କର୍ମଚାରୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଭଟଲି ବନପାଳ ରାଜେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।







କିଡ୍‌ନୀ ରୋଗୀଙ୍କୁ ସହଜ, ସୁଲଭ ଚିକିତ୍ସା

# ବିଏସ୍‌କେୱାଇରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଉପକୃତ

**ବରଗଡ଼, ୩୧।୧(ସମିସ):** ଓଡିଶା-ଛତିଶଗଡ ସୀମାଞ୍ଚଳରେ ଥିବା ବସନା ଅଗ୍ରୱାଲ ନର୍ସିଂ ହୋମରେ କିଡନୀ ରୋଗୀମାନେ ସହଜ ଓ ବିନାମୂଲ୍ୟରେ ସ୍ୱାସ୍ଥ୍ୟୋ ପାଇବା ସହ ବିଭିନ୍ନ ଜଟିଳ ଚିକିତ୍ସା ପାଇଁ ଉପକୃତ ହୋଇପାରୁଛନ୍ତି। ଏହି ଅତ୍ୟାଧୁନିକ ଚିକିତ୍ସାଳୟରେ ଓଡ଼ିଶା ସରକାରଙ୍କ ବିଏସ୍‌କେୱାଇ ଯୋଜନା ଅନ୍ତର୍ଗତ ସ୍ୱାସ୍ଥ୍ୟକାର୍ଡ ଜରିଆରେ ଗରିବ ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏ ପର୍ଯ୍ୟନ୍ତ ମୋଟାମୋଟି ୨୨୦୦ ରୋଗୀ କିଡ୍‌ନୀ ରୋଗକୁ ଏହି ଡାକ୍ତରଖାନାରେ ସାମାନ୍ୟ କରିପାରିଛନ୍ତି। ବରଗଡ଼ ଜିଲ୍ଲା ସୀମାନ୍ତରେ ଥିବା ଝାରବନ୍ଧ ବ୍ଲକ୍, ପଦ୍ମପୁର, ପାଇକମାଲ ବ୍ଲକ୍‌ର ଅଧିବାସୀ ବିଜୁ ସ୍ୱାସ୍ଥ୍ୟକାର୍ଡରେ ସେବା ପାଇ ପାରୁଛନ୍ତି। ଯେଉ ଅପରେସନ ପାଇ ରାୟପୁର, ନାଗପୁର ଆଦି ଦୂର ଦୁରାନ୍ତକୁ ଯିବାକୁ ପଡୁଥିଲା ଏବେ ବସନା ଅଗ୍ରୱାଲ ନର୍ସିଂ ହୋମରେ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସିତ ହୋଇ ପାରୁଛନ୍ତି। ଏହି ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ଜନସାଧାରଣ ହନ୍ତସନ୍ତ ହେଉଥିଲେ। ବିଭିନ୍ନ ସମସ୍ୟା ପାଇଁ ଶାରୀରିକ ପିଡ଼ା ସହ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହି ଦୁର୍ଲଭ ଜୀବନ ହରାଇବା ଭଳି ପରିସ୍ଥିତି ଅଞ୍ଚଳରେ ରହିଥିଲା। ଏବେ ନିକଟରେ ସ୍ୱାସ୍ଥ୍ୟ ସେବା ମିଳୁଥିବାରୁ ଲୋକମାନେ ମାନସିକ, ଶାରିରୀକ, ଆର୍ଥିକ ଅସୁବିଧାକୁ ଦୂରେଇ ପାରିଛନ୍ତି। ୨୩ ମାର୍ଚ୍ଚରେ ମାତ୍ର ଗୋଟିଏ ମେସିନରେ କିଡନୀ ଡାଇଲେସିସ ହେଉଥିବା ବେଳେ ବର୍ତ୍ତମାନ ସାତଟି ମେସିନ ଦ୍ୱାରା ପ୍ରାୟ ୨୨୦୦ ରୋଗୀଙ୍କ ଡାଏଲେସିସ ସହ ଚିକିତ୍ସା କରାଯାଇଛି। ଏଥିପାଇଁ ଅଭିଜ୍ଞ ଡାକ୍ତର, ଟେକ୍ନିସିଏନ, ଷ୍ଟାଫ ରହିଛନ୍ତି। ଆଗାମୀ ଦିନରେ ଏହି ନର୍ସିଂ ହୋମ କିଡନୀ ପ୍ରତ୍ୟାରୋପଣ କରିବାକୁ ଲକ୍ଷ୍ୟ ରଖିଥିବା ବିଷୟ ନର୍ସିଂ ହୋମର ମୁଖ୍ୟ ଡା ଏନକେ ଅଗ୍ରୱାଲ ଜଣାଇଛନ୍ତି।



# ଭୁକ୍ତା ମହାତ୍ମା ଗାନ୍ଧୀ ଜୁନିୟର ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଅମ୍ବାଭୋନା, ୩୧।୧(ସମିସ):** ଅମ୍ବାଭୋନା ବ୍ଲକ ଭୁକ୍ତା ମହାତ୍ମା ଗାନ୍ଧୀ ଜୁନିୟର ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବଚରଣ ସା ସଭାପତିତ୍ୱ କରିଥିଲେ। ସଭାରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ବଲପୁରର ପୂର୍ବତନ ନିର୍ଦ୍ଦେଶକ ଡ. ବିଜୟ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ତଥା ବିଶିଷ୍ଟ କଳାକାର ମାନଭଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଅନୁଷ୍ଠିତ ସଭାକୁ ଅଧ୍ୟାପକ ଜଗଦୀଶ ନାୟକ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଦୁଇ ବିଶିଷ୍ଟ ସମ୍ମାନ ଗୁରୋଲାଲ ମେମୋରିଆଲ ସମ୍ମାନ ଛାତ୍ରୀ ଇତିଶ୍ରୀ ଯେନା ଏବଂ ଡ. ଶରତ ପ୍ରଧାନ ସ୍ମୃତି ସମ୍ମାନ ଆର୍ଯ୍ୟନ ନାୟକଙ୍କୁ ପ୍ରଦାନ କରାଯିବା ସହ କଳା ବିଭାଗର ଶ୍ରେଷ୍ଠ ଛାତ୍ରୀ ଭାବେ ଜୟଶ୍ରୀ ପଟେଲ ଏବଂ ବିଜ୍ଞାନ ବିଭାଗର ଶ୍ରେଷ୍ଠ ଛାତ୍ର ଭାବେ ବିଶ୍ୱଜିତ ସାଙ୍କୁ ପୁରସ୍କୃତ କରାଯାଇଥିଲା। ଜୟନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟାପକ ଡ. ଜୟନ୍ତ ସାହୁ, ରାଧାକୃଷ୍ଣ ବିଶ୍ୱକର୍ମା, କିଶନ ଅଗ୍ରୱାଲ,ସୁରେଶ ଭୋଇ, ସୁରଜ ପଟେଲ, କୈଳାଶ ସେଟ, ନରସିଂ ରାଉତ, ନରେନ୍ଦ୍ର ସେନ୍ଦ୍ରିୟା ପ୍ରମୁଖ ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




# ଅଲିମ୍ପିଆନ୍ ଦୂତି ଚାନ୍ଦଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୩୧।୧ (ସମିସ):** ବରଗଡ ଗସ୍ତରେ ଥିବା ଅଲିମ୍ପିଆନ୍ ଦୂତି ଚାନ୍ଦଙ୍କୁ ବରଗଡ ଜିଲ୍ଲା ଭେଟେରାନ ପୂର୍ବତନ ସାମରିକ ସଂଘ ଓ ଶକ୍ତି ନଗର ମହିଳା ସମିତି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱ ଓ ମୁଖପାତ୍ର ମାନସ ଚାନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଦୂତିଙ୍କ ସହ ଦୌଡ଼କୁଦ ପ୍ରଶିକ୍ଷକ ଶିବ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଂଘର ସମ୍ପାଦକ ଗୋପବନ୍ଧୁ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପରେ ଶକ୍ତି ନଗର ମହିଳା ସମିତି ପକ୍ଷରୁ ମଧ୍ୟ ଉଭୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହିଳା ସଂଘର ବହୁ ସଦସ୍ୟା ଉପସ୍ଥିତ ଥିଲେ।




# ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ

**ପାଇକମାଲ, ୩୧।୧ (ସମିସ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରସ୍ଥିତ ସଂସ୍କୃତି ଭବନଠାରେ ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜ, ପାଇକମାଲ ପକ୍ଷରୁ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୧୨ ଜଣ ବଟୁଙ୍କ ବ୍ରତୋପନୟନ କରାଯାଇଥିଲା। ପୂର୍ବରୁ ବରଗଡ଼ ଜିଲ୍ଲା ସହ ବଲାଙ୍ଗିର, ନୂଆପଡ଼ା ତଥା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ପ୍ରମୁଖ ଅଞ୍ଚଳରେ ସୂଚନା ମାନ ଦିଆଯାଇଥିଲା। ମୁଖ୍ୟ ପଣ୍ଡିତ ସୁବଳ ପଣ୍ଡା, ରଙ୍କମଣି ଦେବତା, ଡିଗ୍ରୀ ଦେବତା ଓ ପ୍ରେମାନନ୍ଦ ଦେବତାଙ୍କ ସହ ୧୦ ଜଣ ପଣ୍ଡିତ ମିଶି ବ୍ରତ କାର୍ଯ୍ୟ ସମାପନ କରିଥିଲେ। ବ୍ରତ ପରେ ରୋଷଣୀ କରାଯାଇଥିଲା। ପରେ ମହାପ୍ରଭୁ ନୃସିଂହନାଥଙ୍କୁ ସମସ୍ତ ବଟୁ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜର ସଭାପତି ଗିରିଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏବଂ ଗାୟତ୍ରୀ ବାହିନୀ, ପର୍ଶୁରାମ ବାହିନୀ, କର୍ମକାଣ୍ଡ ସଦସ୍ୟ ଓ ସମାଜର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।



# ଜେଡି ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ମହକ'

**ବରପାଲି,୩୧।୧ (ସମିସ):** ବରପାଲି ବ୍ଲକ୍ କଦଳୀପାଲିରେ ଥିବା ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ମହକ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଯତୀନ୍ଦ୍ର ସାହୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ଦାଶ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଦିନେଶ ଗହୀର, ବ୍ଲକ ଅଧ୍ୟକ୍ଷା ରୀନା ଥଇତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚଳଚିତ୍ର ଅଭିନେତ୍ରୀ ତଥା ନୃତ୍ୟାଙ୍ଗନା ଡ. ତପସ୍ୱିନୀ ଗୁରୁ ଶିକ୍ଷା ଓ ସଂସ୍କୃତି ବିଷୟ ଉପରେ ଦିଗଦର୍ଶନ ବାଣ୍ଟିଥିଲେ। ଅଧ୍ୟାପକ ନେପାଳ ବିଶ୍ୱାଳ ସ୍ୱାଗତ ଜଣାଇଥିବା ବେଳେ ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପିକା ପରିଣିତା ପଧାନ। ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ସୁଧାଂଶୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱ ବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ୧୦ ଜଣ ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନରେ ରହିଥିବା ଛାତ୍ରୀମାନେ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ପଦ୍ମଶ୍ରୀ ବିବେଚିତ ବର୍ଷିଆନ ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନ, ସମାଜସେବୀ ଝସକେତନ ମେହେରଙ୍କୁ ସମ୍ମାନିତ କରାଯାଇଛି। ନାଟ୍ୟ ନିର୍ଦ୍ଦେଶକ ଅମିତ ପ୍ରଧାନଙ୍କ ପରିଚାଳନାରେ ଛାତ୍ରୀମାନେ 'ଆମର ଝି' ନାଟକ ପରିବେଷଣ କରିଥିଲେ। ଛାତ୍ରୀ ମିଷ୍ଟିନା ପଧାନ, ଶ୍ରାବଣୀ ମେହେର, ରୂପାଲି ମେହେର, ଖୁସବୁ ଲିପ୍ସା ବିଶ୍ୱାଳ ଓ ସୋମ୍ୟାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟାପିକା ନିଳିମା ନାୟକ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ପିଙ୍କି ବାରିକ, ପୁନମ ସାହୁ, ମିନିଷା ଭୋଇ, ଶୋଭାବତୀ ଥପା, ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ।




# ପାର୍ବତୀ ଗୀରି ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବରଗଡ଼, ୩୧।୧(ସମିସ)**

'ହରି ଅନନ୍ତ ହରି କଥା ଅନନ୍ତ' ପ୍ରସଙ୍ଗକୁ ନେଇ ବୁଧବାର ପାର୍ବତୀ ଗୀରି ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦଧିବାମନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୀଣାପାଣି ଆଚାର୍ଯ୍ୟ ଓ ବିଧାୟକ ଦେବେଶ ଆଚାର୍ଯ୍ୟ ବରେଣ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ନୋଡାଲ ଅଧିକାରୀ ଧର୍ମରାଜ ତ୍ରିପାଠୀ ଓଡ଼ିଆ ଭାଷା ସାହିତ୍ୟର ବିବରଣୀ ପଠନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ 'ରଥେ ତୁ ବାମନଂ ଦୃଷ୍ଟ୍ୱା' ପ୍ରସଙ୍ଗକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ସମ୍ବଲପୁର ଆଇଆଇଏମ୍‌ର ପ୍ରଫେସର ଡ.ସୁଜିତ ପୃଷ୍ଟେଠ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ବିଶିଷ୍ଟ ସ୍ତମ୍ଭକାର ଛନ୍ଦା ମିଶ୍ର ବରେଣ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ଭାଷା କ୍ରୀଡା, ବକ୍ତୃତା, ସଙ୍ଗୀତ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ.ଗାୟତ୍ରୀ ମିଶ୍ର, ମୌସୁମୀ ଲିଜା ନାୟକ ଓ ତୃଳମୁକ୍ତା ପ୍ରଧାନ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନ ଭଜନ ସମାରୋହରେ ଛନ୍ଦା ମିଶ୍ର ଜଗନ୍ନାଥ ଭଜନ ପରିବେଷଣ କରି ମନ୍ତ୍ରମୁଗ୍ଧ କରି ଦେଇଥିଲେ। ବାଦ୍ୟଯନ୍ତ୍ରରେ ଥିଲେ ସୁଶୀଲ ପ୍ରଧାନ ଓ ସାଥୀ ସହଯୋଗ କରିଥିଲେ। ମୁଖ୍ୟ ନୋଡାଲ ଅଧିକାରୀ ଡ.ପୁଷ୍ପାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡ.ସଂଘମିତ୍ରା ମିଶ୍ର ସଂଯୋଜନା କରିଥିଲେ। ନୂଆ-ଓ ଜିଲ୍ଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି କଲେଜ ପାଇଁ ଗୌରବ ଆଣିଥିବା ଛାତ୍ରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଡ.ଲକ୍ଷ୍ମୀକାନ୍ତ ସାହୁ, ଅଧ୍ୟାପକ ବିଶ୍ୱଜିତ ସାହୁ, ଅମିତ ଭାର୍ଗବ ଓ ଡ.ଚନ୍ଦ୍ରମଣି ଦେବତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।







# ଶବ୍ଦ ନୃତ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧନା

**ବରପାଲି, ୩୧।୧ (ସମିସ):** ବରପାଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁମ୍ଭାରୀ ବ୍ରଜେଶ୍ୱରୀ ନୃତ୍ୟକଳା ସଂସଦର ମୁଖ୍ୟ ପୃଷ୍ଠପୋଷକ ବର୍ଷିଆନ ଶବ୍ଦ ନୃତ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କିଛି ଦିନ ପୂର୍ବରୁ ଭାରତ ସରକାରଙ୍କ ଦ୍ୱାରା ନୃତ୍ୟଗୁରୁଙ୍କୁ ପଦ୍ମଶ୍ରୀ ସମ୍ମାନରେ ଘୋଷଣା ପରେ ଶୁବେଚ୍ଛୁଙ୍କ ନିକଟରୁ ଅଭିନନ୍ଦନର ସୁଅ ଛୁଟୁଛି। ବିଡିଓ ପ୍ରସନ୍ନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ପୂର୍ବତନ ସାଂସଦ ଡ. ପ୍ରଭାସ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶିଷ୍ଟ କଳାକାର ଭୁବନ ଭୋଇ, ଡାକ୍ତର ପ୍ରଣବ ପଟ୍ଟନାୟକ, ଡାକ୍ତର ରାଜେଶ ବେହେରା, ବିଇଓ ମୁକୁନ୍ଦ ମାହାର, ସିଡିପିଓ ସଂଯୁକ୍ତା ଲେଙ୍କା, ଟିକାୟତ ମହନ୍ତମ୍, ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ମୋହନ ପ୍ରଧାନ, ସାହେବ ପାଣ୍ଡେ, ଜିଲ୍ଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ବାଲ କିଶୋର ଖାଡଙ୍ଗା ସଂଯୋଜନା କରିଥିଲେ।



# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ବଲାଙ୍ଗିର, ୩୧।୧(ସମିସ):** ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଦୀର୍ଘ ତିନିଦିନ ବ୍ୟାପୀ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। କୁଳପତି ଡକ୍ଟର ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଡ. ସୁଷମା ମଞ୍ଜରୀ ନାୟକ ମୁଖ୍ୟଅତିଥି, ପ୍ରଫେସର ଡ. ରାଜକିଶୋର ପାତ୍ର, କୁଳସଚିବ ଯୁଧିଷ୍ଠିର ନାୟକ, ପ୍ରଫେସର ଡ. ପ୍ରତାପ ଦାଶ, ବିତ ନିୟନ୍ତ୍ରକ ଚନ୍ଦ୍ରମଣି ମିର୍ଦ୍ଧା, ନୋଡ଼ାଲ ଅଧିକାରୀ ମଦନ ମୋହନ ପ୍ରଧାନ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଶାନ୍ତ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଫେସର ବିଷ୍ଣୁପ୍ରିୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସର୍ବମୋଟ ସାତଟି ସେମିନାର ଅନୁଷ୍ଠିତ ହୋଇଥିଲା। 'ଓଡ଼ିଆ ଭାଷା ରୂପ ଓ ରୂପାନ୍ତର' ଶୀର୍ଷକ ପ୍ରଥମ ସମ୍ମାନରେ ବିଷୟ ବିଶେଷଜ୍ଞ ଭାବେ ପ୍ରଫେସର ଗିରୀଶଚନ୍ଦ୍ର ମିଶ୍ର, ପ୍ରଫେସର ସନ୍ତୋଷ ରଥ, କୌତୁକ ପନ୍ଦର, ଇତିଶ୍ରୀ ଦାସ, 'ଓଡ଼ିଆ ଭାଷା: ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରସଙ୍ଗ' ଶୀର୍ଷକ ସମ୍ମାନରେ ଗୋପବନ୍ଧୁ ରଥ, ଦ୍ୱାରିକା ନାୟକ, ଶ୍ୟାମ ଭୋଇ, ସଞ୍ଜୟ ମିଶ୍ର, ଦ୍ୱିତୀୟ ଦିବସର 'ଆଧୁନିକ ଓଡ଼ିଆ କବିତାର ଭାଷା ବୈଚିତ୍ର୍ୟ' ଶୀର୍ଷକ ପ୍ରଥମ ସମ୍ମାନରେ ଶତ୍ରୁଘ୍ନ ପାଣ୍ଡବ, ସୌଭାଗ୍ୟବନ୍ତ ମହାରଣା, ଗୌତମ ଜେନା, ସୁଶାନ୍ତ ପଣ୍ଡା, 'କଥା ସାହିତ୍ୟର ଭାଷା ଓ ଭାବ' ଶୀର୍ଷକ ଦ୍ୱିତୀୟ ସମ୍ମାନରେ ଭୁବନାନନ୍ଦ ସାହୁ, ଜୟକୁମାର ଆଚାର୍ଯ୍ୟ, ସୌରଭ ରଞ୍ଜନ ଖମାରୀ, ଶେଷନ ବିଶି, 'ଗଦ୍ୟ ସାହିତ୍ୟର ଭାଷା' ଶୀର୍ଷକ ତୃତୀୟ ସମ୍ମାନରେ କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରତାପ ଦାଶ, ବଳଭଦ୍ର ଦାଶ, ବିରଞ୍ଚି ସାହୁ, ଅନ୍ତିମ ଦିବସର 'ଓଡ଼ିଆ ଭାଷାର ବିବିଧ ବିଭବ' ଶୀର୍ଷକ ସମ୍ମାନରେ ସଦାନନ୍ଦ ନାୟକ, ପ୍ରଦ୍ୟୁମ୍ନ ମିଶ୍ର, ଜଗଦାନନ୍ଦ ଛୁରିଆ, ରତିକାନ୍ତ ନାୟକ ଓ 'ଓଡ଼ିଆ ନାଟ୍ୟ ସାହିତ୍ୟ: ଭାଷା ବୈଚିତ୍ର' ଶୀର୍ଷକ ଶେଷ ସମ୍ମାନରେ ସମର ମୁଦାଲି, ସନାତନ ଠାକୁର, ପୁରୁଷୋତମ ମିଶ୍ର ଓ ପରମେଶ୍ୱର ମୁଣ୍ଡ ବିଷୟ ବିଶେଷଜ୍ଞ ରୂପେ ଯୋଗ ଦେଇଥିଲେ।

ଉଦଯାପନୀ ସମାରୋହରେ ପଦ୍ମଶ୍ରୀ ନରସିଂହ ଗୁରୁ, ପଦ୍ମଶ୍ରୀ ଶ୍ରୀନିବାସ ଉଦଗାତା, ପ୍ରଫେସର ମଧୁସୂଦନ ପତି, ଗାୟତ୍ରୀ ସରାଫ, ସୌଭାଗ୍ୟବନ୍ତ ମହାରଣା ଓ ଗଣେଶ ନାହାକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରଖ୍ୟାତ ଲେଖିକା ଗାୟତ୍ରୀ ସରାଫ ନିଜ ପାଖରେ ଗଚ୍ଛିତ ପୁସ୍ତକ ସମୂହ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରକୁ ମାଗଣାରେ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ସିଣ୍ଡିକେଟ ସଦସ୍ୟା ସୁଷମା ମଞ୍ଜରୀ ନାୟକ ମାନବ ସମ୍ବଳ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ପ୍ରତାପ ଦାସ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ. ସୁଶାନ୍ତ ପଣ୍ଡା, ନୋଡାଲ ଅଧିକାରୀ ମଦନ ମୋହନ ପ୍ରଧାନ, ଡ. ବିଘ୍ନେଶ ପ୍ରସାଦ ମିଶ୍ର ଓ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଡ. ରାଜକିଶୋର ପାତ୍ର ପ୍ରମୁଖ ବିଶ୍ୱବିଦ୍ୟାଳର ଅଧିକାରୀଙ୍କୁ ଅଙ୍ଗବସ୍ତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଡ. ବିଷ୍ଣୁପ୍ରିୟା ବେହେରା, ଦୀପ୍ତିମୟୀ ନାଏକ, ସସ୍ମିତା ମେହେର ଓ ପଙ୍କଜିନୀ ମୂଳିଆ ସମସ୍ତ ସମ୍ମାନରେ ଧନ୍ୟବାଦ ଅର୍ପଣ ଦାୟିତ୍ୱ ନିର୍ବାହ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ବାର୍ଷିକ ଉତ୍ସବ
# 'ପ୍ରାକ୍ ସାରଳା ଯୁଗରୁ ଓଡ଼ିଆ ସାହିତ୍ୟ ପରିବ୍ୟାପ୍ତ'

**ସୁବଲୟା/ବୀରମହାରାଜପୁର, ୩୧।୧(ସମିସ):** ଓଡ଼ିଆ ସାହିତ୍ୟର ବିବର୍ତ୍ତନବାଦ ପ୍ରାକ୍ ସାରଳା ଯୁଗରୁ ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ବ୍ୟାପ୍ତ। ଲୋକସାହିତ୍ୟ ମାଧ୍ୟମରେ ଶିକ୍ଷିତତାର ପ୍ରମାଣ ମିଳେ। ହଳିଆର ଗୀତରେ, ଗାଁ ଦାଣ୍ଡରେ ଗାଁ ଝିଅଙ୍କ ଖେଳରେ, ଆଇମା କାହାଣୀରେ ଓଡ଼ିଆ ସାହିତ୍ୟର ଝଲକ ବାରିହୁଏ। ବୁଧବାର ବୀରମହାରାଜପୁର ମହାବିଦ୍ୟାଳୟର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦଯାପନୀ ସମାରୋହ ଓ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାଟ୍ୟକାର ତଥା ସାହିତ୍ୟିକ ଡ. ଦ୍ୱାରିକାନାଥ ନାୟକ ଏହି ମତବ୍ୟକ୍ତ କରିଥିଲେ। କଲେଜର ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଯୋଗ ଦେଇଥିଲେ। ଏଥିରେ ନୋଡାଲ ଅଧିକାରୀ ଡ. ହିମାଂଶୁ ଶେଖର ପାଢ଼ୀ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଧାପିକା ଗୀତାଞ୍ଜଳୀ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କଲେଜର ମୁଖପତ୍ର ଭୂମା ଉନ୍ମୋଚିତ ହୋଇଥିଲା। ପରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧାପିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଟ୍ରକ୍-ବାଇକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ବୌଦ୍ଧ, ୩୧।୧(ସମିସ):** ବୁଧୁବାର ସକାଳ ୧୧ ଘଣ୍ଟା ସମୟରେ ବୌଦ୍ଧ ଜଗଦୀଶପୁର ବାଇପାସ ଛକ ନିକଟରେ ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ଆଠମଲ୍ଲିକ ବ୍ଲକ ନୂଆଗାଁ ଗ୍ରାମର ବିଜୟ ଝାଙ୍କର ଓ ତାଙ୍କର ଜଣେ ସମ୍ପର୍କୀୟ ଘୋଡାଗାଡ଼ି ଗ୍ରାମର ବାବୁଲା ବାଘ ଏକ ବାଇକ ଯୋଗେ ମହାନଦୀ ବ୍ରିଜ ଛକ ପଟରୁ ତେତେଲେଙ୍ଗା ଆଡକୁ ଯାଉଥିବା ବେଳେ ଜଗଦୀଶପୁର ବାଇପାସ ଛକ ନିକଟରେ ଏକ ଟ୍ରକ ଧକ୍କା ଦେଇଥିଲା। ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବାବୁଲା ବାଘଙ୍କ ମୃତ୍ୟୁ ଘଟି ଥିବା ବେଳେ ବିଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୌଦ୍ଧ ଆଦର୍ଶ ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଟ୍ରକ ଓ ବାଇକକୁ ଜବତ୍ କରି ତଦନ୍ତ କରୁଛି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ସୁବଳୟା/ବୀରମହାରାଜପୁର, ୩୧।୧(ସମିସ):** ବୀରମହାରାଜପୁର ଥାନା ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ନିକଟସ୍ଥ ମୁଖ୍ୟ ରାସ୍ତା ଉପରେ ବୁଧବାର ଅପରାହ୍ନରେ ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ କୋଟସମଲାଇ ଗାଁର ଈଶ୍ୱର ଜଗଦଲା (୨୮)। ସେ ବୀରମହାରାଜପୁରରୁ ଘରକୁ ଫେରୁଥିବା ବେଳେ ଏକ ଗାଡ଼ି ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୀରମହାରାଜପୁରର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଅଧିକ ତଦନ୍ତ ଚଳାଇଛି।

## ଅଯୋଧାରେ ଭତ୍ତା ହିତାଧିକାରୀଙ୍କ ସମାବେଶ

**ହରଭଙ୍ଗା, ୩୧।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଯୋଧା ଗ୍ରାମରେ ହରଭଙ୍ଗା, କୁସଙ୍ଗ ଏବଂ ଛତ୍ରଙ୍ଗ ଆଦି ୩ଟି ପଞ୍ଚାୟତର ବୃଦ୍ଧ, ବୃଦ୍ଧା, ବିଧବା ଏବଂ ଭିନ୍ନକ୍ଷମ ଇତ୍ୟାଦି ୨ ହଜାର ହିତାଧିକାରୀଙ୍କୁ ନେଇ ଏକ ବିଶାଳ ସମାବେଶ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଭତ୍ତାଧାରୀ ମହାସଂଘର ଜିଲ୍ଲା ସଭାପତି ଇଂ ବିକାଶ ମହାକୁଳ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ଭତ୍ତାଧାରୀ କମିଟି ଗଠନ କରାଯାଇ ସଭାପତି ଏବଂ ସମ୍ପାଦକ ଚୟନ କରାଯାଇଥିଲା।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକରୁ ୭ ଜଣ କୃତକାର୍ଯ୍ୟ

**ଶଗଡ଼ା, ୩୧।୧(ସମିସ):** କଣ୍ଟାମାଲ ବ୍ଲକ ସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ଅଧୀନ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକରୁ ୭ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କଣ୍ଟାମାଲ ବ୍ଲକର ଖାଇରମାଲ ବିଦ୍ୟାଳୟରୁ ସୋମ୍ୟଶ୍ରୀ ସିଂ, ଝଗୁଡୁପାଲି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମୌସୁମୀ ଦୀପଶିଖା ନାୟକ, ଆଦ୍ୟାଶା ବଗର୍ତ୍ତି, ବଉଳସିଙ୍ଗା ବିଦ୍ୟାଳୟରୁ ବିଜ୍ଞାନ ମହାକୁଡ, ପରତଲା ବିଦ୍ୟାଳୟରୁ ଲକ୍ଷ୍ମୀପ୍ରିୟା ମହାକୁଡ, ରତାଖଣ୍ଡି ବିଦ୍ୟାଳୟର ରୋଜାଲିନ ହୋତା ଓ ସାନମନମୁଣ୍ଡା ବିଦ୍ୟାଳୟର ଦିବାକର ନାଏକ ପ୍ରମୁଖ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ତାଲା ପକାଇ ଗେଟ୍ ସାମ୍ନାରେ ଧାରଣା ଦେଲେ ଛାତ୍ରଛାତ୍ରୀ

**ସୁବଳୟା, ୩୧।୧(ସମିସ):** ବୀରମହାରାଜପୁର ବ୍ଲକ କେନ୍ଦୁଝରିଆପାଲି ପଞ୍ଚାୟତ ତେଲିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଫାଟକରେ ବୁଧବାର ଛାତ୍ରଛାତ୍ରୀ ତାଲା ପକାଇ ଧାରଣାରେ ବସିଥିଲେ। ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ଥିବାବେଳେ ସନ୍ତୋଷ ମିଶ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏଣୁ ଅସନ୍ତୋଷ ସୃଷ୍ଟି ହୋଇଛି। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ସ୍କୁଲ ଫାଟକରେ ତାଲା ପକାଇ ଗେଟ୍ ସାମ୍ନାରେ ବସି ଧାରଣା ଦେଇଥିଲେ। ସିଆରସିସି ଓ ଏବିଓ ପହଞ୍ଚି ବୁଝାସୁଝା କରିବା ପରେ ସ୍କୁଲ ଫାଟକରୁ ତାଲା ଖୋଲି ପାଠ ପଢ଼ା ସ୍ୱାଭାବିକ ହୋଇଥିଲା।



# ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଚେତନା ଆଲୋଚନା ଚକ୍ର

**ବୌଦ୍ଧ, ୩୧।୧(ସମିସ):** ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ସଭାପତିତ୍ୱରେ ନୂଆ- ଓ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଯୋଗିତା ସମାପନ ଉତ୍ସବ ଅବସରରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ପଞ୍ଚାୟତ କଲେଜ ଅଧ୍ୟାପକ ପ୍ରତାପ କୁମାର ରଥ, ସମ୍ମାନୀତ ଅତିଥି ଭାବରେ ଗନ୍ଧରାଡ଼ି କଲେଜ ଅଧ୍ୟାପକ ପ୍ରସନ୍ନ ଶତପଥୀ ଯୋଗଦେଇ ଆଲୋଚନା ଚକ୍ର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶିବଦତ୍ତ ପଟ୍ଟନାୟକ, ଉତ୍ତମ କୁମାର ବେହେରା, କ୍ଷୀରାବ୍ଧି କୁମାର ତରିଆ, ନନ୍ଦ କିଶୋର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଶେଷରେ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ବିତରଣ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୋଶଳୀ ଲୋକନୃତ୍ୟ ଏକାଡେମୀର ରୌପ୍ୟ ଜୟନ୍ତୀ ସମାରୋହ ସମ୍ପନ୍ନ

**ଦେଓଗାଁ, ୩୧।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ କୁତୁର୍ଲାରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟରେ କୋଶଳୀ ଲୋକନୃତ୍ୟ ଏକାଡେମୀର ୨ଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ସଂଗଠନର ସମ୍ପାଦକ ଧରଣୀଧର ନାୟକଙ୍କ ତତ୍ତ୍ୱାବଧାନରେ ତଥା ଅନୁଷ୍ଠାନର ସଭାପତି ହଳଧର ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ମମତା କୁମୁରା, ଅତିଥି କଳାକାର ପାହାନ୍ତ କୁଅଁର, ମୁଖ୍ୟବକ୍ତା ଭାବେ କ୍ରୀଡାବିତ ନେହେରୁ ଗଡ଼ତ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ଏହି ଅନୁଷ୍ଠାନ ଅନବରତ ଭାବେ ଉଦ୍ୟମ କରିଆସୁଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଆବାହକ ରାଧାକାନ୍ତ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଶ୍ରୀ ପରମାନନ୍ଦ ମାଝୀଙ୍କୁ ଶ୍ରୀକଳା ସମ୍ମାନ ଓ ଜେନା ରାଉତଙ୍କୁ କଳା ସଂଗଠକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ପାରମ୍ପରିକ ଲୋକକଳା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଉତ୍ସବର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥିଭାବେ ଜିଲ୍ଲା କଳା ଓ ସଂସ୍କୃତି ସଂଘର ସାଧାରଣ ସମ୍ପାଦକ ସୁଦାମ ବିଶି ପ୍ରମୁଖ ଯୋଗ ଦେଇଥିଲେ। ସଂଯୋଜକ ପ୍ରଦୀପ ନାଏକ, ମାନସିଂ କୁଅଁର, ଧ୍ରୁବଲେ ମନହିରା, ରାମ ବାରିକ, କୈବର୍ତ୍ତ ନନ୍ଦ, ଶମ୍ଭୁ ବାଗ, ବାଙ୍କ ବିହାରୀ ଭୋଇ ତଥା ସମସ୍ତ କର୍ମକର୍ତ୍ତାବୃନ୍ଦ ସହଯୋଗ କରିଥିଲେ।

# କୁଷ୍ଠ ରୋଗ ନିବାରଣ ଦିବସ

**ସଇନ୍ତଲା, ୩୧।୧(ସମିସ):** ସଇନ୍ତଲା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନା ନିକଟସ୍ଥ ଫପସି ଛକଠାରେ ଥିବା କୃଷ୍ଣ ସେବଶ୍ରମଠାରେ ବିଶ୍ୱ କୁଷ୍ଠ ରୋଗୀ ନିବାରଣ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ମନୀଷ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସଇଁତଲା ବିଡିଓ ବିନୟ ଭୋଇ ଏବଂ ସମିତିସଭ୍ୟା ଅମ୍ରିତା ଦୀପ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାନୁପ୍ରସାଦ ଭୋଇ, ଡ. ନମିତା ବିଶି, ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଗ୍ରାମ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଛାତ୍ରୀ ପ୍ରଶଂସିତ



**ତରଭା, ୩୧।୧(ସମିସ):** ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଲୋକସେବା ଭବନରେ ହୋଇଥିବା ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ମହୋତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାରୁ ମନୋନୀତ ହୋଇଥିବା ଏକମାତ୍ର ଛାତ୍ରୀ ଭାବରେ ବଲାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ସାହୁ ପ୍ରକଳ୍ପ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ଅର୍ଚ୍ଚିତାଙ୍କ ସଫଳତାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡା. ରାଧାକାନ୍ତ ଗଡ଼ତିଆ ଶୁଭେଚ୍ଛା ଜଣାଇବା ସହ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶ୍ରୀଯୁକ୍ତ ଗଡ଼ତିଆ ସ୍କୁଲର ପ୍ରଧାନ ଶିକ୍ଷକ ଡ଼ା. ଭରଦ୍ୱାଜ ଦାଶ, ଗାଇଡ୍ ଶିକ୍ଷକ ସମୀର ପଣ୍ଡା ତଥା ଛାତ୍ରୀଙ୍କ ପିତା ବିରେନ୍ଦ୍ର ସାହୁ ଓ ମାତା ଡଲି ସାହୁଙ୍କୁ ପ୍ରଶଂସା କରିବା ସହ ଛାତ୍ରୀଙ୍କୁ ଆଗକୁ ଯିବା ପାଇଁ ପ୍ରେରଣା ଦେଇଛନ୍ତି।

# ପୁଲିସ ଡିଏସ୍‌ପିଙ୍କ ସ୍ତରରେ ଅଦଳବଦଳ

**ବଲାଙ୍ଗିର, ୨୯।୧(ସମିସ):** ଓଡ଼ିଶା ପୁଲିସ ବିଭାଗରେ କାର୍ଯ୍ୟରତ ଡିଏସପି ରାଙ୍କ ପୁଲିସ ଅଧିକାରୀଙ୍କ ସ୍ତରରେ ଅଦଳବଦଳ ହୋଇଛି। ଏହି କ୍ରମରେ ବଲାଙ୍ଗିର ଡିଆଇବିରେ କାର୍ଯ୍ୟରତ ଡିଏସପି ଯୋଗେଶ୍ୱର ପଣ୍ଡାଙ୍କୁ ରାଉରକେଲା ଆଇୟୁସିଏଡବ୍ଲୁ ଡିଏସପି ଭାବରେ ବଦଳି କରାଯାଇଛି। ବଲାଙ୍ଗିର ସଦର ଏସଡିପିଓ ତୋଫାନ ବାଗଙ୍କୁ ସମ୍ବଲପୁର ଏସଡିପିଓ ଭାବରେ ବଦଳି କରାଯାଇଛି। ସେହିଭଳି ସମ୍ବଲପୁର ଏସଡିପିଓ ପ୍ରଦୀପ ସାହୁଙ୍କୁ ବଲାଙ୍ଗିର ସଦର ଏସଡିପିଓ ଭାବରେ ବଦଳି କରାଯାଇଛି। ପାଟଣାଗଡ଼ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତାଙ୍କୁ କେନ୍ଦୁଝର ଡିଆଇବିକୁ ବଦଳି ହୋଇଛି। ବଲାଙ୍ଗିର ହୋମଗାର୍ଡ ଡିଏସପି ସଦାନନ୍ଦ ପୂଝାରୀଙ୍କୁ ପାଟଣାଗଡ଼ ଏସଡିପିଓ ଭାବରେ ବଦଳି କରାଯାଇଛି। ନୂଆପଡ଼ା ଏସଡିପିଓ ଥିବା ସଞ୍ଜୟ ମଣ୍ଡଳଙ୍କୁ ବଲାଙ୍ଗିର ଜିଲ୍ଲା ପୁଲିସ ମୁଖ୍ୟାଳୟ ଡିଏସପି ଭାବରେ ବଦଳି କରାଯାଇଥିବା ଜଣାପଡ଼ିଛି।

# ବୌଦ୍ଧରେ ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ବୌଦ୍ଧ, ୩୧।୧(ସମିସ):** ବୌଦ୍ଧର ନୂତନ ଜିଲ୍ଲାପାଳ ଭାବେ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଜେ. ସୋନାଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କଠାରୁ ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ସୋନାଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ସେହିପରି ମହାନଦୀ ବିହାର ପାର୍କ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ମିଶନ୍ ଶକ୍ତି କାଫେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମହାନଦୀ ଆଳତୀ ଘାଟ ମଧ୍ୟ ବୁଲି ଦେଖିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପ ଜିଲ୍ଲାପାଳ ରବୀନ୍ଦ୍ର ନାଥ କହଁର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଯୋଗଦାନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ଶ୍ରୀ ସୋନାଲ ବ୍ରହ୍ମପୁର ମୁନିସିପାଲ କର୍ପୋରେସନ କମିଶନର ଭାବେ କାର୍ଯ୍ୟ କରୁଥିଲେ। ବିଦାୟୀ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସ୍ୱତନ୍ତ୍ର ସଚିବ ଭାବେ ବଦଳି ହୋଇଛନ୍ତି।



# ଜିଲ୍ଲାପାଳଙ୍କ ମାତୃ ଓ ଶିଶୁ ଚିକିତ୍ସାଳୟ ପରିଦର୍ଶନ

**ସୋନପୁର, ୩୧।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ ଜିଲ୍ଲା ମାତୃ ଓ ଶିଶୁ ଚିକିତ୍ସାଳୟ ପରିଦର୍ଶନରେ ଯାଇ ବିଭିନ୍ନ ବିଭାଗ ବୁଲି ଦେଖିଛନ୍ତି। ଏହି ଅବସରରେ ସେ ପ୍ରଥମେ ବର୍ହି ବିଭାଗ ଟିକେଟ ଗୃହ, ନିରାମୟ କେନ୍ଦ୍ର ଆଦି ବୁଲି ରୋଗୀଙ୍କ ସହ ସିଧା ସଳଖ ଆଲୋଚନା କରିଥିଲେ। ପରେ ନବଜାତ ଶିଶୁ ଯତ୍ନ କେନ୍ଦ୍ର ଓ ପ୍ରସୂତି ୱାର୍ଡ ବୁଲି ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଚିକିତ୍ସା ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତରଖାନା ପରିସର ମଧ୍ୟରେ ପରିମଳ ବ୍ୟବସ୍ଥାର ତଦାରଖ କରିଥିଲେ। ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ଉଭୟ ଡାକ୍ତରଖାନା କର୍ମଚାରୀ ଏବଂ ରୋଗୀ ସମ୍ପର୍କୀୟଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱରଂଜନ ପତି, ଏଡିଏମଓ ଡାକ୍ତର ଦୁର୍ଗାଦତ୍ତ ଦାଶ, ଡିପିଏମ୍ ବିଶ୍ୱମ୍ବର ବେହେରା, ହସ୍ପିଟାଲ ମ୍ୟାନେଜର ବିକେ ସାଗରିକା ତଥା ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।



# ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଲାପଟପ୍ ପ୍ରଦାନ

**ସୋନପୁର, ୩୧।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଞ୍ଚାୟତ ଅମୂଲ୍ୟମଣୀ ରାଣୀପୁରର ଦିବ୍ୟାଙ୍ଗ ଛାତ୍ରୀ ନମିତା ବାଘଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ କାର୍ଯ୍ୟାଳୟ କକ୍ଷରେ ଏକ ଲାପଟପ ପ୍ରଦାନ କରିଛନ୍ତି। ନମିତା ଏବେ ରେଭେନ୍ସା କଲେଜରେ ଯୁକ୍ତ ତିନିରେ ଅଧ୍ୟୟନ କରୁଛନ୍ତି। ଉଚ୍ଚ ଶିକ୍ଷାରେ ସହାୟକ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଏହି ଲାପଟପ ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




# ଦୁଇ ମହିଳାଙ୍କ ଠାରୁ ଗଞ୍ଜେଇ ଜବତ



**ସୋନପୁର, ୩୧।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଆବକାରୀ ବିଭାଗର ଏକ ଟିମ ପାଟ୍ରୋଲିଂ କରୁଥିବା ବେଳେ ବ୍ଲକଛକ ନିକଟରେ ଛିଡା ହୋଇଥିବା ଦୁଇ ଜଣ ମହିଳାଙ୍କ ବ୍ୟାଗ ସନ୍ଦେହରେ ଯାଞ୍ଚ କରିବାରୁ ଗଞ୍ଜେଇ ଜବତ ହୋଇଛି। ଫୁଲବାଣୀ ଜିଲ୍ଲା ଗୁଛପଡ଼ା ପଂଚାୟତ ସିଙ୍ଗାରି ଗାଁର ରୁଙ୍ଗୁ ବିନ୍ଧାଣିଙ୍କ ବ୍ୟାଗରୁ ପ୍ରାୟ ୪କେଜି ଗଞ୍ଜେଇ ବାହାରି ଥିବା ବେଳେ ବରଗଡ଼ ଜିଲ୍ଲା ଅମ୍ବାଭୋନା ପଞ୍ଚାୟତ କୁଦାପାଲି ଗାଁ କିଶୋରୀ ଭୋଟଙ୍କ ବ୍ୟାଗରୁ ୩ କିଲୋ ଗଞ୍ଜେଇ ଜବତ ହୋଇଛି। ଉଭୟ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷୀକା ସୁମତି ତ୍ରିପାଠୀ କହିଛନ୍ତି।

# ଶିକ୍ଷା ସମୃଦ୍ଧି ସ୍କୁଲର ବାର୍ଷିକ ଉତ୍ସବ



**ସଇନ୍ତଲା, ୩୧।୧(ସମିସ):** ସଇନ୍ତଲା ନବୀନ ଛକସ୍ଥିତ ଶିକ୍ଷା ସମୃଦ୍ଧି ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ ହୋଇଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଗୋପେଶ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ଉପାଧ୍ୟକ୍ଷ ଗୁଣାସାଗର ମାଝୀ, ଆଇନଜୀବୀ ରାଧେଶ୍ୟାମ ସାହୁ, ବ୍ୟଙ୍ଗକବି ପ୍ରମୋଦ ବୈଠାରୁ, ମୁଖ୍ୟବକ୍ତା ଭାବେ କବି, ଅଭିନେତ୍ରୀ ସବିତା ମେହେରା ଯୋଗଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଭୋଇ, ସ୍କୁଲର ସମ୍ପାଦିକା ମୀନାରାଣୀ ସାହୁ, କବି ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଶିକ୍ଷକ ହେମନ୍ତ ପୁଟେଲ ପରିଚାଳନା କରିଥିଲେ। ଶିକ୍ଷକ କିଶୋର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୃଷ୍ଟିହୀନ ଓ ମୂକ-ବଧିର ବିଦ୍ୟାଳୟରେ ପୁଷପୁନି ଭେଟଘାଟ

**ତରଭା, ୩୧।୧(ସମିସ):** ତରଭା ବ୍ଲକ ଅନ୍ତର୍ଗତ ଶିବତୁଳା ସକ୍ଷମ ନଗରସ୍ଥିତ ଦୃଷ୍ଟିହୀନ ଓ ମୂକ-ବଧିର ବିଦ୍ୟାଳୟ, ପରିସରରେ ପୁଷପୁନି ଭେଟ ଘାଟ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କମ୍ପଙ୍କ ଅଧ୍ୟକ୍ଷ୍ୟତାରେ ଏହି ସଭାରେ ଏଇଏସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ଗୋରେଖ ନାଥ ସାହୁ ମୁଖ୍ୟ ବକ୍ତା ଏବଂବିଷ୍ଣୁ ପ୍ରସାଦ କେଡ଼ିଆ, ଉମେଶ ଚନ୍ଦ୍ର ଗଡ଼ତିଆ, ଅବସରପ୍ରାପ୍ତ ପ୍ରଫେସର ମୀନା ମହାରଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୁଷ୍ପ ପୁନି ପାଳନର ମହତ୍ୱ ଉପରେ ଆଲୋକପାତ କରିବା ସହଛାତ୍ର ଛାତ୍ରୀଙ୍କ ସହ ପୁଷ୍ପପୁନି ମନାଇ ଥିଲେ। ପ୍ରାରମ୍ଭରେ ପୁଷପୁନି ଭେଟର ଅବାହକ କୁଶ ମିଶ୍ର ଅତିଥି ପରିଚୟ ପ୍ରଦାନ କଲାପରେ ବିଦ୍ୟାଳୟର ସମ୍ପାଦକ ରାଜେନ୍ଦ୍ର ରଣା ବିଦ୍ୟାଳୟ ବିବରଣୀ ପଠନ କରିଥିଲେ। ଶେଷରେ ଜୟପ୍ରକାଶ ନାରାୟଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ରାଜ କିଶୋର ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ।



# ଦେବଗଡ଼ ରେ ୧୬ ଲକ୍ଷ୍ମୀ ବସ୍‌ର ଲୋକାର୍ପଣ

**ଦେବଗଡ଼, ୩୧।୧(ସମିସ):** ଦେବଗଡ଼ ଜିଲ୍ଲାରେ ଗମନା ଗମନ କ୍ଷେତ୍ରରେ ବୁଧବାର ଏକ ନୂଆଁ ଫର୍ଦ୍ଦ ଯୋଡି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ଘରେ ଘରେ ଲକ୍ଷ୍ମୀ ଯୋଜନାରେ ସାମିଲ ହୋଇଛି ଦେବଗଡ଼ ଜିଲ୍ଲା। ଏହି ଅବସରରେ ଦେବଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରୁ ବ୍ଲକ ମୁଖ୍ୟାଳୟକୁ ଯୋଡିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୧୬ଟି ଲକ୍ଷ୍ମୀ ବସର ଲୋକାର୍ପଣ କରାଯାଇଛି। ଭରଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବଗଡ଼ ଜିଲ୍ଲାରେ ଏହି ଯୋଜନାର ଲୋକାର୍ପଣ କରିଥିଲେ। ଏହି ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନୂତନ ବସ ଷ୍ଟାଣ୍ଡଠାରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଓ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ ପ୍ରମୁଖ ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କ ଏହି ଜନ କଲ୍ୟାଣକାରୀ ଯୋଜନାକୁ ପ୍ରଶଂସା କରିବା ସହ ଲକ୍ଷ୍ମୀ ବସ୍ ସେବା ଜିଲ୍ଲାବାସୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଟୁକୁନି ସାହୁ ସବୁଜ ପତାକା ଦେଖାଇ ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ। ଏଥିସହ ନୂତନ ବସରେ ମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧିମାନେ ବସି ଉଦଘାଟନ ସ୍ଥଳରୁ ନୂତନ ବସ ଷ୍ଟପ ପର୍ଯ୍ୟନ୍ତ ଟିକେଟ କାଟି ଯାତ୍ରା କରିଥିଲେ। ଜିଲ୍ଲାକୁ ମିଳିଥିବା ୧୬ଟି ବସ୍ ମଧ୍ୟରୁ ବାରକୋଟ ବ୍ଲକକୁ ୬ଟି ବସ୍, ତିଲେଇବଣୀ ବ୍ଲକକୁ ୬ଟି ବସ୍ ଓ ରିଆମାଳ ବ୍ଲକକୁ ୪ଟି ବସ୍ ପ୍ରଦାନ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ସରପଞ୍ଚ ସଂଘର ସଭାପତି ସତ୍ୟନାରାୟଣ ପାଣି, ୭ ଜିଲ୍ଲା ପରିଷଦ ସଦସ୍ୟ, ମିଶନ ଶକ୍ତିର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ପରିବହନ ବିଭାଗର କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।



# ସ୍ତ୍ରୀର ଲୁହା ନଳୀ ମାଡ଼ରେ ସ୍ୱାମୀ ମୃତ

**ଦେବଗଡ଼, ୩୧।୧(ସମିସ):** ବାରକୋଟ ଥାନା ପଦ୍ମପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କ ଲୁହାନଳି ମାଡ଼ରେ ତାଙ୍କ ସ୍ୱାମୀର ମୃତ୍ୟୁ ଘଟିଛି। ମୃତକ ହେଲେ ମହେଶ୍ୱର ମୁଣ୍ଡା। ତାଙ୍କ ସ୍ତ୍ରୀଙ୍କୁ ପୁଲିସ ଅଟକ ରଖି ଅଧିକ ପଚରାଉଚୁରା କରୁଛି।

ବାରକୋଟ ଥାନାରେ କାର୍ଯ୍ୟରତ ଅମ୍ବାଗାଁର ଗ୍ରାମରକ୍ଷୀ ରବି ପାତ୍ର ଆମ୍ବଗାଁ ପୁଲିସ ବିଟ୍ ଅଧୀନ ପଦ୍ମପୁର ଗ୍ରାମରେ ଏକ ହତ୍ୟା କାଣ୍ଡ ଘଟିଥିବା ସୂଚନା ପାଇ ସେଠାକୁ ଘଟଣା ସମ୍ପର୍କରେ ତଦନ୍ତ ପାଇଁ ଯାଇଥିଲେ। ମହେଶ୍ୱର ରକ୍ତାକ୍ତ ଅବସ୍ଥାରେ ଘର ବାହାରେ ପଡ଼ିଥିବା ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାରକୋଟ ଡାକ୍ତରଖାନାକୁ ପଠାଇଥିଲେ ମାତ୍ର ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସମୟରେ ଘରେ ରକ୍ତଛିଟା ପଡ଼ିଥିବା ଏବଂ ସ୍ତ୍ରୀ ଲିଲି ମୁଣ୍ଡାଙ୍କ ଗତିବିଧି ସନ୍ଦେହ ହେବାରୁ ଲିଲିକୁ ଥାନାକୁ ଆଣି ଅଧିକ ପଚରା ଉଚୁରା କରିଥିଲେ। ପଚରାଉଚୁରା ବେଳେ ମହେଶ୍ୱର ପ୍ରତ୍ୟକ ଦିନ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଶାରୀରିକ ନିର୍ଯାତନା ଦେଉଥିବା ସେ କହିଥିଲେ। ଏଥିରେ ଅତିଷ୍ଠ ହୋଇ ଲିଲି ଘରେ ଚୁଲା ଫୁଙ୍କିବାରେ ବ୍ୟବହୃତ ଲୁହା ନଳୀରେ ମହେଶ୍ୱରଙ୍କ ମୁଣ୍ଡରେ ଆକ୍ରମଣ କରିବାରୁ ମହେଶ୍ୱରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏହା ଜାଣି ପାରି ଲିଲି ଘରେ ପଡ଼ିଥିବା ରକ୍ତ ଛିଟାକୁ ଧୋଇବା ସହ ପିନ୍ଧା ଲୁଗାକୁ ମଧ ଧୋଇ ଶୁଖେଇଥିବା ପୁଲିସ ନିକଟରେ ପ୍ରକାଶ କରିଛି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମହିଳାଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଝାରସୁଗୁଡ଼ା, ୩୧।୧ (ସମିସ):** ବେଲପାହାଡ ଥାନାଞ୍ଚଳର ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ବାପା ହତ୍ୟା ଅଭିଯୋଗ କରିଥିଲେ। ବେଲପାହାଡ଼ ପୁଲିସ୍ ତଦନ୍ତ କରି ମହିଳାଙ୍କ ଅଭିଯୁକ୍ତ ସ୍ୱାମୀ ଜୁନାଡ଼ିହିର ମହମ୍ମଦ ଗୁଲାମ ରୱାନୀ (୩୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ମହମ୍ମଦ ଗୁଲାମ ସହ ବିହାର ହାଜିପୁରର ଝିଅ ରୁକସାନା ଖାତୁନ (୩୦)ଙ୍କ ୧୩ ବର୍ଷ ପୂର୍ବେ ବିବାହ ହୋଇଥିଲା। ଉଭୟଙ୍କ ଗୋଟିଏ ଝିଅ, ୨ଟି ପୁଅ ଅଛନ୍ତି। ପରେ ମହମ୍ମଦ ଗୁଲାମ ତାଙ୍କ ସ୍ତ୍ରୀ ରୁକସାନାଙ୍କୁ ମାନସିକ ଓ ଶାରୀରିକ ଅତ୍ୟାଚାର କରୁଥିବା ନେଇ ବିହାର ହାଜିପୁର କୋର୍ଟରେ ମାମଲା ରୁଜୁ ହୋଇଥିଲା। କିଛି ମାସ ହେବ ମହମ୍ମଦ ଗୁଲାମ ସ୍ତ୍ରୀ ସହ ୩ପିଲାଙ୍କୁ ବେଲପାହାଡ଼କୁ ନେଇ ଆସିଥିଲା। ରୁକସାନା ପିଲାଙ୍କୁ ପାଠପଢେଇବାକୁ ଚାହୁଁଥିବା ବେଳେ ଗୁଲାମ ଏଥିରେ ସହଯୋଗ କରୁ ନଥିଲା। ଏମିତିକି ରୁକସାନାଙ୍କୁ ସବୁବେଳେ ଅପମାନିତ କରି ମାଡ଼ ମାରୁଥିଲା। ଗତ ୨୭ ତାରିଖରେ ମଧ ଗୁଲାମ ରୁକସାନାଙ୍କୁ ମାଡ ମାରିଥିଲା। ଅତ୍ୟାଚାର ସହ୍ୟ କରି ନ ପାରି ରୁକସାନା ଘରେ ଦଉଡ଼ିରେ ଫାଶି ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା। ତେବେ ରୁକସାନାଙ୍କ ବାପା ହତ୍ୟା ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁକରି ମହମ୍ମଦ ଗୁଲାମ ରୱାନୀକୁ ବୁଧବାର କୋର୍ଟ ଚାଲାଣ କରିଛି ବେଲପାହାଡ଼ ପୁଲିସ।

# ଦୁର୍ଘଟଣାରେ ଦମ୍ପତି ମୃତ

**ଦେବଗଡ଼, ୩୧।୧(ସମିସ):** ବାରକୋଟ ଥାନା ଅଧୀନ ବାମ୍ପରଡା ଗ୍ରାମ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ବୁଧବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଏକ ଦମ୍ପତିଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଝରବାହାଲ ଗ୍ରାମର ହୃଦାନନ୍ଦ ବେହେରା (୭୦) ଓ ତାଙ୍କ ପତ୍ନୀ ରତନୀ ବେହେରା (୬୨)। ଉଭୟ ଅନୁଗୋଳ ଜିଲ୍ଲା ପାଲଲହଡାରୁ କାମ ସାରି ନିଜ ଘରକୁ ଫେରୁଥିବା ବେଳେ ବାମ୍ପରଡା ଗ୍ରାମ ନିକଟରେ ୪୯ ନମ୍ବର ଜାତୀୟ ରାଜପଥରେ ପାଲଲହଡା ପଟୁ ବାରକୋଟ ଅଭିମୁଖେ ଯାଉଥିବା ଏକ ସ୍କର୍ପିଓ ସେମାନଙ୍କ ସ୍କୁଟିକୁ ପଛ ପଟୁ ଧକ୍କା ଦେଇଥିଲା। ଏହା ଫଳରେ ଉଭୟ ରାସ୍ତାକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବାରକୋଟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ ମଧ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ଓ ଚାଳକକୁ ଗ୍ରାମବାସୀ ଅଟକ ରଖି ପୁଲିସକୁ ହସ୍ତାନ୍ତର କରିଥିଲେ। ବାରକୋଟ ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଗ୍ରସ୍ତ ଉଭୟ ଗାଡିକୁ ଜବତ କରିବା ସହ ସ୍କର୍ପିଓ ଚାଳକକୁ ଅଟକ ରଖି ଅଧିକ ତଦନ୍ତ କରୁଛି।

# ମୁରଲୀପାଲି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ



**ଲଖନପୁର, ୩୧।୧(ସମିସ):** ଲଖନପୁର ବ୍ଲକ ସୀମାନ୍ତ ୧୯ ଖଣ୍ଡ ମୌଜା ଅନ୍ତର୍ଗତ ମୁରଲୀପାଲି ସରକାରୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ଜାନୁଆରୀ ୧୭ ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀଙ୍କ ଆତ୍ମସୁରକ୍ଷା ଶିବିର ୩୦ ଜାନୁଆରୀରେ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ପଧାନଙ୍କ ତତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଭୁକ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତାଲିମପ୍ରାପ୍ତ ପ୍ରଶିକ୍ଷକ ଯମୁନା ଭୋଇ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ।

# ବେଲପାହାଡ଼ ନବଦାସ ଫାଉଣ୍ଡେସନ ପକ୍ଷରୁ ଲେଖକଙ୍କୁ ସମ୍ବର୍ଦ୍ଧନା




**ଝାରସୁଗୁଡ଼ା,୩୧।୧(ସମିସ):** ନବଦାସ ଫାଉଣ୍ଡେସନ ବେଲପାହାଡ଼ ଶାଖା ପକ୍ଷରୁ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନବ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ପ୍ରକାଶିତ ହେଇଥିବା ସ୍ମରଣିକାରେ ବେଲପାହାଡ଼ର ଲେଖକ ରମାକାନ୍ତ ମଲ୍ଲିକ, ସୁରେଶ ପ୍ରଧାନ, ଅଭିମନ୍ୟୁ ସା, ଶ୍ରୀକର ଭୋଇ, ରଘୁନାଥ ନାୟକ, ସୁବାସ ପ୍ରଧାନ ଭଳି ୬ଜଣ ଲେଖକଙ୍କ ଲେଖା ପ୍ରକାଶ ପାଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାଉନସିଲର କହ୍ନେଇ ଚରଣ ସେଠ, ରଞ୍ଜିତା ବିଶ୍ୱାଳ, ପିତବାସ ପ୍ରଧାନ, ଜେନାମଣି ସେଠ, ହୀତେଶ ଠକ୍କର, ଗିରିଶ ଜୟପୁରିଆ, କରିମ ଖାନ, କେଶବ ଖମାରୀ, ସରୋଜ ପ୍ରଧାନ, ନନ୍ଦଲାଲ ଶର୍ମା, ସୁବିର ରାଣା, ସୋନୁ ବେରା, ତ୍ରିନାଥ ସେଠ, ପ୍ରଫୁଲ୍ଲ ରାଉତ, ସନ୍ତୋଷ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦିଲ୍ଲୀପ ସାଏ ସଭା ପରିଚାଳନା କରିଥିଲେ।

# ବେଲପାହାଡ଼ କନିଷ୍ଠ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

**ଝାରସୁଗୁଡ଼ା,୩୧।୧(ସମିସ):** ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା କନିଷ୍ଠ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ସମାରୋହ ତଥା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଡ଼ା. ନକୁଳ ଚରଣ ସାମଲ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ ବରାଳ ଯୋଗ ଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମର ସାଂସ୍କୃତିକ ମୁଖ୍ୟ ଡା. ଅନୁପମା ଦାଶ ଓଡ଼ିଆ ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ। ନୋଡାଲ ଅଫିସର କ୍ଷମାନିଧି ନାଥ ସହଯୋଗ କରିଥିଲେ। ଅଧାପକ ସୁଧାଂଶୁ ପାଲୋ ସଭା ସଞ୍ଚାଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରତିମା ଗିରି ଚାମ୍ପିଅନ୍ ହୋଇଥିଲେ। ଶୁଭଶ୍ରୀ ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନନ୍ୟା ସାହୁ, ଚନ୍ଦ୍ରିକା ବେହେରା, ଖୁସି ସ୍ୱାଇଁ, ଶୁଭମ ରଣା ପ୍ରମୁଖ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧାପକ-ଅଧାପିକା ସହଯୋଗ କରିଥିଲେ।

# ରେଳବାଇ ଠିକାସଂସ୍ଥାର ବିପୁଳ ତମ୍ବା ତାର ଚୋରି

**ଝାରସୁଗୁଡ଼ା,୩୧।୧(ସମିସ):** ବେଲପାହାଡ଼ ନୂଆପଡ଼ାରେ ଏକ ରେଳବାଇ ଠିକା କମ୍ପାନୀର ବିପୁଳ ତମ୍ବା ତାର ଚୋରି ହୋଇଥିବା ଅଭିଯୋଗ ହୋଇଛି। କମ୍ପାନୀ ପକ୍ଷରୁ ଏନେଇ ବେଲପାହାଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରି ଦେଇଛି।



ସୂଚନା ଅନୁସାରେ, ରେଳବାଇ କାର୍ଯ୍ୟ ପାଇଁ କେମୀ ଇଣ୍ଡିଆ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂସ୍ ଆଣ୍ଡ କନଟ୍ରାକ୍ଟରସ୍ ନାମକ ଏକ ଠିକା କମ୍ପାନୀ ନିୟୋଜିତ ରହିଛି। ଗତ ଏକ ବର୍ଷ ହେବ ନୂଆପଡ଼ାଠାରେ ଏକ ଭଡ଼ା ଘରେ ନିଜ ଗୋଦାମ୍ ଘର ଓ ଘର ସମ୍ମୁଖରେ ସମସ୍ତ ମୂଲ୍ୟବାନ ସାମଗ୍ରୀ ରହିଥିଲା। ଗତ କିଛି ମାସ ହେବ ରେଳବାଇ କାର୍ଯ୍ୟ ବନ୍ଦ ରହିଥିଲା। ପୂର୍ବ ଭଳି ଶ୍ରମିକଙ୍କ ଚହଳ ପହଳ ରହି ନଥିଲା। ଜାନୁୟାରୀ ୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୨ରୁ ଭୋର ୪ଟା ମଧ୍ୟରେ ଶ୍ରମିକମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ୮-୧୦ ଜଣ ଦୁର୍ବୃତ୍ତ ଏକ ପିକଅପ ଗାଡ଼ିରେ ନୂଆପଡ଼ାକୁ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ଗୋଦାମ ଘର ସାମ୍ନାରେ ରଖାଯାଇଥିବା ଠିକା କମ୍ପାନୀର ୧୦ ଲକ୍ଷରୁ ଅଧିକ ମୂଲ୍ୟର ୩ ବଣ୍ଡଲ ତମ୍ବା ତାରକୁ ସେହି ପିକଅପ ଗାଡ଼ି ଯୋଗେ ଚୋରି କରି କୁଆଡ଼େ ଫେରାର ହୋଇଯାଇଥିଲେ। ସାହି ପଡିଶା ଲୋକେ ଏହା ଦେଖି କାଳେ କାର୍ଯ୍ୟରତ ଶ୍ରମିକମାନେ ତାରଗୁଡ଼ିକୁ କୁଆଡେ କାର୍ଯ୍ୟରେ ନେଉଥିବା ଭାବି କୌଣସି ସନ୍ଦେହ ମଧ କରି ନଥିଲେ। ସକାଳେ ଶ୍ରମିକମାନେ ଆସି ଦେଖିଲା ବେଳକୁ ଚୋରି ହୋଇଥିବା ଜାଣି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ପୁଲିସକୁ ଖବର ଦିଆଯାଇଛି।

# କୁଚିଣ୍ଡା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା

**କୁଚିଣ୍ଡା, ୩୧।୧(ସମିସ):** ମଙ୍ଗଳବାର ଦିନ କୁଚିଣ୍ଡା ମହାବିଦ୍ୟାଳୟର ୫୭ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଯାପନ ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନ ଯୋଗଦେଇ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ବିଭିନ୍ନ ବର୍ଗରେ ଭାଗନେଇ ପ୍ରତିଯୋଗିତାକୁ ଆହୁରି ବଳିଷ୍ଠ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ କୁଚିଣ୍ଡା ଉପଖଣ୍ଡ ପୁଲିସ ଅଧିକାରୀ ଅମିତାଭ ପଣ୍ଡା ଏବଂ କୁଚିଣ୍ଡା ଆସିଷ୍ଟାଣ୍ଟ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା, ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ବାର୍ଷିକ କ୍ରୀଡା ଉତ୍ସବରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବର୍ଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ହେଲେ ଗୌତମ ପଟେଲ, ମନିଷା ବାଗ, ଲୋଚନ ଛତ୍ରିଆ ଏବଂ କିରଣ ବାଗ। ସଭା ପ୍ରାରମ୍ଭରେ ୪ଘ୧୦୦ ରିଲେ ରେସ ଅତିଥିମାନଙ୍କ ସମ୍ମୁଖରେ ପ୍ରଦର୍ଶନ ଉଭୟ (ବାଳକ ଓ ବାଳିକା) କରାଯାଇଥିଲା। ପ୍ରମୋଦ କୁମାର ସ୍ୱାଇଁ, ଉପସଭାପତି କ୍ରୀଡା ସଂସଦ ସଭାରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ରୋସନ କୁଲ୍ଲୁ ଉପସଭାପତି କ୍ରୀଡା ସଂସଦ ବାର୍ଷିକ ବିବରଣୀ ପାଠ କରିଥିଲେ। ହେମଶିଳା ମାଝୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଉଦଯାପନୀ ଉତ୍ସବରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ଦେବଗଡ଼, ୩୧।୧(ସମିସ):** ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପିକା ବୀଣାପାଣିନାୟକଙ୍କସଂଯୋଜନାଓମହାବିଦ୍ୟାଳୟ ଅଧକ୍ଷ ଡଃ ବିଜୟ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ଦେବଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ପଦ୍ମନାଭ ସାହୁ, ମୁଖ୍ୟ ବକ୍ତା ଭାବରେ ଅଧାପକ ଡ. ସୁରେନ୍ଦ୍ର ଦାଶ ଓ ସମ୍ମାନିତ ଅତିଥି ଭାବରେ ବାଣୀ ଗୌରବ ଶ୍ରୀ ନିରଞ୍ଜନ ଦ୍ୱିବେଦୀ ଯୋଗ ଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନତା, ସମୃଦ୍ଧ ସାହିତ୍ୟିକ ପରମ୍ପରା ଓ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ବଙ୍ଗଳା ଓ ହିନ୍ଦୀଠାରୁ ପ୍ରାଚୀନ ତଥା ଗୌରବମୟ ଭାଷା ବୋଲି ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ସାହିତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଟ୍ରକ୍ ଗଲେ ଦୋହଲୁଛି ଆମନାଳା ବ୍ରିଜ୍

**ସମ୍ବଲପୁର, ୩୧।୧(ସମିସ):** ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ନଦୀ କିମ୍ବା ନାଳ ଉପରେ ତିଆରି ହୋଇଥିବା ବ୍ରିଜ ଗୁଡିକର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ମରାମତି କରିବା ବଦଳରେ ଏନଏଚଏଆଇ ଦୁର୍ଘଟଣାକୁ ଅପେକ୍ଷା କରିଥିବା ପରି ମନେ ହେଉଛି। ବ୍ରିଜ ଗୁଡ଼ିକରେ ଭାରୀଯାନ ଚଳାଚଳ ସମୟରେ ଛୋଟିଆ ଚାରି ଚକିଆରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅସୁରକ୍ଷିତ ମନେ ହେଉଛି। କେତେବେଳେ ଯେ ବ୍ରିଜଟି ଭୁଷୁଡି ପଡ଼ିବ ଓ ଦୁର୍ଘଟଣା ଘଟିବ ତାହା କହି ହେବ ନାହିଁ। ଏପରିକି ବ୍ରିଜ ଉପରେ ଟ୍ରକ ପରି ଭାରୀଯାନ ଚଳାଚଳ କରୁଥିବା ସମୟରେ ବ୍ରିଜଟି ଭୂକମ୍ପର ଅନୁଭୂତି ଦେଉଥିବା ଅଭିଯୋଗ ହୋଇଛି।



ସମ୍ବଲପୁରରୁ ଦେବଗଡ଼ ଯିବା ରାସ୍ତାରେ ବଡରମା ଘାଟି ସେପଟେ ରହିଥିବା ଆମନାଳାରେ ଯାତ୍ରୀବାହୀ ଗାଡିର ଚାଳକମାନେ ଏପରି କିଛି ଅନୁଭବ କରୁଛନ୍ତି। ସୂଚନା ଅନୁସାରେ ଆଜି ଜମନକିରା ଅଞ୍ଚଳରେ ଦେବଗଡ଼ ଜାତୀୟ ରାଜପଥରେ ଏକ ଦୁର୍ଘଟଣା ଘଟିଥିଲା। ଫଳରେ ଦୀର୍ଘ ସମୟ ଧରି ରାସ୍ତାରେ ଟ୍ରାଫିକ ଜାମ ଲାଗି ରହିଥିବାବେଳେ ପରେ ରାସ୍ତା ଖୋଲିଥିଲା। ହେଲେ ରାସ୍ତାରେ ଏହି ଟ୍ରାଫିକ ଜାମଟି ଆମନାଳା ଯାଏଁ ପ୍ରଭାବ ପକାଇଥିଲା। ତେବେ ଆମନାଳା ନିକଟରେ ଟ୍ରକ କିଛି ଅଟକି ରହିଥିବାବେଳେ ଆମନାଳାରେ କିଛି କାର୍ ଅଟକିଥିଲା। ପ୍ରଥମେ ଟ୍ରକ ଗୁଡିକୁ ପୁଲିସ ରାସ୍ତା ଦେବା ପରେ ଆମନାଳା ଉପରେ ଟ୍ରକ ଯାଉଥିବା ସମୟରେ ବ୍ରିଜଟି ଦୋହଲି ଯାଉଥିଲା। ଏପରିକି ଭୂମିକମ୍ପ ହେଲେ ଯେମିତି ଅନୁଭୂତ ହୁଏ ଠିକ ସେହିପରି ଆମନାଳା ଉପରେ କାର ଭିତରେ ବସିଥିବା ଯାତ୍ରୀ ଅନୁଭବ କରିଥିଲେ। ଫଳରେ ବ୍ରିଜ ଭାଙ୍ଗିଯିବା ଭୟରେ କାରକୁ ବ୍ରିଜ ଉପରେ ଛାଡି କାରରୁ ଓହ୍ଲାଇ ପଡ଼ିଥିଲେ। ଏପରିକି ସେହି ବ୍ରିଜଟିର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ବିପଦ ପୂର୍ଣ୍ଣ ଭାବରେ ରହିଛି। ସେହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ସଂଖ୍ୟାରେ ଭାରୀଯାନ ଚଳାଚଳ କରୁଥିଲେ ସୁଦ୍ଧା ଏନଏଚଏଆଇ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି। ଏପରିକି ଦୁର୍ଘଟଣା ଘଟି କୌଣସି ବଡ ଅଘଟଣ ହେଲେ ଏନଏଚଏଆଇ ଚେଇଁବ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଆନ୍ତଃଜିଲ୍ଲା 'ନୂଆ-ଓ' ହକି ପ୍ରତିଯୋଗିତା

# ଜିଲ୍ଲା ବାଳିକା ଦଳର ରାଉରକେଲା ଯାତ୍ରା

**ଝାରସୁଗୁଡ଼ା, ୩୧।୧(ସମିସ):** ନୂଆ-ଓ, ନବୀନ ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃଜିଲ୍ଲା ହକି ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ଝାରସୁଗୁଡ଼ା ଦିଲୀପ ତିର୍କୀ ସ୍ପୋର୍ଟ ଏକାଡେମୀ ପକ୍ଷରୁ ଏକ ବାଳିକା ଟିମ୍ ସନ୍ଧ୍ୟାରେ ରାଉରକେଲା ଯାତ୍ରା କରିଛନ୍ତି। ଏହି ଦଳ ୧ ତାରିଖରେ ମୟୂରଭଞ୍ଜ ଜିଲ୍ଲା ସହ ପାନପୋଷ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଖେଳିବ। ଝାରସୁଗୁଡ଼ା ହକି ଦଳରେ ଦଳପତି ଭାବରେ ରାଜେଶ୍ୱରୀ ନାୟକ ରହିଥିବା ବେଳେ ଉପଦଳପତି ଭାବରେ ନୀଳମ ଲଛମୀ ପ୍ରଧାନ ଓ ଦଳର ମ୍ୟାନେଜର ଭାବରେ ସୁଶାନ୍ତ ବେହେରା ଓ ଦଳର କୋଚ ଭାବରେ ସୁନିତା ସିଂ ଯାତ୍ରା କରିଛନ୍ତି। ଏହି ଟିମ୍ ଝାରସୁଗୁଡାରେ ନୂଆ-ଓ ପ୍ରତିଯୋଗିତାରେ ବାଳିକା ବିଭାଗରେ ଚାମ୍ପିଅନ ହୋଇଥିଲା। ବାଳକ ବିଭାଗରେ ଲଇକେରା ଚାମ୍ପିଅନ ହୋଇଥିଲା। ବାଳକ ବିଭାଗ ୨ ତାରିଖରେ ରାଉରକେଲା ଯାତ୍ରା କରିବ। ରାଜେଶ୍ୱରୀ ନାୟକ, (ଦଳପତି) ସିମରନ କୁଜୁର, ଜୁଲି ମିଞ୍ଜ, ସାନଝରିଆ ଟପୋ, ବନିତା ପ୍ରଧାନ, ଲଛମୀ ଲାକ୍ରା, ନିଳମ ଲଛମୀ ପ୍ରଧାନ, ସରସ୍ୱତୀ ଓରାମ, ତ୍ରିଷ୍ଣା ରାଉଡିଆ, ଶୁଭଶ୍ରୀ ଶାହା, ଦିବ୍ୟାଶ୍ରୀ ପ୍ରଧାନ, ଶାଶ୍ୱତୀ ବେହେରା, ହରଜିତା ଭୋଇ, ଭାବନା ଭୋଇ, ଦୀପିକା ମାଝୀ, ଅନ୍ୟାନ୍ୟା ଏକ୍କା ଦଳରେ ରହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ ହକି ଆସୋସିଏସନ ଅଫ୍ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି, ଏକାଡେମୀର ସମ୍ପାଦକ ଅଶ୍ୱିନୀ ପାଣ୍ଡେ, ଜିଲ୍ଲା କ୍ରୀଡାଧିକାରୀ ସୁଶୀଳ ମିଶ୍ର, ଗଣେଶ ନାୟକ, ଜ୍ୟୋତି ଲାଟ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ତରଫରୁ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ଆଫ୍ରିକାର ଉଚ୍ଚତମ ଗିରିଶୃଙ୍ଗ ଅହୋରଣ କରି ଫେରିଲେ ଶଶି

**ଦେବଗଡ଼, ୩୧।୧(ସମିସ):** ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଥାଏ ସମସ୍ତ ପ୍ରତିକୂଳ ପରିସ୍ଥିତି। ଏହା ପୁଣି ଥରେ ପ୍ରମାଣ କରି ଦେଖାଇଛନ୍ତି ଦେବଗଡ଼ର ଯୁବକ ଶଶୀ ଭୂଷଣ ମାଝୀ। ତିଳେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ ବ୍ରଜମୋହନପୁର ଗ୍ରାମର ଶଶୀ ଭୂଷଣ ଆର୍ଥିକ ଅଭାବ ସତ୍ତ୍ୱେ ଦେଶ ବିଦେଶର ଉଚ୍ଚତମ ଗିରିଶୃଙ୍ଗ ଚଢିବା ତାଙ୍କ ସ୍ୱପ୍ନ ରହିଥିଲା। ଦେଶର ଜଣାଶୁଣା ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କୁ ଆଦର୍ଶ ମାନିଥିବା ଶଶୀ ଆର୍ଥିକ ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ନିଜ ପ୍ରୟାସରେ ଜୀବନର ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ଗତ ୧୯ ତାରିଖ ଦିନ ଦକ୍ଷିଣ ଆଫ୍ରିକାର ଉଚ୍ଚତମ ଗିରିଶୃଙ୍ଗ କିଲିମାଂଜାରୋ ଆହୋରଣ ପାଇଁ ଯାତ୍ରା କରିଥିଲେ। ସେଠାରେ ପ୍ରତିକୂଳ ପାଗ ସତ୍ତ୍ୱେ ସଫଳତାର ସହ ଆହୋରଣ କରି ଭାରତୀୟ ଧ୍ୱଜାରୋପଣ କରିଥିଲେ। ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ଝାରସୁଗୁଡା ବିମାନ ବନ୍ଦରରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲା ବିଜେଡି ସଭାପତି ଙ୍କ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଗଣ୍ଡୱାନା ସମାଜ ପକ୍ଷରୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।



# ୫ଅତିରିକ୍ତ ଏସ୍‌ପି ଓ ୧୦୨ଜଣ ଡିଏସ୍‌ପିଙ୍କୁ ବଦଳି

**କଟକ, ୩୧।୧(ସମିସ):** ଆଜି ରଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ଅନୁମୋଦନ କ୍ରମେ ୫ଜଣ ଅତିରିକ୍ତ ଏସପି ଓ ୧୦୨ଜଣ ଡିଏସପିଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ଏ ସଂକ୍ରାନ୍ତରେ ଏକ ବଦଳି ବିଜ୍ଞପ୍ତି ଜାରି ହୋଇଛି। ଏହି କ୍ରମରେ ପାରାଦ୍ୱୀପ ଅତିରିକ୍ତ ଏସପି ଅମରେନ୍ଦ୍ର ପଣ୍ଡାଙ୍କୁ ଜଗତସିଂହପୁର ଆଇୟୁସିଏଡବ୍ଲୁର ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି। ସେହିପରି ସୋନପୁରର ଅତିରିକ୍ତ ଏସପି ହେମନ୍ତ କୁମାର ପାଢ଼ୀଙ୍କୁ ବଲାଙ୍ଗୀର ଜିଲ୍ଲା ଅତିରିକ୍ତ ଏସପି, କମିଶନରେଟ ପୁଲିସର ଅତିରିକ୍ତ ଡିସିପି ସଞ୍ଜୀବ କୁମାର ଶତପଥୀଙ୍କୁ ଭୁବନେଶ୍ୱର ସିକ୍ୟୁରିଟି ୱିଙ୍ଗର ଅତିରିକ୍ତ ଏସପି, ବରଗଡ଼ ଆଇୟୁସିଏଡବ୍ଲୁ ଅତିରିକ୍ତ ଏସପି ସୀମାରେଖା ପଣ୍ଡାଙ୍କୁ ଭୁବନେଶ୍ୱର ବିଜୁପଟ୍ଟନାୟକ ପୁଲିସ ଟ୍ରେନିଂ ଏକାଡେମିର ଅତିରିକ୍ତ ଏସପି ଓ ବଲାଙ୍ଗୀର ଅତିରିକ୍ତ ଏସପି ସୁରେଶ କୁମାର ନାୟକଙ୍କୁ ବରଗଡ଼ ଆଇୟୁସିଏଡବ୍ଲୁ ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି। ସେହିପରି ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ୧୦୨ଜଣ ଡିଏସପିଙ୍କୁ ବଦଳି କରାଯାଇଛି।

# ଦୁର୍ଘଟଣା ଘଟାଇ ଲୁଟିନେଲେ ୫.୬ ଲକ୍ଷ

**ବାଲେଶ୍ୱର, ୩୧।୧(ସମିସ):** ଦୁର୍ଘଟଣା ଘଟାଇ ଦୁର୍ବୃତ୍ତ ଲୁଟିନେଲେ ୫ ଲକ୍ଷ ୬୦ ହଜାର ଟଙ୍କା। ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ନିମିକି ସଡକର ସିନ୍ଧୁରୀ ଓ ଇଶାଣୀ ଛକ ମଧ୍ୟରେ ଘଟିଛି ଏହି ଲୁଟପାଟ୍। ସଦର ଥାନା ଇଶାଣୀ ଗ୍ରାମର ଅଜୟ ବେହେରାଙ୍କ ପତ୍ନୀ ଓ ମାଇଁ ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଅଟନ୍ତି। ବୁଧବାର ପୂର୍ବାହ୍ନରେ ଗ୍ରୁପର ଟଙ୍କା ବ୍ୟାଙ୍କରୁ ଉଠାଇବା ପାଇଁ ଅଜୟଙ୍କ ବାଇକରେ ତାଙ୍କ ପତ୍ନୀ ଓ ମାଇଁ ପ୍ରୁଫ ରୋଡରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ ପାଞ୍ଚ ଲକ୍ଷ ଷାଠିଏ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଇଶାଣୀ ଓ ସିନ୍ଧୁରୀ ଛକ ମଝି ରାସ୍ତାରେ ତାଙ୍କ ପଛ ପଟୁ ଏକ ନାଲି ରଙ୍ଗର ଆପାଚିରେ ଦୁଇ ଜଣ ଦୁର୍ବୃତ୍ତ ଅଜୟଙ୍କ ପିଛା କରିଥିଲେ। ସୁଯୋଗ ଦେଖି ଦୁର୍ବୃତ୍ତ ଦ୍ୱୟ ଅଜୟଙ୍କ ବାଇକକୁ ଧକ୍କା ଦେଇଥିଲେ। ଫଳରେ ବାଇକ ସହ ଅଜୟ, ତାଙ୍କ ପତ୍ନୀ ଓ ମାଇଁ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ଲୁଟେରା ଦ୍ୱୟ ସେମାନଙ୍କଠାରୁ ଟଙ୍କା ବ୍ୟାଗଟିକୁ ନେଇ ଚମ୍ପଟ ମାରିଥିଲେ। ପରେ ସ୍ଥାନୀୟ ଲୋକମାନେ ଆହତ ୩ ଜଣଙ୍କୁ ଅଟୋରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରାଇଛନ୍ତି। ଘଟଣା ବାବଦରେ ଅଜୟଙ୍କ ମାଇଁ ଓ ପତ୍ନୀଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ପୁଲିସ ତଦନ୍ତ ଚଳାଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

**କେନ୍ଦୁଝର,୩୧।୧(ସମିସ):** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ବୁଧବାର ଏକ ଦୁଷ୍କର୍ମ ମାମଲାର ବିଚାର କରି ଚମ୍ପୁଆ ଥାନା ଅଧୀନ କାଞ୍ଜିଆଶୁଳା ଗ୍ରାମର ପ୍ରକାଶ ଚନ୍ଦ୍ର ନାଏକ(୩୪)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୨୦ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ନାବାଳିକା ପୀଡ଼ିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ସୁପାରିଶ କରିଛନ୍ତି। ପୀଡ଼ିତା ନାବାଳିକା ଜଣକ ଚମ୍ପୁଆ ଥାନା ଅଞ୍ଚଳର ଏକ ହଷ୍ଟେଲରେ ରହି ୧୦ମ ଶ୍ରେଣୀରେ ପାଠ ପଢୁଥିଲା। ତା'ର ଟେଷ୍ଟ ପରୀକ୍ଷା ସରିବା ପରେ ୨୦୧୯ ଜାନୁଆରୀ ୮ରେ ନିଜଘରକୁ ଆସିଥିବାବେଳେ ୯ ତାରିଖ ରାତିରେ ନାବାଳିକା ଜଣକ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିବାପରେ ନାବାଳିକାକୁ ପାଇ ନ ଥିଲେ। ଏନେଇ ନାବାଳିକାର ବାପା ସଦରଥାନାରେ ଏକ ନିଖୋଜ ମାମଲା ରୁଜୁ କରିଥିଲେ। ଏତଲାକୁ ଭିତ୍ତିକରି ସଦର ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତପରେ ପୀଡିତାକୁ କାଞ୍ଜିଆଶୁଳା ଗ୍ରାମରୁ ଉଦ୍ଧାର କରି ତା'ର ବୟାନ ରେକର୍ଡ କରିଥିଲା। ଏହାପରେ ପୁଲିସ ଆସାମୀକୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାଟିର ବିଚାର କେନ୍ଦୁଝର ଫାଷ୍ଟଟ୍ରାକ୍‌କୋର୍ଟରେ ବିଚାର ଚାଲିଥିଲା। କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ମାଲାର ବିଚାର କରି ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବୁଧବାର ୨୦ ବର୍ଷ ଜେଲ ଦଣ୍ଡ, ୨୦ ହଜାର ଜରିମନା ଆଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମକଦ୍ଦମା ପରିଚାଳନା କରୁଥିଲେ।

# ଉଠା ଦୋକାନରେ ନିୟୋଜିତ ହେବେନି ଶିଶୁ ଶ୍ରମିକ

**ଭୁବନେଶ୍ୱର, ୩୧।୧(ସମିସ):** ରାସ୍ତାକଡ଼ ଦୋକାନୀ ବା ଉଠାଦୋକାନୀମାନେ ସେମାନଙ୍କ ବ୍ୟବସାୟୀକ ଅନୁଷ୍ଠାନରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରି ପାରିବେ ନାହିଁ। ଏଭଳି ନିୟମ ପାଳନ କରିବା ପାଇଁ ଉଠା ଦୋକାନୀମାନେ ସତ୍ୟପାଠ ଦାଖଲ କରିବେ। ଯଦି ଏଥିରେ ଖିଲାପ କରାଯାଏ ସେମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ଏଭଳି କିଛି ନିୟମ ପାଳନ ନେଇ ବୁଧବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଶାରଦା ପ୍ରଶାଦ ପଣ୍ଡା ରାଜ୍ୟର ସମସ୍ତ ମହାନଗର ନିଗମର କମିସନର ଓ ମ୍ୟୁନିସ୍‌ପାଲଟି, ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଚିଠି ଲେଖି ଏ ସମ୍ପର୍କରେ ସୁନିଶ୍ଚିତ କରିବା ପାଇଁ ଅବଗତ କରାଇଛନ୍ତି। ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ ଉଠା ଦୋକାନଗୁଡ଼ିକରେ ଶିଶୁ (୧୪ ବର୍ଷରୁ କମ୍) ଶ୍ରମିକ ନିୟୋଜିତ ନ କରାଇବା ପାଇଁ ସଂସଦୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଦେଇଛି। ଏହାକୁ ଆଧାର କରି କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରଣାଳୟ ଏହି ନିୟମ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଦୋକାନୀଙ୍କୁ ସିଓଭି/ଏଲ୍‌ଓଆର୍ ଅନୁମୋଦନ ଦେବା ପରେ ଏହି ସତ୍ୟପାଠ ରଖିବା ପାଇଁ ସୁପାରିସ୍ କରିଛନ୍ତି।

# ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଯୋଗାଇବାକୁ ବୁଝାମଣା




**ଭୁବନେଶ୍ୱର, ୩୧।୧(ସମିସ):** ରାଜ୍ୟ ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜୟପୁରସ୍ଥିତ ଭଗବାନ ମହାବୀର ବିକଳାଙ୍ଗ ସହାୟକ ସମିତି ମଧ୍ୟରେ ବୁଧବାର ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ବିଶ୍ୱ ପ୍ରସିଦ୍ଧ ଜୟପୁର ଫୁଟ୍‌ର ସମ୍ପୃକ୍ତ ସଂଗଠନ ମହାବୀର ବିକଳାଙ୍ଗ ସହାୟକ ସମିତି ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଯୋଗାଇଦେବ ବୋଲି ଏହି ରାଜିନାମାରେ ଉଲ୍ଲେଖ ରହିଛି। ବିଭାଗ ପକ୍ଷରୁ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ରାଜିନାମାରେ ସ୍ୱାକ୍ଷର କରିଥିବା ବେଳେ ଏହି ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ବିଭାଗର ପ୍ରମୁଖ ଶାସନସହିତ ବିଷ୍ଣୁପଦ ସେଠୀ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ, ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବିଭିନ୍ନ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇଦେବା ଲକ୍ଷ୍ୟରେ ଖ୍ୟାତିସମ୍ପନ୍ନ ଭଗବାନ ମହାବୀର ବିକଳାଙ୍ଗ ସହାୟକ ସମିତି ସହଯୋଗରେ ୨୦୨୨ ମସିହା ଏପ୍ରିଲ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଖୋର୍ଦ୍ଧା ଠାରେ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଶହ ଶହ ଭିନ୍ନକ୍ଷମ ଏହି ଫୁଟ୍ ସେଣ୍ଟର ଦ୍ୱାରା ଉପକୃତ ହୋଇସାରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ବିଭାଗ ତଥା ସମିତି ସରକାରୀ-ଘରୋଇ ସହଭାଗିତାରେ ରାଜ୍ୟର ଭିନ୍ନକ୍ଷମମାନଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରସ୍ତୁତ କରି ଯୋଗାଇଦେବ। ଏହାସହ ସମିତି ମଧ୍ୟ ଭ୍ରାମ୍ୟମାଣ ସେବା କେନ୍ଦ୍ର ମାଧ୍ୟମରେ ସେବା ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଖୋର୍ଦ୍ଧା କେନ୍ଦ୍ରର ପ୍ରତିନିଧ ଉପସ୍ଥିତ ଥିଲେ।

**ନବରଙ୍ଗପୁରରୁ ଏଟିଏମ୍ ଲୁଟ୍; ଡାବୁଗାଁ ଜଙ୍ଗଲରୁ ଲୁଟରେ ବ୍ୟବହୃତ କାର୍ ଉଦ୍ଧାର**

# ୫ ଏଟିଏମ୍ ଲୁଟେରା ଅଟକ; ଲୁଟ୍ ଟଙ୍କା ଜବତ

**ଡାବୁଗାଁ, ୩୧।୧ (ସମିସ):** ନବରଙ୍ଗପୁର ଜିଲ୍ଲା ସଦର ମହକୁମା ସ୍ଥିତ ବ୍ଲକ୍ କାର୍ଯ୍ୟାଳୟ ନିକଟ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ଏଟିଏମକୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ। ବୁଧବାର ସକାଳେ ଡାବୁଗାଁ ନିକଟ ଜଙ୍ଗଲରୁ ପୁଲିସ ଲୁଟରେ ବ୍ୟବହୃତ କାର୍ ସହ ୫ ଜଣ ଲୁଟେରାଙ୍କୁ ନବରଙ୍ଗପୁର ଥାନାକୁ ଆଣି ଅଟକ ରଖିଥିବାବେଳେ ଲୁଟ୍ ଟଙ୍କା ଜବତ କରିଥିବା ସୂଚନା ମିଳିଛି। ଏହି ଲୁଟ୍ ଘଟଣାକୁ ନେଇ ନବରଙ୍ଗପୁର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି।




ସୂଚନାଯୋଗ୍ୟ, ମଙ୍ଗଳବାର ବିଳମ୍ବିତ ରାତିରେ ନବରଙ୍ଗପୁର ବ୍ଲକ୍ କାର୍ଯ୍ୟାଳୟ ନିକଟସ୍ଥ ଏସବିଆଇର ଏଟିଏମକୁ କଟର ଦ୍ୱାରା କାଟି କିଛି ଲୁଟେରା ଲୁଟ୍ କରିଥିଲେ। ଏନେଇ ଖବର ପାଇ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ତତ୍ତ୍ୱାବଧାନରେ ଲୁଟେରାମାନେ ଲୁଟ୍ କରି ଫେରାର୍ ହେବାକୁ ପ୍ରୟାସ କରୁଥିବା ଧଳା ରଙ୍ଗର କାରଟିକୁ ପିଛା କରିଥିଲା ପୁଲିସ। ପୁଲିସ ପିଛା କରୁଥିବାବେଳେ ଲୁଟେରାମାନେ ଡାବୁଗାଁ ଆଦର୍ଶ ବିଦ୍ୟାଳୟ ଆଗରେ ଥିବା ସଂରକ୍ଷିତ ଜଙ୍ଗଲ ଭିତରେ କାରଟିକୁ ଛାଡ଼ି ଫେରାର୍ ହେବାକୁ ପ୍ରୟାସ କରିଥିଲେ। ଏହି ସମୟରେ ପୁଲିସ ଜଙ୍ଗଲ ଚତୁଃପାର୍ଶ୍ୱକୁ ଘେରଉ କରି ଜଙ୍ଗଲ ମଧ୍ୟରେ ପୁଲିସ ସର୍ଚ୍ଚ କରି ପାଞ୍ଚ ଜଣଙ୍କୁ ଧରି ଡାବୁଗାଁ ଥାନାରେ ପଚରା ଉଚରା କରିଥିଲା। ତେବେ ଏଟିଏମରୁ ୪୦ ଲକ୍ଷ ଟଙ୍କା ଚୋରି ହୋଇଥିବା ଶୁଣିବାକୁ ମିଳିଥିବାବେଳେ ୨୦ ଲକ୍ଷ ଟଙ୍କା ମିଳିଥିବା ସୂଚନା ମିଳିଛି। ହେଲେ ଆରକ୍ଷୀ ଅଧୀକ୍ଷକ ଗଣମାଧ୍ୟମ ନିକଟରେ କୌଣସି ସଠିକ୍ ସୂଚନା ପ୍ରଦାନ କରି ନ ଥିବାବେଳେ ତଦନ୍ତ ଜାରି ରହିଥିବା ଓ ଟଙ୍କା ଗଣତି ଚାଲିଥିବା କହିଛନ୍ତି। ତେବେ ୪ ଜଣ ଲୁଟେରା ହରିଆଣାର ହୋଇଥିବାବେଳେ ଜଣେ ଛତିଶଗଡ଼ ରାଜ୍ୟ ରାୟପୁରର ବୋଲି ଅନୁମାନ କରାଯାଉଛି। ଡାବୁଗାଁ ଥାନାରୁ ପାଞ୍ଚ ଜଣ ଚୋରଙ୍କୁ ଜିଲ୍ଲା ସଦର ମହକୁମା ଥାନାକୁ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ସ୍ଥାନାନ୍ତର କରାଯାଇଥିବାବେଳେ ବ୍ୟବହୃତ ହୋଇଥିବା କାର୍ (ସିଜି ୦୭ ବିପି ୩୩୧୯)କୁ ଜଙ୍ଗଲରୁ ଉଦ୍ଧାର କରିବା ପରେ ଜବତ କରି ନବରଙ୍ଗପୁର ଥାନାକୁ ନିଆଯାଇଛି। ଏଥିରେ ନବରଙ୍ଗପୁରରୁ ସାଇଣ୍ଟିଫିକ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ଚଢ଼ଉରେ ନବରଙ୍ଗପୁର ଉପଖଣ୍ଡ ପୁଲିସ ଅଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା, ଉମରକୋଟ ଉପଖଣ୍ଡ ପୁଲିସ ଅଧିକାରୀ ମଧୁଶିକ୍ତା ମିଶ୍ର, ପାପଡ଼ାହାଣ୍ଡି ଉପଖଣ୍ଡ ପୁଲିସ ଅଧିକାରୀ ଆଦିତ୍ୟ ସେନ, ଡାବୁଗାଁ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ପାପଡ଼ାହାଣ୍ଡି ଥାନା ଆଇଆଇସି ଦୀପକ କୁମାର ଜେନା, ଉମରକୋଟ ଥାନା ଆଇଆଇସି ଡମ୍ବରୁଧର ପ୍ରଧାନ, ସବଇନ୍ସପେକ୍ଟର ବିଜୁରାମ ବାଗ ଓ ଚନ୍ଦନ ସାହୁ, ଏଏସ୍‌ଆଇ ଗୋପାଳ କୃଷ୍ଣ ହଲୱା, ଚନ୍ଦ୍ରଶେଖର ହଜାରୀ ଓ ସୀମାଞ୍ଚଳ ମହାରଣାଙ୍କ ସମେତ ନବରଙ୍ଗପୁର ଥାନା, ପାପଡ଼ାହାଣ୍ଡି ଥାନା, ଡାବୁଗାଁ ଥାନାର ପୁଲିସ କର୍ମଚାରୀ ଓ ପୁଲିସ ଫୋର୍ସ ଏବଂ ବନ ବିଭାଗ ଅଧିକାରୀମାନଙ୍କ ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିବା ଜଣାପଡ଼ିଛି।

**■ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲା**

# ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ

କଟକ, ୩୧।୧(ସମିସ):ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି ଆଜି ଶେଷ କରିବା ସହ ରାୟକୁ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ଅନ୍ୟପଟରେ ପୂର୍ବରୁ ଜାରି ଅନ୍ତରୀଣ ଆଦେଶକୁ ବଳବତ୍ତର ରଖିଛନ୍ତି ହାଇକୋର୍ଟ। ଚିନ୍ତାମଣି ଭୁୟାଁ ଓ ଅନ୍ୟ ମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜାପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଚୟନ ତାଲିକା ଜିଲ୍ଲାୱାରୀ ହେବା ସହ ଜିଲ୍ଲାକୁ ପ୍ରାଥମିକତା ଦିଆଯିବା ଉଚିତ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଅନ୍ୟପଟରେ ଆଇନ ଅନୁସାରେ ସରକାର ଚୟନ ତାଲିକା ପ୍ରସ୍ତୁତ କରିଥିବା ନେଇ ଆଡଭୋକେଟ ଜେନେରାଲ କହିଥିଲେ। ପ୍ରଥମେ ମେରିଟ ଓ ପରେ ଜିଲ୍ଲା ଅନୁସାରେ ଏହି ତାଲିକା ପ୍ରସ୍ତୁତ ହୋଇଥିବା କୁହାଯାଇଥିଲା। ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ରାୟକୁ ସଂରକ୍ଷିତ ରଖିଥିଲେ। ପ୍ରକାଶଥାଉକି ଓସେପା ପକ୍ଷରୁ ୨୦ହଜାର କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ଗତବର୍ଷ ସେପ୍ଟେମ୍ବର୧୩ରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ଅକ୍ଟୋବର ୧୦ରେ ଆବେଦନର ଶେଷ ତାରିଖ ରହିଥିଲା। ଇତିମଧ୍ୟରେ ପରୀକ୍ଷା ଶେଷ ହୋଇ ମେଧା ତାଲିକା ପ୍ରକାଶ ପାଇଥିଲା। ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିଲା। ନିଯୁକ୍ତି ବିଜ୍ଞପ୍ତିର ନିୟମ ବା ସର୍ତ୍ତାବଳୀ ଆଧାରରେ ମେଧା ତାଲିକା ପ୍ରକାଶ କରାଯାଇନଥିବାରୁ ଏହାକୁ ଚ୍ୟାଲେଞ୍ଜ କରି କେତେକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତଙ୍କ ଅନୁମତି ବିନା ଚୂଡାନ୍ତ ନିଯୁକ୍ତି ପ୍ରଦାନ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ଗତ ୧୯ ତାରିଖରେ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଯାହା ବଳବତ୍ତର ରହିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସମୀର ଦାଶ ମାମଲା ପରିଚାଳନା କରୁଛନ୍ତି।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SOCIAL SCIENCE

### SECTION-A

1. Materials in the environment which have the potential to satisfy human needs but human beings do not have appropriate technology to access them are called:
(a) Potential resource (b) Stock
(c) Developed resource (d) Reserves
2. Bamboo drip irrigation system is prevalent in:
(a) Manipur (b) Meghalaya (c) Mizoram (d) Madhya Pradesh
3. Which of the following minerals is used as a lubricant?
(a) Limestone (b) Gypsum (c) Mica (d) Sulphur
4. Which of the following conditions can spoil tea crop?
(a) Frequent showers evenly distributed over the year
(b) Frost free climate
(c) Deep fertile well drained soil
(d) Clayey soil which has high water holding capacity
5. Analyse the table given below and answer the question that follows. The Source shows a database of workers employed in different sectors ( in millions)

| Sector | unorganized | organized | total |
|---|---|---|---|
| Primary | 200 | 2 | 202 |
| Secondary | 50 | 5 | 55 |
| Tertiary | 80 | 20 | 100 |
| Total | 330 | 27 | 357 |
| Total in% | | 100 % | |

Calculate the percentage of people in an organized sector .
(a) 10% (b) 9.6 % (c) 7.6 % (d) 8.4%
6. Assertion: Rohan took credit in the form of advance payment from a buyer and he delivered the goods to the buyer on time and also earned profit. .The credit made Rohan better off in this situation.
Reason: Credit can never push a person into a debt trap.
(a) Both A and R are true, R is the correct explanation of A
(b) Both A and R are true, R is not the correct explanation of A
(c) A is true ,R is false
(d) A is false, R is true
7. Assertion (A) : During the British period cotton belts of India attracted the British and ultimately silk was exported to Britain as a raw material for their textile industries.
Reason (R) : Cotton textile industry in Manchester and Liverpool flourished due to the availability of good quality cotton from India.
(a) Both A and R are true, R is the correct explanation of A
(b) Both A and R are true, R is not the correct explanation of A
(c) A is true ,R is false
(d) A is false, R is true
8. Which one of the following aspects was the base of the Bretton Woods System?
(a) Military System (b) Cultural System
(c) Economic System (d) Historical System
9. Arrange the following events in a chronological order.
I. Integration of Italy
II. Greek struggle for Independence initiated
III. Unification of Germany
IV. Agreement on Vienna Peace Settlement
Codes
(a) I, IV, II, III (b) IV, II, I, III (c) IV, II, III, I (d) I, II, III, IV
10. Assertion (A) The growth of revolutionary nationalism in Europe sparked off a struggle for independence against the Greeks which began in 1831.
Reason (R) Greece was suffering under subjugation of the Ottoman Empire.
(a) Both A and R are true and R is the correct explanation of A
(b) Both A and R are true, but R is not the correct explanation of A
(c) A is true, but R is false
(d) A is false, but R is true
11. Which one of the following books was printed first by Gutenberg?
(a) Chapbooks (b) Amar Jivan (c) Bible (d) Aimanac
12. Assertion (A) : Although judges are appointed by the executive, they can check the functioning of executive or laws made by the legislatures.
Reason (R) : The arrangement of monarchy is called a system of chess and balances.
(a) Both A and R are true and R is the correct explanation of A.
(b) Both A and R are true but R is not the correct explanation of A.
(c) A is true but R is false.
(d) A is false but R is true.
13. How many recognized national parties are there in 2006?
(a)5 (b)6 (c)7 (d)8
14. Which state has a child sex ratio below 900?
(a) Madhya Pradesh (b) Bihar
(c) Kerala (d)Haryana
15. The basic outcome of democracy is:
(a) Military Outcome (b) Political, Social and Economic Outcome
(c) Elimination of Poverty (d) Restricted and limited welfare policie
16. On which basis were states like Nagaland, Uttarakhand and Jharkhand created?
(a) On the basis of language (b) On the basis of culture, ethnicity
(c) On the basis of religion (d) On the basis of commerce and trade
17. Which of the following statements is incorrect?
(a) Mahatma Gandhi returned Africa in 1918.
(b) In 1918, Gandhiji went to Ahmedabad to organise a Satyagraha Movement.
(c) Khilafat Movement was started in 1921.
(d) JallianwalaBagh massacre took place on 13th April, 1919.
18. Who, among the following, hosted the Congress at Vienna in 1815.
(a) King of the Netherlands (b) Giuseppe Mazzini
(c) Duke Metternich (d) Otto von Bismarck
19. Who was the writer of the book 'Hind Swaraj'?
(a) Rabindranath Tagore (b) B.R. Ambedkar
(c) Mahatma Gandhi (d) Jawahar Lal Nehru
20. Which of the following was the reason for calling off the Non-cooperation Movement by Gandhiji?
(a) Pressure from the British Government
(b) Second Round Table Conference
(c) Gandhiji's arrest
(d) Chauri-chaura incident

### SECTION – B (2 Marks)

21. Describe the effects of reading mania.
22. Mr. S is from Assam He wishes to cultivate either Tea or Wheat . Which one of the crop can he cultivate in his state? Substantiate your answer with any two reason.
23. After independence, Sri Lanka witnessed the supremacy of which community?
24. Explain about the vernacular Press Act?

### SECTION-C (3 Marks)

25. Tertiary sector is different from other sector. Justify the statement with suitable argument.
26. Briefly trace the process of Italy Unification.
27. What are significances of Panchayat Raj?
28. Examine the impact of the Great Depression of 1930s on Vietnam .
29. "Agriculture and industry are complimentary to each other ". Support the statement.

### SECTION-D (5 Marks)

30. Describe the advantages of multi purpose projects.
31. Credit might create further problems for the borrower . ,in situation with high risks. Explain .
32. Assertion of social diversities need not be seen as a source of danger". Explain the statement with three arguments.
33. "Culture had played an important role in the development of Nationalism in Europe during eighteenth and nineteenth centuries." Support the statement with examples.

### SECTION-E (4 Marks)

34. **Read the given text and answer the following questions:**
Another important feature of the Civil Disobedience Movement was the large-scale participation of women. During Gandhi's Salt March, thousands of women came out of their homes to listen to him. They participated in protest-marches, manufactured salt and picketed foreign cloth and liquor shops. Many went to jail. In urban areas, these women were from high caste families. In rural areas, they came from rich peasant households moved by Gandhiji's call, they began to see service to the nation as a sacred duty of women. Gandhiji was convinced that it was the duty of women to look after home and hearth, be good mothers and good wives and for a long time, the Congress was reluctant to allow women to hold any position of authority within the organisation. It was keen only on their symbolic presence.
(i) When did Gandhiji initiate a movement in Champaran in Bihar against the oppressive indigo plantation system? (1)
(ii) What was the reason behind launching the Civil Disobedience Movement? (1)
(iii) State any two impacts of the Civil Disobedience Movement. (2)
35. **Read the given text and answer the following questions:**
Gross Domestic Product (GDP) and Per Capita Income: India's GDP was USD 2.7 trillion in 2020, making it the world's sixth-largest economy. However, the per capita income in India is only about USD 1,947 year, which is much lower than the world average of USD 11,570. This means that the overall economic output in India is high, but the benefits are not evenly distributed among the population.
Human Development Index (HDI): HDI is a composite index that measures the overall development of a country based on indicators such as life expectancy, education, and income. According to the United Nations Development Program (UNDP), India's HDI value in 2020 was 0.645, which is below the world average of 0.737.
This indicates that while India has made significant progress in improving human development indicators in recent years, there is still a long way to go.
(a) Why is India's Per capita income low compared to the world average? Suggest any one measure to increase the Per capita income of India. (1)
(b) Mention any one measure to increase the Per capita income of India. (1)
(c)Propose any two measures to be taken by India in improving its HDI. (2)
36. **Read the given text and answer the following questions:**
Farming in India is an integral part of the country's heritage and economy. With a vast and diverse landscape, India boasts a wide array of agricultural practices, from traditional subsistence farming to modern, technology-driven agriculture. It is the livelihood of millions, contributing significantly to the nation's GDP.India is a leading producer of various crops, including rice, wheat, sugarcane, and cotton. The Green Revolution of the 1960s and subsequent advancements in farming techniques have transformed the agricultural sector, enhancing productivity. However, Indian agriculture faces challenges such as water scarcity, land degradation, and the need for sustainable practices. Initiatives like organic farming and crop diversification are gaining momentum to address these issues while ensuring food security for its population of over a billion. Farming in India remains a dynamic sector, balancing tradition with innovation, and plays a pivotal role in the nation's growth and development.
(a) Give a brief account of types of farming in India? (2)
(b) What are the challenges in Indian agriculture system? (2)

*****

*All the Best..*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1.b | 2.b | 3. c | 4.d | 5.c | 6. c | 7.d | 8. c | 9.c | 10. d |
| 11. c | 12.c | 13. b | 14.d | 15.b | 16.b | 17.a | 18.c | 19.c | 20.d |

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

# ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ଭୁବନେଶ୍ୱରରେ ପହଞ୍ଚିଲା ଅଷ୍ଟ୍ରେଲିଆ, ନେଦରଲାଣ୍ଡସ ଟିମ୍

ଭୁବନେଶ୍ୱର, ୩୧।୧ (ସମିସ): ପୁଣିଥରେ ଓଡ଼ିଶାକୁ ଫେରିଛି ହକି ଫିଭର୍। ଫେବୃଆରୀ ୩ରୁ ଭୁବନେଶ୍ୱରର

ମହିଳା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଫେବୃଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଫେବୃଆରୀ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଉରକେଲାରେ ଆୟୋଜିତ


ନେଦରଲାଣ୍ଡସ ଦଳ

କଳିଙ୍ଗ ଓ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଖେଳାଯିବ ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍। ଯେଉଁଥିରେ ମହିଳା ବିଭାଗରେ ଆୟୋଜକ ଭାରତ ସମେତ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ, ଆମେରିକା, ଚାଇନା, ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଖେଳାଯିବ। ସେହିଭଳି ପୁରୁଷ ବିଭାଗରେ ସ୍ପେନ, ଆୟର୍ଲାଣ୍ଡ, ନେଦରଲାଣ୍ଡସ, ଅଷ୍ଟ୍ରେଲିଆ ଓ ଘରୋଇ ଭାରତ ରହିଛନ୍ତି। ଏଥିରେ ଅଂଶଗ୍ରହଣ କରିବା ଲାଗି ଦୁଇ ଶକ୍ତିଶାଳୀ ଦଳ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ ମହିଳା ଦଳ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି।

## ଆରମ୍ଭ ହେଲା ଟିକଟ୍ ବିକ୍ରି

ମହିଳା ହକି ପ୍ରୋ ଲିଗ୍ ଲାଗି ବୁଧବାରଠାରୁ ଅଫ୍‌ଲାଇନ୍ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଗେଟ୍ ନମ୍ବର- ୯ ନିକଟରେ ସକାଳ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକଟ୍ ବିକ୍ରି କରାଯିବ। ଟିକଟ୍‌ର ସର୍ବାଧିକ ମୂଲ୍ୟ ୫୦୦ ଟଙ୍କା ରଖାଯାଇଥିବାବେଳେ ସର୍ବନିମ୍ନ ମୂଲ୍ୟ ୧୦୦ ରହିଛି। ୱେଷ୍ଟ ଷ୍ଟାଣ୍ଡର ମୂଲ୍ୟ ୫୦୦ ରହିଛି। ସେହିଭଳି ଇଷ୍ଟର ୨୦୦ ଏବଂ ସାଉଥ୍ ଓ ନର୍ଥ ଷ୍ଟାଣ୍ଡର ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। କଳିଙ୍ଗ ଷ୍ଟାଡିୟମରେ ମହିଳା ଓ ପୁରୁଷ ବିଭାଗର ୧୦ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଫେବୃଆରୀ ୩ରୁ ୯ ପର୍ଯ୍ୟନ୍ତ ମହିଳା ବିଭାଗ ଏବଂ ଫେବୃଆରୀ ୧୦ରୁ ୧୬ ପର୍ଯ୍ୟନ୍ତ ପୁରୁଷ ବିଭାଗ ମ୍ୟାଚ୍ ଏଠାରେ ଅନୁଷ୍ଠିତ ହେବ। 'ଏହି ସମ୍ମାନଜନକ ଲିଗ୍‌ରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ଅଂଶଗ୍ରହଣ କରିବେ। ପୁଣିଥରେ ହକିର ରୋମାଞ୍ଚକୁ ଉପଭୋଗ କରିବା ଲାଗି ଆମେ ଦେଶର କୋଣ ଅନୁକୋଣରୁ ପ୍ରଶଂସକଙ୍କୁ ଆମନ୍ତ୍ରଣ କରୁଛୁ' ବୋଲି ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି କହିଛନ୍ତି।

ହେବ। ଏଥିରେ ଭାରତ, ଚାଇନା, ଆମେରିକା, ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ କଳିଙ୍ଗ ଓ ବିର୍ସା ମୁଣ୍ଡାରେ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଶନିବାର ପ୍ରଥମ ଦିବସରେ ମହିଳା ବିଭାଗର ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚରେ ଆମେରିକା ଓ ନେଦରଲାଣ୍ଡସ ଏବଂ ୨ୟ ମୁକାବିଲାରେ ଘରୋଇ ଭାରତ ଓ ଚାଇନା ପରସ୍ପର ବିପକ୍ଷରେ ଖେଳିବେ। ଏଥିସହ ମହିଳା ବିଭାଗର ଭାରତୀୟ-ଲେଗ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହେବ।

**ଟିକଟ୍ ମୂଲ୍ୟ**

| ଷ୍ଟାଣ୍ଡ | ଦର |
|---|---|
| ୱେଷ୍ଟ | ୫୦୦ |
| ଇଷ୍ଟ | ୨୦୦ |
| ନର୍ଥ | ୧୦୦ |
| ସାଉଥ୍ | ୧୦୦ |

ଅପରପକ୍ଷରେ ପୁରୁଷ ବିଭାଗ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଫେବୃଆରୀ ୧୦ରୁ ଆରମ୍ଭ ହେବ। ପ୍ରଥମ ଦିବସରେ ନେଦରଲାଣ୍ଡସ ଓ ଆୟର୍ଲାଣ୍ଡ ଏବଂ ଭାରତ ଓ ସ୍ପେନ ମଧ୍ୟରେ ଲଢ଼େଇ ହେବ। ଅନ୍ୟତମ ତଥା ୫ମ ଦଳ ଅଷ୍ଟ୍ରେଲିଆ ୧୧ରେ ସ୍ପେନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହି ଗ୍ରାଉଣ୍ଡରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳି ସାରିବା ପରେ ୨ୟ ପର୍ଯ୍ୟାୟ ରାଉଣ୍ଡ ରବିନ ମ୍ୟାଚ୍ ଖେଳିବା ଲାଗି ରାଉରକେଲା ଗସ୍ତ କରିବେ। ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଫେବୃଆରୀ ୧୯ରୁ ୨୫ ଯାଏ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।


ଅଷ୍ଟ୍ରେଲିଆ ଦଳ


ଜମ୍ମୁସ୍ଥିତ କେକେ ହାକୁ ଆଷ୍ଟ୍ରୋ ଟର୍ଫରେ ୭୨ତମ ପୋଲିସ ହକି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ଦିଲୀପ ତିର୍କି ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଜମ୍ମୁ-କାଶ୍ମୀର ପୋଲିସ ମହାନିର୍ଦ୍ଦେଶକ ରଶ୍ମୀରଞ୍ଜନ ସ୍ୱାଇଁ (ବାମ) ଉପସ୍ଥିତ ରହିଛନ୍ତି।

# ମାମଲା ରୁଜୁ କଲେ ମୟଙ୍କ

ନୂଆଦିଲ୍ଲୀ, ୩୧।୧(ଏଜେନ୍ସି): ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରୱାଲ ପୁଲିସ୍‌ରେ ମାମଲା ରୁଜୁ କରିଛନ୍ତି। ମଙ୍ଗଳବାର ଅଗରତାଲାରୁ ସୁରାଟ ବିମାନ ଯୋଗ ଯାଉଥିବାବେଳେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କ ମୁହଁ ଓ ଗଳା ପୋଡିବା ଭଳି ଲାଗିଥିଲା। ଫଳରେ ତାଙ୍କୁ ଅଗରତାଲାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ସେ ଏହି ଘଟଣାର ତଦନ୍ତ ପାଇଁ ପୁଲିସ୍‌ରେ ମାମଲା ରୁଜୁ କରିଛନ୍ତି। ନିଜର ମ୍ୟାନେଜରଙ୍କ ଜରିଆରେ ସେ ଔପଚାରିକ ଭାବେ ଅଭିଯୋଗ



କରିଛନ୍ତି। ବୋତଲର ବନ୍ଦ ଥିବା ପାଣି ପିଇ ସେ ଅସୁସ୍ଥ ହୋଇପଡ଼ିଥିଲେ।

ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ୩୨ ବର୍ଷୀୟ ମୟଙ୍କ ଏବେ ବିପଦ ମୁକ୍ତ ଅଛନ୍ତି। ଚଳିତ ରଣଜୀ ଟ୍ରଫିରେ ସେ କର୍ଣ୍ଣାଟକ ଦଳର ନେତୃତ୍ୱ ନେଉଛନ୍ତି। ଶୁକ୍ରବାରଠାରୁ ସୁରାଟରେ ଆରମ୍ଭ ହେବାକୁ ଥିବା ରେଳବାଇ ବିପକ୍ଷ ମ୍ୟାଚ୍ ସେ ଖେଳିବେ ନାହିଁ। ଚଳିତ ରଣଜୀ ଟ୍ରଫିରେ ଦମଦାର ପ୍ରଦର୍ଶନ କରି ସେ ୪ଟି ମ୍ୟାଚ୍ ଖେଳି ୪୬୦ ରନ ସଂଗ୍ରହ କରିଛନ୍ତି। ଭାରତ ପାଇଁ ସେ ଏପର୍ଯ୍ୟନ୍ତ ୨୧ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

● ତମାଣ୍ଡୋ ପ୍ରିମିୟର୍ ଲିଗ୍

# ଫାଇନାଲରେ ବ୍ଲୁ ରକ୍ ଷ୍ଟାର୍



ଭୁବନେଶ୍ୱର, ୩୧।୧ (ସମିସ): ଏସ୍‌ଜି ସ୍ପୋର୍ଟିଂ ସୁନ୍ଦରଗ୍ରାମକୁ ପରାସ୍ତ କରି ବ୍ଲୁ ରକ୍ ଷ୍ଟାର୍ (ଯାଁଳା) ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର୍ ଲିଗ୍‌ରେ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଟସ୍ ଜିତି ଏସ୍‌ଜି ସ୍ପୋର୍ଟିଂ ସୁନ୍ଦରଗ୍ରାମ ୧୮.୪ ଓଭରରେ ୧୮୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଦିଲ୍ଲୀପ ରାଉତ ୪୧ ବଲରେ ୮୩ ରନ (୫ ଚୌକା, ୮ ଛକା) ରନ କରିଥିଲେ। ପ୍ରତିପକ୍ଷ ସେକ୍ ସଲମାନଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ବିବେକ ସାହୁ (୨୪ ବଲ୍ ୪୪ ରନ)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ବ୍ଲୁ ରକ୍ ଷ୍ଟାର୍ ୧୫.୩ ଓଭରରେ ୭ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅଭିଷେକ ପଟ୍ଟନାୟକ ମଧ୍ୟ ୧୧ ବଲରୁ ୩୪ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ବିବେକ ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅତିଥି ଭାବେ ସୁକାନ୍ତ ପଟ୍ଟନାୟକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ୨ୟ ସେମିଫାଇନାଲ ବାଲୁଙ୍କେଶ୍ୱର ୱାରିୟର୍ସ (ତମାଣ୍ଡୋ) ଓ ରାଇଜିଂ ଷ୍ଟାର୍ (କୁମାରବସ୍ତ) ମଧ୍ୟରେ ଖେଳାଯିବ। ପ୍ରଥମ ସେମିଫାଇନାଲକୁ ଅବିନାଶ ପଟ୍ଟନାୟକ ଓ ରତିକାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ।

# ଓଡ଼ିଶା ଏଫ୍‌ସିରେ ହିତେଶ ଶର୍ମା

ଭୁବନେଶ୍ୱର, ୩୧।୧(ସମିସ): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଓଡ଼ିଶା ଏଫ୍‌ସିରେ ଆଉଜଣେ ପ୍ରତିଭାସମ୍ପର୍ଣ୍ଣ ଫୁଟବଲର ଯୋଗ ଦେଇଛନ୍ତି। ୨୬ ବର୍ଷୀୟ



ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ହିତେଶ ଶର୍ମା ଓଡ଼ିଶା ଏଫସି ସହ ଏକ ଅଢେଇ ବର୍ଷିଆ ଚୁକ୍ତି କରିଛନ୍ତି। ଏହାପୂର୍ବରୁ ସେ ହାଇଦ୍ରାବାଦ ଏଫ୍‌ସି ଓ ଏଟିକେ ମୋହନ ବାଗାନ ଓ ମୁମ୍ବାଇ ଏଫ୍‌ସି ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ୫ ଫୁଟ ୮ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ହିତେଶ ଜଣେ ଟାଟା ଫୁଟବଲ ଏକାଡେମୀ ଗ୍ରାଜୁଏଟ୍। ଆଇ- ଲିଗ୍‌ରେ ସେ ମୁମ୍ବାଇ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ପଞ୍ଜାବ ଜନ୍ମିତ ହିତେଶ ୨୦୨୧-୨୨ ସିଜନରେ ହାଇଦ୍ରାବାଦ ତରଫରୁ ପ୍ରତିନିଧିତ୍ୱ କରି ଆଇଏସଏଲ୍ କପ୍ ହାସଲ କରିଥିଲେ। ସେ ମୁମ୍ବାଇ ପାଇଁ ୧୨, ଏଟିକେ ପାଇଁ ୨୭ ମ୍ୟାଚ୍ ଖେଳିଛନ୍ତି। କିନ୍ତୁ ହାଇଦ୍ରାବାଦ ପାଇଁ ସେ ୫୦ଟି ମ୍ୟାଚ୍ ଖେଳି ଦୁଇଟି ଗୋଲ ସ୍କୋର କରିଛନ୍ତି। ଭାରତୀୟ ଦଳ ପାଇଁ ସେ ୩ଟି ମ୍ୟାଚ୍ ଖେଳିଛନ୍ତି। ବୈଷୟିକ ଭାବେ ହିତେଶ ଜଣେ ଭଲ ଫୁଟବଲର ହୋଇଥିବାରୁ ସେ ଯୋଗ ଦେବା ପରେ ଦଳ ଲାଭବାନ ହେବ ବୋଲି ଓଡ଼ିଶା ଏଫ୍‌ସି ତରଫରୁ କୁହାଯାଇଛି।

# ଏସିସି ଅଧ୍ୟକ୍ଷ ପଦ ବଜାୟ ରଖିଲେ ଜୟ ଶାହ

ନୂଆଦିଲ୍ଲୀ, ୩୧।୧(ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହ ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ଅଧ୍ୟକ୍ଷ ଭାବେ ପୁନଃ ନିଯୁକ୍ତ ହୋଇଛନ୍ତି। ଫଳରେ ସେ କ୍ରମାଗତ ତୃତୀୟଥର ପାଇଁ ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତ ହୋଇଛନ୍ତି। ସର୍ବସମ୍ମତିକ୍ରମେ ତାଙ୍କ କାର୍ଯ୍ୟକାଳ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ବୁଧବାର ଇଣ୍ଡୋନେସିଆର ମାଲିଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଏସିସି ବାର୍ଷିକ ସାଧାରଣ ବୈଠକ ବୁଧବାର ଶେଷ



ହୋଇଛି। ୨୦୨୧ରେ ଜୟ ବାଂଲାଦେଶର ନଜମୁଲ ହାସନ ସ୍ଥାନରେ ଏସିସି ଅଧ୍ୟକ୍ଷ ପଦରେ ନିଯୁକ୍ତ ହୋଇଥିଲେ। ଉଲ୍ଲେଖଥାଉ କି, ୧୯୮୩ରେ ଏସିସି ପ୍ରତିଷ୍ଠା କରାଯାଇଥିଲା। ଏସିଆରେ କ୍ରିକେଟର ଉନ୍ନତି ପାଇଁ ଏସିସିର ମୁଖ୍ୟ ଉଦ୍ଦେଶ ଥିଲା। ଏବେ ୨୫ଟି ଦେଶ ଏସିସିର ସଦସ୍ୟ ରହିଛନ୍ତି। ଜୟ ଶାହଙ୍କ ନେତୃତ୍ୱରେ ଏସିଆ କପ୍ ୨୦୨୨ରେ ଟି-୨୦ ଫର୍ମାଟ୍‌ରେ ଓ ୨୦୨୩ରେ ଦିନିକିଆ ଫର୍ମାଟରେ ସଫଳତାର ସହ ଆୟୋଜିତ ହୋଇଥିଲା।

# ମାର୍ଶ, ଗାର୍ଡନର ଶ୍ରେଷ୍ଠ ଅଷ୍ଟ୍ରେଲୀୟ କ୍ରିକେଟର୍

ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି): କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ବୁଧବାର ବର୍ଷ ୨୦୨୩ ଲାଗି ଶ୍ରେଷ୍ଠ କ୍ରିକେଟର୍ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଅଲ୍‌ରାଉଣ୍ଡର ମିଚେଲ ମାର୍ଶ ଓ ଆସ୍‌ଲେ



ଗାର୍ଡନର ଯଥାକ୍ରମେ ଅଷ୍ଟ୍ରେଲିଆର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ପୁରସ୍କାର ହାତେଇ ନେଇଛନ୍ତି। ମାର୍ଶଙ୍କୁ ସମ୍ମାନଜନକ ଆଲାନ ବର୍ଡର ପଦକ ଓ ଗାର୍ଡନରଙ୍କୁ ବେଲିଣ୍ଡା କ୍ଲାର୍କ ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୧ରେ ଶେନ୍ ୱାଟ୍‌ସନଙ୍କ ପରେ ୨ୟ ଅଲ୍‌ରାଉଣ୍ଡର ଭାବେ ମାର୍ଶ ଆଲାନ ବର୍ଡର ଟ୍ରଫି ଜିତିବାରେ ସଫଳ ହୋଇଛନ୍ତି। ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଯେଉଁଥିରେ ଦେଶର ପୁରୁଷ ଓ ମହିଳା କ୍ରିକେଟ୍ ଦଳର ଖେଳାଳିମାନେ ସେମାନଙ୍କ ପରିବାର ସହ ଉପସ୍ଥିତ ରହିଥିଲେ।

ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ଲାଗି ମିଚେଲ ମାର୍ଶ ଓ ପ୍ୟାଟ୍ କମିନ୍ସଙ୍କ ମଧ୍ୟରେ ଟକ୍କର ହୋଇଥିଲା। ଯେଉଁଥିରେ ମାର୍ଶଙ୍କୁ ୨୨୩ ଖଣ୍ଡ ଓ କମିନ୍ସଙ୍କୁ ୭୯ ଖଣ୍ଡ ଭୋଟ୍ ମିଳିଥିଲା। ସେହିଭଳି ବେଲିଣ୍ଡା କ୍ଲାର୍କ ଟ୍ରଫି ପାଇଁ ହୋଇଥିବା ଭୋଟିଂ ପ୍ରକ୍ରିୟାରେ ଏଲିସେ ପେରୀ (୧୩୪ ଖଣ୍ଡ) ଓ ଆନାବେଲ ସଦରଲାଣ୍ଡ (୧୦୬ ଖଣ୍ଡ)ଙ୍କୁ ପଛରେ ପକାଇ ଗାର୍ଡନର (୧୪୭ ଖଣ୍ଡ) ପୁରସ୍କାର ହାତେଇ ନେଇଥିଲେ। ଅପରପକ୍ଷରେ ବର୍ଷର ଶ୍ରେଷ୍ଠ ଟେଷ୍ଟ ଖେଳାଳି ପୁରସ୍କାର ସ୍ପିନର ନାଥନ ଲିଓନଙ୍କୁ ମିଳିଛି। ସେ ନିକଟରେ ଟେଷ୍ଟରେ ୫୦୦ତମ ୱିକେଟ୍ ପୂରଣ କରିଥିଲେ। ଏହି ପୁରସ୍କାର ବାବଦକୁ 'ସେନ୍ ୱର୍ଣ୍ଣ ଟ୍ରଫି' ମିଳିଥିଲା। ଏଲିସେ ପେରୀଙ୍କୁ ଦେଶର ଶ୍ରେଷ୍ଠ ଏକଦିବସୀୟ ମହିଳା କ୍ରିକେଟର୍ ବିବେଚିତ କରାଯାଇଛି।

● ଆଇସିସି ଟେଷ୍ଟ ମାନ୍ୟତା

# ଶୀର୍ଷରେ ବଜାୟ ରହିଲେ ଅଶ୍ୱିନ, ଚତୁର୍ଥରେ ବୁମ୍‌ରା

ଦୁବାଇ, ୩୧।୧(ଏଜେନ୍ସି): ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ମାନ୍ୟତାରେ ଭାରତୀୟ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ ତାଲିକାରେ ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଗୋଟିଏ ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ୨୮ ରନରେ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ଅଶ୍ୱିନ ୬ ୱିକେଟ ଅକ୍ତିଆର କରିଥିଲେ ଓ ୮୫୩ ରେଟିଂ ପଏଣ୍ଟ ପାଇ ନଂ ୧ ସ୍ଥାନରେ ରହିଛନ୍ତି। ସେହିପରି ରବୀନ୍ଦ୍ର ଜାଡେଜା ଷଷ୍ଠ ସ୍ଥାନରେ ରହିଛନ୍ତି। ଫଳରେ ବୋଲିଂ ତାଲିକାର ଶ୍ରେଷ୍ଠ-୧୦ରେ ୩ଜଣ ଭାରତୀୟ ବୋଲର ସ୍ଥାନିତ ହୋଇଛନ୍ତି। ବୋଲିଂ ତାଲିକାରେ ଦକ୍ଷିଣ ଆଫ୍ରିକାର କାଗିସୋ ରବାଡ଼ା ଦ୍ୱିତୀୟ ଓ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସ ତୃତୀୟ ସ୍ଥାନରେ ରହିଛନ୍ତି।



ବ୍ୟାଟିଂ ତାଲିକାରେ ନ୍ୟୁଜିଲାଣ୍ଡର କେନ୍ ୱିଲୟମସନ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଭାରତର ବିରାଟ କୋହଲି ଗୋଟିଏ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ରହିଛନ୍ତି। ଅଧିନାୟକ ରୋହିତ ଶର୍ମା ଗୋଟିଏ ସ୍ଥାନ ତଳକୁ ଖସି ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଜୋ ରୁଟ୍ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ତୃତୀୟ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡର ତାଲିକାରେ ଜାଡେଜା ଶୀର୍ଷରେ ରହିଥିବା ବେଳେ ଅଶ୍ୱିନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ଅକ୍ଷର ପଟେଲ ଗୋଟିଏ ସ୍ଥାନ ତଳକୁ ଖସି ଷଷ୍ଠ ସ୍ଥାନରେ ରହିଛନ୍ତି।




# ସୋଆ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍

# କାଟାଗୋରୀ-ବି'ରେ ତପନ ଚାମ୍ପିଅନ




ଭୁବନେଶ୍ୱର, ୩୧।୧ (ସମିସ): ଏଠାରେ ଚାଲିଥିବା ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବର କାଟାଗୋରୀ-ବି ବିଭାଗର ଖେଳ ଶେଷ ହୋଇଛି। ୨୦୦୦ରୁ କମ୍ ରେଟିଂପ୍ରାପ୍ତ ଏହି ବିଭାଗରେ ଓଡ଼ିଶାର ତପନ ବଡ଼ମୁଣ୍ଡି ୮.୫ ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି। ବିହାରର ସୁଧାଂଶୁ ରଞ୍ଜନ (୮), ଦିଲ୍ଲୀର ଅଗତ ନେଗୀ (୮) ଓ ଆନ୍ଧ୍ର ପ୍ରଦେଶର ଶେଲା ଭବନ (୮) ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ଏହି କାଟାଗୋରୀରେ ମୋଟ୍ ୭ ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ୧୦ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ମୋଟ୍ ୨୧୯ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆଇଏଏସ୍ ଗଣେଶ୍ୱର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଂଶୁମାନ ଜେନା, ଚିଫ୍ ଆର୍ବିଟର ଆର୍ ଅନନ୍ତରମଣ, ରାଜ୍ୟ ଚେସ୍ ସଂଘର ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଦେବବ୍ରତ ଭଟ୍ଟ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ନିହାର ରଞ୍ଜନ ସାସମଲ, ଖୋର୍ଦ୍ଧା ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ।

ଅପରପକ୍ଷରେ ବୁଧବାର ଖେଳାଯାଇଥିବା କାଟାଗୋରୀ-ଏ ବିଭାଗର ୫ମ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ଫଉଜ ଆଦାମଙ୍କୁ ପରାସ୍ତ କରି କେରଳର ଫିଡେ ମାଷ୍ଟର ଗୌତମ କ୍ରିଷ୍ଣା ବିପର୍ଯ୍ୟୟ ଘଟାଇଛନ୍ତି। ସେହିଭଳି ଆଇଏମ୍ ରାଜେଶ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ଗ୍ରାଣ୍ଡମାଷ୍ଟର ସାୟନ୍ତନ ଦାସ ମଧ୍ୟ ବିଜୟ ଲାଭ କରିଥିଲେ।

# ଶୁକ୍ରବାରଠାରୁ ଦ୍ୱିତୀୟ ଟେଷ୍ଟ — ସୁଯୋଗ ଅପେକ୍ଷାରେ ପଟିଦାର, ସର୍ଫରାଜ

ବିଶାଖାପଟନମ, ୩୧।୧(ଏଜେନ୍ସି): ଶୁକ୍ରବାରଠାରୁ ସ୍ଥାନୀୟ ୱାଇଏସ୍ ରାଜଶେଖର ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଦଳରୁ ଆଘାତ ସମସ୍ୟା କାରଣରୁ ତାରକା ବ୍ୟାଟର ଲୋକେଶ ରାହୁଲ ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ବାଦ ପଡ଼ିଛନ୍ତି। ଫଳରେ ଭାରତ ଏକ ପରିବର୍ତ୍ତିତ ଦଳ ନେଇ ପଡ଼ିଆକୁ ଓହ୍ଲାଇବ। ଦୁଇ ଯୁବ ବ୍ୟାଟର ସର୍ଫରାଜ ଖାନ୍ କିମ୍ବା ରଜତ ପଟିଦାରଙ୍କ ମଧ୍ୟରୁ ଜଣକୁ ଏହି ଟେଷ୍ଟରେ ପଦାର୍ପଣ କରିବାର ସୁଯୋଗ ମିଳିବାର ସମ୍ଭାବନା ରହିଛି। ପୁଣି ଦୁଇଜଣଙ୍କୁ ଏକାସାଥିରେ ପଦାର୍ପଣ କରିବାର ସୁଯୋଗ ମିଳିବାର ବିକଳ୍ପ ମଧ୍ୟ ରହିଛି। ଭାରତୀୟ ଚୟନକର୍ତ୍ତା ତଥା ଟିମ ମ୍ୟାନେଜମେଣ୍ଟ ନିଶ୍ଚିତ ଭାବେ ଏ ନେଇ ଦ୍ୱନ୍ଦ୍ୱରେ ରହିଥିବ। ତିନୋଟି ଦୃଶ୍ୟପଟ୍ଟରେ ଏପରି ସମ୍ଭବ ହେବା ଭଳି ମନେ ହେଉଛି।

ପଟିଦାର ଦିନିକିଆ ପଦାର୍ପଣ କରିଛନ୍ତି।



କିନ୍ତୁ ସର୍ଫରାଜ ଏପର୍ଯ୍ୟନ୍ତ କୌଣସି ଫର୍ମାଟ୍‌ରେ ପଦାର୍ପଣ କରିନାହାନ୍ତି। ବିରାଟ କୋହଲିଙ୍କ ସ୍ଥାନରେ ପଟିଦାରଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିଛି। ସେହିପରି ରାହୁଲଙ୍କ ସ୍ଥାନରେ ସର୍ଫରାଜଙ୍କୁ ସୁଯୋଗ ମିଳିଛି। ଯଦି ଦ୍ୱିତୀୟ ଟେଷ୍ଟରେ ଭାରତ ୭ ବ୍ୟାଟର, ୩ ସ୍ପିନର ଓ ଜଣେ ଦ୍ରୁତ ବୋଲରଙ୍କୁ ଖେଳାଏ ତେବେ ରଜତ ଓ ସର୍ଫରାଜ ଦୁଇଜଣଙ୍କୁ ଖେଳିବାର ସୁଯୋଗ ମିଳିବ। ବିଶାଖାପଟନମରେ ସ୍ପିନରଙ୍କ ପ୍ରଭାବ ବେଶି ରହିବ। ଯଦି ଏପରି ହୁଏ ତେବେ ଦୁଇଜଣଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିବ।

ପୁଣି ଯଦି ଦ୍ୱିତୀୟ ଟେଷ୍ଟରେ ଦୁଇଜଣ ଦ୍ରୁତ ବୋଲର ଖେଳନ୍ତି, ତେବେ ରଜତ କିମ୍ବା ସର୍ଫରାଜଙ୍କ ମଧ୍ୟରୁ ଜଣକୁ ଖେଳାଯିବ। ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟରେ ଯଦି ଭାରତ ୬ ବ୍ୟାଟର, ୩ ସ୍ପିନର ଓ ୨ ଦ୍ରୁତ ବୋଲରଙ୍କୁ ଖେଳାଏ, ତେବେ ଜଣଙ୍କୁ ସୁଯୋଗ ମିଳିବ। ରଜତ ପୂର୍ବରୁ ପ୍ରଥମ ଟେଷ୍ଟ ପାଇଁ ଦଳରେ ରହିଥିବା ବେଳେ ତାଙ୍କୁ ପ୍ରାଥମିକତା ଦିଆଯିବ ଓ ସର୍ଫରାଜଙ୍କୁ ବାହାରେ ବସିବାକୁ ପଡ଼ିବ।

ଦୁଇ ଟପ୍ ଅର୍ଡର ବ୍ୟାଟର ଶୁବମାନ ଗିଲ୍ ଓ ଶ୍ରେୟସ ଆୟର ଖରାପ୍ ଫର୍ମ ଦେଇ ଗତି କରୁଛନ୍ତି।



ଏପରିସ୍ଥଳେ ଯଦି ଜଣଙ୍କୁ ବାଦ ଦିଆଯାଏ ତେବେ ସର୍ଫରାଜ ଓ ରଜତ ଦୁଇଜଣଙ୍କୁ ସୁଯୋଗ ମିଳିବ। ଏହି ସ୍ଥିତିରେ ଭାରତ ୬ ବ୍ୟାଟର, ୩ ସ୍ପିନର ଓ ୨ ଦ୍ରୁତ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ।

# ଜାତୀୟ ହ୍ୟାଣ୍ଡବଲ୍‌ରେ ଭାଗନେବେ ତନ୍ମୟ, ଆୟୁଷ

ଭୁବନେଶ୍ୱର, ୩୧।୧ (ସମିସ): ରାଜସ୍ଥାନର ଚିତରଗଡ଼ଠାରେ ଫେବୃଆରୀ ୭ରୁ ଜାତୀୟ ଉପକନିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୩୨ତମ ସଂସ୍କରଣ ଆରମ୍ଭ ହେବ। ଏଥିରେ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିବା ଲାଗି ଭୁବନେଶ୍ୱରର ତନ୍ମୟ ମଲ୍ଲିକ ଓ ଆୟୁଷ ପାତ୍ର ମନୋନୀତ ହୋଇଛନ୍ତି। ଉଭୟ ଆୟୁଷ ଓ ତନ୍ମୟ ବର୍ତ୍ତମାନ ବାଣୀବିହାର ସରକାରୀ ଉଚ୍ଚବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ବାଣୀବିହାରସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ପଡ଼ିଆରେ ଗୌରୀଶଙ୍କର ମିଶ୍ରଙ୍କଠାରୁ ଉଭୟ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ତନ୍ମୟ ଓ ଆୟୁଷଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟା ମହାପାତ୍ର, କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ବେହେରା ଓ ଭୁବନେଶ୍ୱର ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ପ୍ରଶାନ୍ତ ନାୟକ ଅଭିନନ୍ଦନ ଜଣାଇଛନ୍ତି।



# ପୂର୍ବତନ କ୍ରିକେଟର ପ୍ରଶାନ୍ତ ଗିରଫ

ନାଗପୁର, ୩୧।୧(ଏଜେନ୍ସି): ଏକ ଚେକ୍ ବାଉନ୍ସ ମାମଲାରେ ପୂର୍ବତନ ଭାରତୀୟ କ୍ରିକେଟର ପ୍ରଶାନ୍ତ ବୈଦ ଗିରଫ ହୋଇଛନ୍ତି। ତାଙ୍କ ବିରୋଧରେ ନାଗପୁର ପୋଲିସ ଏକ ଜାମିନ ବିହୀନ ଗିରଫ ପରୱାନର ଜାରି କରିଥିଲା। ଗିରଫ ହେବା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା ଓ ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ମୁଚାଲିକା ବଦଳରେ ତାଙ୍କୁ ଛାଡି ଦିଆଯାଇଥିଲା। ୯୦ ଦଶ ମଧ୍ୟଭାଗରେ ପ୍ରଶାନ୍ତ ଭାରତ ପାଇଁ ୪ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ୧୯୯୫ରେ ଏସିଆ କପ୍ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ସେ ବର୍ତ୍ତମାନ ବିଦର୍ଭ କ୍ରିକେଟ ସଂଘର ବିକାଶ କମିଟିର ସଦସ୍ୟ ରହିଛନ୍ତି। ସେ ଜଣେ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ଷ୍ଟିଲ୍ କ୍ରୟ କରିଥିଲେ। କିନ୍ତୁ ସେ ଦେଇଥିବା ଚେକ୍ ବାଉନ୍ସ ହୋଇଥିଲା। ଫଳରେ ବ୍ୟବସାୟୀ ଜଣକ ତାଙ୍କୁ ଅର୍ଥ ପରିଶୋଧ କରିବାକୁ କହିଥିଲେ। କିନ୍ତୁ ତାଙ୍କୁ ପ୍ରଶାନ୍ତ ମନା କରିଥିଲେ। ଫଳରେ ବ୍ୟବସାୟୀ ଜଣକ ଆଇନ୍‌ର ଆଶ୍ରୟ ନେଇଥିଲେ।

# ୫-ଏ ସାଇଡ୍ ହକି ବିଶ୍ୱକପ୍ — ୫ମ ସ୍ଥାନରେ ଭାରତର ଅଭିଯାନ ଶେଷ

ମସ୍କଟ, ୩୧।୧(ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ୫-ଏ ସାଇଡ୍ ହକି ବିଶ୍ୱକପ୍‌ରେ ଭାରତ ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ବୁଧବାର ଭରାତ ୬-୪ ଗୋଲରେ ଇଜିପ୍ଟକୁ ପରାସ୍ତ କରି ଭାରତ ଏହି ସ୍ଥାନରେ ରହିଛି। ଭାରତ ତରଫରୁ ମହମ୍ମଦ ରାହିଲ ୮ମ, ପବନ ରାଜଭର ୯ମ, ମନିନ୍ଦର ସିଂ ୧୦ମ ଓ ୨୩ତମ, ମନଦୀପ ମୋର ୧୧ତମ ଓ ଉତ୍ତମ ସିଂ ୧୩ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ଇଜିପ୍ଟ ତରଫରୁ ଅଧିନାୟକ ଆମର ସଇଦ୍ ୨ଟି ଗୋଲ ଦେଇଥିଲେ।

# ଜ୍ୟାକ୍ ଲିଚ୍ ଖେଳିବା ନେଇ ଆଶଙ୍କା

ବିଶାଖାପଟନମ, ୩୧।୧(ଏଜେନ୍ସି): ଇଂଲଣ୍ଡ ଅଭିଜ୍ଞ ସ୍ପିନର ଜ୍ୟାକ୍ ଲିଚ୍ ଏଠାରେ ଶୁକ୍ରବାର ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ଟେଷ୍ଟରେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ହାଇଦରାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଫିଲ୍ଡିଂ କରିବା ଅବସରରେ ସେ ବାମ ଆଣ୍ଠୁରେ ଆଘାତ ପାଇଥିଲେ। ବୁଧବାର ସେ ଅଭ୍ୟାସ କରି ନଥିଲେ। ତାଙ୍କର ଚିକିତ୍ସା କରାଯାଉଛି। ୩୨ ବର୍ଷୀୟ ଲିଚ୍ ଜଣେ ଅଭିଜ୍ଞ ସ୍ପିନର। ତାଙ୍କ ଅନୁପସ୍ଥିତି ଇଂଲଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ଆହତ ହେବା ସତ୍ତ୍ୱେ ସେ ପ୍ରଥମ ଟେଷ୍ଟର ଦ୍ୱିତୀୟ ପାଳିରେ ୧୦ ଓଭର ବୋଲିଂ କରିଥିଲେ। ଲିଚ୍ ନ ଖେଳିଲେ ୨୦ ବର୍ଷୀୟ ଯୁବ ସ୍ପିନର ସୋଏବ ବସିରଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିପାରେ। ପୂର୍ବରୁ ପିଠିରେ ଆଘାତ ସମସ୍ୟା କାରଣରୁ ଲିଚ୍ ଗତ ଗ୍ରୀଷ୍ମରେ ଅଷ୍ଟ୍ରେଲିଆ ବିପକ୍ଷ ଆସେସରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଥିଲେ। ଜୁନ୍‌ରେ ସେ ପ୍ରଥମ ଟେଷ୍ଟ ଖେଳିଛନ୍ତି। ଲିଚ୍ ଏପର୍ଯ୍ୟନ୍ତ ୩୬ଟି ଟେଷ୍ଟ ଖେଳି ୩୪, ୪୦ ରନ ହାରରେ ୧୨୬ଟି ୱିକେଟ ଅକ୍ତିଆର କରିଛନ୍ତି।

# ଆଜି ଓଡ଼ିଶା-କର୍ଣ୍ଣାଟକ ସେମିଫାଇନାଲ

କଟକ, ୩୧।୧(ସମିସ): ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫିର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯିବ। ଦ୍ୱିତୀୟ ସେମିରେ ଓଡ଼ିଶା କର୍ଣ୍ଣାଟକକୁ ଭେଟିବ। ନାଗପୁରର ଏସ୍‌ବି ସିଟି କଲେଜ କ୍ରିକେଟ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶାକୁ ୯ ୱିକେଟରେ ଆନ୍ଧ୍ରପ୍ରଦେଶ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୧ ରନ କରିଥିଲା। ସୁଖରାମ ମାଝୀ ୪୫, ପଙ୍କଜ ଭୁଏ ୩୯, ହିକିମ ମୁର୍ମୁ ୩୪ ରନ କରିଥିଲେ। ଜବାବରେ ଗୋଟିଏ ୱିକେଟ ହରାଇ ଅନ୍ତିମ ଓଭରରେ ଆନ୍ଧ୍ରପ୍ରଦେଶ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପରାଜୟ ସତ୍ତ୍ୱେ ପଏଣ୍ଟ ଆଧାରରେ ଓଡ଼ିଶା ପୂର୍ବରୁ ସେମିରେ ସ୍ଥାନ ପକ୍କା କରିସାରିଥିଲା।


ନନ୍ଦିଘୋଷ TV

ନନ୍ଦିଘୋଷ ଟିଭି ନିମ୍ନଲିଖିତ ପଦବୀ ପାଇଁ ପ୍ରାର୍ଥୀ ଆବଶ୍ୟକ କରୁଅଛି। ପ୍ରାର୍ଥୀ ୩ ଦିନ ମଧ୍ୟରେ ଆମକୁ ଆବେଦନ କରିପାରିବେ।

୧. ରିପୋର୍ଟର : (ଉଭୟ ଫ୍ରେସର ଏବଂ ଅଭିଜ୍ଞ)
୨. ସ୍କ୍ରଲ୍ କପି ଏଡିଟର : (ଅନ୍ୟୁନ ୩ ବର୍ଷର ଅଭିଜ୍ଞତା)
୩. ବୁଲେଟିନ୍ ପ୍ରୋଡ୍ୟୁସର: (ଅନ୍ୟୁନ ୫ ବର୍ଷର ଅଭିଜ୍ଞତା)

ଆବେଦନ କରିବାର ଠିକଣା:
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ପ୍ଲଟ୍ ନଂ.: ୯୦ ଏବଂ ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍,
ଭୁବନେଶ୍ୱର - ୭୫୧୦୧୯

Mob.: 9437016499
Email : suhana.tabsum@nandighoshatv.com








PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

### ଅବସର ଦିନକ ପୂର୍ବରୁ ଭିମସାର ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ

# ବିଭାଗୀୟ ଅନୁମତି ବିନା ଅନ୍ୟଙ୍କୁ ପଦ ହସ୍ତାନ୍ତର ମହଙ୍ଗା ପଡ଼ିଲା

**ବୁର୍ଲା, ୩୧।୧(ସମିସ)**

ଅବସର ଦିନକ ପୂର୍ବରୁ ଭିମସାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ବର୍ଷା ଟୁଡୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କମିଶନର ତଥା ଶାସନ ସଚିବ ଏହି କାରଣ ଦର୍ଶାଅ ନୋଟିସ ଦେଇଛନ୍ତି । ଗତକାଲି ଡାକ୍ତର ଟୁଡୁଙ୍କୁ ଏହି ନୋଟିସ କରାଯାଇଥିବା ବେଳେ ଆଜି ସେ ଅବସର ଗ୍ରହଣ କରିଛନ୍ତି । ଅନ୍ୟପଟେ ନୋଟିସ ପାଇବାର ୨୪ ଘଣ୍ଟା ମଧ୍ୟରେ ଇ-ମେଲ ଯୋଗେ ସନ୍ତୋଷ ଜନକ ଉତ୍ତର ଦେବାକୁ କୁହାଯାଇଛି । ସନ୍ତୋଷ ଜନକ ଉତ୍ତର ନମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାନେଇ ନୋଟିସରେ ଉଲ୍ଲେଖ ରହିଛି । ସୂଚନା ଅନୁସାରେ, ଭୀମସାରରେ ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ ହୋଇନଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୧୦ ମାର୍ଚ୍ଚ ୨୦୨୩ରେ ଜାରି ହୋଇଥିବା ପତ୍ର ସଂଖ୍ୟା ୫୫୬୮ ଆଧାରରେ ପ୍ରଫେସର ବର୍ଷା ଟୁଡୁଙ୍କୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିଲା । ତେବେ କିଛି ମାସ ଧରି ପ୍ରଫେସର ଟୁଡୁ ଏହି ପଦବୀ ସମ୍ଭାଳୁଥିବାବେଳେ ଗତ ଡିସେମ୍ବର ମାସ ୨୦ ତାରିଖରୁ ଜାନୁଆରୀ ମାସ ୧୫ ତାରିଖ ଯାଏଁ କାର୍ଯ୍ୟରେ ଅନୁପସ୍ଥିତ ରହିଥିଲେ । ଏହା ସହ ବିଭାଗୀୟ ଅନୁମତି ନନେଇ ନିଜ ଆଡୁ ବିଭାଗର ପ୍ରଫେସର ଡାକ୍ତର ବିମଳ କୃଷ୍ଣ ପଣ୍ଡାଙ୍କୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦେଇଥିଲେ । ଏହି ପଦବୀ ହସ୍ତାନ୍ତର କରିବା ଘଟଣା ବିଭାଗକୁ ଜଣାନଥିବା ବେଳେ ବିଭାଗୀୟ ଅନୁମତି ମଧ୍ୟ ସେ ନେଇନଥିଲେ । ଏପରିକି ସେ ଛୁଟିରୁ ଫେରିବା ପରେ ମଧ୍ୟ ଆଉ ଭାରପ୍ରାପ୍ତ ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିନଥିଲେ । ଏନେଇ ବିଭାଗ ଜାଣିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ନୋଟିସ ପାଇବାର ୨୪ ଘଣ୍ଟା ମଧ୍ୟରେ ଉତ୍ତର ରଖିବାକୁ ପତ୍ରରେ କୁହାଯାଇଛି ।



## ସମ୍ବଲପୁର ମହୋତ୍ସବରେ ହେବ ବିବିଧ ପ୍ରତିଯୋଗିତା

**ସମ୍ବଲପୁର, ୩୧।୧(ସମିସ)** ସମ୍ବଲପୁର ମହୋତ୍ସବ୍ ଅବସରରେ ହେବାକୁ ଥିବା ଆଲୋଚନା, କର୍ମଶାଳା ଓ ସମ୍ବଲପୁରୀ କବିତା ପାଠ ବାବଦରେ ଭାଷା ଓ ସାହିତ୍ୟ କମିଟିରେ ନିଷ୍ପତ୍ତି ହୋଇଛି । ଫେବୃଆରୀ ୮ ତାରିଖରୁ ଆରମ୍ଭ ହେବ । ଦ୍ୱିତୀୟ ଦିବସରେ ୯ ତାରିଖ ଦିନ ୧୦ ଟାରୁ ଆଲୋଚନା ଚକ୍ରର ପ୍ରଥମ ଅଧିବେଶନ ହେବ । ପଶ୍ଚିମାଞ୍ଚଳର ସମୃଦ୍ଧ ଅତୀତକୁ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯାଇଛି କି ସେ ପ୍ରସଙ୍ଗରେ ଆଲୋଚନା ହେବ । ଦ୍ୱିତୀୟ ଅଧିବେଶନରେ ଲୋକବିଦ୍ୟା, ଲୋକବିଶ୍ୱାସ ଓ ଲୋକ ବିଜ୍ଞାନକୁ ସଠିକ୍ ଭାବରେ ଲିପିବଦ୍ଧ କରାଯାଇଛି କି ପ୍ରସଙ୍ଗ ରହିଛି । ସମ୍ବଲପୁରୀ ଭାଷାର ସରକାରୀ ଓ ସାମ୍ବିଧାନିକ ସ୍ୱୀକୃତିରେ ବାଧକ କିଏ ଭଳି ପ୍ରସଙ୍ଗ ରହିଛି । ଗୀତ-ନୃତ୍ୟ-ବାଦ୍ୟର ସ୍ୱରଲିପି, ନୃତ୍ୟଲିପି ଓ ବାଦ୍ୟଲିପିର ଆବଶ୍ୟକତା ବିଷୟକ ଆଲୋଚନା ହେବ । ୧୦ ତାରିଖ ଦ୍ୱିତୀୟ ଅଧିବେଶନରେ ପଶ୍ଚିମାଞ୍ଚଳର ମୃତ୍ତିକା ଉପଯୋଗୀ ଚାଷ, ସମ୍ବଲପୁରୀ କବିତା ପାଠ, ଚିତ୍ରାଙ୍କନ ପ୍ରତିଯୋଗିତା ହେବ । ଶ୍ରେଷ୍ଠ ତିନିଜଣ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦିଆଯିବ । ମହୋତ୍ସବର ଆରମ୍ଭ ଦିନ ୮ ତାରିଖରେ ସକାଳ ୧୧ ଟାରୁ ବୀର୍ସା ମଇଦାନ ପିଏଚଡି ପଡ଼ିଆଠାରେ ଝୁଟି-ଅଲ୍‌ପିନା-ରଂଗୋଲୀ ପ୍ରତିଯୋଗିତା ହେବ ।

## ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ହିଣ୍ଡାଲକୋ ସାମିଲ

**ହୀରାକୁଦ, ୩୧।୧(ସମିସ):**ହିଣ୍ଡାଲକୋ ହୀରାକୁଦ କ୍ଲଷ୍ଟର ମୁଖ୍ୟ କୈଳାଶ ପାଣ୍ଡେଙ୍କ ପରାମର୍ଶ କ୍ରମେ ହିଣ୍ଡାଲକୋ ହୀରାକୁଦ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ବଲପୁର ମିଳିତ ସହଯୋଗରେ ପ୍ରଧାନ ମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ କର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୀବ କୁମାର ତିରିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ହିଣ୍ଡାଲକୋ ହୀରାକୁଦ ମାନବସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍‌ଧ ଓ ଏଫଆରପି ପ୍ଲାଣ୍ଟର ମୁଖ୍ୟ ମାନବ ସମ୍ବଳ ଶିବ ମିଶ୍ର ଓ ଜିଲ୍ଲା ପ୍ରକଳ୍ପ ସଂଯୋଜିକା କଲ୍ୟାଣୀ ବାରିକ ସମ୍ମାନିତ ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଡାକ୍ତର ସଞ୍ଜୀବ ହିଣ୍ଡାଲକୋର ଏହି ମହତ କାମ ପାଇଁ ହିଣ୍ଡାଲକୋ ପ୍ରଶଂସା କରିଥିଲେ ।



ସାମାଜିକ କର୍ତ୍ତବ୍ୟବୋଧକୁ ମନ୍ତ୍ର ରୂପେ ଗ୍ରହଣ କରିଛି କମ୍ପାନୀ, ମାନବ ସେବା ହିଁ ମାଧବସେବା ରୂପେ ଗ୍ରହଣ କରିଛି ବୋଲି ସମ୍ମାନିତ ଅତିଥିମାନେ କହିଥିଲେ । ଏହି କାର୍ଯ୍ୟକ୍ରମ ଅନୁସାରେ ହୀରାକୁଦ ଅଞ୍ଚଳର ସମସ୍ତ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ମାସକ ପାଇଁ ଦିଆଗଲା । ଏକବର୍ଷ ପର୍ଯ୍ୟନ୍ତ ଚାଲୁ ରହିବ । ଆଜିଠାରୁ ହିଣ୍ଡାଲକୋ ହୀରାକୁଦ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ କର୍ଯ୍ୟକ୍ରମ ସାମିଲ ହୋଇଛି । ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଉପସ୍ଥିତ ସମସ୍ତ ରୋଗୀଙ୍କୁ ଦେଶରୁ ଟିବି ହଟାଇବାକୁ ଦୃତ ରୂପେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ହିଣ୍ଡାଲକୋ ବିଭାଗର ଉପ ପରିଚାଳକ ଜୀତେଶ ରଥ, ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ ଜିଲ୍ଲା ଯକ୍ଷ୍ମା ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ ।

## ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା



**ସମ୍ବଲପୁର, ୩୧।୧(ସମିସ):** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ ଆଜି ଅବସର ଗ୍ରହଣ କରିଛନ୍ତି । ଆଜି ତାଙ୍କର ଅବସର ଗ୍ରହଣ ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀମାନଙ୍କ ଦ୍ୱାରା ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସେକ୍ସନ ଅଫିସର ପ୍ରମୋଦ କୁମାର ସେଠ୍, ଡକ୍ଟର ଅମର ତାଣ୍ଡିଆ, ପ୍ରଶାନ୍ତ କୁମାର ମିଶ୍ର, ସଞ୍ଜିତ ମାଝୀ, ସୁକଦେବ ଦେୱାଙ୍ଗନ, କିଶୋର ଓରାମ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି । ଏହା ସହ ଡାକ୍ତର ସାହୁଙ୍କର ଅବସର ଜୀବନ ସୁଖମୟ ହେଉ ବୋଲି କାମନା କରିଛନ୍ତି । ତାଙ୍କର କାର୍ଯ୍ୟକାଳ ଭିତରେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଥିବାରୁ କର୍ମଚାରୀ ମଧ୍ୟ ସେସବୁକୁ ମନେ ପକାଇଛନ୍ତି ।

## ଭିସୁଟରେ ବାର୍ଷିକ କ୍ରୀଡ଼ା 'ଇଲୁମିନା'

**ବୁର୍ଲା, ୩୧।୧(ସମିସ):** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ 'ଇଲୁମିନା' ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୨୭ ଏବଂ ୨୮ ଦୁଇ ଦିନ ଧରି ଚାଲୁରହିଥିବା ଏହି ପ୍ରତିଯୋଗିତାକୁ ବିଶ୍ୱବିଦ୍ୟାଳୟର

### ପ୍ରଗତି ହାଉସ ଚାମ୍ପିଅନ

କୁଳପତି ପ୍ରଫେସର ବଂଶୀଧର ମାଝୀ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ଏଲିନା ଦାସ ସ୍ୱାଗତ ଭାଷଣ ରଖିଥିବା ବେଳେ କୁଳପତି, ଡିନ ଛାତ୍ର କଲ୍ୟାଣ ପ୍ରଫେସର ସଞ୍ଜୀୟ ପାତ୍ର, ଆସୋସିଏଟ ଡିନ୍ ଛାତ୍ର କଲ୍ୟାଣ ପ୍ରଫେସର ପୂନ୍ୟପ୍ରିୟା ମିଶ୍ର, କଲଚରାଲ ସୋସାଇଟି ଉପ ସଭାପତି ପ୍ରଫେସର ତୃପ୍ତି ରଞ୍ଜନ ମହାପାତ୍ର, ଡିଏସଡବ୍ଲୁ କୋଡିନେଟର




ପ୍ରଫେସର ଆନନ୍ଦ କୁମାର ବେହେରା ଆଦି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ପରେ ପରେ ସ୍ପୋର୍ଟ୍ସ ସୋସାଇଟିର ଉପ ସଭାପତି ପ୍ରଫେସର ଧରମବୀର କୁମାରଙ୍କ ଦ୍ୱାରା ବାର୍ଷିକ କ୍ରୀଡା ଉତ୍ସବର ବିବରଣୀ ପାଠ କରିଥିଲେ । କ୍ରିକେଟ, ବ୍ୟାଡ଼ମିଣ୍ଟନ, ଚେସ, କ୍ୟାରମ, ଖୋ ଖୋ, କବାଡି, ଟେବୁଲ ଟେନିସ ଆଦି ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା । 'ପ୍ରଗତି ହାଉସ' ଚାମ୍ପିଅନ ହୋଇଥିବା ବେଳେ 'ଶକ୍ତି ହାଉସ' ରନର୍ସ ଅପ ହୋଇଥିଲା । ଶେଷରେ ପ୍ରଫେସର ଅମିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ହୀରାକୁଦରେ ବିଜେଡିର ପରିବାର ସମ୍ପର୍କ ପଦଯାତ୍ରା

**ହୀରାକୁଦ, ୩୧।୧(ସମିସ):**ସମ୍ବଲପୁର ବିଜୁ ଜନତା ଦଳ ସମ୍ବଲପୁର ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ହୀରାକୁଦ ବିଜେଡିର ବରିଷ୍ଠ ନେତା ବାବୁଲା ଖଣ୍ଡୁଆଳ, ସୋମନାଥ ସାହୁ, ବବ୍ରୁ ବାହାନ ତଣ୍ଡିଆ, ସୁବାଷ ପାଲ ଓ ରୂପଧର ଛାତ୍ରିଆ ପ୍ରମୁଖଙ୍କ ସଂଯୋଜନାରେ ବିଜୁ ଜନତାଦଳର ପରିବାର ସମ୍ପର୍କ ଯାତ୍ରା ହୀରାକୁଦ ୱାର୍ଡ ନମ୍ବର ୧୦ ତାରାସିଂହ ପଡ଼ା, ୯ ନମ୍ବର ୱାର୍ଡର ଟାଙ୍କିପଡ଼ା ଓ ନୁଆଁ ବଜାର ସ୍ୱିପର ପଡ଼ା ଓ ୱାର୍ଡ ନମ୍ବର ୮ ର ଫଳଷାକଣ୍ଡା ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ସମ୍ବଲପୁର ଜିଲ୍ଲା ସଂଯୋଜକ ସିଦ୍ଧାର୍ଥ ଦାସ ଯୋଗଦେଇଥିଲେ । ଜନ ଅଭିଯୋଗ - ଜନ ପ୍ରସ୍ତାବ ଗୁଡିକ ଶୁଣି ଏ ଦିଗରେ ଆବଶ୍ୟକ ପଦକ୍ଷେପ



ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲେ । ଜନସାଧାରଣଙ୍କୁ ବିଜୁ ଜନତା ଦଳ ପଛରେ ସୁଦୃଢ ଭାବେ ଠିଆ ହୋଇ ସାଢେ ଚାରିକୋଟି ଓଡ଼ିଆ ବାସୀଙ୍କ ପ୍ରିୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତ ମୁଠାକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ୨୦୨୪ ନିର୍ବାଚନରେ ଦେଶ ରେ ନୁଆ କୀର୍ତ୍ତିମାନ ସ୍ଥାପନ କରି ନବୀନ ପଟ୍ଟନାୟକ ଷଷ୍ଠ ଥର ଲାଗି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସେ ଆମ ଓଡ଼ିଶାକୁ ନବୀନ ଓଡ଼ିଶା ଭାବେ ଗଢି ତୋଳିବାକୁ ଆହ୍ୱାନ ଦେବା ସହ ଆଗାମୀ ନିର୍ବାଚନରେ ଶଙ୍ଖ ଚିହ୍ନରେ ବିଜୁ ଜନତା ଦଳକୁ ବିପୁଳ ପରିମାଣରେ ଭୋଟ ଦେବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସମ୍ବଲପୁର ଜିଲ୍ଲା ସାଧାରଣ ସମ୍ପାଦକ ଦିଲ୍ଲୀପ ଦାସ ଓ ବିଜୁ ଯୁବ ଜନତା ଦଳର ଜିଲ୍ଲା ସମ୍ପାଦକ ଇଂ ଦୀନେଶ କୁମାର ସେଠ୍ ଯୋଗଦେଇ ଥିଲେ ।

## ବୁଢାରଜା ହାଇସ୍କୁଲ ପୁରସ୍କୃତ

**ସମ୍ବଲପୁର, ୩୧।୧(ସମିସ):**ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟ ସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ମିଳିଛି । ଜିଲ୍ଲା ସ୍ତରୀୟ ଶ୍ରେଷ୍ଠ ଆଲୁମୁନି ପୁରସ୍କାର, ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର, ରାଜ୍ୟସ୍ତରୀୟ ମେଧାବୀଛାତ୍ର ପୁରସ୍କାର, ରାଜ୍ୟସ୍ତରୀୟ ଭାଷାଶିକ୍ଷକ ପୁରସ୍କାର ଲାଭକରି ସମ୍ବଲପୁର ଜିଲ୍ଲାରେ ବିଦ୍ୟାଳୟମାନଙ୍କ ମଧ୍ୟରେ ଉତ୍କର୍ଷତା ପ୍ରତିପାଦନ କରିଛନ୍ତି । ପ୍ରଧାନଶିକ୍ଷକ ପୁରସ୍କାର ଗ୍ରହଣ କରିବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ, ରାଜ୍ୟ ମେଧାବୀ ଛାତ୍ର ପୁରସ୍କାର ପାଇଥିବା ଛାତ୍ର ବିଭୋର ମିର୍ଦ୍ଧା, ରାଜ୍ୟସ୍ତରୀୟ ଭାଷାଶିକ୍ଷକ ପୁରସ୍କାର ପାଇଥିବା ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ, ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ଗ୍ରହଣ ପାଇଁ ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ଶ୍ରେଷ୍ଠ ଆଲୁମୁନି ପୁରସ୍କାର ଗ୍ରହଣ ପାଇଁ ବିଦ୍ୟାଳୟର ଆଲୁମୁନିର ସମ୍ପାଦକ ଅରବିନ୍ଦ ତ୍ରିପାଠୀ ଓ ଉପସଭାପତି ସଞ୍ଜୟ ବିଶ୍ୱାଳ, କୈଳାସ ସେଠୀ ଆଦି ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା ସମିତି ପୁରସ୍କାର ଗ୍ରହଣ ପାଇଁ ସଭାପତି ପ୍ରଭୁଦତ୍ତ ସାହୁ ଓ ଲଳିତ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ପୁରସ୍କାର ଗ୍ରହଣ କରିଥିଲେ । ଏହି ଖବର ମିଳିବା ପରେ ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା ସମିତିର ସଦସ୍ୟ ସଦସ୍ୟା ତଥା ଶୁଭେଚ୍ଛୁ ମାନଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।



## ତିନିଦିନିଆ କ୍ରିକେଟ, ଧନୁପାଲି ସୁପର କିଙ୍ଗ ଚାମ୍ପିଅନ

**ସମ୍ବଲପୁର, ୩୧।୧(ସମିସ):** ଧନୁପାଲି ଗଡଡ଼ପଡ଼ା ପଡ଼ିଆ ଠାରେ ଚାଲିଥିବା ତ୍ରିଦିବସୀୟ କ୍ରିକେଟ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । ଗୋପାଲଜୀ କ୍ରିକେଟ କ୍ଲବ ଧନୁପାଲି ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୧୬ ଗୋଟି କ୍ରିକେଟ ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚରେ ଧନୁପାଲି ସୁପର କିଙ୍ଗ ୮ ୱିକେଟରେ ଫ୍ରେଣ୍ଡସ ଇଲେଭେନକୁ ପରାସ୍ତ କରି ବିଜୟ ହୋଇଥିଲା । ଏହାର ଫାଇନାଲ ତଥା ପୁରସ୍କାର ବିତରଣି ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଧାୟକ ରୋହିତ ପୂଜାରୀ, ବରିଷ୍ଠ ବିଜେଡ଼ି ନେତା ବିଦେଶୀ ସାନବଡ, ମନୋରଞ୍ଜନ ସାନବଡ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଆୟୋଜକ ଗୋପାଲଜୀ କ୍ରିକେଟ କ୍ଲବ ଧନୁପାଲି ପକ୍ଷରୁ ଏହାର ସବୁ ସଭ୍ୟ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନାରେ ସହଯୋଗ କରିଥିଲେ ।

## ବଙ୍ଗାଲିପଡ଼ାରେ କବାଡି ପ୍ରତିଯୋଗିତା

**ସମ୍ବଲପୁର, ୩୧।୧(ସମିସ):** ବଙ୍ଗାଲିପଡ଼ା ନେତାଜୀ ସୁବାଷ ବୋଷ ସଂଘ ପକ୍ଷରୁ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ସମଲେଇଶ୍ୱରୀ ଯୁବକ ସଂଘ ଓ ଗାନ୍ଧୀ କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା । ଫାଇନାଲ ମ୍ୟାଚ ସମଲେଶ୍ୱରୀ ଯୁବକ ସଂଘ ଓ ଅନାମିତା କ୍ଲବ ଭିତରେ ହୋଇଥିଲା । ଅନାମିକା କ୍ଲବ ସମଲେଶ୍ୱରୀ ଯୁବକ ସଂଘକୁ ୩୫-୨୪ ପଏଣ୍ଟରେ ପରାସ୍ତ କରିଥିଲା । ପୁରସ୍କାର ବିତରଣୀ ସଭାରେ ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୁଜାରି ଯୋଗ ଦେଇଥିଲେ । ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସମ୍ମାନୀତ ଅତିଥିଭାବେ ରେଖା ଦେ, ତପନ ଘୋଷ, ରାମଦାସ ପଣ୍ଡା, ଇନ୍ଦ୍ରନିଲ ବାବୁ ସମ୍ମାନୀତ ଅତିଥିଭାବେ ଥିଲେ । ପ୍ରଶାନ୍ତ ସେଠ, ସୁମନ୍ତ ବାଗ, ଭଜନ ତରିଆ, ଦିଲ୍ଲିପ ସାହୁ, ସନ୍ତୋଷିନି ଭୁୟାଁ, ଅଭିନାଶ ମିତ୍ର, ଇନ୍ଦ୍ରଜିତ ବାଗ, କାର୍ତ୍ତିକ ଚନ୍ଦ୍ର ବାରିକ, ଜଗବନ୍ଧୁ ବେହେରା, ଉମାପତି ତ୍ରୀପାଠୀ ଉପସ୍ଥିତ ରହି ସହଯୋଗ କରିଥିଲେ ।



## ଜିଲ୍ଲା ସ୍ତରୀୟ କୁଷ୍ଠ ନିରାକରଣ ଦିବସ

**ହୀରାକୁଦ, ୩୦।୧(ସମିସ):**ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ହୀରାକୁଦ ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ କୁଷ୍ଠ ନିରାକରଣ ଦିବସ ଓ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ-୨୦୨୪ ପାଳିତ ହୋଇଯାଇଛି । ଆୟୋଜିତ ସଚେତନତା ସଭାରେ ସମସ୍ତ କୁସଂସ୍କାରକୁ ଦୂରେଇ କୁଷ୍ଠ ରୋଗୀଙ୍କୁ ଆପଣେଇ ସମ୍ମାନର ସହିତ ସମାଜରେ ବଞ୍ଚିବା ପାଇଁ ସମସ୍ତ ସୁଯୋଗ ହାତ ଛଡା ନକରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଆୟୋଜିତ ସଭାରେ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଟୁନୁ ମେହେର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଝୁନୁ ସ୍ୱାଇଁ, ହୀରାକୁଦ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଅକ୍ଷୟ କୁମାର ସୂତାର, ପରିଚୟ ସଭାପତି ବିପିନ ବିହାରୀ ପଣ୍ଡା, ଜିଲ୍ଲା କୁଷ୍ଠ ଅଧିକାରୀ ଡା.ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ନିବନ୍ଧକ ଡା.ମୌସୁମୀ ମିଶ୍ର, ଜିଲ୍ଲା କୁଷ୍ଠ ରୋଗ ପରାମର୍ଶ ଦାତା ଡା ହର ପ୍ରସାଦ ପ୍ରଧାନ, ହୀରାକୁଦ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅନମୋଲ ମିଞ୍ଜ, ଡା.ସ୍ନିଗ୍ଧା ରାଉତ, ସିପିଏମ ନିକୁ ରଞ୍ଜନ ପ୍ରତିହାରୀ ଓ ଅଧ୍ୟାପିକା ସୀମନ୍ତିକା ଦାସ ଅତିଥି ଭାବେ ଯୋଗଦେଇ କୁଷ୍ଠ ରୋଗର ନିରାକରଣ ଉପରେ କହିଥିଲେ । ଏହି ଅବସରରେ ଜିଲ୍ଲାପାଳ ଅନନ୍ୟା ଦାଶଙ୍କ ବାର୍ତ୍ତା ଟୁନୁ ମେହେର ପାଠ କରିଥିବା ବେଳେ ସିଡିଏମଓ ଡା.ପୂର୍ଣ୍ଣ ଚନ୍ଦ୍ର ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଏହାକୁ ଶକ୍ତି ଦତ୍ତ ସିଂ, ସନତ କୁମାର ବେହେରା, ସୁବାସ ଚନ୍ଦ୍ର ଥାଟିଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଫେସର ଭାବଗ୍ରାହୀ ରଥ ଭିମସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ନିଯୁକ୍ତ

**ବୁର୍ଲା, ୩୧।୧(ସମିସ):** ବୁର୍ଲା ଭୀମସାରର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ଅବସର ପରେ ଆଜି ନୂଆ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦିଆଯାଇଛି । ଫାର୍ମାକୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଭାବଗ୍ରାହୀ ରଥଙ୍କୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ଏହି ପଦବୀରେ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଫେବୃଆରୀ ୧ ତାରିଖରୁ ଗୋଟିଏ ବର୍ଷରୁ ଅଧିକ ହେବ ନାହିଁ ବୋଲି ରାଜଭବନ ଭିଜିଟରଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁସାରେ ସ୍ଥାୟୀ ନିର୍ଦ୍ଦେଶକ ପଦ ଖାଲି ପଡ଼ିଥିବାବେଳେ ଏହା ପୂର୍ବରୁ ପ୍ରଫେସର ବର୍ଷା ଟୁଡୁ ଭାରପ୍ରାପ୍ତ ନିର୍ଦ୍ଦେଶକ ରହିଥିଲେ । ହେଲେ ସେ ଡିସେମ୍ବର ୨୦ ତାରିଖରୁ ଜାନୁଆରୀ ୧୫ ତାରିଖ ଯାଏଁ ଛୁଟିରେ ଗଲା ପରେ ଆଉ ଭାରପ୍ରାପ୍ତ ନିର୍ଦ୍ଦେଶକ ପଦ ସମ୍ଭାଳିନଥିଲେ । ଯାହା ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଛି ।

## ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା

**ସମ୍ବଲପୁର, ୩୧।୧(ସମିସ):** ସମ୍ବଲପୁର ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭାର ଉପଦେଷ୍ଟା ପଣ୍ଡିତ ସୁଧାଂଶୁ ପାଣିଗ୍ରାହୀଙ୍କ ମାତା ସୁବଳୟା ପାଣିଗ୍ରାହୀଙ୍କ ଦେହାନ୍ତ ଓ ଝାଡୁଆପଡ଼ା ନିବାସୀ ନନ୍ଦକିଶୋର ମିଶ୍ର ଅକାଳ ବିୟୋଗରେ ଶୋକ ବ୍ୟକ୍ତ କରାଯାଇଥିଲା । ଉଭୟଙ୍କ ଆତ୍ମାର ସଦଗତି ନିମନ୍ତେ ଶାନ୍ତି ପାଠ କରିଥିଲେ । ନନ୍ଦକିଶୋର ବିଶ୍ୱହିନ୍ଦୁପରିଷଦ, ଆରଏସଏସ ସହିତ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ ।



# ଆଇଆଇଏମ୍ ସମ୍ବଲପୁର ଓ ଏନ୍‌ଏସ୍‌ଇ ଏକାଡେମୀ ମଧ୍ୟରେ ଏମଓୟୁ

**ବୁର୍ଲା, ୩୧।୧(ସମିସ)**

କର୍ମଜୀବୀ ପେସାଦାରମାନଙ୍କ ଲାଗି ଯୁଗ୍ମ ସାର୍ଟିଫିକେସନ କୋର୍ସ ପ୍ରଦାନ କରିବା ପାଇଁ ଭାରତର ଅନ୍ୟତମ ପ୍ରିମିୟର ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଏନ୍‌ଏସ୍‌ଇ ଏକାଡେମୀ ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ଆର୍ଥିକ ଓ ପ୍ରଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରିବା ଲାଗି ଏହି ସ୍ୱତନ୍ତ୍ର ସାର୍ଟିଫିକେସନ ପାଠ୍ୟକ୍ରମକୁ ଏହି ସହଯୋଗିତା ଜରିଆରେ ପ୍ରସ୍ତୁତ କରାଯାଇଛି । ଆଇଆଇଏମ ସମ୍ବଲପୁର ପରିସରରେ ଅନୁଷ୍ଠିତ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଅବସରରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଓ ଏନଏସଇ ଏକାଡେମୀ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଳାଷ ମିଶ୍ର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ର ଅଧୀନରେ ଆଇଆଇଏମ୍ ସମ୍ବଲପୁରରେ ପ୍ରଥମ ଏମବିଏ ଇନ୍ ଫାଇନାନ୍ସିଆଲ ଟେକ୍ନୋଲୋଜି (ଫିନଟେକ୍) ଓ ଦିଲ୍ଲୀ ଆଇଏସଆଇଡି କ୍ୟାମ୍ପସରେ ମ୍ୟାନେଜମେଣ୍ଟରେ ସ୍ନାତକୋତର ପାଠ୍ୟକ୍ରମ ଆରମ୍ଭ କରିବ । ଆଇଆଇଏମ୍ ସମ୍ବଲପୁର ଓ ଏନ୍‌ଏସ୍‌ଇ ଏକାଡେମୀର ବିଶିଷ୍ଟ ଅଧ୍ୟାପକ ଓ ଶିଳ୍ପ ବିଶେଷଜ୍ଞମାନେ ମିଳିତ ଭାବେ ଏହି ପାଠ୍ୟକ୍ରମ ପରିଚାଳନା କରିବେ । ଏହା ଅଂଶଗ୍ରହଣକାରୀମାନଙ୍କୁ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରର ଜଟିଳକୁ ଭଲ ଭାବେ ବୁଝିବାର ସୁଯୋଗ ପ୍ରଦାନ କରିବ । ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ ଏନ୍‌ଏସ୍‌ଇ ଏକାଡେମୀ




ଲିମିଟେଡ୍ ସହ ମିଳିତ ସହଯୋଗ ଆଇଆଇଏମ୍ ସମ୍ବଲପୁରର ଶିଳ୍ପ-ପ୍ରାସଙ୍ଗିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ବିଶ୍ୱସ୍ତରୀୟ ପ୍ରସାରକୁ ବିସ୍ତାର କରିବାର ଆଦର୍ଶ ସହିତ ଯୋଡି ହୋଇରହିଛି । ପ୍ରଫେସର ଜୟସ୍ୱାଲ ଆହୁରି କହିଛନ୍ତି, ଅନୁଷ୍ଠାନର ସମ୍ପ୍ରସାରଣରେ ତିନୋଟି ସ୍ୱତନ୍ତ୍ର କ୍ୟାମ୍ପସ୍ ରହିଛି । ସମ୍ବଲପୁରରେ ଏକ କର୍ପୋରେଟ୍ କାର୍ଯ୍ୟାଳୟ ଏବଂ ନୂଆଦିଲ୍ଲୀର ଆଇଏସଆଇଡି କମ୍ପ୍ଲେକ୍ସରେ କ୍ୟାମ୍ପସ ରହିଛି ଯେଉଁଠାରେ ଗତ ବର୍ଷଠାରୁ କର୍ମଜୀବୀ ପେସାଦାରମାନଙ୍କ ଲାଗି ଏମ୍‌ବିଏ ପାଠ୍ୟକ୍ରମ ଚାଲିଛି । ଏନ୍‌ଏସ୍‌ଇ ଏକାଡେମୀ ସହ ଏକ୍‌ଜିକ୍ୟୁଟିଭ୍ ଏଜୁକେସନ ପ୍ରୋଗ୍ରାମ୍ ସମ୍ବଲପୁର, ଦିଲ୍ଲୀ ଓ ମୁମ୍ବାଇ କ୍ୟାମ୍ପସରେ ଚାଲିବ । ଆମେ ପ୍ୟାରିସର ସୋରବୋନ୍ ବିଜନେସ୍ ସ୍କୁଲ ସହିତ ଫିନଟେକ୍‌ରେ ଡୁଆଲ୍ ଡିଗ୍ରୀ ପ୍ରୋଗ୍ରାମ ପ୍ରଦାନ କରୁଛୁ ଏବଂ ଏଥିପାଇଁ ଏନ୍‌ଏସ୍‌ଇ ଏକାଡେମୀ ଲିମିଟେଡ୍ ସହ ସହଯୋଗିତା ମଧ୍ୟ ସ୍ଥାପନ କରିଛୁ । ଏନ୍‌ଏସ୍‌ଇ ଏକାଡେମୀ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଳାଷ ମିଶ୍ର କହିଛନ୍ତି ଯେ ଏହି ସହଯୋଗିତା ଆଇଆଇଏମ ସମ୍ବଲପୁରର ଶିକ୍ଷାବିତ, ପ୍ରଫେସର ଓ ଗବେଷକମାନଙ୍କୁ ଏକ ସ୍ୱତନ୍ତ୍ର ଶକ୍ତି, ଶିକ୍ଷାଗତ ଉତ୍କର୍ଷତାକୁ ବ୍ୟବହାର କରିବା ଏବଂ ଏକ ସାମଗ୍ରିକ ଜ୍ଞାନ ଉପସ୍ଥାପନ କରୁଛି ।